
ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋବୋଟିକ୍ ସର୍ଜରୀ ଜରୁରି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
Google Play | App Store


ଓଡ଼ିଆ ସମାଜର ବୌଦ୍ଧିକ ଚିନ୍ତନକୁ ଜଣାଇବା | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୮ Vol. 22 No-158 7 SEPTEMBER 2025 SUNDAY, BHUBANESWAR ରବିବାର, ୭ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସମ୍ବଲପୁରରେ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ପ୍ରତି ଜିଲ୍ଲାରେ ସ୍ଥାପନ ହେବ ଶିଳ୍ପ



### ନୂଆଁଖାଇ ପାରିବାରିକ ପ୍ରେମ ଓ ସମୃଦ୍ଧିର ପର୍ବ

### ସମସ୍ତ ସ୍ୱାଧୀନତା ସଂଗ୍ରାମୀ ପୀଠର ହେବ ଉନ୍ନତିକରଣ

### ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ରରୂପେ କରାଯିବ ବିକଶିତ

ଭୁବନେଶ୍ୱର,୬।୯(ଭାସ୍କର ନ୍ୟୁଜ): ରାଜ୍ୟ ସ୍ତରୀୟ ନୂଆଁଖାଇ ଭେଟଘାଟ ଅବସରରେ ଆଜି ସମ୍ବଲପୁରରେ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭେଟଘାଟକୁ ପାରମ୍ପରିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଆମ ସମାଜର, ପାରିବାରିକ ପ୍ରେମର ଓ ସମୃଦ୍ଧିର ପର୍ବ ବୋଲି କହିଥିଲେ । ସମ୍ବଲପୁର ହେଉଛି ବୀରତ୍ୱର ମାଟି। ଏଣୁ ସମ୍ବଲପୁର ଐତିହାସିକ ସ୍ୱାଧୀନତା ସଂଗ୍ରାମ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠ ଗୁଡିକର ଉନ୍ନତିକଣାର ନିମନ୍ତେ ରାଜ୍ୟ ସରକାର ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଧାନ କେବଳ ଖାଦ୍ୟଶସ୍ୟ ନୁହେଁ, ଏହା ଚାଷୀ ଭାଇ ଓ ଭଉଣୀଙ୍କ ଝାଳବୁହା ପରିଶ୍ରମର ଫଳ। ପ୍ରତ୍ୟେକ ଧାନର ଦାନାରେ ଜଣେ କୃଷକଙ୍କ ଶ୍ରମ, ସହନଶୀଳତା ଓ ସ୍ୱପ୍ନ ଲୁଚିଥାଏ। ନୂଆଁଖାଇ ଆମକୁ ସେହି କୃଷକଙ୍କ ପ୍ରତି କୃତଜ୍ଞ କରିଥାଏ। ଏହି • ପୃଷ୍ଠା ୫ ଦେଖନ୍ତୁ

## ଟାରିଫ ଯୁଦ୍ଧ ଭିତରେ ଭାରତର ନିରବ କୂଟନୀତି ସଫଳ

## ଭାରତ-ଆମେରିକା ମଧ୍ୟରେ ସ୍ୱତନ୍ତ୍ର ସମ୍ପର୍କ

# ମୋଦୀ ମୋର ଜଣେ ଭଲ ବନ୍ଧୁ: ଟ୍ରମ୍ପ



ନୂଆଦିଲ୍ଲୀ,୬।୯: ଆମେରିକା ଏବଂ ଭାରତ ମଧ୍ୟରେ ଟାରିଫ ଯୁଦ୍ଧ ମଧ୍ୟରେ ଭାରତ ଯେଉଁ କୂଟନୈତିକ ନିରବତା ଅବଲମ୍ବନ କରିଛି ତାହାର ପ୍ରଭାବ ଏବେ ଦେଖିବାକୁ ମିଳୁଛି। ଆମେରିକାର ବାରମ୍ବାର ଉତ୍ତେଜନା ସତ୍ତ୍ୱେ ଭାରତ ଅତ୍ୟନ୍ତ ସଂଯମ ପ୍ରତିକ୍ରିୟା ଦେଇଛି। ଯଦିଓ ଏହା ଟ୍ରମ୍ପ ପ୍ରଶାସନକୁ ଇଙ୍ଗିତ ମାଧ୍ୟମରେ ଏକ କଡ଼ା ବାର୍ତ୍ତା ଦେଇଛି, ଯାହାର ପ୍ରଭାବ ବର୍ତ୍ତମାନ ଦୃଶ୍ୟମାନ ହେଉଛି। ଦୁଇଦେଶ ମଧ୍ୟରେ ସଂପର୍କରେ ଉତ୍ତେଜନାର ବରଫ ତରଳିବା ଆରମ୍ଭ କରିଛି ବୋଲି ଚର୍ଚ୍ଚା ଜୋର ଧରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରି ତାଙ୍କର ବନ୍ଧୁ ବୋଲି କହିଥିଲେ। • ପୃଷ୍ଠା ୫ ଦେଖନ୍ତୁ

## ଚଳିତ ବର୍ଷର ଶେଷ ଚନ୍ଦ୍ରଗ୍ରହଣ ଆଜି

ଭୁବନେଶ୍ୱର,୬।୯(ଭାସ୍କର ନ୍ୟୁଜ): ଚଳିତବର୍ଷର ଦ୍ୱିତୀୟ ତଥା ଶେଷ ଚନ୍ଦ୍ରଗ୍ରହଣ ରବିବାର ଦୃଶ୍ୟମାନ ହେବ। ରାତି ୯.୫୮ରେ ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇ ରାତି ୧.୨୮ରେ ମୋକ୍ଷ ହେବ। ତେବେ ଚନ୍ଦ୍ରଗ୍ରହଣ ଲାଗିବାର ୯ ଘଣ୍ଟା ପୂର୍ବରୁ ଆର୍ଥାତ୍ ଦିନ ୧୨.୫୭ରୁ ପାକତ୍ୟାଗ ପାଇଁ ସୂଚନା ଦିଆଯାଇଛି। ସେହିଦିନ ଆକାଶରେ ଲାଲ୍ ଜହ୍ନ ଦେଖିବାକୁ ମିଳିବ। ସାରା ଭାରତରେ ଏହା ଦୃଶ୍ୟମାନ ହେବ। ତେବେ ଧାର୍ମିକ ବିଶ୍ୱାସ ଅନୁସାରେ ଏହାକୁ ଅଶୁଭ ବୋଲି ବିଚାର କରାଯାଉଛି। ଏହା ୧୨ଟି ରାଶି ଓ ୨୭ଟି ନକ୍ଷତ୍ରକୁ ପ୍ରଭାବିତ କରିବ। ଏଥିରୁ କିଛି ରାଶିକୁ ଲାଭ ମିଳିବାକୁ ଥିବାବେଳେ ଆଉ କିଛି ରାଶିର ବ୍ୟକ୍ତିଙ୍କୁ ସତର୍କ ରହିବାକୁ ପଡ଼ିବ। ଏହି ବିରଳ ମହାଜାଗତିକ ଦୃଶ୍ୟ ଆକାଶରେ ଦୃଶ୍ୟମାନ ହେବ। ତେବେ ଏହି ଗ୍ରହଣର ପ୍ରଭାବ ଶ୍ରୀମନ୍ଦିର ନୀତିକାନ୍ତିରେ ପଡିଥିବାର ଦେଖିବାକୁ ମିଳିଛି। ଗ୍ରହଣ ଲାଗୁଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଶୀଘ୍ର ହେବ ବୋଲି ଜଣାପଡ଼ିଛି।

## ମହାନଦୀ ଜଳ ବିବାଦ, ପକ୍ଷ ରଖିଲେ ଏଜି

# ଆପୋସ ଆଲୋଚନା ମାଧ୍ୟମରେ ହେବ ସମାଧାନ



ଭୁବନେଶ୍ୱର,୬।୯(ଭାସ୍କର ନ୍ୟୁଜ): ଶନିବାର ମହାନଦୀ ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ଶୁଣାଣି ହୋଇଛି। ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ଆସନ୍ତା ଅକ୍ଟୋବର ୧୧ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ଏହି ବିବାଦ ନେଇ ଏଜି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଗତ ୭ବର୍ଷ ଧରି ମହାନଦୀ ଜଳ ବିବାଦକୁ ଟ୍ରିବ୍ୟୁନାଲରେ ଦିଶାହୀନ ଭାବେ ଲଗାଯାଉଥିଲା। ସେଥିରୁ କୌଣସି ସୁଫଳ ମିଳିନଥିଲା। ଟ୍ରିବ୍ୟୁନାଲର ହସ୍ତକ୍ଷେପ, ଦୁଇ ରାଜ୍ୟର ସହଯୋଗ ଏବଂ ସକାରାତ୍ମକ ମନୋବୃତ୍ତି ଯୋଗୁ ଏହି ଦୀର୍ଘଦିନର ବିବାଦର ସମାଧାନର ବାଟ ଫିଟିବ ବୋଲି ଆଶା କରାଯାଉଛି। ତେବେ ଓଡ଼ିଶାର ବର୍ତ୍ତମାନ ପଦକ୍ଷେପକୁ ଟ୍ରିବ୍ୟୁନାଲ ପ୍ରଶଂସା କରିଥିବା ଶ୍ରୀ ଆଚାର୍ଯ୍ୟ କହିବା ସହ ଗତ ସରକାର ସମୟରେ ନିଆଯାଇଥିବା ପଦକ୍ଷେପକୁ ମଧ୍ୟ ଟାର୍ଗେଟ କରିଥିଲେ। ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ପ୍ରତି ସପ୍ତାହରେ ବର୍ତ୍ତମାନ ଦୁଇରାଜ୍ୟର ଟେକ୍ନିକାଲ ଟିମ୍ ବୈଠକ କରିବେ ଏବଂ ଯେଉଁ ବିବାଦ ରହିଛି ସେ ନେଇ ଆଲୋଚନା କରି ସମାଧାନର ବାଟ ଫିଟାଇବେ। ଖାସ୍‌କରି ୪୦ଟି ମୁଦ୍ଦା ରହିଛି, ଯାହା ଉପରେ ସମାଧାନ ପାଇଁ ଆଗକୁ ଆଲୋଚନା • ପୃଷ୍ଠା ୫ ଦେଖନ୍ତୁ

## ଜାତିସଂଘ ସାଧାରଣ ମହାସଭା

# ସମ୍ବୋଧନ କରିବେନି ମୋଦୀ



ନୂଆଦିଲ୍ଲୀ,୬।୯: ମିଳିତ ଜାତିସଂଘର ସାଧାରଣ ମହାସଭାର ବାର୍ଷିକ ବିତର୍କରେ ବିଶ୍ୱକୁ ସମ୍ବୋଧନ କରିବେ ନାହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଚଳିତବର୍ଷ ଆମେରିକାରେ ଥିବା ମିଳିତ ଜାତିସଂଘ ମୁଖ୍ୟାଳୟରେ ଏହି ମହାସଭା ଅନୁଷ୍ଠିତ ହେବ। ହେଲେ ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ହେବେନାହିଁ। ସମ୍ବୋଧନ କରିବାକୁ ଥିବା ନେତାଙ୍କ ସଂଶୋଧିତ ତାଲିକାରେ ମୋଦୀଙ୍କ ନାମ ନଥିବା ସୂଚନା ମିଳିଛି। ମିଳିତ ଜାତିସଂଘ ସାଧାରଣ ମହାସଭାର ୮୦ତମ ସଂସ୍କରଣ ୯ ତାରିଖରୁ ଆରମ୍ଭ ହେବ। ଉଚ୍ଚସ୍ତରୀୟ ସାଧାରଣ ବିତର୍କ କାର୍ଯ୍ୟକ୍ରମ ୨୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପାରମ୍ପରିକ ଭାବେ ବ୍ରାଜିଲ ପ୍ରଥମ ବକ୍ତାଭାବେ ମହାସଭାକୁ ସମ୍ବୋଧନ କରିବ। ଏହାପରେ ଆମେରିକାର ସମ୍ବୋଧନ ରହିଛି। ଆସନ୍ତା ୨୩ରେ ପ୍ରସିଦ୍ଧ ୟୁଏନଜିଏ ପୋଡିୟମରୁ ପୁରା ବିଶ୍ୱକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ବୋଧିତ କରିବେ। ଦ୍ୱିତୀୟଥର ଆମେରିକା ରାଷ୍ଟ୍ରପତି ହେବାପରେ ଟ୍ରମ୍ପଙ୍କ ଏହା ପ୍ରଥମ ସମ୍ବୋଧନ। ଏସବୁ ଭିତରେ ଶୁକ୍ରବାର ଉଚ୍ଚସ୍ତରୀୟ ସାଧାରଣ ବିତର୍କକୁ ସମ୍ବୋଧନ କରିବାକୁ ଥିବା ବ୍ୟକ୍ତିବିଶେଷଙ୍କ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତର ପ୍ରତିନିଧିତ୍ୱ ଜଣେ ମନ୍ତ୍ରୀ କରିବେ ବୋଲି ଉଲ୍ଲେଖ କରାଯାଇଛି। ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ୨୭ ତାରିଖରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ • ପୃଷ୍ଠା ୫ ଦେଖନ୍ତୁ






ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ବୋଉଲ ସ୍ଥିତ ବୈଦିକ ଯଜ୍ଞ ମଣ୍ଡପରେ କର୍ମଯୋଗୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୨୫ତମ ସ୍ମୃତି ଦିବସ ଆଜି ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ନକୁଳଦେବ ଶାସ୍ତ୍ରୀ ଯଜ୍ଞ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ରାଉତ ଯଜମାନ ଥିଲେ। ସ୍ୱାମୀଜୀଙ୍କ ଜୀବନ ଓ କର୍ମ ସମ୍ପର୍କରେ ପଣ୍ଡିତ ନକୁଳଦେବ ଶାସ୍ତ୍ରୀ ଏବଂ ସଭାପତି କୃତିବାସ ତ୍ରିପାଠୀ ଓ ସମ୍ପାଦକ ପ୍ରମୋଦ କୁମାର ନାୟକ ଉଦବୋଧନ ଦେଇଥିଲେ। ଏଥିରେ ପ୍ରଦୀପ କୁମାର ମହାପାତ୍ର, ଘନଶ୍ୟାମ ଥାଟେଇ, ରାହାସ ବିହାରି ମହାନ୍ତି, କମଳାକାନ୍ତ ଦାସ, ଜ୍ଞାନରଞ୍ଜନ କର, ରଣଜିତ ମହାନ୍ତି, ପ୍ରିୟରଞ୍ଜନ ସାମଲ, ପ୍ରଭାତ ସାମଲ, ପ୍ରଦୀପ ଆଦିଆ, ପ୍ରଶାନ୍ତ କୁମାର ସାହୁ, ଜ୍ଞାନରଞ୍ଜନ ଦାସ, ଘନଶ୍ୟାମ ଜେନା, ପଦ୍ମଲୋଚନ ଥାଟେଇ, ଯୁଧିଷ୍ଠିର ପାତ୍ର, ଦେବେନ୍ଦ୍ର ନାୟକ, ପରମେଶ୍ୱର ଜେନା, ରତିକାନ୍ତ ବାରିକ, ପଞ୍ଚାନନ ନାୟକ ଉପସ୍ଥିତ ଥିଲେ। ପରେ ଚାରା ରୋପଣ ଓ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା ।

## ସିରିଜ ଚୋରି ଉଦ୍ୟମ
### ଗୋଟିକରେ ସଫଳ, ୭ରେ ବିଫଳ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅଧୀନ ସି.ଏମ.ସି ୫୯ନମ୍ବର ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମରେ ଗୋଟିଏ ରାତ୍ରିରେ ଆଠ ଜଣଙ୍କ ଘରେ ଚୋର ପଶିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ଚୋରଦଳ ରାମନଗର ଗ୍ରାମର ତ୍ରୈଲୋକ୍ୟ ବେହେରାଙ୍କ ଠାକୁର ଘର ଝରକା ତାଡି କିଛି ଟଙ୍କା, ସୁନା କାନଫୁଲ ସହ ଅନ୍ୟାନ୍ୟ ସୁନା ଅଳଙ୍କାର ଲୁଟି ନେବାକୁ ସମର୍ଥ ହୋଇଥିବାବେଳେ ସେଇ ରାତ୍ରିରେ ପ୍ରହଲ୍ଲାଦ ସ୍ୱାଇଁ, ପୂର୍ଣ୍ଣାନନ୍ଦ ବେହେରା, ସନ୍ତୋଷ ମହାନ୍ତି, ସୁଧାକର ଦାସ, ବିମଳ ମହାନ୍ତି, ବାସୁଦେବ ସେଠି ଏବଂ ଉପେନ୍ଦ୍ର ସେଠି ଆଦିଙ୍କ ଘରେ ପଶିବା ପାଇଁ ଉଦ୍ୟମ କରିଥିଲେ। କାହାର ଝରକା ତ କାହାର କବାଟକୁ ଚୋରମାନେ ତାଡିବା ପାଇଁ ସମର୍ଥ ହୋଇଛନ୍ତି ସତ କିନ୍ତୁ ଘରଲୋକ ଉଠି ପଡିବାରୁ ଚୋରି କରିବାରେ ସଫଳ ହୋଇପାରି ନାହାନ୍ତି। ଯଦିଓ କିଛି ସ୍ଥାନରେ ଚୋରଙ୍କ ଆଂଶିକ ଫଟୋ ସିସିଟିଭିରେ କଏଦ ହୋଇଛି କିନ୍ତୁ ସେମାନଙ୍କୁ ଧରିବା ପାଇଁ ତାହା ପର୍ଯ୍ୟାପ୍ତ ନୁହେଁ ବୋଲି କୁହାଯାଉଛି । ଏ ବାବଦରେ ଦୁଇଜଣ ଗ୍ରାମବାସୀ ଥାନାରେ ଏତଲା ଦେବାରୁ ପୋଲିସ ଗାଁକୁ ଯାଇ ତଦନ୍ତ ଆରମ୍ଭ କରିବା ସହ ରାତ୍ରି ପାଟ୍ରୋଲିଂକୁ ଜୋରଦାର କରିଛି। କେବଳ ରାମନଗର ନୁହେଁ ଆଖପାଖ ବିଭିନ୍ନ ଗାଁରେ ମଧ୍ୟ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏଇ କିଛିଦିନ ହେଲା ଚୋରମାନେ ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜାଇ ଦେଇଥିବାବେଳେ ସଦର ପୋଲିସ ପାଟ୍ରୋଲିଂକୁ ଆହୁରି କଡାକଡ଼ି କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଏଇ ଚୋରିରେ ନିଶାଡି କିମ୍ବା ସ୍ଥାନୀୟ ଅଞ୍ଚଳରେ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ରୋହିଙ୍ଗା ବଙ୍ଗାଳି ଯୁବକମାନଙ୍କ ହାତ ଥାଇପାରେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ସନ୍ଦେହ କରୁଛନ୍ତି।

## ବିଦେଶୀ ମଦ ବୋଝେଇ ବାଇକ୍ ଜବତ, ଜଣେ ଗିରଫ



ଟାଙ୍ଗି, (ଭାସ୍କର ନ୍ୟୁଜ୍) : ବେଆଇନ ଭାବେ ବିଦେଶୀ ମଦ ବୋଝେଇ କରି ବାଇକ ଯୋଗେ ଅଙ୍କାବଙ୍କା ରାସ୍ତାରେ ଚାଲାଣ କରୁଥିବା ବେଳେ ଟାଙ୍ଗୀ ଅବକାରୀ ବିଭାଗ ଦ୍ୱାରା ଧରାପଡି ଜେଲ ଯାଇଛନ୍ତି ବାଇକ ଚାଳକ। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ କଲେଜର ଅଙ୍କାବଙ୍କା ରାସ୍ତାରେ ବେଆଇନ ଭାବେ ମଦ ଚାଲାଣ କରାଯାଉଛି ବୋଲି ଅଭିଯୋଗ ହୋଇ ଆସୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଟାଙ୍ଗୀ ଅବକାରୀ ବିଭାଗର ଅଧିକାରୀ ରମେଶ ଚନ୍ଦ୍ର ବାରିକ ନିଜର ସହକର୍ମୀମାନଙ୍କୁ ନେଇ ଧରପଗଡ଼ କରାଯିବାରୁ ବିଦେଶୀ ମଦ ବୋଝେଇ କରି ବାଇକ ଧରାପଡିବା ସହିତ ବାଇକ ଚାଳକକୁ ଗିରଫ କରାଯାଇଛି। ଟାଙ୍ଗୀ ନିକଟସ୍ଥ କଟିଲାଗୋଠ କଲୋନୀ ଗ୍ରାମର ବିଶ୍ୱଜିତ ପ୍ରଧାନ ଏହି ବେଆଇନ ବିଦେଶୀ ମଦ ଚାଲାଣ କରିବା ଅଭିଯୋଗରେ ଜେଲ୍ ଯାଇଛନ୍ତି ବୋଲି ଟାଙ୍ଗୀ ଅବକାରୀ ବିଭାଗର ଅଧିକାରୀ ରମେଶ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି।

## କୁଜଙ୍ଗକୁ ଏନ୍ଏସି ଘୋଷଣା ଦାବି ନେଇ ଆନ୍ଦୋଳନ ସ୍ଥଗିତ



### ଦାବି ପ୍ରତି ସମର୍ଥନ ଜଣାଇଲେ ଶିକ୍ଷମନ୍ତ୍ରୀ

ପାରାଦୀପ (ଭାସ୍କର ନ୍ୟୁଜ୍) : କୁଜଙ୍ଗକୁ ଏନ୍ଏସି କରିବା ନେଇ ଦୀର୍ଘଦିନ ହେବ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ଦାବି କରିଆସୁଥିଲା। ତେବେ ଦାବି ପୂରଣରେ ଅହେତୁକ ବିଳମ୍ବ ଘଟିବାରୁ ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ମଞ୍ଚ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ତେବେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ହସ୍ତକ୍ଷେପ ଫଳରେ ପାରାଦୀପ ନିଉ ସର୍କିଟ ହାଉସ ଠାରେ କୁଜଙ୍ଗ ନାଗରିକ ମଞ୍ଚର ଆବାହକ ରଘୁନାଥ ସାହୁ, ଉପଦେଷ୍ଟା ପିତାମ୍ବର ତରାଇ ଙ୍କ ସମେତ ମଞ୍ଚର ବହୁ କର୍ମକର୍ତ୍ତା ଓ ସଦସ୍ୟ ଏକ ସକାରାତ୍ମକ ଆଲୋଚନାରେ କୁଜଙ୍ଗ ବନ୍ଦ ଡାକରାକୁ ସ୍ଥଗିତ ଘୋଷଣା କରିଛନ୍ତି । ତେବେ ଏ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁଜଙ୍ଗ ନାଗରିକ ମଞ୍ଚର ଆବାହକ ରଘୁନାଥ ସାହୁ ଓ ଉପଦେଷ୍ଟା ପିତାମ୍ବର ତରାଇ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ମାଟିର ପୁଅ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ ନିଶ୍ଚିତ ଏ ଦାବିକୁ ପୂରଣ କରିବେ ବୋଲି ଦୃଢ଼ ନିଶ୍ଚିତ ହେଲା ପରେ ଏହି ଆନ୍ଦୋଳନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଗଲା।

### ବିଭାଗୀୟ ଅଧିକାରୀ-ଠିକାଦାରଙ୍କ ମଧୁଚନ୍ଦ୍ରିକା
## ମରଣଯନ୍ତା ପାଲଟିଛି ସେତୁ ସଂଯୋଗୀକରଣ ରାସ୍ତା



କନ୍ଧମାଳ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଜୋର - ବୈଦ୍ୟନାଥ ତେଲନଦୀ ଉପରେ ଆଜକୁ ତିନିବର୍ଷ ହେବ ନିର୍ମାଣ ହୋଇଛି ନୂତନ ବିଜୁସେତୁ । କିନ୍ତୁ ତାକୁ ସଂଯୋଗ କରୁଥିବା ଦୁଇପଟ ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ, ୨୦୧୫ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗବଜୋର - ବୈଦ୍ୟନାଥ ତେଲନଦୀ ଉପରେ ଏକ ବିଜୁସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସେତୁଟିର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ସୁବର୍ଣ୍ଣପୁର ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ଏହି ସେତୁଟିକୁ ୨୦୧୮ମସିହା ଡିସେମ୍ବର ମାସରେ ସମାପ୍ତ କରିବାର ଲକ୍ଷ୍ୟ ଥିଲା। ଏପରିକି ଅଞ୍ଚଳବାସୀଙ୍କ ବହୁ ଅଭିଯୋଗ ସତ୍ତ୍ୱେ ତାହା ୨୦୨୨ମସିହା ଜୁନ ମାସ ୩୦ ତାରିଖରେ ସମ୍ପୂର୍ଣ୍ଣ ହୋଇଥିଲା । ହେଲେ ନିର୍ମାଣର ତିନିବର୍ଷ ନ ପୁରୁଣୁ ଏହି ସେତୁର ଉଭୟ ପାର୍ଶ୍ୱରେ ଥିବା ସେତୁ ସଂଯୋଗୀକରଣ ରାସ୍ତାଟି ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ରାସ୍ତା ଖାଲଖମା ହୋଇ ଦବି ଗଲାଣି । ଏଣୁ ଦୈନନ୍ଦିନ ଯାତାୟାତ କରୁଥିବା ଲୋକେ ଏହି ରାସ୍ତାରେ ବିଭିନ୍ନ ଦୁର୍ଘଟଣା ହେଉଥିବା ନଜିର ରହିଛି । ଏହି ସେତୁ ନିର୍ମାଣ ହେବା ଦିନଠାରୁ ଏହି ରାସ୍ତାଟି ସମ୍ବଲପୁର, ବରଗଡ, ବଲାଙ୍ଗୀର ଆଦି ଜିଲ୍ଲା ଗୁଡ଼ିକୁ ସଂଯୋଗ କରିବା ପାଇଁ ଅତି କମ୍ ରାସ୍ତା ପଡୁଥିବାରୁ ଯାତ୍ରୀମାନେ ଏହି ରାସ୍ତାରେ ଯିବା ଆସିବା ପାଇଁ ବେଶ୍ ଉଚିତ୍ ମନେ କରୁଛନ୍ତି । ସରକାର ରାସ୍ତା ନିର୍ମାଣ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରୁଥିବାବେଳେ ରାସ୍ତା ନିର୍ମାଣ ହେଲା ଦିନଠାରୁ ୫ବର୍ଷ ପର୍ଯ୍ୟନ୍ତ ମରାମତି ଦାୟିତ୍ୱ ସେହି ଠିକାଦାର କରାଇବ ବୋଲି ସରକାରୀ ନିୟମ ରହିଥିବାବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅନେକ ସ୍ଥାନରେ ରାସ୍ତା ଭଳି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ନିର୍ମାଣ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିକୁ ତୁରନ୍ତ ପୂରଣ କରିବା ପାଇଁ ଅଞ୍ଚଳବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୪୪ ୟୁନିଟ୍ ରକ୍ତ ସଂଗ୍ରହ




ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୁକ୍ରବାର ସ୍ୱଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୪୪ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ଜଣାଯାଇଛି। ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ଓ ଜାତୀୟ ସେବା ଯୋଜନା ଅଧିକାରିଣୀ ଗୀତାଞ୍ଜଳି ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ଦକ୍ଷିଣବାଡ ସରପଞ୍ଚ ବର୍ଷାରାଣୀ ଯେନା ଓ ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ବ୍ଲଡ ବ୍ୟାଙ୍କ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁ, ଶିକ୍ଷକ ନରେନ୍ଦ୍ର କୁମାର ନାଇକ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ଗ୍ରାମ୍ୟବ୍ୟାଙ୍କ ଶାଖା ପରିଚାଳିକା ରୁଚିରା ସାହୁ, ଅଧ୍ୟାପିକା ମମିତାରାଣୀ ନାୟକ, ପୁରାତନ ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ଉତ୍ସାହୀ ଯୁବକମାନଙ୍କ ସମେତ ୪୪ଜଣ ରକ୍ତଦାନ କରିଥିଲେ। ଅନନ୍ତ କିଶୋର ମହାପାତ୍ର, ହରିହର ସାହୁ, ମମିତରାଣୀ ନାୟକ, ଶ୍ରାବଣୀ ଦାସ, ମଦନ ମୋହନ ପଣ୍ଡା, ଉମାକାନ୍ତ ଖଣ୍ଡାଇ, ଦିଲ୍ଲୀପ କୁମାର ନାୟକ, ସୁଧିର କୁମାର ଶେଣ୍ଠ, ଅଶୋକ କୁମାର ଜେନା, ରଞ୍ଜନ କୁମାର ନାୟକ, ଭୀମଚରଣ ସ୍ୱାଇଁ, ବାସନ୍ତି ବେହେରା ପ୍ରମୁଖ ଅଧ୍ୟାପକ/ ଅଧ୍ୟାପିକା ଓ କର୍ମଚାରୀ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରୋଫେଟ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ପାଳିତ



ଭଦ୍ରକ (ଭାସ୍କର ନ୍ୟୁଜ୍) : ଭଦ୍ରକରେ ପ୍ରୋଫେଟ ମହମ୍ମଦଙ୍କ ଜନ୍ମଦିନକୁ ନେଇ ଉତ୍ସବ ମୁଖର ହୋଇ ଉଠିଛି ଭଦ୍ରକ ସହର। ମୁସଲମାନ ସମ୍ପ୍ରଦାୟର ଲୋକମାନେ ପ୍ରଫେଟ ମହମ୍ମଦଙ୍କ ଜନ୍ମଦିନ ପାଳନ ପାଇଁ ନୂତନ ବସ୍ତ୍ର, ବିଭିନ୍ନ ମଣ୍ଡପ, ସୁସ୍ୱାଦୁ ଭୋଜନ ପ୍ରସ୍ତୁତି ପାଇଁ ବେଶ ବଜାରରେ ଭିଡ଼ ଲାଗିଥିବାର ଦେଖାଦେଇଛି। ଭାଇଚାରାର ସହର ଭଦ୍ରକରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବହୁ ଆଡମ୍ବରରେ ପାଳିତ ହୋଇଛି 'ଇଦ ମିଲାଦୁନ ନବୀ' ଓ ୧୫୦୦ ତମ ଏହି ପ୍ରୋଫେଟ ମହମ୍ମଦଙ୍କ ଜନ୍ମଦିନ ଅବସରରେ ଭଦ୍ରକର ବିଭିନ୍ନ ମସଜିଦ ମାନଙ୍କରେ ଆଲୋକ ସାଜ ସଜ୍ଜା ଓ ଭକ୍ତିଭାବ ପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। କିପରି ଶାନ୍ତି ଶୃଙ୍ଖଳାରେ ଶ୍ରଦ୍ଧାଳୁ ମାନେ ପୂଜ କରିବେ ସେ ନେଇ ବିଭିନ୍ନ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା ଓ ପାଖାପାଖି ୮୦ ଟି କାଫେଲା ଭଦ୍ରକ ସହର ପରିକ୍ରମା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ୫୦ ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ଓ ମୁସଲିମ ଜମାତ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆଲୋଚନା କରାଯାଇ ପର୍ବକୁ ଶାନ୍ତି ଶୃଙ୍ଖଳାରେ ପାଳନ କରିବାକୁ ସ୍ଥିର କରାଯାଇଥିଲା। ଏହି ଉତ୍ସବ ପାଳନ ଅବସରରେ ସନ୍ଧ୍ୟା ପ୍ରାୟ ପାଞ୍ଚଟରେ ବିଭିନ୍ନ କମିଟି ପକ୍ଷରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।



ଧାମନଗର, (ଭାସ୍କର ନ୍ୟୁଜ୍) : ଇସଲାମ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ମହମ୍ମଦଙ୍କର ୧୫୦୦ ତମ ଜନ୍ମଜୟନ୍ତୀ ଧାମନଗର ଠାରେ ମହା ସମାରୋହରେ ପାଳିତ ହୋଇଛି। ବିଭିନ୍ନ ସାହି ବସ୍ତିରୁ ୩୩ଟି ଜୁଲୁସ ମାନ ବାହାରି ଖାନକା ସରିଫରେ ପହଞ୍ଚି ସେହି ଠାରୁ କ୍ରମାନୁସାରେ ବଜାର ପରିକ୍ରମା କରି କଦମ ଠାରେ ପହଞ୍ଚି ଥିଲେ। ସୁସଜ୍ଜିତ ଓ ଆକର୍ଷଣୀୟ କୁଲୁସ ଓ କାଫଲା ଶୋଭାଯାତ୍ରା ସହର ପରିକ୍ରମା କରିବା ବେଳେ ବିଭିନ୍ନ ସଙ୍ଗଠନ, କମିଟି ଓ ଅନୁଷ୍ଠାନ ତରଫରୁ ୧୧ଟି ସ୍ଥାନରେ ପେଣ୍ଡାଲ ମାଧ୍ୟମରେ ଧାମନଗରରେ ଏହି କୁଲୁସ ଓ କାଫଲା କମିଟିକୁ ଶୁଭେଚ୍ଛା ଜଣାଇବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସାନ ବଜାର ଠାରେ ମଦିନା ବଜାର କମିଟି ସଭାପତି ସେକ ହମିଦ, ସମ୍ପାଦକ ସେକ ତାରିକ ଅନୁଆର ମାମାଙ୍କ ନେତୃତ୍ୱରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ସେହିପରି ଧାମନଗର ଏକତା ମଞ୍ଚ ପକ୍ଷରୁ ସଭାପତି କୈଳାସ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଏମ ଡି ହବିବୁର ରହେମାନ (ହବନ)ଙ୍କ ନେତୃତ୍ୱରେରେ ଭାଇଚାରା ଅତୁଟ ପାଇଁ ୫୦ରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ଏସଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଇନସ୍ପେକ୍ଟର ୬ ଜଣ ସହ ୭ ପ୍ଲାଟୁନ ପୋଲିସ ଫୋର୍ସ ବିଭିନ୍ନ ଛକ ବଜାରରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ଫେରାର ମଦ ମାଫିଆ ଗିରଫ



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ବାରିକପୁର ନିକଟ ତୋଡଙ୍ଗା ଗ୍ରାମର ଜନୈକ ଫେରାର ମଦ ମାଫିଆକୁ ଭଦ୍ରକ ଅବକାରୀ ଦଳ ଗିରଫ କରିଥିବା ଜଣାଯାଇଛି। ଗତ ଅଗଷ୍ଟ ୨୩ ତାରିଖରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ ବାରିକପୁର ନିକଟ ତାଳସିଠା ଗ୍ରାମରୁ ୩ଶହ ଲିଟର ଦେଶୀ ମଦ ଜବତ କରିବା ଗ୍ରାମର ହରିଆ ମୁଣ୍ଡାକୁ ଗିରଫ କରିଥିଲା। ବିଭାଗ ପକ୍ଷରୁ ୨୩୨/୨୫-୨୬ନଂ ମାମଲା ରଜୁ କରାଯାଇ ଅଭିଯୁକ୍ତ ହରିଆକୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଏହି ବେଆଇନ ବିପୁଳ ମଦ କାରବାରକୁ ମୁଖ୍ୟ କାର୍ଯ୍ୟଦୋର ତୋଡଙ୍ଗା ଗ୍ରାମର ବିମଳ ପୁଷ୍ଟିଆ ଓରଫ ଟିକି ଫେରାର ହୋଇଯାଇଥିଲା। ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଗୁଇନ୍ଦା ସୂତ୍ରକୁ ଆଧାର କରି ଭ୍ରାମ୍ୟମାଣ ସ୍କ୍ୱାଡ ଓ ଧାମନଗର ଅବକାରୀ ପୁଲିସର ମିଳିତ ଦଳ ବୁଧବାର ରାତ୍ରରେ ଫେରାର ଅଭିଯୁକ୍ତ ଟିକିକୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ। ପଚରାଉଚରା ପରେ ଶୁକ୍ରବାର ଟିକିକୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

## ନିଆରା ଢଙ୍ଗରେ ଗୁରୁ ଦିବସ ପାଳିଲେ ଛାତ୍ରଛାତ୍ରୀ

ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଗୁରୁ ହେଉଛନ୍ତି ସେ ଯେ କି ଆମର ଅଜ୍ଞାନତାକୁ ଦୂର କରି ନୂତନ ଜ୍ଞାନ ପ୍ରଦାନ କରନ୍ତି। ସେ ବିଦ୍ୟାଳୟର ଶିକ୍ଷକ ହୁଅନ୍ତୁ କି ନିଜର ସହପାଠୀ କିମ୍ବା ନିଜ ଠାରୁ ବଡ଼ କିମ୍ବା ସାନ ହୁଅନ୍ତୁ ସମସ୍ତେ ଜଣେ ଜଣେ ଗୁରୁ ବୋଲି ଯୋଗ ଦେଇଥିବା ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଚାନ୍ଦପୁର ଶ୍ରୀ ସତ୍ୟସାଇ ବିଦ୍ୟା ମନ୍ଦିରରେ ପବିତ୍ର ଗୁରୁ ଦିବସକୁ ଛାତ୍ରଛାତ୍ରୀମାନେ ଏକ ନିଆରା ଢଙ୍ଗରେ ପାଳନ କରିଥିଲେ। ଛାତ୍ରଛାତ୍ରୀମାନେ ଅତିଥିମାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା'ଙ୍କ ବନ୍ଦାପନା କରି ଆର୍ଶୀବାଦ ଭିକ୍ଷା କରିଥିଲେ। କନିଷ୍ଠ ଗୁରୁ ମା'ମାନେ ବରିଷ୍ଠ ଗୁରୁ ମା' ଓ ଅତିଥିମାନଙ୍କୁ ବନ୍ଦାପନା କରିଥିଲେ। ଅତିଥି ଭାବେ ବିଦ୍ୟାଳୟ ରଚେୟାରମେନ ଅଧ୍ୟାପିକା ଡ. ମୋନାଲିସା ମାନସିଂହ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ଗୁରୁ-ଶିଷ୍ୟ ପରମ୍ପରାକୁ ବଜାୟ ରଖିବାକୁ



ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଅଜୟ କୁମାର ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଛାତ୍ରଛାତ୍ରୀ ମାନେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନ ଦର୍ଶନ ତଥା ସର୍ବଦା ଗୁରୁମାନଙ୍କ ଆର୍ଶୀବାଦର ଆବଶ୍ୟକତା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଗୁରୁ ମା ନିଳିମା ମହାନ୍ତି, ଭାରତୀ ବିଶ୍ୱାଳ, କ୍ରିଷ୍ଣା ପରିଡା, ସୁମିତ୍ରା ମହାରଣା, ରୀନାବାଳା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୀତୁନ ନାୟକ, ରିତି କ୍ରିଷ୍ଣା ପ୍ରିୟ ଦର୍ଶନୀ, ପ୍ରତିମା ପ୍ରଧାନ, ଅନୁରାଧା ଜେନା, ସସ୍ମିତା ରଥ, ସ୍ମୃତି ଶିକ୍ଷା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଗସାହି ଗଣେଷପୂଜା କମିଟିର ଭସାଣି ଯାତ୍ରା

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଜଗନ୍ନାଥପୁର ଗ୍ରାମ ବାଗସାହି ଗଣେଷ ପୂଜାକମିଟି ପକ୍ଷରୁ ଗତ ୨୭ତାରିଖରେ ଗଣେଷଚତୁର୍ଥୀ ଅବସରରେ ପ୍ରଭୁ ଗଜାନନଙ୍କ ମୃଣ୍ମୟମୂର୍ତ୍ତି ସ୍ଥାପନ କରାଯାଇ ପ୍ରଭୁଙ୍କୁ ଆବାହନ କରାଯାଇଥିଲା। ଏହାର ଭସାଣି ଯାତ୍ରା ଗତ ବୁଧବାର ଅନୁଷ୍ଠିତ ହୋଇଥିଲା। ପୂଜାକମିଟିର ୪୧ବର୍ଷ ପୂର୍ତ୍ତୀ ଉପଲକ୍ଷେ କମିଟି ପକ୍ଷରୁ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବା ସହ ଗ୍ରାମର ବୟୋଜେଷ୍ଠ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ବୋଲି କମିଟିର ସଭାପତି ନିରଞ୍ଜନ ସାହୁ, ଉପସଭାପତି ନାରାୟଣ



ସାହୁ, ସମ୍ପାଦକ ସ୍ୟାମସୁନ୍ଦର ମହାପାତ୍ର, ସହସମ୍ପାଦକ ମିଟୁରାଉତ ପ୍ରକାଶ କରିଛନ୍ତି। କମିଟିର ସଦସ୍ୟ ରାହୁଲ, ପିଙ୍କୁ, ତୁସାର, ଜଗନ୍ନାଥ, ସନ୍ତୋଷ, ଅକ୍ଷୟ, ରକନ, ପ୍ରକାଶ, ବାବୁଲି, ସିପୁନ, ରାଜାଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## କରମା ପର୍ବ ପାଳିଲେ କଲନ୍ଦାର କୁଡୁମୀ ସମ୍ପ୍ରଦାୟ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରମା ପର୍ବ ପାଳିଲେ କୁଡୁମି ସମ୍ପ୍ରଦାୟର ଲୋକେ। ସେଥିପାଇଁ କୁଡୁମୀ ସମ୍ପ୍ରଦାୟ ବସବାସ କରୁଥିବା ଗାଁ ଗହଳି ଉତ୍ସବ ମୁଖର ହୋଇ ଉଠିଥିଲା। କରମା ପର୍ବ ହେଉଛି କୃଷି ଭିତ୍ତିକ ଏବଂ ବିଶ୍ୱାସର ପର୍ବ। ଏହି ପର୍ବରେ ଲୋକେ ଗଛକୁ, ଧାନ ଗଛକୁ ଓ ଫଳ ଆଦିକୁ ପୂଜା କରନ୍ତି। ଏହି ପୂଜା ପ୍ରତି ରହିଛି ସେମାନଙ୍କର ଅଗାଢ ବିଶ୍ୱାସ। କରମା ଠାକୁରଙ୍କୁ ଯାହା ମାଗିଲେ ପୂରଣ କରନ୍ତି। ସେଥିପାଇଁ ପରିବାରର ମଙ୍ଗଳ, ଭଲ ପାଠ ପଢା, ଭଲ ଚାଷ, ଗୃହ ପାଳିତ ପଶୁ ପକ୍ଷୀ ସମସ୍ତେ ଭଲ ରହିବା ପାଇଁ ଗୁହାରି କରନ୍ତି ସମସ୍ତେ। ତେବେ ସଂକ୍ଷେପରେ କହିବାକୁ ଗଲେ କୁଡୁମି ସମ୍ପ୍ରଦାୟର ଦୁଇ ଭାଇ କରମୁ ଏବଂ ଧରମୁ। ଜଣେ ଭାଇ କରମା ଠାକୁରଙ୍କୁ ପୂଜା କରୁଥିଲେ। ଆଉ ଜଣେ ଭାଇ କରମା ଠାକୁରଙ୍କୁ ଅବମାନନା କଲେ ସେହିଦିନ ଠାରୁ ଖାଇବାକୁ ପାଇଲେ ନାହିଁ ଦରିଦ୍ର ହୋଇ ବୁଲିଲେ। ପୁଣି କରମା ପୂଜା କରିବାରୁ ଧନ ଧାନ୍ୟ ଗୋପ ଲକ୍ଷ୍ମୀରେ ଘର ପୁରୀ ପୁରି ଉଠିଲା। ସେହିଦିନଠାରୁ କୁଡୁମି ସମ୍ପ୍ରଦାୟର ଲୋକେ କରମା ପାଳନ କରି ଆସୁଛନ୍ତି। ଯାହାକି ଏବେବି ସଂସ୍କୃତି ପରମ୍ପରା ଭାବରେ ପାଳନ କରି ଆସୁଛନ୍ତି କୁଡୁମୀ ସମ୍ପ୍ରଦାୟର ଲୋକେ। କୁଡୁମି ସମ୍ପ୍ରଦାୟର ଲୋକେ କରମା ପୂଜାରେ କେବଳ ପୂଜା କରନ୍ତି ତାହା ନୁହେଁ। ପୂଜା ପରେ ହାତକୁ ହାତ ଛନ୍ଦି, ପାଦକୁ ପାଦ ମିଶାଇ ପାରମ୍ପରିକ ଲୋକ ଗୀତରେ ପାରମ୍ପରିକ ଢୋଲ, ମାଦଳ ଏବଂ ନାଗରା ବାଦ୍ୟର ତାଳେ ତାଳେ ମଶଗୁଲ୍ ହୋଇଥାନ୍ତି। ଯେଉଁଠି ଧନୀ, ଗରିବ, ବଡ଼ ସାନ, ପୁରୁଷ, ମହିଳାର ତାରତମ୍ୟ ନ ରଖି ନାଚ ଗୀତରେ ରାତି ବିତାଇଥାନ୍ତି।

## କଂଗ୍ରେସର ସଂଗଠନ ସୃଜନ ଅଭିଯାନ




କାକଟପୁର (ଭାସ୍କର ନ୍ୟୁଜ୍) : ମହାଲକ୍ଷ୍ମୀ କଲ୍ୟାଣ ମଣ୍ଡପ ପରିସରରେ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ କାକଟପୁର ନିର୍ବାଚନ ମଣ୍ଡଳୀ ଓ ନିମାପଡା ନିର୍ବାଚନ ମଣ୍ଡଳୀର କଂଗ୍ରେସର ବରିଷ୍ଠ କର୍ମକର୍ତ୍ତା ଓ ବରିଷ୍ଠ କର୍ମୀ ମାନଙ୍କୁ ନେଇ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା କଂଗ୍ରେସ କମିଟି ର ସଂଯୋକ ରାଜେଶ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଓ ସାଂଗଠନିକ କର୍ମକର୍ତ୍ତା ଚୟନ ଦାୟିତ୍ୱରେ ଥିବା ମୁଖ୍ୟ ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଓ ସାଂସଦ ଜି.ସି ଚନ୍ଦ୍ର ଶେଖର ଯୋଗଦେଇ କାକଟପୁର ନିର୍ବାଚନ ମଣ୍ଡଳୀ ଓ ନିମାପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଞ୍ଚାୟତ ଓ କୋଣାର୍କ ଏନଏସିର ୧୩ଟି ୱାର୍ଡର ବରିଷ୍ଠ କଂଗ୍ରେସ ନେତା ଓ ତୃଣମୂଳସ୍ତରର ପୁରୁଖା କଂଗ୍ରେସ କର୍ମୀ ମାନଙ୍କ ସହିତ ଜିଲ୍ଲା ସଭାପତି ଚୟନ ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସେମାନଙ୍କ ମତାମତ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, କାକଟପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସର ବିଧାୟକ ପ୍ରାର୍ଥୀ ବିଶ୍ୱ ଭୂଷଣ ଦାସ, ବରିଷ୍ଠ କଂଗ୍ରେସ ନେତା ଅମିୟ କୁମାର ପଟ୍ଟନାୟକ, ପୁରୀ ଜିଲ୍ଲା ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ନିରୁପମା ପାତ୍ର, ପୂର୍ବତନ ଗୋପ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ନୀଳମଣି ପ୍ରଧାନ, ପର୍ଯ୍ୟବ୍ୟକ୍ଷକ ମନୋରଞ୍ଜନ ପଟ୍ଟନାୟକ,କଂଗ୍ରେସ ପର୍ଯ୍ୟବ୍ୟକ୍ଷକ, କୁସୁମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଣାର୍କ ଏନଏସିର ଜମିଜମା ସମାସ୍ୟାର ସ୍ଥାୟୀ ସମାଧାନ, ପର୍ଯ୍ୟଟକ ଓ ଜନସାଧାରଣ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା, ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଓ ସେମାନଙ୍କୁ କର୍ମ ନିଯୁକ୍ତି ପ୍ରଦାନ କରିବା, କାକଟପୁର ଓ ଅସ୍ତରଙ୍ଗ ବ୍ଲକର ମତ୍ସଜୀବୀ ମାନଙ୍କ ନିମନ୍ତେ ଶୀତଳ ଭଣ୍ଡାର ସ୍ଥାପନ, କୃଷକ ମାନଙ୍କ ନିମନ୍ତେ କୃଷି କାର୍ଯ୍ୟ ସଂପାଦନ ନିମନ୍ତେ ଜଳସେଚନ ସୁବିଧା ସୁନିଶ୍ଚିତ କରିବା, କାକଟପୁର ଓ ନିମାପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଞ୍ଚାୟତ, ନିମାପଡ଼ା ଓ କୋଣାର୍କ ଏନଏସିର ତୃଣମୂଳସ୍ତରରେ କଂଗ୍ରେସ ସଂଗଠନକୁ ସୁଦୃଢ କରିବା ପାଇଁ କଂଗ୍ରେସ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ମାନେ ସାମୁହିକ ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କାକଟପୁର ଓ ନିମାପଡା କଂଗ୍ରେସର ୧ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ ନେତା, ପୁରୁଖା କର୍ମୀ ଓ କର୍ମକର୍ତ୍ତା ମାନେ ଯୋଗଦାନ କରିଥିଲେ।

## ବିଜେଡ଼ି ପକ୍ଷରୁ ଗୁରୁପୂଜନ ଓ ସମ୍ବର୍ଦ୍ଧନା



ଦଶରଥପୁର (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ଭଳି ଚଳିତବର୍ଷ ଗୁରୁ ଦିବସରେ ବିଞ୍ଝାରପୁର ବିଜୁ ଜନତା ଦଳ ପକ୍ଷରୁ ଅଞ୍ଚଳର ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଧାୟିକା ପ୍ରମିଳା ମଲ୍ଲିକ ଗୁରୁ ପୂଜନ କରି ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଶିର୍ବାଦ କାମନା କରିଥିଲେ। ବରୁଣେଶ୍ୱର ମଣ୍ଡପରେ ଆୟୋଜିତ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ସଭାରେ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ପ୍ରାକ୍ତନ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ସାମାଜିକ କର୍ମୀ ରବିନ୍ଦ୍ର ପରିଡ଼ା, ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, କାମଦେବ ଧଳ, ହେମେନ୍ଦ୍ର ସାମଲଙ୍କ ସମେତ ବିଜେଡ଼ିର ଶତାଧିକ ନେତା, କର୍ମୀ ଓ ନିର୍ବାଚିତ ଜନପ୍ରତିନିଧି ଏହି ବ୍ଲକ୍‌ସ୍ତରୀୟ କାର୍ଯକ୍ରମରେ ଯୋଗ ଦେଇଥିଲେ। ବରୁଣେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷା ବିନ୍ଦୁରେଖା ନାୟକ, ଦେବସ୍ମିତା ଦାସ, ବଳରାମ ପତିଙ୍କ ସମେତ ୬୩ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଙ୍କ ଆଶିର୍ବାଦ ରହିଲେ ଜୀବନର ସବୁ ପାହାଚ ସହଜେ ଅତିକ୍ରମ କରିବା ସହ ସୁନାଗରିକ ଭାବରେ ଶିଷ୍ୟ ଯଶସ୍ୱୀ ହୋଇ ଥାଏ ବୋଲି ରବିନ୍ଦ୍ର ପରିଡ଼ା କହିବା ସହ ଭାରତୀୟ ସଂସ୍କୃତିରେ ଗୁରୁପୂଜନ ପରମ୍ପରା ବହୁ ପ୍ରାଚୀନ ବୋଲି ପ୍ରକାଶ କରିଥିଲେ।



କଟକ(ଭାସ୍କର ନ୍ୟୁଜ): ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଆଦି କର୍ମଯୋଗୀ ଅଭିଯାନ ଉପରେ ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତି କର୍ମଶାଳାରେ ଅନୁସୂଚିତ ଜନଜାତି ଓ ଜାତି, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଏବଂ ବନ ବିଭାଗର ବ୍ଲକସ୍ତରୀୟ ୨୦ ଜଣ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର୍ ତାଲିମ ଗ୍ରହଣ କରିଥଲେ । ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବନ୍ଦନା ଖଟୁଆ, ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି ପ୍ରମୁଖ ମାଷ୍ଟର ଟ୍ରେନରଙ୍କୁ ତାଲିମ ଦେଇଛନ୍ତି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଓ ଜିଲ୍ଲା ପ୍ରଭାରି ଅଧିକାରୀ ଅରବିନ୍ଦ ମୁଦଗଲ, ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ତାଲିମ ନେଉଥିବା ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

### ଦଶହରା ପୂର୍ବରୁ ରାସ୍ତା ମରାମତି ନେଇ ସମୀକ୍ଷା

# ୨୦ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପାର୍ବଣ ଋତୁ ଦଶହରାକୁ ନେଇ ସାରା ରାଜ୍ୟରେ ଉତ୍ସବର ମାହୋଲ ସୃଷ୍ଟି ହେବାକୁ ଯାଉଥିବାବେଳେ ରାସ୍ତାଘାଟ ଓ ଗମନାଗମନ ନେଇ ଭୁବନେଶ୍ୱର-କଟକ ସମେତ ସବୁ ସହର ଏବଂ ରାଜ୍ୟବାସୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ୟୁନିଟ୍-୫ସ୍ଥିତ ନିର୍ମାଣ ସୌଧ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ହରିଚନ୍ଦନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସହ ସବୁ ପ୍ରମୁଖ ସହର ତଥା ସମସ୍ତ ଜିଲ୍ଲାର ରାସ୍ତାଘାଟର ସ୍ଥିତି ଅନୁଧ୍ୟାନ କରିଥିଲେ । ଆଗାମୀ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ସୁଦ୍ଧା ରାଜ୍ୟର ସବୁ ପ୍ରମୁଖ ରାସ୍ତାକୁ ଖାଲଖମାମୁକ୍ତ କରିବା ଏବଂ ପରବର୍ତୀ ଅକ୍ଟୋବର ୨ରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ମନ୍ତ୍ରୀ ବିଭାଗରେ କାର୍ଯ୍ୟ କରୁଥିବା ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ସିଏମ୍‌ସି କମିଶନର କିରନ୍‌ଦୀପ୍ କୌର ସହୋତା, ନଗର ଉନ୍ନୟନ ବିଭାଗ ମୁନିସିପାଲ ପ୍ରଶାସନର ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ, ବରିଷ୍ଠ ରାଜନେତା ନୟନ କିଶୋର ମହାନ୍ତି ଓ ଜଗନ୍ନାଥ ପ୍ରଧାନ, ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଏଲ୍. କେ. ପାଢ଼ୀ, ଇଆଇସି (ସିଭିଲ୍)ସତ୍ୟବ୍ରତ ବେହେରା, ମୁଖ୍ୟଯନ୍ତ୍ରୀ (ରାସ୍ତା-୧) ଧାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ (ରାସ୍ତା-୨) ଶିବବ୍ରତ ତରିଆ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ଭୁବନେଶ୍ୱର) ମନୋଜ ମହାନନ୍ଦଙ୍କ ସମେତ ବିଭାଗର ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟ ସଂପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ବିଧାନସଭାର ୪ ନମ୍ବର ୟୁନିଟ୍ ସ୍ଥିତ ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ଏଥି ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ପୁରାତନ ଅତିଥି ଭବନରେ ୨୩ଟି ରୁମ୍ ଥିବାବେଳେ ଏବେ ସ୍ଥାନାଭାବର ସମସ୍ୟା ଦେଖାଦେଉଛି। ଏଥିପାଇଁ ୩ କୋଟି ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ସମ୍ପ୍ରସାରିତ ଅଟ୍ଟାଳିକାର କାର୍ଯ୍ୟ ଆରମ୍ଭ ହେବ। ଏହି ତିନିମହଲାବିଶିଷ୍ଟ ଅଟ୍ଟାଳିକାରେ ମୋଟ ୧୬ଟି ରୁମ୍ ନିର୍ମାଣ ହେବାକୁ ଥିବାବେଳେ ଏହିସବୁ ବିଲ୍ଡିଂ ଲିଫ୍ଟ ଦ୍ୱାରା ସଂଯୁକ୍ତ ହେବ । ମୋଟ ୯ ହଜାର ବର୍ଗଫୁଟରୁ ଉଦ୍ଧ୍ୱର୍ ସ୍ଥାନରେ ନିର୍ମାଣ କାର୍ଯ୍ୟ ହେବାକୁ ଥିବାବେଳେ ଆଗାମୀ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହା ଦ୍ୱାରା ସମୁଦାୟ ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ । ଅନ୍ୟ ପକ୍ଷରେ ବିଧାନସଭାର ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ଅତିଥି ଭବନରେ ୧୮ଟି ରୁମ୍ ରହିଥିବାବେଳେ ନୂଆ ଓ ପୁରୁଣାକୁ ମିଶାଇ ରୁମ୍ ସଂଖ୍ୟା ୫୭ ହେବ । ଏହି ଅତିଥି ଭବନ ପାଇଁ ଏବେ ଅନ୍‌ଲାଇନ୍ ର ବୁକିଂର ସୁବିଧା କରାଯିବା ସହ ୨୪ ଘଣ୍ଟିଆ ନିରାପତା ବ୍ୟବସ୍ଥା ଆହୁରି ସମନ୍ୱିତ ହେବ ଏହା ଦ୍ୱାରା ଏହିସବୁ ଅତିଥି ଭବନରେ ରହଣି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ। ଏହା ଦ୍ୱାରା ଭୁବନେଶ୍ୱରକୁ ଆସୁଥିବା ପୂର୍ବତନ ବିଧାୟକମାନେ ସୁବିଧାରେ ଏହି ଅତିଥି ଭବନରେ ରହିପାରିବେ। ଏହି କାର୍ଯ୍ୟକ୍ରମରେ ବିଧାନସଭାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ନବୀନ ନିବାସରେ ପିଏସି ବୈଠକରେ ଅଧକ୍ଷତା କରୁଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ

## ଭୁଜାଲି ଚୋଟରେ ବ୍ୟବସାୟୀଙ୍କ ଗୋଡ ଛିଣ୍ଡିଲା

କଟକ (ଭାସ୍କର ନ୍ୟୁଜ୍): ବାଦାମବାଡି ଥାନା ଅନ୍ତର୍ଗତ ଅରୁଣୋଦୟ ନଗରରେ ଜଣେ ଫୁଲ ବ୍ୟବସାୟୀଙ୍କୁ ଆକ୍ରମଣ ହୋଇଥିବା ଜଣାପଡିଛି। ଆକ୍ରମଣକାରୀ ଭୁଜାଲି ଚୋଟରେ ବ୍ୟବସାୟୀଙ୍କ ଗୋଡ କଟିଯାଇଥିବା ଜଣାପଡିଛି। ଏ ସଂପର୍କରେ ପୁଲିସ ଖବର ପାଇ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ଠାରୁ ପ୍ରକାଶ। ସଦର ଥାନା ଅନ୍ତର୍ଗତ ଗୋପାଳପୁରର ରାଜେନ୍ଦ୍ର ପ୍ରଧାନ ବାଦାମବାଡିରେ ଫୁଲ ବ୍ୟବସାୟ କରିଥାନ୍ତି। ରାଜେନ୍ଦ୍ର ପ୍ରତିଦିନ ଭଳି ବ୍ୟବସାୟ କରିବାକୁ ଆସୁଥିବା ବେଳେ ୨ ଦୁର୍ବୃତ୍ତ ପିଛା କରି ଅରୁଣୋଦୟ ନଗର ନିକଟରେ ଆକ୍ରମଣ କରିଥିଲେ। ଫଳରେ ରାଜେନ୍ଦ୍ରଙ୍କ ଗୋଡ ସମ୍ପୂର୍ଣ୍ଣ ଛିଡିଥିଲା। ସ୍ଥାନୀୟ ଲୋକେ ରାଜେନ୍ଦ୍ରଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଏସ୍‌ସିବି ପଠାଇ ପୋଲିସକୁ ସୂଚନା ଦେଇଥିଲେ।

## ୫୯ ନଂ ୱାର୍ଡ ଅଫିସ, ସାମନ୍ତରାପୁର ଲାଇଟ୍ ହାଉସ୍ ଓ ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ଶନିବାର ୫୯ ନମ୍ବର ୱାର୍ଡ ଅଫିସ ଓ ସାମନ୍ତରାପୁର ଲାଇଟ୍ ହାଉସ ସାଙ୍ଗକୁ ହାଇ ମାଷ୍ଟ ଲାଇଟ୍ ର ଶୁଭ ଉଦ୍ଘାଟନ ହୋଇଯାଇଛି । କାର୍ଯ୍ୟକ୍ରମରେ ଅବକାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍ ସି କମିଶନର ଚଞ୍ଚଳ ରାଣା, କର୍ପୋରେଟର ତଥା ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ବହୁ କର୍ପୋରେଟର ଓ ନାଗରିକମାନେ ଉପସ୍ଥିତ ଥିଲେ ।

### ଓଡ଼ିଶାର କଂସା ଶିଳ୍ପ ଐତିହ୍ୟ ଉପରେ ରଚିତ ପୁସ୍ତକ ଉନ୍ମୋଚିତ

## କଂସା ଶିଳ୍ପର ପ୍ରସାର ଉଦ୍ୟମକୁ ପ୍ରଶଂସା କଲେ ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମଜିଏମ୍ ଫାଉଣ୍ଡେସନ୍ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ୍ ଆର୍ଟ ଆଣ୍ଡ୍ ଡିଜାଇନ୍ ଷ୍ଟୁଡିଓ (ବିଇଏଡ଼ିଏସ୍), ପକ୍ଷରୁ ପ୍ରସ୍ତୁତ 'କଂସା : ପରମ୍ପରା ଗଠନ, ଭବିଷ୍ୟତରୂପରେଖ' ନାମକ ଏକ ଗବେଷଣାତ୍ମକ ପୁସ୍ତକ ଆଜିଓଡିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଯାହା ଓଡ଼ିଶାର ସମୃଦ୍ଧ କଂସା ଶିଳ୍ପ ଐତିହ୍ୟକୁ ପ୍ରଦର୍ଶିତ କରୁଛି । ଏହି ପୁସ୍ତକ, ଓଡ଼ିଶା କ୍ରାଫ୍ଟ ଓଡିସି (ଓସିଓ ) ଫେଲୋସିପ୍ କାର୍ଯ୍ୟକ୍ରମ ୨୦୨୪ -୨୫ ଦ୍ୱାରା ପରିଚାଳିତ ଗଭୀରଗବେଷଣାକୁ ପ୍ରତିପାଦିତ କରିଛି । ପୁସ୍ତକ ଉନ୍ମୋଚନ ଉତ୍ସବରେ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ, ଏମଜିଏମର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଉପସ୍ଥିତ ରହି କଂସା ଧାତୁର ସଂରକ୍ଷଣ ଦିଗରେ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହିତ କାରିଗରମାନଙ୍କୁ ସମ୍ମାନିତ କରିଥିଲେ । ଇଂରାଜୀ ଓ ଓଡ଼ିଆ ଉଭୟ ଭାଷାରେ ଉପଲବ୍ଧ ଏହି ପୁସ୍ତକରେଓଡ଼ିଶାର ୧୮ଟି ଗ୍ରାମର କଂସା (କାଉଁଡ଼ି ଧାତୁ) ଶିଳ୍ପର ଜୀବନ୍ତ ପରମ୍ପରାକୁ ବର୍ଣ୍ଣନା କରୁଛି, ଯାହା ଗବେଷକ ଓ ଫେଲୋମାନଙ୍କ ଏକ ଉତ୍ସର୍ଗୀକୃତ ଦଳ ଦ୍ୱାରା ପାଞ୍ଚ ମାସର ବ୍ୟାପକ କ୍ଷେତ୍ର କାର୍ଯ୍ୟ ଉପରେ ଆଧାରିତ । ଓସିଓ ଫେଲୋସିପ୍ କାର୍ଯ୍ୟକ୍ରମ ୨୦୨୪ -୨୫ ଏକ ବହୁବିଷୟକ ଦଳକୁ ଏକତ୍ରିତ କରିଛି ଯେଉଁଥିରେ ଅନ୍ତର୍ଭୁକ୍ତ ଅଛନ୍ତି ଗବେଷଣା ଫେଲୋ୍‌ କୈଲାଶ ସର୍ଦାର ଓ ସତ୍ୟଭାମା ମାଝୀ, ଆର୍କାଇଭିଷ୍ଟ ଫେଲୋ କୀର୍ତ୍ତି କୁମାରୀ, ଶିବଦାସ୍ ସେନ୍ ଗୁପ୍ତଙ୍କ ବିଶେଷଜ୍ଞ କ୍ୟୁରେସନ ଅଧୀନରେ ଏହା କରାଯାଇଛି । ସେମାନଙ୍କ ସମ୍ପୂର୍ଣ୍ଣ ଗବେଷଣା ଓଡ଼ିଶାର କଂସା ଶିଳ୍ପ ପରମ୍ପରାର ସବୁଠାରୁ ବ୍ୟାପକ ସମସାମୟିକ ଦସ୍ତାବେଜୀକରଣ ସୃଷ୍ଟି କରିଛି । ଏହି ଗବେଷଣାତ୍ମକ ପୁସ୍ତକ ଗବେଷକ, ନୀତି ନିର୍ମାତା, କାରିଗର, ଓ ସାଂସ୍କୃତିକ ଉତ୍ସାହୀଙ୍କ ପାଇଁ ଏକ ମୂଲ୍ୟବାନ ସମ୍ପଦ ଭାବରେ ସେବା କରିବ ବୋଲି ଆଶା କରାଯାଉଛି । ଏହି ଦସ୍ତାବେଜୀକରଣ ସ୍ଥାନୀୟ ଓ ବିଶ୍ୱବ୍ୟାପୀ ଉଭୟ ସ୍ତରରେ ଓଡ଼ିଶାର ଶିଳ୍ପ ଐତିହ୍ୟ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛି, ଯାହା ଏହି ପ୍ରାଚୀନ ପରମ୍ପରାଗୁଡ଼ିକର ସଂରକ୍ଷଣ ଓ ପୁନର୍ଜୀବନରେ ଅବଦାନ ରଖିବ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

## ଲେଡି କେୟାର ଟେକର ନିଖୋଜ ମାମଲାର ପର୍ଦ୍ଦାଫାସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବ୍ଲାଇଣ୍ଡ ମର୍ଡର କେଶକୁ ସମାଧାନ କଲା କମିସନରେଟ ପୋଲିସ । ଭରତପୁର ଥାନା ଅଞ୍ଚଳରେ ଜଣେ ଲେଡି କେୟାର ଟେକର ନିଖୋଜ ମାମଲା କରିଥିଲେ । ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା ପୋଲିସ । ପରିବାର ଲୋକେ, ଡିଜିଟାଲ ତଥ୍ୟ, ସିସିଟିଭି ଫୁଟେଜକୁ ଖୋଜା ଖୋଜି ଆରମ୍ଭ କରିଥିଲୁ । ୫ତାରିଖରେ ଖୋର୍ଦ୍ଧା ଅଞ୍ଚଳରୁ ମୃତଦେହକୁ ଜବତ କଲୁ । ଦେବାଶିଷ ବିଶୋଇକୁ ପୋଲିସ ଗିରଫ କରିଥିଲେ । ଦେବାଶିଷ ମୃତକଙ୍କୁ ବାଇକରେ ବସେଇ ନେଇଯାଇଥିଲା । ଯେଉଁଦିନ ନେଇଥିଲା ସେହିଦିନ ହତ୍ୟା କରିଦେଇଥିବା ପୋଲିସ ଆଗରେ ମାଲିଥିଲା । ମୃତକଙ୍କ ଫୋନକୁ ଦୁଇ ମାସର ଥରେ ଥରେ ଅନ୍ କରୁଥିଲା । ସେଥିପାଇଁ ପୋଲିସ ମିସିଙ୍ଗ କେଶ ରୁଜୁ କରି ଖୋଜୁଥିଲା । ଅଭିଯୁକ୍ତକୁ ଧରିବା ପରେ ସେ ଝିଅକୁ ହତ୍ୟା କରି ଖୋର୍ଦ୍ଧା ଅଞ୍ଚଳରେ ଫିଙ୍ଗି ଦେଇଥିଲା । ମୃତକଙ୍କ ମୋବାଇଲ, ତାଙ୍କ ଭାଇ ମୋବାଇଲ, ମୃତକଙ୍କ ସମସ୍ତ ଜିନିଷ ଅଭିଯୁକ୍ତ ନିକଟରୁ ମିଳିଥିଲା । ତଣ୍ଟି ଚିପି ହତ୍ୟା କରିଥିଲା ଅଭିଯୁକ୍ତ ବୋଲି ସୂଚନା ଦେଇଛନ୍ତି ପୋଲିସ କମିଶନର ।

## ଏଫ୍‌ଏମ୍ ଦ୍ୱାରା ଟ୍ରାଫିକ ଅପଡେଟ୍ ଦେବ କମିସନରେଟ ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏଫ୍‌ଏମ୍ ଦ୍ୱାରା ଟ୍ରାଫିକ ଅପଡେଟ୍ ଦେବ କମିସନରେଟ ପୋଲିସ । ସମସ୍ତ ଏଫଏମ ଚ୍ୟାନେଲ ଶହ କଥା ହୋଇଛି କମିସନରେଟ ପୋଲିସ । ଟ୍ରାଫିକ ପୋଲିସ ସହ ସେମାନେ ମିଶିକି କାମ କରିବେ । ଆଗରୁ ଏହିଭଳି ଏଫ୍‌ଏମ୍ ଦ୍ୱାରା ସୂଚନା ଦିଆଯାଉଥିଲା । ତାହା ଡ଼ିସକଣ୍ଟିନ୍ୟୁ ହେଇଥିଲା । କିନ୍ତୁ ଏହାକୁ ପୁଣିଥରେ ଆରମ୍ଭ କରିଛି କମିସନରେଟ ପୋଲିସ । ଟ୍ରାଫିକ ପରିଚାଳନାକୁ ସୁଦୃଢ କରିବା ପାଇଁ ଏଭଳି ପଦକ୍ଷେପ ନେଇଛି ପୋଲିସ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ।

## କଟକ ଜିଲ୍ଲା ପରିଷଦର ଏକାଦଶତମ ବୈଠକ




କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ପରିଷଦର ଏକାଦଶତମ ବୈଠକ ଜିଲ୍ଲା ପରିଷଦ ସଭାପତି ଶ୍ରୀ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏଥରେ ଜଳ ନିଷ୍କାସନ ନିମନ୍ତେ ପ୍ରସ୍ତାବିତ ଡ୍ରେନେଜ ନବୀକରଣ, ସର୍ଭେ ତଥା ନୂତନ ନଳକୂପ ଖନନ ଓ ସ୍ଥାନାନ୍ତର ସହ ବଡ଼ମ୍ବା, ନରସିଂହପୁର, ଆଠଗଡ଼ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଖଣି ଖାଦାନରୁ ନିର୍ଦ୍ଧିଷ୍ଟ ଟିକସ ବ୍ୟବସ୍ଥା, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଂଚଳର ବିକାଶ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସହ ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ସମଗ୍ର ଜିଲ୍ଲାର ବିଭିନ୍ନ ଅଂଚଳରେ ଦେଖାଦେଉଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବୀ ଡ଼ାକ୍ତର ଓ ଚିକିତ୍ସା ଜନିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ଓ ପ୍ରସ୍ତାବିତ କାର୍ଯ୍ୟର ସ୍ଥିତି ଅଗ୍ରଗତି ଉପରେ ଉପସ୍ଥିତ ବିଧାୟକ ଓ ଅନ୍ୟାନ୍ୟ ଜନ ପ୍ରତିନିଧିମାନେ ସମୀକ୍ଷା କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ବୈଠକରେ ମତ ରଖିଥିଲେ। ସେହିପରି ନିର୍ଦ୍ଦିଷ୍ଟ ସମୟରେ ଟେଣ୍ଡର ପ୍ରକିୟା ସହ ସମସ୍ତ କାର୍ଯ୍ୟ ଶେଷ କରିବା, ନୂତନ ରାସ୍ତା ନିର୍ମାଣ ଓ ମରାମତି, ବିଭିନ୍ନ ଅଂଚଳରେ ଆବଶ୍ୟକ ଅନୁଯାୟୀ ବିଭିନ୍ନ କାର୍ଯ୍ୟ ନିମନ୍ତେ ବିଧାୟକ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତାବ ଉପସ୍ଥାପନା କରିବା ଉପରେ ଗୁରୁତ୍ୱ ଦେଇ ପଂଚାୟତ ଓ ବ୍ଲକ ମାନଙ୍କରେ ଚାଲୁ ରହିଥିବା ସମସ୍ତ କାର୍ଯ୍ୟର ସ୍ଥିତି ପରଖି କାର୍ଯ୍ୟାନୁଷ୍ଠନ ଗ୍ରହଣ ଉପରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ-ସଦର ବିଧାୟକ, ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ସମସ୍ତ ବିଷୟରେ ଆଲୋଚନା ପୂର୍ବକ ସମୀକ୍ଷା କରିଥିଲେ । ବୈଠକର ମିଶନ ଶକ୍ତି ଅନ୍ତର୍ଗତ ଆଇସିଡିଏସ ପ୍ରକଳ୍ପ, ଋଣ ପ୍ରଦାନ ବ୍ୟବସ୍ଥାରେ ସୁଧାର, ଲଖପତି ଦିଦି, ସୁଭଦ୍ରା ଯୋଜନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ହିତାଧିକାରୀ ଓ ଋଣ ପ୍ରଦାନ ବ୍ୟବସ୍ଥା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକକୁ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେ ସଂଯୋଜନା କରିଥିଲେ । ବୈଠକରେ କଟକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଅନ୍ୟତମ ଜନ ପ୍ରତିନିଧି ରାମନାରାୟଣ ମହାନ୍ତି, ଷ୍ଟାଣ୍ଡିଂ କମିଟି ଅଧକ୍ଷ ଆଶିଷ କୁମାର ସାହୁ, ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୭ରେ ସ୍ୱତନ୍ତ୍ର ଓଟିଇଟି, ୧୭ରୁ ଆଡ୍‌ମିଟ୍ କାର୍ଡ

କଟକ(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷ୍ୟା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷ୍ୟା ଆସନ୍ତା ସେପ୍ଟେମ୍ବର ୨୭ ତାରିଖରେ ଅନୁଷ୍ଠିତ ହେବ। ବୋର୍ଡ ପକ୍ଷରୁ ଏନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ଦୁଇଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପେପର -୧ ପରୀକ୍ଷା ଏବଂ ଅପରାହ୍ନ ୨ଟାରୁ ଅପରାହ୍ନ ୪ଟା ଯାଏ ପେପର -୨ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡମିଟ କାର୍ଡ ଆଗାମୀ ୧୭ ତାରିଖରୁ ବୋର୍ଡ ୱେବସାଇଟ www.bseodisha.ac.inରେ ଉପଲବ୍ଧ ହେବ। ମାତ୍ର ପରୀକ୍ଷା କେନ୍ଦ୍ରଗୁଡିକ ଅପରିବର୍ତ୍ତିତ ରହିଛି। ସ୍ଥଗିତ ଥିବା ଗତ ଜୁଲାଇ ୧୯ ତାରିଖ ଓଟିଇଟି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ତାଲିକା ଅନୁଯାୟୀ ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ୭ବାଇକ୍ ଜବତ, ୪ ଲୁଟେରା ଗିରଫ

କଟକ (ଭାସ୍କର ନ୍ୟୁଜ୍): ସିଆରଆରଆଇ ପୋଲିସ ଏକ ପେଶାଦାର ମୋଟର୍ ସାଇକେଲ ଲୁଟେରା ଦଳକୁ ଗିରଫ କରିଥିବା ଜଣାପଡିଛି। ଗିରଫ ଲୁଟେରାଙ୍କ ନିକଟରୁ ପୁଲିସ ୭ଟି ଚୋରି ମୋଟର୍ ସାଇକେଲ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନେହେରୁ ପଲ୍ଲୀର କାଠିଆ ଓରଫ ସତ୍ୟ ସନାତନ ନାୟକ(୨୫),ଦେବୁ ଓରଫ ଦେବାଶିଷ ଦାସ(୨୩), ଗୌତମନଗର ଅକାଶ ନାୟକ (୨୨), ବିଦ୍ୟାଧରପୁରର ସରୋଜ ପାଲ (୨୫)। ଶନିବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଥିବା କଟକ ଡିସିପି ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କଳିକତାର ମୂଳବାସିନ୍ଦା ସିଆରଆରଆଇ ହାଉସିଙ୍ଗ ବୋର୍ଡ କଲୋନୀରେ ରହୁଥିବା ଆକ୍ରମ ଖାଁଙ୍କ ମୋଟରସାଇକେଲ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଆକ୍ରମ କରିଥିବା ଅଭିଯୋଗରେ ତାଙ୍କ ଭଡାଘର ସମ୍ମୁଖରୁ ମୋଟରସାଇକେଲ ଚୋରି ହୋଇଥିବା ଉଲ୍ଲେଖ କରିଥିଲେ।

## ରଥଯାତ୍ରା ବେଳେ ପାସ୍ ବଣ୍ଟନକୁ ନେଇ ବର୍ଷିଲା କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସ ଭବନଠାରେ କଂଗ୍ରେସ ମିଡ଼ିଆ ସେଲ ପକ୍ଷରୁ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ଦଳୀୟ ମୁଖପାତ୍ର ଜୟଶ୍ରୀ ପାତ୍ର ରଥଯାତ୍ରା ପାସ ବଂଟନ ଅବ୍ୟବସ୍ଥା ଉପରେ ଗମ୍ଭୀର ତଥ୍ୟ ଉପସ୍ଥାପନା କରିଛନ୍ତି । ମୁଖପାତ୍ର ଶ୍ରୀମତୀ ପାତ୍ର କହିଛନ୍ତି, ଗତ ୨୦୨୫ ରଥଯାତ୍ରା ସମ୍ପର୍କରେ ଅତି ଗୁରୁତ୍ୱପୂର୍ଣ୍ଣ ଆରଟିଆଇ ତଥ୍ୟ ଅନୁସାରେ କର୍ଡନ ପାସ ୨୫୦୦, ଅନ୍ୟାନ୍ୟ ୨୨,୫୦୦ ସମୁଦାୟ ୨୪,୩୫୦ ପାସ ବଣ୍ଟନ କରା ଯାଇଥିଲା ଯାହା ତା ପୂର୍ବ ବିଜେଡି ସରକାର ବାଣ୍ଟିଥିବା ୫୦୦୦ ପାସରୁ ପ୍ରାୟ ପାଞ୍ଚଗୁଣ ଅଧିକ । ଏତେ ସଂଖ୍ୟାରେ ଭିଆଇପି ପାସ ବଣ୍ଟନ କାହା ସ୍ୱାର୍ଥ ସାଧନ ପାଇଁ କରାଯାଇଥିଲା, ଯେତେବେଳେ କି ସାଧାରଣ ଜନତା ଦର୍ଶନ ପାଇଁ ହନ୍ତସନ୍ତ ହେବାକୁ ପଡିଲା ବୋଲି ଶ୍ରୀମତୀ ପାତ୍ର ଆଇନ ମନ୍ତ୍ରୀଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି । ପିସିସିର ଅନ୍ୟତମ ବରିଷ୍ଠ ମୁଖପାତ୍ର ଲଲାଟେନ୍ଦୁ ଦାସ ଶ୍ରୀମନ୍ଦିର ଖଣି ଖାଦାନର କିପରି ଦିନ ଦ୍ୱିପ୍ରହରରେ ହରିଲୁଟ ହେଉଛି ଏହା ଉପରେ ଚାଞ୍ଚଲ୍ୟକର ତଥ୍ୟ ପରିବେଷଣ କରିଥିଲେ, ସାରା ଭାରତ ବର୍ଷରେ ମହାପ୍ରଭୁଙ୍କ ୬୨ ହଜାର କୋଟି ଟଙ୍କାର ସମ୍ପତ୍ତି ଅଛି ଏବଂ ସେଥିମଧ୍ୟରୁ ଓଡ଼ିଶାରେ ୩୮ ହଜାର କୋଟି ଟଙ୍କାର ସମ୍ପତ୍ତି ଥିବା ସମସ୍ତେ ଜାଣିଛନ୍ତି। ତେବେ ଓଡ଼ିଶାରେ ଥିବା ସମ୍ପତ୍ତିର ପ୍ରାୟ ୩୦% କେବଳ ଖୋର୍ଦ୍ଧା ଏବଂ ପୁରୀରେ ଅଛି ବୋଲି ପ୍ରକାଶ କରିଛନ୍ତି । ମହାପ୍ରଭୁଙ୍କ ସମ୍ପତି ଆଇନ ମନ୍ତ୍ରୀଙ୍କ ପରିବାର ଦଖଲରେ ଅଛି ବୋଲି ଆଇନ ମନ୍ତ୍ରୀ କୁହନ୍ତୁ ଅଥବା ପରିବାର ଦଖଲରେ ନାହିଁ ବୋଲି ଏକ ସତ୍ୟପାଠ ଦାଖଲ କରନ୍ତୁ ବୋଲି ମୁଖପାତ୍ର ଶ୍ରୀ ଦାସ ଆଇନ ମନ୍ତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଜିଏସଟି ଉପରେ ନିଜ ଅଭିମତ ରଖିଥିଲେ। ଏଥିରେ ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ, ମୁଖପାତ୍ର ରଜନୀ ମହାନ୍ତି, ଲଲାଟେନ୍ଦୁ ଦାସ, ନଳିନୀକାନ୍ତ ନାୟକ ମଧ ଉପସ୍ଥିତ ଥିଲେ ।


### ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

## ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତରେ ଦର୍ଶକ ବିମୋହିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଆୟୋଜିତ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଖ୍ୟାତାନାମା ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ କୁମାର ମାର୍ଦୁରଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଏବଂ ପ୍ରସିଦ୍ଧ କର୍ଣ୍ଣାଟକୀ ମାଣ୍ଡୋଲିନ୍ ବାଦକ ଯୋଡ଼ି ୟୁପି ରାଜୁ ଏବଂ ୟୁ ନାଗାମଣିଙ୍କ ଦ୍ୱାରା ମାଣ୍ଡୋଲିନ୍ ବାଦନ ଉପସ୍ଥାପନ ରବୀନ୍ଦ୍ର ମଣ୍ଡପରେ ଦେଖିବାକୁ ମିଳିଥିଲା । ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଫସଫେଟ୍ସ ଲିମିଟେଡର କର୍ପୋରେଟ୍ ବ୍ୟାପାରମୁଖ୍ୟ ସୁଧୀ ରଞ୍ଜନ ମିଶ୍ର, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅପରେସନ୍ ନିର୍ଦ୍ଦେଶକଶ୍ରୀଯୁକ୍ତ ସ୍ୱାମୀ ସତ୍ୟଚୈତନ୍ୟ, ବିଶିଷ୍ଟ ଗାୟକବାବୁ ପାଣିଗ୍ରାହୀଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମଟି ଧାରୱାଡର ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ କୁମାର ମାର୍ଦୁରଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣରୁ ଆରମ୍ଭ ହୋଇଥିଲା । ଯାହାଙ୍କ ସଂଗୀତରେ ଖୟାଲ, ଠୁମରୀ, ଦାଦ୍ରା, ଭଜନ, କନ୍ନଡ ଦାସ ସାହିତ୍ୟ ଏବଂ ଭବଗୀତ ସହିତ ବୈଷୟିକ ସଠିକତା ଏବଂ ସୁରଳ ଅଭିବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲା । ଦ୍ୱିତୀୟ ସନ୍ଧ୍ୟାରେ ପ୍ରସିଦ୍ଧ କର୍ଣ୍ଣାଟକୀ ମାଣ୍ଡୋଲିନ୍ ଯୋଡ଼ି, ମାଣ୍ଡୋଲିନ୍ ୟୁପି ରାଜୁ ଏବଂ ୟୁ ନାଗାମଣିଙ୍କ ଦ୍ୱାରା ମାଣ୍ଡୋଲିନ୍ ବାଦନ ପରିବେଷିତ ହୋଇଥିଲା । ସେମାନଙ୍କ ରାଗ ଓ ତାଳର ସୂକ୍ଷ୍ମ ବୋଧଗମ୍ୟତା ସୁମଧୁର ବାର୍ତ୍ତାଳାପକୁ ଯୋଡ଼ିବା ସହିତ ଶୁଦ୍ଧ ସଙ୍ଗୀତର ସାମଞ୍ଜସ୍ୟର ମୁହୂର୍ତ୍ତ ସୃଷ୍ଟି କରିଥିଲା। ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀଦେବୀପ୍ରସାଦ ମିଶ୍ର କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ ।

ଓଡ଼ିଶା ଭାସ୍କର
ଦୃଷ୍ଟିପାତ



" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ



# ଭିଞ୍ଚିଙ୍କ ଠାରୁ ଗେଟ୍ସଙ୍କ ପର୍ଯ୍ୟନ୍ତ : ୨୭୧ କୋଟି ଟଙ୍କା



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

୧୯୯୪ ମସିହା ନଭମ୍ବର ମାସ ୧୧ ତାରିଖ। ନ୍ୟୁୟର୍କ ସହରରେ ନିଲାମ ହେଉଥାଏ ଗୋଟିଏ ବହି। ମାତ୍ର ବାସ୍ତରୀ ପୃଷ୍ଠାର ସେ ବହିର ମୂଲ୍ୟ ନିଲାମ ଡାକରାରେ ଉପରକୁ ଲମ୍ଫପ୍ରଦାନ କରି ଚାଲିଥାଏ। ଶେଷରେ ବହିର ଦାମ ୩୦.୮ ନିୟୁତ ଡଲାରରେ, ଭାରତୀୟ ମୁଦ୍ରାରେ ୨୭୧.୫୧ କୋଟି ଟଙ୍କାରେ ଅଟକିଲା। ନିଲାମିରେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ ନକରି ଟେଲିଫୋନ ମାଧ୍ୟମରେ କ୍ରେତା ବହିଟିକୁ ସର୍ବୋଚ୍ଚ ଦାମ୍ ଦେଇ କିଣି ନେଇଗଲେ। ସେ ଜାଣିଥିଲେ ଟଙ୍କାର ପାହାଡ଼ ଦିନେ ସେ ଚଢ଼ିପାରିବେ କିନ୍ତୁ ସେ ବହିଟି ଆଉ ମିଳିବନି। ଏହା ଆଜି ପର୍ଯ୍ୟନ୍ତ ପୃଥିବୀରେ ସର୍ବାଧିକ ମୂଲ୍ୟରେ ନିଲାମ ହୋଇଥିବା ପାଣ୍ଡୁଲିପି। ପୃଥିବୀର ଅମୂଲ୍ୟସମ୍ପଦ ଭିତରେ ଅନ୍ୟତମ ଥିଲା ସେହି ପାଞ୍ଚଶହ ବର୍ଷର ବହିଟି। 'ଦି କୋଡେକ୍ସ୍ ଲେଷ୍ଟ୍ (The Codex Leicester)'। ପୃଥିବୀମାତା କୋଳରେ ଅତି ଅଳ୍ପ ସଂଖ୍ୟାରେ ଜନ୍ମୁଥିବା ବିରଳ ପ୍ରତିଭାର ଅଧିକାରୀ ପ୍ରଜ୍ଞପୁରୁଷ ଅସାଧାରଣ ଧୀସମ୍ପନ୍ନ ଇଟାଲୀୟ ଦାର୍ଶନିକ ଲିଓନାର୍ଦୋ ଦା ଭିଞ୍ଚି। ଭିଞ୍ଚିଙ୍କର କୃତୀ ଅଦ୍ୟାବଧି ରହସ୍ୟମୟ। ଦୀର୍ଘ ପାଞ୍ଚଶହ ବର୍ଷଧରି ଅଧୁନାତନ ମଣିଷ ତାଙ୍କ ଲେଖା ଓ ଚିତ୍ରକୁ ବୁଝିବାକୁ ଅସଫଳ।

ପ୍ରଜ୍ଞାର ପ୍ରତୀକ ଲିଓନାର୍ଦୋ ଦା ଭିଞ୍ଚି ପୃଥିବୀର ପ୍ରଥମ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି କୁହାଯାଏ। ଏକାଧାରରେ ସେ ଜଣେ ଇଞ୍ଜିନୟର, ଚିତ୍ରକର, ସ୍ଥପତି, ଗଣିତଜ୍ଞ, ଲେଖକ, ଦାର୍ଶନିକ, ଆବିଷ୍କାରକ ଏବଂ ମାନସିକ ଚିନ୍ତକ। ଶୁଣାଯାଏ ସେ ଉଭୟହାତରେ ଲେଖି ପାରୁଥିଲେ। ଏସବୁର ଊର୍ଦ୍ଧ୍ୱରେ ଥିଲା ସମସ୍ତଙ୍କୁ ଚକିତ କଲା ପରି ଏକ ଗୁଣ। ସେ ଉଭୟ ହାତରେ ସମାନ ଭାବରେ ଲେଖି ପାରୁଥିଲେ। ସେତିକି ନୁହେଁ। ଗୋଟିଏ ହାତରେ ଲେଖିଲା ବେଳେ ଅନ୍ୟ ହାତରେ ଚିତ୍ର ଆଙ୍କି ପାରୁଥିଲେ। ଲିଓନାର୍ଦୋ ଦା ଭିଞ୍ଚିଙ୍କ ଜନ୍ମ ବଡ଼ ରହସ୍ୟମୟ। ଅସାଧାରଣ ପ୍ରତିଭାଶାଳୀ ଭିଞ୍ଚି୧୪୫୨ ମସିହା ଏପ୍ରିଲ ମାସ ୧୫ ତାରିଖରେ ଇଟାଲୀର ଭିଞ୍ଚି ନାମକ ଛୋଟ ଗାଁରେ ହୋଇଥିଲା। ପରମ୍ପରା ଅନୁସାରେ ତାଙ୍କ ବଂଶର ସମସ୍ତଙ୍କର ଉପନାମ ଭିଞ୍ଚି ରହୁଥିଲା। ଐତିହାସିକମାନେ ଭିନ୍ନଭିନ୍ନ ମହିଳାଙ୍କୁ ତାଙ୍କର ମା' ବୋଲି କହନ୍ତି। ଶେଷରେ ୨୦୧୭ ମସିହାରେ ଭିଞ୍ଚିଙ୍କ ଉପରେ ଗବେଷଣା କରୁଥିବା ମାର୍ଟିନ୍ କେମ୍ପ୍ ତାଙ୍କ ମା'ଙ୍କର ପରିଚୟ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଦୂର କରି କହିଛନ୍ତି ଯେ ଭିଞ୍ଚି ଗାଁ' ଠାରୁ ଅଳ୍ପ ଦୂରରେ ଗୋଟେ ଫାର୍ମ ହାଉସ୍‌ରେ ରହୁଥିବା ଗୋଟିଏ ଅନାଥ ଝିଅ କେଟରିନା ଦି ମିଓ ଲିପ୍ପି।

ଭିଞ୍ଚିଙ୍କର ପିତା ପିଏରୋ ଫ୍ରୁସିନୋ ଦି ଅନ୍ତୋନିଓ ଦା ଭିଞ୍ଚି ଜଣେ ପ୍ରତିଷ୍ଠିତ ଓକିଲ ଥିଲେ। କୁମାରୀ ମା' ସମାଜ ଭୟରେ ଅବୈଧ ସନ୍ତାନକୁ ଗ୍ରହଣ କରି ନପାରି ଛାଡ଼ି ଦେଇ ଚାଲି ଯାଇଥିଲେ। ମାତୃପରିତ୍ୟକ୍ତ ପୁତ୍ରକୁ ପିତା ନିଜ ପାଖରେ ରଖିଥିଲେ ମଧ୍ୟ ଲୋକଲଜ୍ଜା ଭୟରେ ନିଜର ନାମ ଦେଇ ପାରି ନ ଥିଲେ ମଧ୍ୟ ପୁଅର ଦାୟିତ୍ୱ ପ୍ରଚ୍ଛନ୍ନ ଭାବରେ ନେଇଥିଲେ। ତେଣୁ ବାଳକ ଲିଓନାର୍ଦୋ ପିଲାଦିନେ ପିତୃମାତୃସୁଖରୁ ବଞ୍ଚିତ ହୋଇଥିଲେ। ଏପରିକି ସେ ଶିକ୍ଷା ଲାଭ କରି ପାରି ନଥିଲେ। କିନ୍ତୁ ତାଙ୍କର ଦାଦା ତାଙ୍କୁ ଅତି ଭଲ ପାଉଥିଲେ ଏବଂ ନିଜେ ତାଙ୍କର ପଢ଼ାର ଦାୟିତ୍ୱ ନେଇଥିଲେ। ଗଣିତ, ବିଜ୍ଞାନ ପଢ଼ାଇବା ସହିତ ପ୍ରକୃତି ପ୍ରେମୀ ଦାଦା ଲିଓନାର୍ଦୋଙ୍କୁ ପ୍ରକୃତିକୁ ଭଲ ପାଇବା ଶିଖାଇଥିଲେ। ଲିଓନାର୍ଦୋ କେବଳ ପ୍ରକୃତିକୁ ଭଲ ପାଉ ନ ଥିଲେ। ପ୍ରକୃତିକୁ ନିରୀକ୍ଷଣ କରୁଥିଲେ ଯାହା ତାଙ୍କର ମସ୍ତିଷ୍କ ଉପରେ ପ୍ରଭାବ ପକାଇ ଜ୍ଞାନର ପରିସୀମାକୁ ବିସ୍ତାର କରିଥିଲା। ବୃକ୍ଷଲତା, ପଶୁପକ୍ଷୀ, ନଦୀନିର୍ଝରକୁ ସେ ଦେଖୁଥିଲେ, ସେସବୁର ଚିତ୍ର ଆଙ୍କୁଥିଲେ ଆଉ ବୁଝିବାକୁ ଚେଷ୍ଟା କରୁଥିଲେ। ପ୍ରକୃତି ତାଙ୍କର ବନ୍ଧୁ ଏବଂ ଗୁରୁ ଥିଲା। ସେ ଜ୍ଞାନ ତାଙ୍କର ଲେଖାରେ ପ୍ରକାଶ ପାଇଥିଲା। ଚିତ୍ରାଙ୍କନରେ ତାଙ୍କର ପ୍ରବଳ ଆଗ୍ରହ ଦେଖି ବାପା ତାଙ୍କୁ ଯେତେବେଳେ ଚଉଦବର୍ଷ ସେତେବେଳେ ଫ୍ଲୋରେନ୍ସ ସହରର ମହାନ୍ ଚିତ୍ରଶିଳ୍ପୀଙ୍କ ପାଖକୁ ପଠେଇ ଦେଲେ।

**ମୁଦ୍ରା କାହାଣୀ**

ସେଠାରେ ସେ ଚିତ୍ରାଙ୍କନ ସହିତ ପଥର ଓ ଧାତୁରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ତିଆରି ଶିଖିଲେ। ଭିଞ୍ଚିଙ୍କର କାଳଜୟୀ ସୃଷ୍ଟି ମୋନାଲିସାର ଚିତ୍ର ପୃଥିବୀ ପ୍ରସିଦ୍ଧ। ମୋନାଲିସାର ଲାସ୍ୟମୟୀ ହସର ରହସ୍ୟ ଆଜି ପର୍ଯ୍ୟନ୍ତ ଉନ୍ମୋଚିତ ହୋଇପାରିନି।

ନିଜର ଛାତ୍ର ବିଶେଷ କରି ସାଲାଇଙ୍କ ସହିତ ଲିଓନାର୍ଦୋ ଭିଞ୍ଚିଙ୍କର ସମଲିଙ୍ଗୀ ସମ୍ପର୍କ ରହିଥିବାର ଜଣାପଡ଼େ। ସେତେବେଳର ଇଟାଲୀୟ ସମାଜରେ ସମଲିଙ୍ଗୀ ସମ୍ପର୍କ ଅପରାଧ ଭାବରେ ଧାରାଯାଉଥିଲା। ଭିଞ୍ଚିଙ୍କୁ ସେଥିପାଇଁ କାରାଦଣ୍ଡରେ ଦଣ୍ଡିତ କରାଗଲା। ତାଙ୍କର ପିତା କେବଳ ଜଣେ ଭଲ ଓକିଲ ନ ଥିଲେ। ତାଙ୍କର ଭଲ ରାଜନୈତିକ ପ୍ରଭାବ ମଧ୍ୟ ଥିଲା। ସେ ଭିଞ୍ଚିଙ୍କୁ ମୁକୁଲାଇ ଆଣିଲେ। ହେଲେ ଅପବାଦ ତାଙ୍କ ଉପରେ ସାମାଜିକ ଏବଂ ମାନସିକ ଚାପ ସୃଷ୍ଟି କଲା। ସେସବୁ ସହ୍ୟ ନ କରି ପାରି ସେ ସମାଜ ଠାରୁ ଦୂରେଇ ଗଲେ। ୧୪୭୬ରୁ ୧୪୭୮ -ଏହି ଦୁଇବର୍ଷ ସେ କେଉଁଠି ରହିଲେ, କ'ଣ କରୁଥିଲେ ତାହା ଆଜି ପର୍ଯ୍ୟନ୍ତ ଅଜ୍ଞାତ ହୋଇ ରହିଛି। ଦୁଇବର୍ଷ ପରେ ଫେରିଲା ବେଳକୁ ଦା' ଭିଞ୍ଚି ସଂପୂର୍ଣ୍ଣ ବଦଳି ଯାଇଥିଲେ। ପରିବର୍ତ୍ତନ ଅସାଧାରଣ ଥିଲା। ସେ କୌଣସି ଅତିମାନବୀୟ ଶକ୍ତି ବା ପୃଥିବୀ ବାହାରର ବାସିନ୍ଦାଙ୍କ ପାଖରେ ଦୁଇବର୍ଷ ରହି ଆସୁଛନ୍ତି ବୋଲି ଚର୍ଚ୍ଚା ହେଲା।

ଦା ଭିଞ୍ଚିଙ୍କ ସ୍ୱହସ୍ତଲିଖିତ ଏହି ବହିଟିରେ କେବଳ ଅକ୍ଷରରେ ସିଧାସିଧା ସବୁ ଲେଖା ଯାଇନି। ଅଠରଟି ବଡ଼ କାଗଜଫର୍ଦ୍ଦରେ ଇଟାଲୀୟ ଭାଷାରେ ମିରର ରାଇଟିଙ୍ଗରେ (ଡାହାଣରୁ ବାମକୁ ବା ଓଲଟା) ବିଭିନ୍ନବିଷୟ ଉପରେ ଲେଖା ସହିତ ସେସବୁକୁ ବୁଝେଇବା ପାଇଁ ବହୁ ରେଖାଚିତ୍ର ଓ ଚିତ୍ର ଦିଆ ଯାଇଛି। ମୂଳ ପାଣ୍ଡୁଲିପିର ପ୍ରତିଟି ପୃଷ୍ଠାକୁ ମଝିରୁ ମୋଡ଼ି ଅଧା କରାଯାଇଛି। ସମୁଦାୟ ୭୨ ପୃଷ୍ଠାର ବହିରେ ଭିଞ୍ଚି ସମୁଦ୍ରଗର୍ଭରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ପ୍ରକୃତିକୁ ନିରୀକ୍ଷଣ କରି ତା'ଉପରେ ଗଭୀରଭାବରେ ଚିନ୍ତା କରି ଅନେକ ତଥ୍ୟ ଲେଖିଛନ୍ତି। ପାଣ୍ଡୁଲିପିର ମୁଖ୍ୟ ବିଷୟ ଜଳର ଗତି। ନଦୀଜଳର ଗତିକୁ ଅନୁଧ୍ୟାନ କରି ବିଭିନ୍ନ ଅବରୋଧ ଏହାର ଗତିପଥକୁ କିପରି ପ୍ରଭାବିତ କରନ୍ତି ସେ ତାହା ଲେଖିଥିଲେ। ତାକୁ ଧରି ମୃତ୍ତିକାକ୍ଷୟ ଏବଂ ପୋଲନିର୍ମାଣ ଉପରେ ସେ ନିଜର ମତ ରଖିଥିଲେ। ସମୁଦ୍ରଶଯ୍ୟା ପାହାଡ଼ରେ ଗଠିତ ଏବଂ କାଳକ୍ରମେ ସେସବୁ ସ୍ଥଳଭାଗ ଉପରକୁ ଉଠି ପାହାଡ଼ରେ ପରିଣତ ହେଲେ ବୋଲି ସେ ବିଶ୍ୱାସ କରୁଥିଲେ। ଜର୍ମାନୀ ଜ୍ୟୋତିର୍ବିଦ ଜୋହାନ୍ସ୍ କେପ୍‌ଲାର୍ ମହାକାଶରେ ଗ୍ରହମାନେ ଆଲୋକିତ ହେବାର କାରଣ ପ୍ରମାଣିତ କରିବାର ଶହେବର୍ଷ ପୂର୍ବରୁ ଆକାଶରେ ଚନ୍ଦ୍ରକୁ ଦେଖି ଭିଞ୍ଚି ଭାବୁଥିଲେ ଚନ୍ଦ୍ରପୃଷ୍ଠ ପାଣିରେ ଆଚ୍ଛାଦିତ ହୋଇଥିବାରୁ ତା' ଉପରେ ସୂର୍ଯ୍ୟକିରଣ ପଡି ପ୍ରତିଫଳିତ ହୋଇ ଚତୁର୍ଦ୍ଦିଗକୁ ବିଛୁରି ଯାଉଥିବାରୁ ଚନ୍ଦ୍ର ଆଲୋକିତ ହେଉଥିଲେ ମଧ୍ୟ ସୂର୍ଯ୍ୟପରି ଉଜ୍ଜ୍ୱଳ ନୁହେଁ। ଅର୍ଦ୍ଧଚନ୍ଦ୍ରର ଅନ୍ଧାର ଅଂଶରେ ଦେଖାଯାଉଥିବା ଝାପ୍‌ସା ଆଲୋକ ପୃଥିବୀରୁ ପ୍ରତିଫଳିତ ହେଉଥିବା ସୂର୍ଯ୍ୟକିରଣ ଦ୍ୱାରା ସୃଷ୍ଟି ବୋଲି ସେ କହିଥିଲେ।

୧୫୦୪ରୁ ୧୫୧୦ ଭିତରେ ଲେଖାଯାଇଥିବା ମୂଳ ପାଣ୍ଡୁଲିପିର କୌଣସି ନାମ ନ ଥିବାର ଜଣାଯାଏ। ବିଭିନ୍ନ ସମୟରେ ଏହା ସହ ଭିନ୍ନଭିନ୍ନ ଲୋକଙ୍କ ପାଖରେ ରହିଥିଲା। ୧୭୧୯ ମସିହାରେ ଇଂଲଣ୍ଡର ଅର୍ଲ ଅଫ ଲେଷ୍ଟ ଥୋମାସ କୋକ ଏହାକୁ ଜୁଜେପୀ ଗେଜ୍‌ଜିଙ୍କ ଠାରୁ କିଣିବା ପରେ ନିଜ ନାମ ଅନୁସାରେ ଏହାର ନାମ କୋଡେକ୍ସ୍ ଲେଷ୍ଟ୍ ରଖିଥିଲେ। ୧୯୫୯ ମସିହାରେ ଏହାର ମାଲିକ ଲେଷ୍ଟେ ଇସ୍‌ଟେଟ୍ ହୋଇଥିଲେ। ୧୯୮୦ ମସିହାରେ ଇଂଲଣ୍ଡର ବିଶିଷ୍ଟ ଶିଳ୍ପପତି ଆମଣ୍ଡ୍ ହାମର୍ ଏହାକୁ କିଣି ଭିଞ୍ଚିଗବେଷକ କାର୍ଲୋ ପେଦ୍ରେତ୍ତିଙ୍କୁ ଏହାର ଦାୟିତ୍ୱ ଦେଇଥିଲେ। ପେଦ୍ରେତ୍ତି ପ୍ରଥମେ ଏହାର ଖୋଲା ଫର୍ଦ୍ଦ ଗୁଡ଼ିକୁ ବନ୍ଧେଇ କରି ମୂଳଅବସ୍ଥାକୁ ଆଣିବା ପରେ ସାତବର୍ଷରେ ଏହାକୁ ଇଂରାଜୀରେ ଅନୁବାଦ କରିଥିଲେ। ହାମର୍ ପାଣ୍ଡୁଲିପିର ପୁନରୁଦ୍ଧାର ସହିତ ଅନୁବାଦ କରାଇଥିବାରୁ ଏହାର ନାମ କୋଡେକ୍ସ୍ ହାମର୍ ରଖିଥିଲେ।

୧୯୯୪ ମସିହାରେ ବିଲ୍ ଗେଟ୍‌ସ୍ କୋଡେକ୍ସ୍ ଲେଷ୍ଟ୍‌ର ମାଲିକ ହେବା ଦିନ ଠାରୁ ବହିକୁ ସାଧାରଣ ଲୋକଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ପୃଥିବୀର ବିଭିନ୍ନ ଜାଗାରେ ଏହାର ସଂଖ୍ୟାଧିକ ପ୍ରଦର୍ଶନୀ ଆୟୋଜନ କରାଯାଇଛି। କାଗଜ ବହି ଏବଂ ଡିଜିଟାଲ ଆକାରରେ ଏହାକୁ ପ୍ରକାଶ କରାଯାଇଛି। ବିଜ୍ଞାନ, ଦର୍ଶନ, ସ୍ଥାପତ୍ୟ, କଳା ଇତ୍ୟାଦି କ୍ଷେତ୍ରରେ ଗଭୀର ଅଧ୍ୟୟନ ଏବଂ ଗବେଷଣାର ପ୍ରେରଣା ହୋଇଛି ଏ ବହି। ପୃଥିବୀର ପ୍ରଥମ ପାଞ୍ଚଟି ଅତି ମୂଲ୍ୟବାନ ବହି ଭିତରେ ଅନ୍ୟତମ। ଦୁର୍ମୂଲ୍ୟ କୋଡେକ୍ସ୍ ଲେଷ୍ଟ୍ ଚିରକାଳ ବିରଳ ପ୍ରତିଭାବାନ ଭିଞ୍ଚିଙ୍କର ଅମୂଲ୍ୟ ସ୍ମୃତି ଭାବରେ ରହିଥିବ।

# ଫିଲିପାଇନ୍ସରେ ଅହିଂସା ମହାରଥି



ମିହିର ପ୍ରତାପ ଦାସ
ଭୁବନେଶ୍ୱର
ମୋ: ୯୯୩୭୮୬୩୫୨୮

ଫିଲିପାଇନ୍ସ ଦ୍ୱୀପପୁଞ୍ଜରେ ମାନବ ସଭ୍ୟତା ଅତି ପ୍ରାଚୀନ ଅଟେ। ସମୁଦ୍ରରେ ବାଣିଜ୍ୟ ଓ ବାଣିଜ୍ୟ ପୋତର ବିକାଶ ହେବା ସହ ଚୀନ, ଭାରତ, ମାଳୟ ଓ ଆରବ ଦେଶମାନେ ସେଠାକୁ ଯାତାୟତ ହେବା ଆରମ୍ଭ କରିଥିଲେ। କାଳକ୍ରମେ ବାହାରର ବଣିକମାନଙ୍କ ମଧ୍ୟରୁ ଅନେକ ସେଠାରେ ସ୍ଥାୟୀ ବାସିନ୍ଦା ହୋଇ ଯାଇଥିଲେ। ଏଣୁ ଫିଲିପାଇନ୍ସର ସଂସ୍କୃତି, ଅର୍ଥନୈତିକ ଓ ସାମାଜିକ ଚାଲିଚଳଣରେ ଅନେକ ଗୁଡିଏ ଉନ୍ନତ ସଭ୍ୟତାର ଉଚ୍ଚମାନର ବିଚାର ଦେଖିବାକୁ ମିଳିଥାଏ। ସେଠାରେ ଆରମ୍ଭରୁ ଆଷ୍ଟ୍ରୋ ଏସିଆନ ଜନଜାତି ବସବାସ କରୁଥିଲେ। ବାରଙ୍ଗୀୟ ନାମକ ଗୋଟିଏ କ୍ଷୁଦ୍ର ଗୋଷ୍ଠୀ ସେଠାକାର ବ୍ୟବସ୍ଥାର ପ୍ରମୁଖ ଭୂମିକା ତୁଲାଇ ଥିଲେ। ୧୫୨୫ ମସିହାରେ ଫର୍ଡିନାଣ୍ଡ ମାଗେଲାନ ନାମକ ସ୍ପେନ ନାବିକ ସେଠାରେ ପହଞ୍ଚିଥିଲେ। ସେହି ସ୍ପେନର ମିଗୁଲେ ଲୋପଦ ୧୫୬୫ରେ ସେଠାରେ ସ୍ପେନ ଉପନିବେଶକୁ ଦୃଢିଭୂତ କରିଥିଲେ। ରାଜା ଫିଲିପସ ଦ୍ୱିତୀୟଙ୍କ ନାମ ଅନୁସାରେ ଫିଲିପାଇନ୍ସ ନାମକରଣ କରାଯାଇଥିଲା। ପାଦ୍ରୀମାନେ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ। ସେଠାକାର ସମାଜ ସଂସ୍କୃତିକୁ ପ୍ରଭାବିତ କରିଥିଲେ। ୧୫୬୫ ଠାରୁ ୧୮୧୫ ପର୍ଯ୍ୟନ୍ତ ଫିଲିପାଇନ୍ସକୁ ସ୍ପେନ ସାମ୍ରାଜ୍ୟ ମେକ୍ସିକୋ ମାଧ୍ୟମରେ ଶାସନ କାର୍ଯ୍ୟ ଚାଲୁ ରଖିଥିଲା। ସ୍ୱାଧୀନତା ପାଇଁ ଜୋସ ରିଜାଲ, ଆଣ୍ଡ୍ରେସ ବୋନିଫାସିଓ ଓ ଏମିଲିଓ ଆଗୁଇନାଲୋ ଆନ୍ଦୋଳନର ଭିତ୍ତିଭୂମି ପ୍ରସ୍ତୁତ କରି ଥିଲେ। ୧୮୯୮ରେ ସ୍ପେନ ଆମେରିକା ଯୁଦ୍ଧ ପରେ ଫିଲିପାଇନ୍ସ ଆମେରିକା ହାତକୁ ଚାଲି ଯାଇଥିଲା। ନୂତନ ଶାସକ ଅଧୀନରେ ଶିକ୍ଷା ଓ ପ୍ରଶାସନରେ ସକାରତ୍ମକ ପରିବର୍ତ୍ତନ ହେଲା। ପୂର୍ବ ଅପେକ୍ଷା ନାଗରିକ ସ୍ୱାଧୀନତାରେ ଉନ୍ନତି ଆସିଲା। ତଥାପି ସଚେତନ ଫିଲିପାଇନ୍ସବାସୀ ପୂର୍ଣ୍ଣ ସ୍ୱାଧୀନତାରେ ଆଗ୍ରହୀ ଥିଲେ। ୧୯୩୫ ମସିହାରେ ସମସ୍ତେ ଦ୍ୱୀପପୁଞ୍ଜକୁ ନେଇ କମନ୍‌ୱେଲଥ୍ ଅଫ୍ ଫିଲିପାଇନ୍ସକୁ ଗଠନ କରାଗଲା। ଏହାକୁ ଦେଖି ଆମେରିକା ସରକାର ଖୁବ୍‌ଶିଘ୍ର ଫିଲିପାଇନ୍ସକୁ ସ୍ୱତନ୍ତ୍ର ରାଷ୍ଟ୍ର ମର୍ଯ୍ୟାଦା ଦେବା ପାଇଁ ପ୍ରତିଶ୍ରୁତି ଦେଲେ। ମାନୁଏଲ ଲୁଇଜ କମନ୍‌ୱେଲ୍‌ଥ ଅଫ୍ ଫିଲିପାଇନ୍ସର ପ୍ରଥମ ଅଧ୍ୟକ୍ଷ ହୋଇ ଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୪୧ ମସିହାରେ ଆରମ୍ଭ ହୋଇ ଗଲା। ଜାପାନ ସେନା ଫିଲିପାଇନ୍ସକୁ ଦଖଲ କରିନେଲେ। ଫିଲିପାଇନ୍ସର ନାଗରିକମାନେ ଜାପାନର ସୈନ୍ୟମାନଙ୍କର ବିରୁଦ୍ଧରେ ଗରିଲା ଯୁଦ୍ଧ କରି ସେମାନଙ୍କୁ ଅସ୍ତବ୍ୟସ୍ତ କରି ଦେଇଥିଲେ।୧୯୪୫ରେ ଜାପାନ ପରାସ୍ତ ହେଲା। ୧୯୪୬ରେ ଫିଲିପାଇନ୍ସ ସ୍ୱାଧୀନ ଦେଶ ହେଲା। ମାନୁଆଲ ରୋକାସ ପ୍ରଥମ ରାଷ୍ଟ୍ରମୁଖ୍ୟ ହେଲେ। ସେଠାରେ ଗଣତନ୍ତ୍ର ବ୍ୟବସ୍ଥା ୧୯୪୬ ଠାରୁ ୧୯୬୭ ପର୍ଯ୍ୟନ୍ତ ଜୀବନ୍ତ ରହିଲା। ୧୯୬୫ ମସିହାରେ ଫର୍ଡିନାଣ୍ଡ ମାର୍କୋସ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେଲେ। ସମ୍ବିଧାନରେ ପରିବର୍ତ୍ତନ କରି ନୂଆ ନିୟମ ଲାଗୁ କରାଇ ୧୯୬୭ ମସିହାରେ ଦ୍ୱିତୀୟ ଥର ନିର୍ବାଚିତ ହେଲେ। ତାଙ୍କର ଦ୍ୱିତୀୟ ବାର ରାଷ୍ଟ୍ରପତି ହେବାର ମାତ୍ର ଦୁଇବର୍ଷ ମଧ୍ୟରେ ତାଙ୍କର ବିରୁଦ୍ଧରେ ଜନ ଅସନ୍ତୋଷ ଦେଖାଗଲା। ସେ ଗାଦୀକୁ ଜବରଦଖଲ କରି ରଖିବାକୁ ସାମରିକ ଶାସନ ଜାରି କରିଥିଲେ। ବେନିଗନୋ ଆକ୍ୟୁନୋଙ୍କର ନେତୃତ୍ୱରେ ତାଙ୍କୁ ମିଶାଇ ଆହୁରି ଚାର ଜଣ ସଂସଦ ଜୋସେ ରିଜାଲ, ଆଣ୍ଡ୍ରେସବୋନିଫାସି ଓ ଏମିଲୋ ଆଗୁଆଇନାଲୋ ସାମରିକ ଶାସନ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରିଥିଲେ। ସତ୍ୟ, ଅହିଂସା ଆଧାରରେ ସେମାନେ ବିପ୍ଳବ କରିଥିଲେ। ତାଙ୍କର ସତ୍ୟାଗ୍ରହ ଆୟୁଧ ଉପରେ ଅଖଣ୍ଡ ବିଶ୍ୱାସ ଥିଲା। ସେଥିପାଇଁ ବେନିଗନୋ ଆକ୍ୟୁନୋ ଜୁନିଅରଙ୍କୁ ଫିଲିପାଇନ୍ସରେ ଫିଲିପାଇନ୍ସ ଗାନ୍ଧୀ ଭାବରେ ସମ୍ବୋଧନ କରାଯାଇ ଥାଏ। ତାଙ୍କର ଜୀବନ ତାଙ୍କର ଆଦର୍ଶ ତାଙ୍କର କାର୍ଯ୍ୟରେ ଗାନ୍ଧୀଙ୍କର ପ୍ରଭାବ ପରିଲକ୍ଷିତ ହୋଇଥାଏ। ତାଙ୍କର ଜନ୍ମ ୧୯୩୭ ମସିହା ନଭେମ୍ବର ୨୭ ତାରିଖରେ ଫିଲିପାଇନ୍ସ ଦେଶର ତାରଲାକ ଅଞ୍ଚଳର କୋନ ସେଫେସିଅନ ଜନପଦରେ ହୋଇଥିଲା। ତାଙ୍କର ବାପାଙ୍କର ନାମ ବେନିଗନ ଆକ୍ୟୁନୋ ସିନିଅର ଥିଲା। ସେ ତାଙ୍କର ଦେଶର ରାଜନୀତିରେ ଜଣେ ପରିଚିତ ବ୍ୟକ୍ତି ଥିଲେ। ତାଙ୍କର ମାତାଙ୍କର ନାମ ଅରୋରା ଆକ୍ୟୁନୋ ଥିଲା। ଜାପାନ ଫିଲିପାଇନ୍ସକୁ ଅଧିକାର କରିବା ସମୟରେ ସେ ରାଷ୍ଟ୍ରର ବିଧାନ ପରିଷଦର ବାଚସ୍ପତି ଥିଲେ।

ଆକ୍ୟୁନୋ ପରିବାର ନିଜ ଦେଶର ଗୋଟିଏ ସମ୍ପନ୍ନ ଓ ପ୍ରଭାବଶାଳୀ ପରିବାରଙ୍କ ମଧ୍ୟରେ ପରିଗଣିତ ହେଉଥିଲେ। ବାଲ୍ୟକାଳରୁ ବେନିଗନ ଆକ୍ୟୁନୋ ଜୁନିଅର ସବୁପ୍ରକାର ସୁଖ ସୁବିଧା ମଧ୍ୟରେ ବଢିଥିଲେ। ପ୍ରାଚୁର୍ଯ୍ୟ ସତ୍ତ୍ୱେ ସାଧାରଣ ଲୋକଙ୍କର ଅଭାବ ଅସୁବିଧା ପ୍ରତି ସେ ସମବେଦନଶୀଳ ଥିଲେ। ସଦା ସର୍ବଦା ସମାଜର ତଳସ୍ତରର ମଣିଷମାନଙ୍କ ପାଇଁ ତାଙ୍କ ମନ ଡାକୁ ଥିଲେ। ଶୈଶବରୁ ସେ ଅସାଧାରଣ ମେଧାର ପରିଚୟ ଦେଇଥିଲେ। ଅକ୍ଷର ଚିହ୍ନିବା ପରଠାରୁ ସେ ସବୁପ୍ରକାର ପୁସ୍ତକ ପଢିବା ପାଇଁ ଉଦ୍ୟମ କରୁଥିଲେ। ଭାଷଣ ଦେବାରେ ତାଙ୍କର କ୍ଷମତା ତାଙ୍କର ଶିକ୍ଷକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କାହାଣୀ କହିବା, ଘଟଣାକୁ ବର୍ଣ୍ଣନା କରିବା, ଇତିହାସକୁ ପ୍ରକାଶ କରିବାର କୌଶଳ ତାଙ୍କ ପ୍ରତି ସମସ୍ତଙ୍କୁ ଆକର୍ଷିତ କରୁଥିଲା। ସେ ତାଙ୍କର ସହପାଠୀମାନଙ୍କର ନେତୃତ୍ୱ ନେଉଥିଲେ। ଏଗାର ବାର ବୟସରେ ସେ ତାଙ୍କର ପିତାଙ୍କ ଠାରୁ ସେ ଜାପାନର ଅନୁପ୍ରବେଶ ଓ ନିଷ୍ଠୁର ଆଚରଣ ସଂପର୍କରେ ଅନେକ ତଥ୍ୟ ଶୁଣି ଥିଲେ। ସେହି ସମୟରୁ ନିଜର ଦେଶକୁ ବିକଶିତ କରି ଗଢି ତୋଳିବା ପାଇଁ ତାଙ୍କର ମନରେ ସଂକଳ୍ପ ରୂପ ନେଇଥିଲା। ତାଙ୍କର ପରିବାର ଖ୍ରୀଷ୍ଟିଆନ କ୍ୟାଥଲିକ ଧର୍ମାବଲମ୍ବୀ ଥିଲେ। ନିୟମିତ ବାଇବଲ ପାଠ କରି ତାଙ୍କର ଚରିତ୍ରରେ କରୁଣା, ଦୟା, ନ୍ୟାୟ ପ୍ରତି ଆନ୍ତରିକତା ସୃଷ୍ଟି ହୋଇଥିଲା। ଉତ୍ତମ ଚରିତ୍ର ଯୋଗୁ ନିଜର ଗୁରୁମାନଙ୍କର ସେ ଆଦରର ପାତ୍ର ହୋଇଥିଲେ। ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ସେ ସାନବେଡା ମହାବିଦ୍ୟାଳୟରେ ନାମ ଲେଖାଇ ଥିଲେ। କଲେଜରେ ମଧ୍ୟ ତାଙ୍କର ନେତୃତ୍ୱ ନେବାର ଦକ୍ଷତା ତାଙ୍କର ବିଚାରଗତ ସ୍ୱଚ୍ଛତା ତାଙ୍କୁ ଛାତ୍ର ସଂଗଠନର ମାର୍ଗଦର୍ଶକ ଆସନରେ ବସେଇ ଦେଇ ଥିଲା। ତାଙ୍କର ସହପାଠୀଗଣ ତାଙ୍କୁ ବକ୍ତା, ନେତା ଓ ସଂକଟମୋଚନକାରୀ ଭାବରେ ସମ୍ମାନ କରିବାରେ ଲାଗିଲେ। ଜାପାନ ଯେତେବେଳେ ଫିଲିପାଇନ୍ସ ଅଧିକାର କରିଥିଲେ ସେତେବେଳେ ସିନିଅର ବେନିଗନେ ଆକ୍ରମଣକାରୀଙ୍କୁ ସହଯୋଗ କରିଥିଲେ ବୋଲି ଗୋଟିଏ ମିଥ୍ୟା ଅପବାଦ ସାଧାରଣ ଜନତା ମଧ୍ୟରେ ପ୍ରଚାରିତ ହୋଇଥିଲା। ଅନେକେ ଖୋଲାଖୋଲି ସେମାନଙ୍କୁ ନିନ୍ଦା କରୁଥିଲେ। ଏଭଳି ପ୍ରତିକୂଳ ପରିସ୍ଥିତିରେ ତାଙ୍କ ପରିବାର ଅସ୍ଥିରତା ଦେଖା ଦେଇଥିଲା। ଭିତ୍ତିହୀନ ଅଭିଯୋଗ ଓ ଅନେକ ରାଜନେତାଙ୍କର କଟୁକ୍ତି ସତ୍ତ୍ୱେ ସେ ନିଜକୁ ସୁନାଗରିକ ଭାବରେ ଗଢିବା ପାଇଁ ମନୋନିବେଶ କରିଥିଲେ। ତାଙ୍କର ମାତା ତାଙ୍କୁ ସର୍ବଦା ସତ୍ୟ, ଧର୍ମ, କରୁଣା ଓ ଲୋକମାନଙ୍କର ସେବାରେ ନିଜକୁ ସମର୍ପଣ କରିବାର ପାଠ ବୁଝାଇ ଦେଉଥିଲେ। ବଡ଼ହେଲେ ଦରିଦ୍ର ନାରାୟଣଙ୍କୁ ସେବା କରିବାକୁ ହେବ ଏଇ ମନ୍ତ୍ର ତାଙ୍କର ମାତା ତାଙ୍କର କାନେ କାନେ କହୁଥିଲେ। ତାରଲାକ ଅଞ୍ଚଳର ସାଧାରଣ ଜନତା, କୃଷକ, ଦିନମଜୁରିଆ, ସର୍ବହରାଙ୍କର ଦୁଃଖକୁ ବେନିଗୋନ ଜୁନିଅର ନିଜ ଆଖିରେ ପିଲା ଦିନରୁ ଦେଖିଥିଲେ। ପାଠପଢା ସିରିବା ପରେ ୧୭ବର୍ଷ ବୟସରେ ବାହାର ଜଗତର ଅଭିଜ୍ଞତା ହାସଲ କରିବା ପାଇଁ ତାଙ୍କର ବାପାଙ୍କର ପ୍ରେରଣାରେ ସେ କୋରିଆର ଯୁଦ୍ଧ କ୍ଷେତ୍ରକୁ ଯାଇ ସେ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ। ବାଇଶ ବର୍ଷ ବୟସରେ ସେ କନସେପସିଅନର ମେୟର ଭାବରେ ନିର୍ବାଚିତ ହୋଇଥିଲେ। ୧୯୫୯ରେ ଫିଲିପାଇନ୍ସର ବିଧାନ ପରିଷଦକୁ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ଜମିଜମା ସଂସ୍କାର, ମାନବିକ ଅଧିକାର ବୈଦେଶିକ ନୀତି ପ୍ରସଙ୍ଗରେ ସେ ଅନେକ ଗଠନ ମୂଳକ ପ୍ରସ୍ତାବ ରଖିଥିଲେ।୧୯୬୭ ମସିହାରେ ବିଧାନ ପରିଷଦ ସଦସ୍ୟ ଥାଇ ମାର୍କୋସ ଶାସନର ଭ୍ରଷ୍ଟାଚାର ଓ ନିର୍ବାଚନୀ ଅନୀତି ଉପରେ ମକଠୋର ସମାଲୋଚନା କରିଥିଲେ। ୧୯୭୨ ମସିହାରେ ମାର୍କୋସ ସାମରିକ ଶାସନ ଜାରି କରିଥିଲେ। ଏହାକୁ ପ୍ରଚଣ୍ଡ ବିରୋଧ ବେନିଗନୋ ଆକ୍ୟୁନୋ ଜୁନିଅର କରିଥିଲେ। ତାଙ୍କୁ ସାତ ବର୍ଷ କାରାବାସ ଭୋଗିବାକୁ ପଡିଲା। ସେ ଥରେ ୪୦ଦିନ ବ୍ୟାପି ଅନଶନ କରିଥିଲେ। ୧୯୮୦ ମସିହାରେ ସେ ହୃଦରୋଗ ଆକ୍ରାନ୍ତ ହେଲେ। ଚିକିତ୍ସା ପାଇଁ ତାଙ୍କୁ ଆମେରିକା ପଠା ଯାଇଥିଲା। ଆମେରିକାରେ ତିନିବର୍ଷ ରହି ଫେରିବା ଦିନ ତାଙ୍କୁ ହତ୍ୟା କରାଗଲା। ଇତିମଧ୍ୟରେ ଜନତାଙ୍କର ଚାପରେ ମାର୍କୋସ ୧୯୮୧ ମସିହାରେ ଗୋଟିଏ ଧର୍ମକୁ ଆଖିଠରା ମରା ନିର୍ବାଚନ କରି ଭୋଟ ଚୋରି କରି ବିଜୟୀ ହୋଇଗଲେ। କିନ୍ତୁ ବେନିଗନୋଙ୍କର ହତ୍ୟା ପରେ ଗଣତନ୍ତ୍ରର ସମର୍ଥକଙ୍କର ଆନ୍ଦୋଳନ ତୀବ୍ର ଆକାର ଧାରଣ କରିଥିଲା।୧୯୮୬ରେ ମାର୍କୋସ ସରକାରର ଗଣତାନ୍ତ୍ରିକ ପଦ୍ଧତିରେ ପରାଜୟ ହୋଇଥିଲା। ତାଙ୍କର ପତ୍ନୀ କାରଜାନୋ ଆକ୍ୟୁନୋ ରାଷ୍ଟ୍ରପତି ହୋଇଥିଲେ।

# ଗୁପ୍ତ ଖାଦ୍ୟାଭାବ

ରାଜେଶ୍ ରାୟ
ଜୟପୁର, ମୋ: ୬୩୭୧୫୫୫୯୪୦

ଏହି ଶବ୍ଦଟି ଭାରତୀୟଙ୍କ ସହ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଏହାର ଆକ୍ଷରିକ ଅର୍ଥ ହେଉଛି ଆମେ ପ୍ରତ୍ୟେକ ଦିନ ପ୍ରଚୁର ପରିମାଣର ଖାଦ୍ୟ ଖାଇଥାଉ କିନ୍ତୁ ଆମକୁ ଉପଯୁକ୍ତ ଖାଦ୍ୟସାର ଓ ଖଣିଜ ପଦାର୍ଥ (ବିଶେଷ କରି ସୂକ୍ଷ୍ମ ଖଣିଜ ପଦାର୍ଥ) ମିଳିନଥାଏ ଯାହାଦ୍ୱାରା ଆମେ ଯେତେ ଖାଦ୍ୟ ଖାଉଥିଲେ ବି ପୋଷକତତ୍ତ୍ୱର ଅଭାବ ରହିଥାଏ। ଏହି ଅବସ୍ଥାକୁ ଗୁପ୍ତ ଖାଦ୍ୟାଭାବ ବୋଲି କୁହାଯାଏ। ଏକ ସର୍ବେକ୍ଷଣ କହୁଛି ବର୍ତ୍ତମାନ ଭାରତର ୬୦ପ୍ରତିଶତ ଲୋକ ଏହି ସମସ୍ୟାକୁ ନେଇ ଗତି କରୁଛନ୍ତି ଯାହା ଆଗାମୀ ଭବିଷ୍ୟତ ପାଇଁ ବଡ଼ ଚ୍ୟାଲେଞ୍ଜ ବୋଲି ବୈଜ୍ଞାନିକମାନେ କହିଛନ୍ତି। କିଛିଦିନ ପୂର୍ବେ ଲୋକସଭାରେ ଉପସ୍ଥାପନ ହୋଇଥିବା ତଥ୍ୟ ଅନୁଯାୟୀ ମଧ୍ୟପ୍ରଦେଶର ମାଲୱା ଓ ନିମାର ଅଞ୍ଚଳରେ ରହୁଥିବା ଶିଶୁମାନେ ଘୋର ପୋଷଣ ସଙ୍କଟର ଶିକାର ହୋଇଛନ୍ତି। ଧାର, ଖାରଗୋନ ଏବଂ ବରୱାନି ଜିଲ୍ଲାରେ ଶିଶୁମାନଙ୍କର ଅପୋଷିତ ବା କମ୍ ଓଜନର ହାର ଯଥାକ୍ରମେ ୪୨.୫୪%, ୩୬.୧୯% ଏବଂ ୩୬.୦୪% ଥିବା ରେକର୍ଡ଼ କରାଯାଇଛି । ପୋଷଣ ମିଶନ ୨.୦ (୨୦୨୧-୨୦୨୫ ) ଅଧୀନରେ ମଧ୍ୟପ୍ରଦେଶକୁ ୪୩୬୪ କୋଟି ଟଙ୍କା ମିଳିଥିଲେ ମଧ୍ୟ ଏହିସବୁ ଅଞ୍ଚଳର ସ୍ଥିତି ପୂର୍ବଭଳି ଦୟନୀୟ ରହିଛି। ଓଡ଼ିଶାରେ ମଧ୍ୟ ନଗଡ଼ା ପରି ଅପହଞ୍ଚ ଅଞ୍ଚଳରେ କୁପୋଷଣର ଛାତିଥରା ଦୃଶ୍ୟ ସାମ୍ନାକୁ ଆସିଛି। ଏହାକୁ ଛାଡ଼ିଦେଲେ ବର୍ତ୍ତମାନ ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରୀମାନଙ୍କ ଠାରେ ମଧ୍ୟ ଲୌହହୀନତା ଭଳି ସମସ୍ୟା ଦେଖିବାକୁ ମିଳୁଛି ଯାହାଫଳରେ ଶ୍ରେଣୀକକ୍ଷରେ ବିଶେଷ କରି ଛାତ୍ରୀମାନେ ଘୁମେଇବା, ଦୁର୍ବଳ ଅନୁଭବ କରିବା ଆଦି ଅସୁବିଧାକୁ ସାମ୍ନା କରୁଛନ୍ତି। ତାମିଲନାଡୁ ସରକାରଙ୍କ ତଥ୍ୟ ଅନୁଯାୟୀ ସେଠାରେ ଶିକ୍ଷା ଗ୍ରହଣ କରୁଥିବା ପ୍ରାୟ ୭୮% ଛାତ୍ରଛାତ୍ରୀ ଲୌହ ହୀନତା ରୋଗରେ ପୀଡ଼ିତ। ତେବେ ଗୁପ୍ତ ଖାଦ୍ୟାଭାବ ଭଳି ଜଟିଳ ସମସ୍ୟାକୁ ସମାଧାନ କରିବା ପାଇଁ ଭାରତ ସରକାର ଏବେ ବିଭିନ୍ନ ପନ୍ଥାକୁ ଆପଣେଇଛନ୍ତି । ଜୈବ ପ୍ରଯୁକ୍ତିବିଦ୍ୟା ପରି ବିଜ୍ଞାନର ଉନ୍ନତ ବିଭାଗକୁ ବିକଶିତ କରି ଉଦ୍ଭିଦ, ପ୍ରାଣୀ ଏବଂ ଅଣୁଜୀବ ମାନଙ୍କର ଜିନ୍ ସ୍ତରକୁ ରୂପାନ୍ତରିତ କରାଯାଉଛି ଯାହାଫଳରେ ବିଭିନ୍ନ ପ୍ରକାରର ଜୈବ ଉତ୍ପାଦ ସୃଷ୍ଟି ହୋଇଛି ଯଥା ସୁନା ଚାଉଳ, ବାଇଗଣୀ ଆଳୁ, କମଳା ଆଳୁ ଇତ୍ୟାଦି। ଏହି ଉତ୍ପାଦ ଗୁଡ଼ିକୁ ଜିନ୍ ରୂପାନ୍ତରଣ ଉତ୍ପାଦ ବୋଲି ନାମକରଣ କରାଯାଇଛି। ସୁନା ଚାଉଳ ଓ କମଳା ଆଳୁରେ ଭିଟାମିନ୍ -ଇ ର ମାତ୍ରାକୁ ବୃଦ୍ଧି କରାଯାଇଛି ଯାହାକୁ ଖାଇବା ଦ୍ୱାରା ଆଖି ସମସ୍ୟା କମିଯିବ ବୋଲି ବୈଜ୍ଞାନିକ ମାନେ କହିଛନ୍ତି। ସେହିପରି ବାଇଗଣୀ ଆଳୁ ଖାଇବା ଦ୍ୱାରା କ୍ୟାନ୍ସର, ହୃଦରୋଗ ଏବଂ ମଧୁମେହ ଭଳି ରୋଗରୁ ସୁରକ୍ଷା ମିଳୁଛି। ଏହି ଉତ୍ପାଦ ଗୁଡ଼ିକ ଜିନ୍ ରୂପାନ୍ତରଣ କରି ଜୈବ ପ୍ରଯୁକ୍ତିବିଦ୍ୟା ପଦ୍ଧତିରେ ସୃଷ୍ଟି କରାଯାଇଛି। ତେଣୁ ଆଗାମୀ ଭବିଷ୍ୟତରେ ଏହିସବୁ ଉତ୍ପାଦ ଗୁଡ଼ିକର ବିକାଶ କରାଯାଇ କୁପୋଷଣକୁ ରୋକିବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି ଭାରତ ସରକାର। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ୩୪୪୬.୬୪ କୋଟି ଟଙ୍କା ମଞ୍ଜୁର ହୋଇଛି ଯାହାକି ଗବେଷଣା କ୍ଷେତ୍ରକୁ ସଶକ୍ତ କରିବା ସହ ପୋଷଣ ଅଭାବର ସମାଧାନ କରିପାରିବ ବୋଲି ସରକାର ମତବ୍ୟକ୍ତ କରିଛନ୍ତି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନଦଣ୍ଡ କର୍ତ୍ତୃପକ୍ଷ କ୍ଲୋରେଲା ଭଳି ପୁଷ୍ଟିସାର ଭରା ଶୈବାଳ ଜାତୀୟ ଉଦ୍ଭିଦକୁ ନିଜର ଖାଦ୍ୟ ସାରଣୀରେ ସ୍ଥାନ ଦେବା ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି ଯାହା ଗୁପ୍ତ ଖାଦ୍ୟାଭାବକୁ ଦୂର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ତେଣୁ ବେଳ ଥାଉ ଥାଉ ଏହି ସମସ୍ୟା ବିଷୟରେ ଅବଗତ ହୋଇ ଏହାର ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନନେଲେ ଆଗାମୀ ଦିନରେ ଗୁପ୍ତ ଖାଦ୍ୟାଭାବ ଏକ ମହାମାରୀ ଭାବେ ଉଭା ହେବ ଏଥିରେ ଦ୍ୱିରୋକ୍ତି ନାହିଁ ।

# ମା'ରୁ ମାଟି...ଆ'ରୁ ଆକାଶ...



ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

ଜୀବନରେ ଯେତେ ଦୁଃଖ କଷ୍ଟ ଆସିଲେ ବି ମାଆ ଆଗରେ ସବୁ ତୁଚ୍ଛ ହେଇଯାଏ। ମାଆର ପ୍ରାର୍ଥନାରେ ଏତେ ଶକ୍ତି ଯେ ତା'ର ସନ୍ତାନ ନିକଟରେ ମୃତ୍ୟୁ ବି ଆସିବାକୁ ଭୟ କରେ। ଏହି ଦୁଇ ଅକ୍ଷରରୁ ହିଁ ଜୀବନର ଆରମ୍ଭ। ମାଆ ଥିଲେ ସଂସାରରେ ସବୁକିଛି ଥିଲା ପରି ଲାଗେ। କୁହାଯାଏ ଦୁନିଆରେ ସଭିଙ୍କ ଋଣ ସୁଝି ହେବ, କିନ୍ତୁ ମାଆର ଋଣ ମରିବା ଯାଏ ଶୁଝି ହୁଏନାହିଁ। ସେ ସ୍ନେହମୟୀ, କରୁଣାମୟୀ ଓ ଦୟାମୟୀ, ମା'କୁ ପୃଥିବୀ ସହିତ ବି ତୁଳନା କରାଯାଇଥାଏ। ମା' ଶବ୍ଦର ତୁଳନା ନାହିଁ କି ବିକଳ୍ପ ନାହିଁ। ପ୍ରତିଦିନ ଆମକୁ ଯିଏ ପ୍ରେରଣା ଦିଏ। କେଉଁଟା ଠିକ୍, କେଉଁଟା ଭୁଲ୍ ? ଯିଏ ବାଟ ଦେଖାଏ ସେ ହେଉଛି ମା'। ଚିର ବନ୍ଦିତା ସେ। ପରିବାର ପ୍ରତି ମା'ଙ୍କ ଅବଦାନ କ'ଣ ତାହା ସମସ୍ତେ ଜାଣିଛନ୍ତି। ମା' ଅତୁଳନୀୟ। ମା'ର ସ୍ନେହ ମମତାରେ ସବୁ ଦୁଃଖକଷ୍ଟ ଭୁଲି ହୋଇଯାଏ। ମା' ଥରେ ମୁଣ୍ଡରେ ହାତ ରଖିଦେଲେ ଦୁନିଆର କୌଣସି ଶକ୍ତି ଆପଣଙ୍କୁ ହରାଇ ପାରେନା। ସଂସାର ଓ ସଂସ୍କୃତିକୁ ହାତରେ ଧରି ଆଗକୁ ଚାଲେ ମା'। ମା'ର ଭଲ ପାଇବାରେ କୌଣସି ସର୍ତ୍ତ ନ ଥାଏ। ଆକଟ ବି କରେ, ଆଦର ବି କରେ, ହେଲେ କୌଣସି ପରିସ୍ଥିତିରେ ସନ୍ତାନର ହାତ ଛାଡ଼ିନଥାଏ। ମାଆ ଯିଏ ପିଲାଙ୍କ ପାଇଁ ଦରକାର ପଡିଲେ ଦୁନିଆ ଆଗରେ ନଇଁପାରେ, ପୁଣି ଆବଶ୍ୟକ ସ୍ଥଳରେ ତା'ର ସନ୍ତାନ ପାଇଁ ସାରା ଦୁନିଆକୁ ନୁଆଁଇ ଦେଇପାରେ। ମା'ର ମମତାର ତୁଳନା ନାହିଁ। ସନ୍ତାନଟିକୁ ମଣିଷ କରି ଗଢ଼ି ତୋଳିବାରେ ରହିଛି ଯେ, ଜଣେ ମା'ର ଅସୀମ ତ୍ୟାଗ। ଏହି କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଶାସ୍ତ୍ରରେ ମଧ୍ୟ କୁହାଯାଇଛି "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ଅର୍ଥାତ୍ ମାଆ ଏବଂ ମାତୃଭୂମି ସ୍ୱର୍ଗଠାରୁ ବଡ଼। ଏ ଧରା ପୃଷ୍ଠରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେବଳ ଜନ୍ମ ନୁହେଁ, ବାତ୍ସଲ୍ୟ ମମତା, ତ୍ୟାଗ, ବଳିଦାନ ଢାଳିଦେଇଥାଏ ମାଆ। ମା'ରୁ ମାଟି... ଆ'ରୁ ଆକାଶ...। ମାଟିରୁ ଆକାଶ ଯାଏ ଶୁଭେ ତା'ର ପ୍ରତିଧ୍ୱନି। ଏହି ଡାକରେ ଭରି ରହିଛି ସ୍ନେହ, ଶ୍ରଦ୍ଧା ଓ ଅନାବିଳ ପ୍ରେମ। ତା'ର ମନରେ ନଥାଏ ଛଳନା, ମମତାର ନାହିଁ କଳନା, ସ୍ନେହ ବିନା ସେ କିଛି ଜାଣେନା। ସମୁଦ୍ରଠୁ ଗଭୀର ତା' ପ୍ରେମ । ଆକାଶଠାରୁ ବଡ଼ ତା'ର ହୃଦୟ । ମାଆ ଶବ୍ଦ ସିନା ଛୋଟ କିନ୍ତୁ ଓଜନ ଏହାର ଅଧିକ ।

# ଭାବର ବାଣୀ ଭାଗବତ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଆଶ୍ୱିନ ମାସ ପ୍ରଥମ ଦିନ ପୂର୍ଣ୍ଣିମା ତିଥିକୁ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ବା ଶ୍ରୀମଦ୍ ଭାଗବତ ଜୟନ୍ତୀ ବୋଲି ଆମ ହିନ୍ଦୁ ମତରେ ସ୍ୱତନ୍ତ୍ର ଦିବସ ଭାବେ ଆଧ୍ୟାତ୍ମିକ ଚେତନାରେ ପାଳନ କରାଯାଏ। ଏହାର ପରଦିନ ଅପରପକ୍ଷ ପିତୃତର୍ପଣ ଆରମ୍ଭ ହୁଏ। ଏହି ଦିବସଟି ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ବିଶେଷ ଦିବସ। ଭାଦ୍ରବ ପୂର୍ଣ୍ଣିମା ଇନ୍ଦୁପୂର୍ଣ୍ଣିମା ନାମରେ ପ୍ରସିଦ୍ଧ। ଏହା ମଧ୍ୟ ଭାଗବତ ଜନ୍ମର ଦିନ। କାରଣ ଏହି ଦିନ ବ୍ୟାସଦେବ ସଂସ୍କୃତ ଶ୍ରୀମଦ ଭାଗବତର ରଚନା ଆରମ୍ଭ କରିଥିଲେ। ଅତିବଡ଼ି ଜଗନ୍ନାଥ ଦାସ ଏହାକୁ ସରଳ ନବାକ୍ଷରୀ ଓଡ଼ିଆରେ ରଚନା କରିଛନ୍ତି। ଶ୍ରୀମଦ ଭାଗବତର ଦ୍ୱାଦଶ ସ୍କନ୍ଧ, ସପ୍ତମ ଅଧ୍ୟାୟରେ ଚାରିବେଦ, ତାହାର ଶାଖା ପ୍ରଶାଖା, ପୁରାଣ ଓ ଉପପୁରାଣ ଆଦିର ବର୍ଣ୍ଣନା ଅଛି। ସେହି ପ୍ରସଙ୍ଗରେ ପୁରାଣର ଲକ୍ଷଣ ମଧ୍ୟ ବର୍ଣ୍ଣିତ ହୋଇଛି। ସେହି କ୍ରମରେ କୁହାଯାଇଛି ପୁରାତତ୍ତ୍ୱବିତ୍ ମୁନିମାନେ ଏହିସବୁ ଲକ୍ଷଣ ଦ୍ୱାରା ପୁରାଣ ମାନଙ୍କୁ ଚିହ୍ନିତ କରନ୍ତି ଏବଂ ଏହିସବୁ ଲକ୍ଷଣଯୁକ୍ତ ଛୋଟ ବଡ଼ ଅଠରଟି ପୁରାଣ ରହିଛି। ହିନ୍ଦୁମାନଙ୍କ ମତରେ ଏହି ଦିନ ମହାପୁରୁଷ ଭଗବାନ ବ୍ୟାସ ଦେବଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ୍ ଗୀତା ରଚିତ ହୋଇଥିଲା। ଅନ୍ୟ ତିନି ଯୁଗ ତୁଳନାରେ କଳିଯୁଗରେ ମଣିଷମାନେ ଅଳ୍ପାୟୁଷ, ଦିଗଭ୍ରଷ୍ଟ ଏବଂ ଅଜ୍ଞାନ ହୋଇଥାଆନ୍ତି। ସେମାନେ କିପରି ନିଜର ଧର୍ମକୁ ନିଜେ ପାଳନ କରିବେ ସେଥିନିମନ୍ତେ ମହର୍ଷି ବ୍ୟାସଦେବ ସ୍ୱରଚିତ ଭାଗବତରେ ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଛନ୍ତି। ବାସ୍ତବରେ ଭାଗବତ ହେଉଛି କାଳଜୟୀ ଏବଂ ଅମର। ଏହାର ଲେଖା ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଏକାନ୍ତ ଆବଶ୍ୟକ। ନୈଷ୍ଠିକ ହିନ୍ଦୁ ପରିବାରରେ ଭାଗବତ ପ୍ରତିଦିନ ପାଠ କରାଯାଏ। ଭାଗବତକୁ ପଠନ କରୁଥିବା ଏବଂ ଶ୍ରବଣ କରୁଥିବା ଧର୍ମାତ୍ମା ବାସ୍ତବରେ ମହାନ୍। ଗାଁ ଗାଁରେ ଦେବାଳୟରେ, ମନ୍ଦିରମାନଙ୍କରେ, ଧର୍ମପୀଠରେ ଭାଗବତ ଟୁଙ୍ଗିମାନ ପ୍ରତିଷ୍ଠା କରାଯାଇ ଦେଶ, ଜାତି ତଥା ବ୍ୟକ୍ତିର ଉନ୍ନତି ପାଇଁ ଭାଗବତ ପାଠ କରାଯାଏ।

ଭଗବାନ ବ୍ୟାସଦେବ ବେଦ, ଉପନିଷଦ, ମହାଭାରତ, ଗାୟତ୍ରୀ ଏବଂ ପୁରାଣ ରଚନା କରି ସେତିକିରେ ସନ୍ତୋଷ ନଥିଲେ। ତେଣୁ ସେ ଜଗତ କଲ୍ୟାଣର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ରହ୍ମର୍ଷି ନାରଦଙ୍କ ପରାମର୍ଶରେ ରଚନା କରିଥିଲେ ଶ୍ରୀମଦ୍ ଭାଗବତ୍। ଯେଉଁଥିରେ ଅଠର ହଜାର ଶ୍ଳୋକ ରହିଅଛି। ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାକୁ ଭାଗବତ କୁହାଯାଏ। ଭାଗବତର ତତ୍ତ୍ୱ ବିଶେଷ ଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ। ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି। ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ। ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି। ମହାପୁରୁଷ ଜଗନ୍ନାଥ ଦାସ ତାଙ୍କ ମାତାଙ୍କ ଅନୁରୋଧ ରକ୍ଷା କରି ବ୍ୟାସକୃତ ଶ୍ରୀମଦ୍ ଭାଗବତକୁ ଓଡ଼ିଆ ନବାକ୍ଷରୀ ଛନ୍ଦରେ ରଚନା କରିଛନ୍ତି। ଯାହାକୁ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ଗ୍ରାମେ ଗ୍ରାମେ ଭଗବତ ଟୁଙ୍ଗି ମାଧ୍ୟମରେ ଭାଗବତ ବାଣୀ ପ୍ରଚାର ଓ ପ୍ରସାର କରାଇଥିଲେ। ଭାଗବତକୁ ଭଗବାନଙ୍କ ପ୍ରତ୍ୟକ୍ଷ ରୂପ ବୋଲି ମନେକରି ହିନ୍ଦୁ ଧର୍ମର ପ୍ରତ୍ୟେକ ଘରେ ଘରେ ଆସ୍ଥାନରେ ରଖି ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଉଛି। ଭାଗବତ ପଢ଼ିବା ଦ୍ୱାରା ସକଳ ପାପତାପ ରୋଗ ଆଦି ଦୂରୀଭୂତ ହୁଏ ବୋଲି ବିଶ୍ୱାସ।

ଏହି ଅଷ୍ଟାଦଶ ପୁରାଣ ନାମ ମଧ୍ୟ ସେହି ଅଧ୍ୟାୟର ୨୩ ଓ ୨୪ ଶ୍ଳୋକରେ ପ୍ରବତ୍ତ ହୋଇଛି। ଏହା ଅନୁସାରେ, ଅଷ୍ଟାଦଶ ପୁରାଣ ହେଉଛି - ବ୍ରହ୍ମପୁରାଣ, ପଦ୍ମପୁରାଣ, ବିଷ୍ଣୁପୁରାଣ, ଶିବ ପୁରାଣ, ଲିଙ୍ଗପୁରାଣ, ଗରୁଡ଼ ପୁରାଣ, ନାରଦ ପୁରାଣ, ଭାଗବତ ପୁରାଣ, ଅଗ୍ନି ପୁରାଣ, ସ୍କନ୍ଦ ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମବୈବର୍ତ୍ତପୁରାଣ, ମାର୍କଣ୍ଡେୟ ପୁରାଣ, ବାମନ ପୁରାଣ, ବରାହପୁରାଣ, ମତ୍ସ୍ୟ ପୁରାଣ, କୂର୍ମ ପୁରାଣ ଓ ବ୍ରହ୍ମାଣ୍ଡ ପୁରାଣ। ଏହାପରେ ୨୫ ଶ୍ଳୋକରେ କୁହାଯାଇଛି - ଶୌନକ ଏବଂ ମହର୍ଷି ବ୍ୟାସଦେବଙ୍କର ଶିଷ୍ୟ ପ୍ରଶିଷ୍ୟ ଗଣ ପରମ୍ପରାକ୍ରମେ ବେଦସଂହିତା ଓ ପୁରାଣ ସଂହିତା ମାନଙ୍କର ଅଧ୍ୟୟନ, ଅଧ୍ୟାପନ ଓ ବିଭାଜନ କରିଥିଲେ। ଏହି ପ୍ରସଙ୍ଗ ପଢ଼ିଲେ ବା ଶୁଣିଲେ ବ୍ରହ୍ମତେଜର ଅଭିବୃଦ୍ଧି ହୁଏ। ଏହି ପ୍ରସଙ୍ଗରେ ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ଭାଗବତର ମହତ୍ତ୍ୱ ସୂଚାଇ କହିଛନ୍ତି- ଅଷ୍ଟାଦଶ ପୁରାଣ ସାର/ଶ୍ରୀଭାଗବତ ନାମ ଯାର। ଅର୍ଥାତ୍ ଶ୍ରୀଭାଗବତ ପୁରାଣ ହେଉଛି ଏହି ଅଷ୍ଟାଦଶ ପୁରାଣର ସାର ସ୍ୱରୂପ। ଶ୍ରୀମନ୍ଦିରରେ ଭାଗବତ ପାଠର ପରମ୍ପରା ସ୍ୱତନ୍ତ୍ର ଭାବରେ ରହିଅଛି। ଆଜିର ଦିବସରେ ଭାଗବତ ରଚନା ହୋଇଥିବାରୁ ଏହି ଦିବସକୁ ଆମ ସଂସ୍କୃତିରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ।



ପାରାଦୀପ, (ଭାସ୍କର ନ୍ୟୁଜ): ପାରାଦୀପ ବିଜେପି ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶରେ ପାରାଦ୍ୱୀପ ନଗର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଦିଲ୍ଲିପ ବଳିୟାରସିଂଙ୍କ ନେତୃତ୍ୱ ଓ ପୌରହିତ୍ୟରେ ପୌରାଞ୍ଚଳର ସମସ୍ତ ୧୯ ଗୋଟି ଓ୍ୱାର୍ଡର ଦକ୍ଷ ଯୁବକ ମାନଙ୍କୁ ନେଇ ଏକ କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନଗର ସଭାପତି ସୁବ୍ରତ ପ୍ରଧାନ କାର୍ଯ୍ୟକର୍ତ୍ତା ମାନଙ୍କୁ ଦଳର ନୀତି, ଆଦର୍ଶ, ବିଚାର ଧାରା ଏବଂ ଦଳର ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରିବା ସହିତ ସାଧାରଣ ଜନତାଙ୍କ ନିକଟରେ କିପରି ଭାବରେ ସରକାରୀ ସୁବିଧା ପହଞ୍ଚିପାରିବ ଏବଂ ଆଗାମୀ ମୁନିସିପାଲିଟି ନିର୍ବାଚନ ପାଇଁ ପ୍ରସ୍ତୁତି ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଲୋକପାତ କରିଥିଲେ। ବୈଠକରେ ନଗର ଉପସଭାପତି ଦିଲ୍ଲିପ କିଶୋର ବେହେରା, ସମ୍ପାଦକ ଜିତେନ୍ଦ୍ର ସାହୁ, ଯୁବ ନେତା ପ୍ରଶାନ୍ତ ବାରିକ, ସ୍ମୃତିରଞ୍ଜନ ପରିଜା, ଆଶିଷ ଲେଙ୍କା, ସୁବାସ ଦାସଙ୍କ ସମେତ ବହୁ ଯୁବ ନେତୃତ୍ୱ ଯୋଗ ଦେଇଥିଲେ।

# କର୍ମୀଙ୍କ ଶେଷଯାତ୍ରାରେ ସାମିଲ ହେଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ



ପାରାଦୀପ, (ଭାସ୍କର ନ୍ୟୁଜ): ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଅଗପାଳ ପଞ୍ଚାୟତର ବଡ଼ପାଳ ଗ୍ରାମର ପୁରାତନ ବିଜେପି କର୍ମୀ ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ ମହାପାତ୍ର (ଟୁଟୁ) ଙ୍କର ହୃଦଘାତରେ ଆକସ୍ମିକ ମୃତ୍ୟୁ ହୋଇଅଛି। ୫୨ ବର୍ଷରେ ତାଙ୍କର ଅକାଳ ବିୟୋଗ ଖବର ପାଇ ପାରାଦୀପ ବିଜେପି ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ବିଜେପି କର୍ମୀମାନଙ୍କ ସହିତ ତାଙ୍କ ବାସ ଭବନରେ ଉପସ୍ଥିତ ହୋଇ ଶବ ଶୋଭାଯାତ୍ରାରେ ନିଜକୁ ସାମିଲ କରିଥିଲେ। ମହାପାତ୍ରଙ୍କ ଅକାଳ ବିୟୋଗ ଖବର ପ୍ରସାରିତ ହେବାପରେ ତାଙ୍କୁ ଭଲପାଉଥିବା ଶହଶହ ଜନସାଧାରଣ ଶବ ଶୋଭାଯାତ୍ରାରେ ସାମିଲ ହେବାର ଦେଖିବାକୁ ମିଳିଥିଲା। ମହାପାତ୍ର ଜଣେ ଆଇନଜୀବୀ ରହିବା ସହିତ ଭାରତୀୟ ଜନତା ପାର୍ଟି ଦଳର ଜଣେ ବରିଷ୍ଠ ସଦସ୍ୟ ଓ ପୂର୍ବତନ ପଙ୍କପାଳ ମଣ୍ଡଳ ସଭାପତି ଭାବେ ନିଜର ଦାୟିତ୍ୱ ସମ୍ପାଦନ କରି ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କର ଅକାଳ ବିୟୋଗ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଓ ଜଗତସିଂହପୁର ଜିଲ୍ଲା ବିଜେପି ପାଇଁ ଅପୂରଣୀୟ କ୍ଷତି ଓ ଶୂନ୍ୟସ୍ଥାନ ହୋଇ ରହିବ। ତାଙ୍କର ମରଶରୀରକୁ ଭବ୍ୟ ସ୍ୱାଗତ ସହ ରାହାମା ବଜାର, ପଙ୍କପାଳ ଓ ଅଗପାଳ ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ବଜାର ପରିକ୍ରମା କରାଯାଇ ତାଙ୍କ ନିଜ ବାସଭବନଙ୍କୁ ଅଣାଯାଇ ଥିଲା। ମନ୍ତ୍ରୀ ସ୍ୱାଇଁ ମହୋଦୟ ପ୍ରଦୀପ୍ତଙ୍କ ପାର୍ଥିବ ଶରୀରରେ ଭାରତୀୟ ଜନତା ଦଳ ପତାକା ଓ ପୁଷ୍ପହାର ପ୍ରଦାନ କରି ମରଣୋତ୍ତର ମର୍ଯ୍ୟାଦା ପ୍ରଦାନ କରିଥିଲେ ଏବଂ ଶେଷ କୃତ୍ୟ ତାଙ୍କ ନିଜ ଗ୍ରାମ ସ୍ମଶାନରେ ସମ୍ପନ୍ନ କରାଯାଇଥିଲା। କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସମେତ ଜଗତସିଂହପୁର ଜିଲ୍ଲା ବିଜେପି ସମ୍ପାଦକ ତପନ କୁମାର ତ୍ରିପାଠୀ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା, ଅଗପାଳ ସରପଞ୍ଚ ବିପିନ କୁମାର ବିଶ୍ୱାଳ, ପଙ୍କପାଳ ମଣ୍ଡଳ ସଭାପତି ଶତ୍ରୁଘ୍ନ ମଲ୍ଲ, ଯୁବ ସଂଗଠକ ପ୍ରତାପ କୁମାର ଦାସ, ଶିକ୍ଷକ ସୁଧୀରଞ୍ଜନ ମହାପାତ୍ର, ଆଇନଜୀବୀ ଗତିକୃଷ୍ଣ ଶତପଥୀ, ଅମିତ ପ୍ରସାଦ ମଲ୍ଲ, ସୌଭାଗ୍ୟ ବିଶ୍ୱାଳ, ରତ୍ନାକର ମଲ୍ଲ, ସନାତନ କଅଁର, ସରୋଜ କୁମାର ଦାସ, ସୌଭାଗ୍ୟ ରଞ୍ଜନ ନାୟକ, ପ୍ରସନ୍ନ କୁମାର ସ୍ୱାଇଁ, ଜିତେନ୍ଦ୍ର କୁମାର ସ୍ୱାଇଁ, କାର୍ତ୍ତିକଚନ୍ଦ୍ର ସାହୁ ପ୍ରମୁଖ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ

ଯାଜପୁର, (ଭାସ୍କର ନ୍ୟୁଜ୍): ଅଖିଳ ଭାରତ କଂଗ୍ରେସ କମିଟିର ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶାରେ କଂଗ୍ରେସ ସଂଗଠନକୁ ଅଧିକ ସୁଦୃଢ଼ ଓ ମଜ୍‌ବୁତ୍ କରିବା ପାଇଁ 'ସଂଗଠନ ସୃଜନ ଅଭିଯାନ' ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଚୟନ କରାଯିବ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ପଦବୀର ଚୟନ ନିମନ୍ତେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଚାରୁଲତା ଟୋକାସ୍‌ଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ସାଂସଦ ଯଶୋବନ୍ତ ସିଂହ ଲାଗୁରୀ, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ଶାନ୍ତନୁ ସାହୁ ଏବଂ ଯାକୁବ ଉଜ୍‌ମାନ ଖାଁଙ୍କୁ ମଧ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ପରିପରେକ୍ଷୀରେ ଚଳିତ ସେପ୍ଟେମ୍ବର ୮ ତାରିଖ ଦିନ ୧୦.୩୦ରେ ସ୍ଥାନୀୟ ଯ ସର୍କିଟ୍‌ହାଉସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯିବ। ସମସ୍ତ ପର୍ଯ୍ୟବେକ୍ଷକ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେବେ। ଏହି ଦିନ ଦିନ ୧୧.୩୦ରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଅନୁଷ୍ଠିତ ହେବ ଓ ସମସ୍ତ ନେତା ଏଥିରେ ଯୋଗ ଦେଇ ଉଦବୋଧନ ରଖିବେ। ଏହା ପରେ ଏହି ନେତାମାନେ ଅପରାହ୍ନ ୩.୩୦ ରେ ବଡ଼ଚଣା କଂଗ୍ରେସ କମିଟି ପକ୍ଷରୁ ଚଣ୍ଡିଖୋଲ ଠାରେ ଆୟୋଜିତ ବୈଠକରେ ଯୋଗଦେବେ। ସେହିପରି ୯ ତାରିଖ ମଙ୍ଗଳବାର ଦିନ ସାଢ଼େ ୧୦ରେ ସୁକିନ୍ଦା ବ୍ଲକ କଂଗ୍ରେସ କମିଟି ବୈଠକ ରେ ଯୋଗ ଦେବାକୁ ଥିବା ବେଳେ। ଅପରାହ୍ନ ୨.୩୦ ରେ ଦାନଗଦି ବ୍ଲକ କଂଗ୍ରେସ ବୈଠକରେ ଯୋଗ ଦେବେ। ପୁନଃଶ୍ଚ ୧୦ ତାରିଖ ୧୦.୩୦ରେ କୋରେଇ ବ୍ଲକ କଂଗ୍ରେସ ବୈଠକ ଓ ୩.୩୦ରେ ବ୍ୟାସନଗର ପୌରପାଳିକା କଂଗ୍ରେସ କମିଟି ବୈଠକ ଅନୁଷ୍ଠିତ ହେବ। ୧୧ ତାରିଖ ଗୁରୁବାର ଦିନ ୧୦.୩୦ରେ ଧର୍ମଶାଳା ବ୍ଲକ କଂଗ୍ରେସର ଜାରକା ଠାରେ ଆୟୋଜିତ ବୈଠକରେ ପର୍ଯ୍ୟବେକ୍ଷକ ମାନେ ଯୋଗଦେବାକୁ ଥିବା ବେଳେ ୩.୩୦ ରେ ରସୁଲପୁର ବ୍ଲକ କଂଗ୍ରେସ ବୈଠକରେ ଯୋଗଦେବେ। ଏହାପରେ ୧୨ଶୁକ୍ରବାର ଦିନ ୧୦.୩୦ରେ ଯାଜପୁର ବ୍ଲକ ଏବଂ ଯାଜପୁର ପୌରପାଳିକା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଠାରେ ଆୟୋଜିତ ବୈଠକ ଯୋଗଦେବେ। ଏହି ଦିନ ଅପରାହ୍ନ ୩.୩୦ରେ ଦଶରଥପୁର ବ୍ଲକ କଂଗ୍ରେସ କମିଟି ବୈଠକ ରେ ଯୋଗ ଦେବାକୁ ଥିବା ବେଳେ ୧୩ତାରିଖ ଶନିବାର ଦିନ ୧୦.୩୦ ରେ ବରୀ ବ୍ଲକ କଂଗ୍ରେସ କମିଟି ବୈଠକ ରେ ଅଂଶଗ୍ରହଣ କରିବେ। ଶେଷରେ ୧୪ ତାରିଖ ରବିବାର ଦିନ ୧୦.୩୦ ରେ ବିଞ୍ଝାରପୁର ବ୍ଲକ କଂଗ୍ରେସ କମିଟି ବୈଠକରେ ଯୋଗଦେଇ କର୍ମୀମାନଙ୍କ ଠାରୁ ସଭାପତି ଚୟନ ନିମନ୍ତେ ମତାମତ ସଂଗ୍ରହ କରିବେ। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ବ୍ଲକ କଂଗ୍ରେସ ମାନଙ୍କରେ ଥିବା କଂଗ୍ରେସ ନେତୃମଣ୍ଡଳୀ, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ଦଳିତ କଂଗ୍ରେସ, କୃଷକ କଂଗ୍ରେସ, ସେବା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି 'ସଂଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟିର ସଂଯୋଜକ ମନୋଜ ରାଉତ ଅନୁରୋଧ କରିଛନ୍ତି।

## ଗଞ୍ଜେଇ ମାଫିଆ ଗିରଫ



କନ୍ଧମାଳ, (ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲା ଘଣ୍ଟାପଡା ପୋଲିସ ୮ମାସ ପୂର୍ବରୁ ଏକ ଗଞ୍ଜେଇ ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଏକ ଗଞ୍ଜେଇ ମାଫିଆକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଘଣ୍ଟାପଡା ପୋଲିସ ଗତ ବର୍ଷ ଡିସେମ୍ବର ମାସରେ ଏକ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିବା ବେଳେ ଗଞ୍ଜେଇ ଛାଡି ମାଫିଆ ଫେରାର ମାରିଥିଲେ। ଘଣ୍ଟାପଡା ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଉକ୍ତ ମାମଲାରେ ସମ୍ପୃକ୍ତ ଜଣେ ମାଫିଆକୁ ସିନ୍ଧିଗୋରା ଗ୍ରାମରୁ ଗିରଫ କରିଛି। ଗିରଫ ମାଫିଆ ହେଲେ ପୂର୍ଣ୍ଣ ରଣା। ପୂର୍ଣ୍ଣକୁ ଗିରଫ କରି ଘଣ୍ଟାପଡା ପୋଲିସ ଶନିବାର କୋର୍ଟଚାଲାଣ କରିଛି।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଶିକ୍ଷକ ବିକାଶ କର୍ମଶାଳା




ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଜାତୀୟ ଶିକ୍ଷାନୀତି-୨୦୨୦' ଶୀର୍ଷକ ଶିକ୍ଷକ ବିକାଶ କର୍ମଶାଳା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଏନ୍‌ସିଇଆରଟି, ଭୋପାଳର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଯୋଗ ଦେଇ ଜାତୀୟ ଶିକ୍ଷାନୀତିରେ ରହିଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ସମ୍ମାନୀତ ଅତିଥି ରୂପେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା, ସମ୍ମାନୀତ ଅତିଥି ରୂପେ ପ୍ରଫେସର ସରୋଜକାନ୍ତ ଚୌଧୁରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପିନାଥ କର, ଡଃ ପ୍ରଭାତ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ କେନ୍ଦ୍ରୀୟ ଅବକାରୀ ଅଧୀକ୍ଷକ ଚନ୍ଦ୍ରକାନ୍ତ ଦଳାଇ, ସମାଜସେବୀ ସନାତନ ପାତ୍ର ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଶିକ୍ଷା ବିଭାଗ ମୁଖ୍ୟ ଡଃ ଶ୍ରୀଲେଖା ନାୟକ କର୍ମଶାଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ସଂସ୍କୃତ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଏବଂ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ କଣ୍ଠଶିଳ୍ପୀ ତନୁଶ୍ରୀ ଜେନାଙ୍କୁ ତାଙ୍କର ସଂଗୀତ ପ୍ରତି ସାଧନା ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଡ଼. କୀର୍ତ୍ତିମୟୀ ରାଉତରାୟ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଇଂରାଜୀ ଅଧ୍ୟାପିକା ସଂଗୀତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟାପକ, ଅଧ୍ୟାପିକା ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗ ଦେଇଥିଲେ।

## କେନାଲକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳରେ ମହିଳାଙ୍କର କେନାଲ ପାଣିକୁ ଡ଼େଇଁ ଆତ୍ମହତ୍ୟା ଉଦ୍ୟମ ସାଧାରଣରେ ଚକିତ କରିଛି। ମହିଳାଙ୍କୁ କିଛି ବ୍ୟକ୍ତି ଉଦ୍ଧାର କରିଥିବା ବେଳେ ପୋଲିସ ପହଞ୍ଚି ପଚରା ଉଚରା କରି ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଜିମା ଦିଆଯାଇଛି। ଗତ କିଛିଦିନ ତଳେ ଏହି ମହିଳା ଓ ତାଙ୍କ ସ୍ୱାମୀ ଉଭୟେ ପିଟାପିଟି ହୋଇ ଥାନାକୁ ଆସିଥିଲେ। ବର୍ତ୍ତମାନ ମହିଳା କେନାଲ ପାଣିକୁ ଡ଼େଇଁବା ଆସ୍ଥା ଫଟିର କରାମତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ଜୟଗୁରୁ ଆଶ୍ରମ ନିକଟରେ ଶନିବାର ସନ୍ଧ୍ୟା ସମୟରେ ଜଣେ ମହିଳା ହଠାତ୍ ନିମାପଡ଼ା ମୁଖ୍ୟ କେନାଲ ପାଣିକୁ ଡ଼େଇଁ ପଡ଼ିଥିଲେ। ମହିଳା ଭାସି ଭାସି ଯାଉଥିବା ବେଳେ କେତେକ ବ୍ୟକ୍ତି ମହିଳାଙ୍କୁ ଉଦ୍ଧାର କରି ପଚରା ଉଚରା କରିଥିବା ବେଳେ ପୋଲିସ ପହଞ୍ଚି ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କ ଘରେ ଛାଡ଼ିଥିବା ଜଣାପଡ଼ିଛି। ଏହି ମହିଳାଙ୍କର ଏପରି କାଣ୍ଡକୁ ଦେଖି ଲୋକମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପତିପତ୍ନୀଙ୍କ ବିବାଦ କାରଣରୁ ମହିଳା କେନାଲ ପାଣିକୁ ଡ଼େଇଁ ଥିବା ଆଲୋଚନା ଜୋର ଧରିଥିବା ବେଳେ ମହିଳା ବାଉଳା ତାଉଳା କି କଥାବାର୍ତ୍ତା କରୁଛନ୍ତି। ଯାହାକୁ ନେଇ ମହିଳା ନିଶାଶକ୍ତ ଥିବା କୁହାଯାଉଛି। ଗତ କିଛିଦିନ ତଳେ ମହିଳା ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିବା ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ଜଣାପଡ଼ିଲା ମହିଳା ଜଣକ ନିଶାଶକ୍ତ ଅବସ୍ଥାରେ ନିଜ ସ୍ୱାମୀକୁ ଆକ୍ରମଣ କରିଥିଲେ। ଏହି ଘଟଣା ଏବେ ନିମାପଡ଼ା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ନାଳରେ ଅଧିକ ପାଣି ନଥିବାରୁ ମହିଳା ଜୀବନ ଅଳ୍ପକେ ରକ୍ଷା ପାଇଯାଇଛି।

# ସରୋଜ ଓଝାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବୋଡ଼କ ପଞ୍ଚାୟତ ଅଧୀନ ମନ୍ତ୍ରବାସୁଳୀ ଉନ୍ନୀତ ମଧ୍ୟଇଂରାଜୀ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ଓଝାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୪-୨୫ଶିକ୍ଷା ବର୍ଷ ପାଇଁ ସେ ଏହି ପୁରସ୍କାର ପ୍ରାପ୍ତ ହୋଇ ବ୍ଲକ ପାଇଁ ଗୌରବ ଆଣିପାରିଛନ୍ତି କ୍ଷ ଶୁକ୍ରବାର ଜିଲ୍ଲାସ୍ତରୀୟ ପବିତ୍ର ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅବସରରେ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲା ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଓ ସରୋଜ କୁମାର ଦତ୍ତ, ଡେପୁଟି ଜିଲାପାଳ ଡ. କାର୍ତ୍ତିକନାଥ ମଣ୍ଡଳ, ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ କାର୍ତ୍ତିକେଶ୍ୱର ରାଉଳ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତୃପ୍ତିମୟୀ ପାତ୍ର ଏବଂ ଧରଣୀଧର ପାତ୍ରଙ୍କ ସମେତ ତିହିଡ଼ି ବ୍ଲକ୍ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ସମେତ ଭଦ୍ରକ, ଧାମନଗର,ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ପସ୍ଥିତିରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ସରୋଜ ଜଣେ କବି ଓ ଲେଖକ ଭାବେ ସୁପରିଚିତ। ନିକଟରେ ସେ ପ୍ରକୃତି ମିତ୍ର ପୁରସ୍କାର ପାଇ ବେଶ ପ୍ରଶଂସାର ପାତ୍ର ହୋଇଥିଲେ। ପ୍ରଧାନଶିକ୍ଷକ ଓଝାଙ୍କର ଦୁଇଟି ଇଂରାଜୀ ପୁସ୍ତକ ପ୍ରକାଶିତ ହୋଇ ବେଶ ପାଠକୀୟ ଆଦୃତି ଲାଭକରିଥିବା ଜଣାପଡ଼ିଛି।

## ଅବକାରୀ ବିଭାଗର ଚଢ଼ାଉ, ଦୁଇ ଗିରଫ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧର୍ମଗଡ଼ ଅବକାରୀ ବିଭାଗ ତରଫରୁ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଦଶପୁର ଓ ଧାମନପୁର ଗ୍ରାମରେ ଚଢାଉ କରାଯାଇଛି। ଏହି ଚଢ଼ାଉ ରେ ବେଆଇନ ବିଦେଶୀ ମଦ ବିକ୍ରି କରୁଥିବା ଦୁଇ ଜଣ ମଦ ବେପାରୀକୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଦୁଇଜଣ ହେଲେ ଦଶପୁର ଗ୍ରାମର ଅରୁଣ କୁମାର ସାହୁ ଓ ଧାମନପୁର ଗ୍ରାମର ବିଷ୍ଣୁ ପ୍ରସାଦ ସାହୁ। ଉଭୟଙ୍କ ଠାରୁ ଗୋଟିଏ ପେଟି ବୀୟର ଓ ୫ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ତରଫରୁ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ବେହେରା ସୂଚନା ଦେଇଛନ୍ତି। ଏହି ଚଢ଼ାଉ ରେ ଧର୍ମଗଡ଼ ଅବକାରୀ ବିଭାଗର କର୍ମଚାରୀମାନେ ମଧ ସାମିଲ ଥିଲେ।

# ବିଜ୍ଞାପିତ ଅଞ୍ଚଳ ପରିଷଦ ନାଁରେ ରାଜନୈତିକ ରୋଟି ସେକୁଛନ୍ତି ବିରୋଧୀ




କୋରେଇ, (ଭାସ୍କର ନ୍ୟୁଜ): ପାଣିକୋଇଲିକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ନକରିବାକୁ ନେଇ ଆଜି କୋରେଇ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ଅଭିଯୋଗ କରିଛି କି ବିଜେଡି ବିଜ୍ଞାପିତ ପରିଷଦ ଦାବି ଶୈତାନର ବେଦ ପାଠ କରିବା ସଦୃଶ। ନିର୍ବାଚନ ପୂର୍ବରୁ ବିଜେଡି ପାଣିକୋଇଲି କୁ ବିଜ୍ଞାପିତ ପରିଷଦ ଘୋଷଣା କରିଥିଲେ, କିନ୍ତୁ ତାହାର ଗେଜେଟ ନୋଟିଫିକେସନ କାହିଁକି ବାହାରି ନଥିଲା? ଅନ୍ୟ ପଟେ ପାଣିକୋଇଲି ପଞ୍ଚାୟତ, ଗୋଳେଇପୁର ପଞ୍ଚାୟତ, ପଥର ପଦା ପଞ୍ଚାୟତ, କରଦା ପଞ୍ଚାୟତକୁ ନେଇ ପାଣିକୋଇଲି ବିଜ୍ଞାପିତ ପରିଷଦ ହେବା କଥା, କିନ୍ତୁ ଗୋଳେଇପୁର ସରପଞ୍ଚ ତାଙ୍କ ପଞ୍ଚାୟତ ଓ କରଦା ପଞ୍ଚାୟତର କିଛି ଗ୍ରାମ ଏଥିରେ ସାମିଲ ହେବ ନାହିଁ ଚିଠି ଲେଖି ସରକାରଙ୍କୁ ଜଣାଇଛନ୍ତି। ବିଜେପି ଅଭିଯୋଗ କରିଛି କି ଯେଉଁ ପରିବାର ନିଜର ସ୍ୱାର୍ଥ ପାଇଁ କୋରେଇରୁ ଜିଲ୍ଲା କାର୍ଯ୍ୟାଳୟ, ପରିବହନ କାର୍ଯ୍ୟାଳୟ, ଜିଲ୍ଲା ଖଣିଜ କାର୍ଯ୍ୟାଳୟ, କର୍ମ ନିୟୋଜନ କାର୍ଯ୍ୟାଳୟ ପରି ଅନେକ ସରକାରୀ କାର୍ଯ୍ୟାଳୟ ଆଗ କୋରେଇକୁ ଫେରାନ୍ତୁ। ତା ପରେ ସେମାନେ କୋରେଇ ଉନ୍ନତି ପାଇଁ ଅଣ୍ଟା ଭିଡ଼ିବେ। ଅନ୍ୟପଟେ ସରକାର ଏବେ ନୂଆକରି ଦୁଇଟି ପର୍ଯ୍ୟାୟରେ ୨୮ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। ଆଉ ସରକାର ନୂଆକରି ଘୋଷଣା କରିବେନାହିଁ ବୋଲି ବି କହି ନାହାଁନ୍ତି ବୋଲି ବିଜେପିର କର୍ମକର୍ତ୍ତା କହିଛନ୍ତି। ଆଜିର ଏହି ସମ୍ମିଳନୀରେ ଖରାସ୍ରୋତା ମଣ୍ଡଳର ସଭାପତି ଭାସ୍କର ସାହୁ, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ପାଣିକୋଇଲି ପୂର୍ବତନ ସମିତି ସଭ୍ୟ ଏସ୍‌କେ ଜହର ଅଲ୍ଲୀ, ପଥର ପଦା ବିଜେପି ସଭାପତି ଅଜୟ କୁମାର ସାହୁ, ଗୋଳେଇପୁର ପଞ୍ଚାୟତ ବିଜେପି ସଭାପତି କାର୍ତ୍ତିକ ସାହୁ ପ୍ରମୁଖ ଉପସ୍ଥିତଥିଲେ।

## କବିତା ପାଠ ଉତ୍ସବ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ପୁରୁଣାହାଟ ସ୍ଥିତ କବୟତ୍ରୀ ପୁଷ୍ପାଞ୍ଜଳି ତ୍ରିପାଠୀଙ୍କ ବାସଭବନରେ ଶୁକ୍ରବାର ଗୁରୁଦିବସ ପାଳନ ଅବସରରେ କବିତା ପାଠଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାକୁ ସାହିତ୍ୟିକ ବିଭୂତି ଭୂଷଣ ସେନାପତି ସଂଯୋଜନା କରିଥିଲେ। ଏଥିରେ ସାହିତ୍ୟିକ ପି. ହୃଷିକେଶ, ସାମ୍ବାଦିକ ପ୍ରଭାତ ରାଉଳ, ଗାଳ୍ପିକ କୈଳାଶ ବେହେରା, କବି ବିଶ୍ୱମୈତ୍ରୀ ନାୟକ, ବିପ୍ଳବରଞ୍ଜନ ପତି, ଆଶୁତୋଷ କରଣ, ନିରଞ୍ଜନ ବାରିକ, ନୀଳମାଧବ ସେନାପତି, ବିସ୍ମୟବିହାରି ସାହୁ, ରିନାରାଣୀ ପାତ୍ର, ଯଯାତି କେଶରୀ ଦାସ, ରେଣୁବାଳା ନାଥ ପ୍ରମୁଖ ଯୋଗଦେଇ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ କବିତାପାଠ କରିଥିଲେ। ଶେଷରେ କବୟତ୍ରୀ ପୁଷ୍ପାଞ୍ଜଳି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଭାତ ତ୍ରିପାଠୀ ଓ କଣ୍ଠଶିଳ୍ପୀ ପ୍ରୀତିପ୍ରଜ୍ଞା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାମକୃଷ୍ଣ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ତଥା ବର୍ତ୍ତମାନର କେନ୍ଦୁଝର ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଶାରୀରିକ ଶିକ୍ଷା କ୍ଷେତ୍ରରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଜଣେ କର୍ତ୍ତବ୍ୟନିଷ୍ଠ,ଆଦର୍ଶ ଶିକ୍ଷକ ତଥା ଛାତ୍ରବତ୍ସଳ ଭାବରେ ସମଗ୍ର ଜିଲା ତଥା ରାଜ୍ୟସ୍ତରରେ ସୁପରିଚିତ। ଢେଙ୍କାନାଳରୁ ସୁଦୁର ଇସ୍ତାନବୁଲ, ଭୁବନେଶ୍ୱର, ଦିଲ୍ଲୀ, ସବୁଠି ସେ ଛାଡିଛନ୍ତି ନିଜର କ୍ରୀଡା ପ୍ରତିଭାର ପଦଚିହ୍ନ। ଫୁଟବଲ କ୍ଷେତ୍ରରେ ପାରଦର୍ଶିତା ପାଇଁ ତାଙ୍କୁ ମିଳିଛି ଅଲଇଣ୍ଡିଆ ଫୁଟବଲ ଫେଡେରେସନର ସି ଲାଇସେନ୍ସ ସାର୍ଟିଫିକେଟ। ଏହାକୁ ବାଦଦେଲେ ହ୍ୟାଣ୍ଡବଲ, ଆଥଲେଟିକ୍ସ, ସିପକଟାକ୍ରୋ, ଫୁଟବଲ, ଟେନିସ, ଖୋଖୋ, ହକି ପ୍ରତିଯୋଗିତାରେ ଜାତୀୟସ୍ତରକୁ ପ୍ରତିନିଧିତ୍ୱ କରି ବଢାଇଛନ୍ତି ରାଜ୍ୟର ଗାରିମା। ତାଙ୍କର ଏହି ସଫଳତାରେ ଜିଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ତଥା କେନ୍ଦୁଝର ଜିଲା ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କୋଇଡା ପ୍ରେସ୍‌କ୍ଲବ୍ ପକ୍ଷରୁ ଗୁରୁ ଦିବସ ପାଳିତ

କୋଇଡା, (ଭାସ୍କର ନ୍ୟୁଜ): କୋଇଡା ବ୍ଲକ ଡେଙ୍ଗୁଳା ସେବାଶ୍ରମରେ କୋଇଡା ପ୍ରେସ କ୍ଲବ ଆନୁକୂଲ୍ୟରେ ମହା ଆଡମ୍ବର ସହକାରେ ଗୁରୁଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟଅତିଥି ରୂପେ କୋଇଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋମେନ୍ଦ୍ର ସାରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, କୋଇଡ଼ା ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା, ପିଟିଏ ମାଇନ୍ସ ମ୍ୟାନେଜର, ଟଙ୍କଧର ବେହେରା, ଡେଙ୍ଗୁଳା ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ସେଠ୍ ତଥା କୋଇଡା ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି କୋଇଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋମେନ୍ଦ୍ର ସାରଙ୍କ ଅଭିଭାଷଣ ପୁରା ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା। ଠିକ ସେହିପରି ମୁଖ୍ୟ ବକ୍ତା ପଟ୍ଟନାୟକ ଶିକ୍ଷକଙ୍କର ସମାଜ ପ୍ରତି ଥିବା ବଳିଦାନ ଏବଂ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ଶିକ୍ଷକ ମାନଙ୍କର ଉତ୍ସର୍ଗିକୃତ ମନୋଭାବ ଉପରେ ଆଲୋକପାତ କରିଥିଲେ। ପ୍ରେସ୍ କ୍ଲବ୍‌ର ସଦସ୍ୟମାନଙ୍କ ଦ୍ୱାରା ଶେଷରେ କୋଇଡା ବ୍ଲକର ସମସ୍ତ ସ୍କୁଲ କଲେଜର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଉପହାର ବଣ୍ଟନ କରାଯାଇଥିଲା। ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ ସମ୍ପାଦକ ବିଜୟ ନନ୍ଦ ଜେନା ପରିଚାଳନା କରିଥିଲେ। ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରୁ ସମ୍ବିତ ଜେନା, ବିଜୟ କୁମାର ଦାସ, ସୋମ୍ୟ ନାରାୟଣ ମହାନ୍ତି, ଦାମୁ ପାତ୍ର, ଜିତେନ୍ ବାରିକ, ସୁରେଶ ଦାସ, ସଞ୍ଜୟ ବେହେରା, ନିଖୋଜ ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ଗାଡିକୁ ଅଣ୍ଡା ମାଡ଼



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଗୀ କଲ୍ୟାଣ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଯୋଗ ଦେଇଥିଲେ। ହେଲେ ମିଶ୍ର ଦୀର୍ଘ ଦେଢ଼ ବର୍ଷ ହେବ ଅଞ୍ଚଳରେ ଦେଖା ଦେଉନଥିବା ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ମାତ୍ରାରେ ଅସନ୍ତୋଷ ଦେଖା ଦେଇଛି। ଯାହାଫଳରେ ଉତ୍ତକ୍ତ୍ୟ ହୋଇ ଅଞ୍ଚଳ ବାସୀ ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କ ଗାଡିକୁ ଅଣ୍ଡା ମାଡ଼ ସହିତ ତିବ୍ର ବିରୋଧ କରିଥିବା ସୂଚନା ମିଳିଛି। ସୂଚନା ଥାଉକି ଅଞ୍ଚଳର କିଛି ଜଣ ମହିଳା ଓ ପୁରୁଷ ନିଜ ସମସ୍ୟା ଧରି ଅଭିଯୋଗ କରିବା ପାଇଁ ବିଧାୟକଙ୍କ ପାଖକୁ ଯାଇଥିବା ବେଳେ ବିଜେଡି କର୍ମୀ ମାନେ ତାଙ୍କ ସହିତ ଗଣ୍ଡଗୋଳ କରି ସେମାନଙ୍କୁ ଧକା ଦେଇ ସେଠାରୁ ବିଦା କରିଦେଇ ଥିବା ଚର୍ଚ୍ଚା ହେଉଛି। ଯାହାକୁ ନେଇ ସେଠାକାର ଜନସାଧାରଣଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଅପର ପକ୍ଷୟରେ ମିଶ୍ର ନିଜ ନିର୍ବାଚନ ମଣ୍ଡଳୀକୁ ଆସିଥିବା ବେଳେ ଏତେ ସଂଖ୍ୟାରେ ପୁଲିସ ମୁତୟନ ହେବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି। କାରଣ ବିଗତ ଦିନରେ ବିଧାୟକ ଦିନରାତି ନିଜ ନିର୍ବାଚନ ମଣ୍ଡଳୀରେ ବୁଲୁଥିବା ବେଳେ ଗତ ସାଧାରଣ ନିର୍ବାଚନ ପର ଠାରୁ ଗୋଲାମୁଣ୍ଡା ବ୍ଲକରେ ବିଧାୟକଙ୍କ ଦେଖା ମିଳୁ ନ ଥିବା ଯୋଗୁଁ ସାଧାରଣ ଲୋକେ ନିଜ ସମସ୍ୟା ଗୁଡିକ ବିଧାୟକଙ୍କ ନିକଟରେ ଉପସ୍ଥାପନା କରିପାରୁ ନ ଥିବା କୁହାଯାଉଛି। ଯାହା ଦିନକୁଦିନ ଜନତାଙ୍କ ଆକ୍ରୋଶ ବିଧାୟକଙ୍କ ପ୍ରତି ବଢ଼ିବାରେ ଲାଗିଛି।

# ମାଥିଲି ଲ୍ୟାମ୍ପସ୍ ଦୁର୍ନୀତିର ଖୋଲୁଛି ଗୁମର




ମାଥିଲି ( ଭାସ୍କର ନ୍ୟୁଜ): ମାଥିଲି ଲ୍ୟାମ୍ପସ୍ ରେ ସାର ଏବଂ ନିଯୁକ୍ତି ଦୁର୍ନୀତିର ଖୋଲୁଛି ଲମ୍ବା ତାଲିକା। ମାଲକାନଗିରି ଜିଲ୍ଲା ମାଥିଲି ସଦରରେ ବିଭିନ୍ନ ଅନିୟମିତତା ଓ ସାର ଦୁର୍ନୀତି ଉପରେ ତଦନ୍ତ କରିଛି ସମବାୟ ବିଭାଗ। ମାଥିଲି କେସିସି ବ୍ୟାଙ୍କ୍ ଅଧିକାରୀ ମନୋଜ କୁମାର ମଣ୍ଡଳ ତଦନ୍ତ କରିଛନ୍ତି। ଲ୍ୟାମ୍ପସ୍ ସଭାପତିଙ୍କ ସ୍ୱାମୀ ତଥା ଡାଇରେକ୍ଟର ଉଦୟନାଥ ମାଡ୍ରୀ ଏବଂ ଉପ ସଭାପତିଙ୍କ ସ୍ୱାମୀ ଡାଇରେକ୍ଟର ହଳଧର ପୂଜାରୀ ଆଗୁଆ ୟୁରିଆ ସାର ବକେୟା ନେଇଥିବା ଘଟଣାର ତଦନ୍ତ ହୋଇଛି। ସୂଚନା ଅନୁଯାୟୀ ମାଥିଲିରେ ୫୪୧୫କ୍ୱିଣ୍ଟାଲ ସାର ଦିଆଯାଇଛି। କିନ୍ତୁ ବ୍ୟାଙ୍କରେ ଗତ ବର୍ଷର ସିସି ଅର୍ଥ ୧୭ଲକ୍ଷ ଏବଂ ଚଳିତ ବର୍ଷ ୩୧ ଲକ୍ଷ ଟଙ୍କା ବକେୟା ଥିବା କଥା ତଦନ୍ତ ଅଧିକାରୀ କହିଛନ୍ତି। ଲ୍ୟାମ୍ପସ୍ ପୂର୍ବତନ ଏମଡିଙ୍କ ବଦଳିକୁ ନା ପସନ୍ଦ କରିଛନ୍ତି ଡାଇରେକ୍ଟର ହଳଧର କୋପେ। ପୂର୍ବତନ ଏମଡି ବହୁ ଭଲ କାମ କରୁଥିବା ସ୍ୱତ୍ତେ କୌଣସି ବୋର୍ଡ ବୈଠକ ନ କରି କିମ୍ବା କୌଣସି ଡାଇରେକ୍ଟରଙ୍କ ସହ ଆଲୋଚନା ନ କରି ପଦଚ୍ୟୁତ କରି ଦିଆଗଲା। ସମସ୍ତ ଡାଇରେକ୍ଟରଙ୍କ ଉପସ୍ଥିତିରେ ମାଥିଲି ଲ୍ୟାମ୍ପସ ଠାରେ ରେଜୁଲେସନ ଲେଖା ହେବା କଥା କିନ୍ତୁ ତାହା ନ କରି ସେମିଳିଗୁଡା ଠାରେ ରେଜୁଲେସନ୍ ଲେଖା ହୋଇଅଛି। ଏଥିରୁ ଅନୁମେୟ ଲ୍ୟାମ୍ପସର ଦୁର୍ନୀତି। ତିନିବର୍ଷ ହେବ ଡାଇରେକ୍ଟର ମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା କୌଣସି ଅନୁସନ୍ଧାନ କରାଯାଇ ନଥିଲା। ଡାଇରେକ୍ଟର ମାନେ ନିଯୁକ୍ତି ହଉ କି ଦରମା ବଢିବା ହେଉ କୌଣସି ବିଷୟ ଅବଗତ କରାଯାଉ ନଥିଲା। ଇଚ୍ଛା ମୁତାବକ ଦରମା ବଢେଇବା ଏବଂ ନିଯୁକ୍ତି ଦେବା ଏବେ ସାମ୍ନାକୁ ଆସିଛି। ନିଯୁକ୍ତି ହଉ କି ଦରମା ବଢିବା ହେଉ ପ୍ରଥମେ ଡାଇରେକ୍ଟର ମାନେ ବୋର୍ଡ ବୈଠକରେ ଆଲୋଚନ ହୁଏ ତା ପରେ ଡିଆର ଓ ଏଆର୍‌ଙ୍କୁ ପଠେଇ ଲା ପରେ ସେଠାରୁ ଅନୁମୋଦନ କରିବା କଥା କିନ୍ତୁ ଏମାନେ ସେୟା ନ କରି ମନ ଇଚ୍ଛା ବଢ଼େଇଛନ୍ତି। ଏଭଳି ମନମୁଖୀ କାର୍ଯ୍ୟକଳାପ ଏବଂ ଲ୍ୟାମ୍ପସରେ ଉଚ୍ଚପଦପି ଥାଇ ଚାଷୀଙ୍କୁ ଲୁଟି ନେଉଥିବା କଥା ଚର୍ଚ୍ଚାର ବିଷୟ ପାଲଟିଛି।

## ବଜ୍ରପାତରେ ବୃଦ୍ଧ ମୃତ

ତିହିଡି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପିରାହାଟ ଥାନା ଜାମଯୋଡ଼ି ପଞ୍ଚାୟତ ଅଧିନ ନୂଆସାହି ଗ୍ରାମର ଦାଶରଥି ପରିଡା (୭୦) ନାମକ ଜଣେ ବୃଦ୍ଧଙ୍କର ଶନିବାର ମଧ୍ୟାହ୍ନରେ ବଜ୍ରପାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରକାଶଯେ, ଶନିବାର ଦାଶରଥି ଗ୍ରାମ ନିକଟସ୍ଥ ବିଲକୁ ଯାଇଥିଲେ। ସେ ବିଲରେ କାର୍ଯ୍ୟରତ ଥିବାବେଳେ ବଜ୍ରପାତ ହୋଇଥିଲା ଫଳରେ ସେ ବଜ୍ରପାତରେ ଗୁରୁତର ହୋଇ ବିଲରେ ପଡ଼ିଥିଲେ। ତାଙ୍କ ପରିବାର ଲୋକ ତାଙ୍କୁ ବିଲରୁ ଗୁରୁତର ଅବସ୍ଥାରେ ତିହିଡି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

## ସସ୍ମିତା ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ବାଙ୍କୀ/କଟକ, (ଭାସ୍କର ନ୍ୟୁଜ): ବାଙ୍କୀ ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ବୈଦ୍ୟେଶ୍ୱର ପାଟଣା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମୋନାଲିସା ସସ୍ମିତା ବିଶ୍ୱାଳଙ୍କୁ ଗୁରୁଦିବସ ଅବସରରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଉପସ୍ଥିତ ଥିଲେ। ଜିଲ୍ଲାର ୧୫ଟି ବ୍ଲକର ଜଣେ ଲେଖାଏଁ ପ୍ରାଥମିକ ଶିକ୍ଷକ ପୁରସ୍କାର ପାଇଥିବା ବେଳେ ବାଙ୍କୀ ବ୍ଲକରୁ ଜଣେ ଶିକ୍ଷୟତ୍ରୀ ସସ୍ମିତା ବିଶ୍ୱାଳ ପୁରସ୍କୃତ ହୋଇଛନ୍ତି। ଉଦୟନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ବୈଦ୍ୟେଶ୍ୱର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପରିଡଙ୍କ ସ୍ତ୍ରୀ ଏବଂ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କରବର ପଂଚାୟତ ଗୁରୁପଡା ଗ୍ରାମର ଶିକ୍ଷକ ପରିବାର ବୋହୂ ବୋଲି ଖବର ମିଳିଛି।



ରଣପୁର, (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଭାରତୀୟ ଜାତୀୟ କଂଗ୍ରେସକୁ ସୁଦୃଢ଼ କରି ଓଡ଼ିଶାକୁ ଆଗାମୀ ଦିନରେ କ୍ଷମତା ଦଖଲ ପାଇଁ କଂଗ୍ରେସ ସୁପ୍ରିମୋ ରାହୁଲ ଗାନ୍ଧୀ ଓ କେନ୍ଦ୍ରୀୟ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନ ମଣ୍ଡଳୀ ରଣପୁର ମା ମଣିନାଗ କଲ୍ୟାଣ ମଣ୍ଡପରେ ସେପ୍ଟେମ୍ବର ୫ ତାରିଖରେ ସଂଗଠନ ସୃଜନ ଅଭିଯାନରେ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କଂଗ୍ରେସ କର୍ମୀ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଦାଦ୍ରା ନଗର ହାବେଲୀର ବରିଷ୍ଠ କଂଗ୍ରେସ ନେତା ମହେଶ ଶର୍ମା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ତୃଣମୂଳ ସ୍ତରରୁ ବ୍ୟକ୍ତିଗତ ଭାବେ ମତାମତ ଲୋଡ଼ା ଯାଇଥିଲା। ତୃଣମୂଳରୁ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ମତାମତ ଗ୍ରହଣ ସହ ଆଗାମୀ ଦିନରେ ଓଡ଼ିଶା ଦଖଲ ପାଇଁ ଆହ୍ୱାନ କରିଥିଲେ। ପ୍ରାକ୍ତନ ଜିଲ୍ଲା ସଭାପତି ରଣଜିତ ଦାଶ, କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ନାୟକ, ହୁସେନ ଖାନ୍, ବିଜୁ ପ୍ରସାଦ ମିଶ୍ର, ଧ୍ରୁବ ଚରଣ ପତିତା, ଶତ୍ରୁଘ୍ନ ପାଇକରାୟ, ସତ୍ୟରଞ୍ଜନ ମହା, ମିର୍ ଆବ୍ଦୁ କରର ସିଦ୍ଦିକ୍, ବ୍ରଜ ସାସମଲ, ଟୁକୁ ଦଲେଇ, ପ୍ରଭାତ କୁମାର ପ୍ରଧାନ ଆଦି ବହୁ ବିଶିଷ୍ଟ ଅଞ୍ଚଳ ପରିଷଦ ଓ ପଞ୍ଚାୟତ ସ୍ତରୀୟ ଟାଣୁଆ କର୍ମୀ ଓ ଯୁବ ନେତା ସାମିଲ ହୋଇଥିଲେ।



## ସୁନା ଚେନ ଝାମ୍ପିନେବା ଘଟଣାରେ ଯୁବକ ଗିରଫ

ତେନ୍ତୁଲିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଅଞ୍ଚଳଗୁମା ଗ୍ରାମର ଜଣେ ମହିଳାଙ୍କ ବେକରୁ ଶୁକ୍ରବାର ସନ୍ଧ୍ୟାରେ ଏକ ଦୁର୍ବୃତ୍ତ ସୁନା ଚେନ ଝାମ୍ପି ନେଇ ଚାଲି ଯାଇଥିଲା। ସଂପୃକ୍ତ ଯୁବକ ଜଣକ ପୋଲିସ ହାତରେ ଧରାପଡ଼ିଛନ୍ତି। ଯୁବକ ଜଣଙ୍କ କୋରାପୁଟ ଜିଲ୍ଲା ସୁନାବେଡା ଥାନା ଅନ୍ତର୍ଗତ ଦୁମୁରିପୁଟ ଗ୍ରାମର ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ଯୁବକଙ୍କୁ ବିଚାର ବିଭାଗୀୟ ହାଜତକୁ ପଠେଇ ଦିଆଯାଇଥିବା ଏସ ଆଇ ମହେନ୍ଦ୍ର କ୍ରିଷାନି ସୂଚନା ଦେଇଛନ୍ତି। ପୋଲିସ ସୂଚନା ମୁତାବକ ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳ ଗୁମା ଗ୍ରାମର ଜେଲେମନି ବିଷୋୟୀ(୪୫) ଗତକାଲି ଅପରାହ୍ନ ସାଢ଼େ ୫ ଘଣ୍ଟା ସମୟରେ ଘର ନିକଟରେ ଥିବା ବର୍ଜିଙ୍କ କୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ନିଖିଳ ଦଣ୍ଡସେନା(୨୧) ଜେଲେମନି ଛିଡ଼ାଥିବା ଅଡ଼ୁଇ ଭରି ଓଜନର ସୁନା ଚେନକୁ ବେକରୁ ଝାମ୍ପିନେଇ ଦୌଡ଼ି ପଳେଇଥିଲା। ଜେଲେମନି ପାଟି କରିବା ପରେ ସାହି ଲୋକେ ଗୁଣ୍ଡ ଟେକା ଦେଇ ଯୁବକକୁ ଅଟକେଇ ଦେଇଥିଲେ। ଏହାପରେ ଲୁଟର ଶିକାର ହୋଇଥିବା ମହିଳା ଜଣଙ୍କ ତେନ୍ତୁଳିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ ଜଣଙ୍କ ଦୁମୁରିପୁଟ ଅଭିମୁଖେ ଖସ୍ତ କରିବା ପାଇଁ ପୂଜାରୀ ଗୁଡ଼ା ଛକରେ ବସକୁ ଅପେକ୍ଷା କରିଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ଏଏସଆଇ ଶ୍ରୀ କ୍ରିଷାନି, ଏଏସଆଇ ଉରେଠ ମାଝି ଓ ପୋଲିସ ଟିମ୍ ପହଞ୍ଚି ଯୁବକଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଯୁବକଙ୍କ ଠାରୁ ସୁନା ଚେନ ପୋଲିସ ଜବତ କରିଥିବା ବେଳେ ଚେନ ଲୁଟିନେବା ବିଷୟରେ ଯୁବକ ଜଣଙ୍କ ସ୍ୱୀକାର କରିଛି। ଏନେଇ ତେନ୍ତୁଳିଖୁଣ୍ଟି ଥାନା କେଶ ନଂ ୧୮୯/୨୫ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିବା ବେଳେ ଏଏସଆଇ ଶ୍ରୀ କ୍ରିଷାନି କେଶର ତଦନ୍ତ କରୁଛନ୍ତି।

# ଧୂମଧାମରେ ଗଣେଶ ମୂର୍ତ୍ତି ବିସର୍ଜନ

- ଏକ ଲକ୍ଷ ପାଞ୍ଚ ହଜାର ଦୁଇ ଟଙ୍କାରେ ନିଲାମ ହେଲା ଗଣେଶଙ୍କ ଲଡୁ
- ଦୁଇ ଗଣେଶ ମେଢ଼ରୁ ନିଲାମରେ ନେଲେ ଦୁଇ ଶ୍ରଦ୍ଧାଳୁ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ସହରରେ ଧୁମଧାମରେ ପ୍ରଭୂ ଶ୍ରୀ ଗଜାନନଙ୍କ ବିସର୍ଜନ ଉତ୍ସବ ଚାଲିଛି। ଗଣେଶଙ୍କ ହସ୍ତରେ ଥିବା ଲଡୁ ଗୁଡିକ ନିଲାମ ଡକା ଯାଇଛି। ଦୁଇଟି ଗଣେଶ ମେଢ଼ରୁ ଦୁଇଜଣ ଶ୍ରଦ୍ଧାଳୁ ନେଇଥିବା ବେଳେ ଆଉ ଜଣେ ଏକ ଲକ୍ଷ ପାଞ୍ଚ ହଜାର ଦୁଇ ଟଙ୍କାରେ ଶ୍ରୀଗଣେଶଙ୍କ ହସ୍ତ ଲଡୁ ନିଲାମରେ ନେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଖବର ଅନୁଯାୟୀ ମାଲକାନଗିରି ସହରର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତେଲୁଗୁସାହି ଯୁବକ ସଂଘ ପକ୍ଷରୁ ହୋଇଥିବା ଗଣେଶ ପୂଜା ମଣ୍ଡପରେ ଶ୍ରୀ ଗଣେଶଙ୍କ ହସ୍ତ ଲଡୁକୁ ନିଲାମରେ ଡକା ଯାଇଥିଲା। ତେଲୁଗୁ ସାହି ୟୁଥ କ୍ଲବ୍ ତରଫରୁ ଗଣେଶ ପୂଜା ଏହି ବର୍ଷ ବହୁ ଧୁମ୍‌ଧାମରେ ପାଳନ ହେବା ପରେ ଭସାଣି ଉତ୍ସବରେ ବିଶେଷ ଆକର୍ଷଣ ଥିଲା ଶ୍ରୀ ଗଣେଶଙ୍କ ହସ୍ତରେ ଧରିଥିବା ୧୧କେଜିର ସ୍ୱତନ୍ତ୍ର ଲଡୁର ନିଲାମ। ପ୍ରତି ବର୍ଷପରି ଚଳିତ ବର୍ଷ ମଧ୍ୟ ଲଡୁର ନିଲାମ କରାଯାଇଛି। ନିଲାମ ପ୍ରକ୍ରିୟାରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତମାନେ ଅଂଶଗ୍ରହଣ କରିଥିଲେ। ୫ହଜାର ଏକ ଟଙ୍କାରୁ ପ୍ରଥମେ ଲଡୁ ନିଲାମ ଡକା ଯାଇଥିଲା, ସର୍ବ ଶେଷରେ ବିଶାଲ ମାଲାକର୍ ନାମକ ଜଣେ ଯୁବ ଶ୍ରଦ୍ଧାଳୁ ଭକ୍ତ ସର୍ବାଧିକ ୫୪ ହଜାର ୦୧ ଟଙ୍କାରେ ଲଡୁ ଟିକୁ ନିଲାମରେ ଜିତିଥିଲେ। ଠାକୁରଙ୍କ ପ୍ରତି ଭକ୍ତ ଓ ପୂଜା କମିଟି ପ୍ରତି ଶ୍ରଦ୍ଧା ଦେଖି ତେଲୁଗୁସାହି ପୂଜା କମିଟି ସଦସ୍ୟ ମାନେ ଶ୍ରୀ ମାଲାକାରଙ୍କୁ ପୂଜା ମଣ୍ଡପରେ ସର୍ବ ସମ୍ମୁଖରେ ସମ୍ମାନିତ କରି ଲଡୁ ପ୍ରଦାନ କରିଥିଲେ ଓ ତାଙ୍କୁ ଲଡୁ ସହ ଶୋଭାଯାତ୍ରା କରି ନଗର ପରିକ୍ରମା କରିଥିଲେ। ଗତ ରାତିରେ ଶ୍ରୀ ଗଣେଶଙ୍କୁ ବିରାଟ ଶୋଭାଯାତ୍ରାରେ ସହର ପରୀକ୍ରମା କରି ପୁଷ୍କରଣୀରେ ବିଶର୍ଜନ କରିଥିଲେ। ଠିକ ସେହିଭଳି ଗୁରୁବାର ରାତ୍ରରେ ଦୁର୍ଗାଗୁଡ଼ି ସାହି ପୂଜା ମଣ୍ଡପରେ ଶ୍ରୀ ଗଣେଶଙ୍କ ଲଡୁ ନିଲାମ ହୋଇଛି। ଏହା ମଧ୍ୟ ୫ ହଜାର ୧ ଟଙ୍କାରୁ ନିଲାମ ଡକାଯାଇ ଥିଲା। ଏହି ଲଡୁଟିକୁ ସହରର ପି. ବାଲାରାଜୁ (ବୁଜି) ନାମକ ଜଣେ ଯୁବଭକ୍ତ ସର୍ବାଧିକ ୫୧ ହଜାର ୦୧ ଟଙ୍କାରେ ନିଲାମ ରେ ନେଇ ପ୍ରଶଂଶିତ ହୋଇଛନ୍ତି। ତାଙ୍କୁ ପୂଜା କମିଟି ପକ୍ଷରୁ ସମ୍ମାନୀତ କରା ଯାଇଛି, ଏହି ଦୁଇ ଶ୍ରଦ୍ଧାଳୁ ଭକ୍ତଙ୍କ ଶ୍ରୀ ଗଣେଶଙ୍କ ପ୍ରତି ଭକ୍ତି ଦେଖି ସହରବାସୀ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଛନ୍ତି।

## ବଡପଡା ଲ୍ୟାମ୍ପ ତରଫରୁ ଚାଷୀଙ୍କୁ ପାୱାରଟିଲର ପ୍ରଦାନ



ମାଲକାନାଗିରି /ଚିତ୍ରକୋଣ୍ଡା, (ଭାସ୍କର ନ୍ୟୁଜ୍) : ମାଲକାନାଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ବଡପଡା ପ୍ରାଥମିକ କୃଷି ସମବାୟ ସମିତି ତରଫରୁ ୬ ଜଣ କୃଷକଙ୍କୁ ଏକକାଳୀନ ଭାବେ ୬ ଗୋଟି ପାୱ୍ ।ରଟିଲର ଯୋଗାଇ ଦିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଡୁମୁଲୁଗୁମ୍ମା ଲ୍ୟାମ୍ପର ସଭାପତି ଗୋପୀ ପାଙ୍ଗୀ, ପରିଚାଳନା ପରିଷଦର ସଭ୍ୟ ହରି ମାଢୀ, ସର୍ବେଶ୍ ନାଲି, ତ୍ରିନାଥ ଫୁଲା, ପାପରମେଟଲା ନାଏବ ସରପଞ୍ଚ ମନୀ ପାଙ୍ଗୀ, ବଡପଡା ଲ୍ୟାମ୍ପ ଶାଖା ପରିଚାଳକ ସାଧୂରାମ ଖିଲ, ଯୋଡାମ୍ବ ଶାଖା ପରିଚାଳକ ସଞ୍ଜିତ୍ ଖରା, ପଣସପୁଟ ଶାଖା ପରିଚାଳକ ମଧୁ ପାଙ୍ଗିଆ ଓ ରାଲେଗଡା ଶାଖା ପରିଚାଳକ ଚନ୍ଦ୍ରସେନ ଗାଲେଲ୍‌ଙ୍କ ଉପସ୍ଥିତିରେ ସ୍ୱାଭୀମାନ ଅଞ୍ଚଳର, ବଡପଡା ଲ୍ୟାମ୍ପ ଅନ୍ତର୍ଗତ ପାପରମେଟଲା ପଞ୍ଚାୟତର ଛଅ ଜଣ ଚାଷୀ ଯଥା:- ମଦନ ଖେମୁଡୁ, ତୁମ୍ବନାଥ ଖିଲ, ତୈଳ ତଲାବ, କାମଟି ସିନ୍ଧେରୀ, ଲଛମନ ଖରା ଓ ହର ଖେମୁଡୁଙ୍କୁ ପ୍ରଦାନ କରାଯାଇଥିଲା। ସମବାୟ ବିଭାଗ ତରଫରୁ ସ୍ୱାଭିମାନ ଅଞ୍ଚଳରେ ବସବାସ କରୁଥିବା କୃଷକ ମାନଙ୍କୁ କୃଷି ଯନ୍ତ୍ରପାତି ପ୍ରଦାନ କରିବା ଭୌଗଳିକ ଓ ସାମାଜିକ ଦୃଷ୍ଟିକୋଣରୁ ଏକ ଯୁଗାନ୍ତକାରୀ ପଦକ୍ଷେପ, ଯେହେତୁ ଉକ୍ତ ଅଞ୍ଚଳରେ କୃଷି କାର୍ଯ୍ୟ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ଲୋକେ ପାରମ୍ପରିକ କୃଷି ଉପରେ ନିର୍ଭରଶୀଳ, ଯେଉଁଥିପାଇଁ ସମୟର ସଠିକ ବିନିଯୋଗ ହେଉନଥିବା ବେଳେ ପରିଶ୍ରମର ସଠିକ ସୁଫଳତା ମିଳୁନଥିବାରୁ, ଏଭଳି କୃଷି ଯନ୍ତ୍ରପାତି ମାଧ୍ୟମରେ ଚାଷକାର୍ଯ୍ୟ ତ୍ୱରାନ୍ୱିତ କରାଗଲେ ନିଶ୍ଚିତ ଭାବେ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବା ସହିତ ସେମାନଙ୍କୁ ଜଣେ ଜଣେ ଅଗ୍ରଣୀ ସ୍ୱାବଲମ୍ବୀ କୃଷକ ଭାବରେ ପରିଚୟ ସୃଷ୍ଟି କରିବ ବୋଲି ଲ୍ୟାମ୍ପ ସଭାପତି ଶ୍ରୀ ପାଙ୍ଗୀ ପ୍ରକାଶ କରିଛନ୍ତି। ଏଭଳି କାର୍ଯ୍ୟକ୍ରମକୁ ଅଞ୍ଚଳ ବାସିନ୍ଦା ସ୍ୱାଗତ କରିବା ସିତ ଆଗାମୀ ଦିନରେ ଆହୁରି ଅଧିକ ଚାଷୀଙ୍କୁ ଋଣ ମାଧ୍ୟମରେ କୃଷି ଯନ୍ତ୍ରପାତି ଉପକରଣ ପ୍ରଦାନ ନିମନ୍ତେ ଅନୁରୋଧ କରିଛନ୍ତି।

## କାନ୍ଥ ଭାଙ୍ଗି ନଗଦ ୩ ଲକ୍ଷ ଓ ୫ଭରି ସୁନା ଚୋରି ଅଭିଯୋଗ



ମୁରିବାହାଲ (ଭାସ୍କର ନ୍ୟୁଜ୍ ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଲଖନା ପଞ୍ଚାୟତ ସିଲେଟପଡ଼ା ଗ୍ରାମରେ ତୀର୍ଥଯାତ୍ରା ଯାଇଥିବା ଦମ୍ପତିଙ୍କ ଘର କାନ୍ଥ ଭାଙ୍ଗି ନଗଦ ୩ଲକ୍ଷ ଟଙ୍କା ଓ ୫ଭରି ଓଜନର ବିଭିନ୍ନ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ସିଲେଟପଡ଼ା ଗ୍ରାମର ଗମ୍ଭୀର ରଣା(୬୪) ଓ ତାଙ୍କ ପତ୍ନୀ ଲତା ରଣା ପୁରୀ ଜଗନ୍ନାଥ ଧାମକୁ ତୀର୍ଥଯାତ୍ରା କରିବାକୁ ଯାଇଥିଲେ। ଗତ ୩ ତାରିଖ ରାତିରେ ଚୋରମାନେ ତାଙ୍କ ଘରର ପଛ ପଟୁ ୩ଟି କାନ୍ଥ ଭାଙ୍ଗି ଘରକୁ ପଶିଥିଲେ। ଘରେ ଥିବା ନଗଦ ୩ଲକ୍ଷ ଟଙ୍କା ଓ ୫ଭରି ଓଜନର ବିଭିନ୍ନ ସୁନା ଅଳଙ୍କାର ଚୋରି କରିନେଇଯାଇଥିଲେ। ଚୋରି ହୋଇଥିବା ସମ୍ପର୍କରେ ଗତ ୪ ତାରିଖ ଦିନ ତାଙ୍କ ପୁଅ ସୁବାସ ରଣା ଜାଣିବା ପରେ ଫୋନ୍ କରି ଜଣାଇଥିଲେ। ରଣା ଦମ୍ପତି ତୀର୍ଥଯାତ୍ରାକୁ ଅଧାରେ ଛାଡ଼ି ଘରକୁ ଫେରିଆସି ସବୁ ଦେଖିଲା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ କରାଯାଇ ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ଼ ସହ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତନାଇନା ତଦନ୍ତ କରିକରିଥିବା ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତି।

# କୋରାପୁଟ ଜିଲ୍ଲାରେ ବସବାସ, ମାଲକାନଗିରି ଜିଲ୍ଲାରେ ଜୀବିକା

ମାଥିଲି (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲାରେ ବସବାସ, ଏବଂ ଜିଲ୍ଲା ମାନ୍ୟତା ବି ପାଉଛନ୍ତି କୋରାପୁଟ। କିନ୍ତୁ ହାତେଇଛନ୍ତି ମାଲକାନଗିରି ଜିଲ୍ଲା ର ସୁବିଧା ସୁଯୋଗ। ଏ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅଞ୍ଚଳବାସୀ ଚେଷ୍ଟା କରୁଥିଲେ ମଧ୍ୟ ଅଦ୍ୟାବଧି ତାହା ସମାଧାନ ହୋଇପାରିନାହିଁ। ମାଲକାନଗିରି ଜିଲ୍ଲାକୁ ୧୯୯୨ ଅକ୍ଟୋବର ୨ ତାରିଖରେ ସ୍ୱତନ୍ତ୍ର ଜିଲ୍ଲା ର ମାନ୍ୟତା ପାଇଲା କିନ୍ତୁ ମାନ୍ୟତା ପାଇବାର ୩୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଭଳି ମାଥିଲି ଓ ଖଇରପୁଟ ବ୍ଲକର ଅନେକ ଗାଁ ରହିଛି ଯେଉଁଠି କି ସେଠାକାର ବାସିନ୍ଦା ସମସ୍ତ ପ୍ରକାର ସୁବିଧା ହାତେଇଛନ୍ତି ମାଲକାନଗିରି ଜିଲ୍ଲାରୁ, ସେମାନଙ୍କର ଆଧାର କାର୍ଡ, ଭୋଟର କାର୍ଡ ମାଲକାନଗିରି ଜିଲ୍ଲାର ବୋଲି ଦର୍ଶା ଯାଉଥିବା ବେଳେ ସେହି ଗାଁ ଗୁଡ଼ିକ କିନ୍ତୁ ରାଜସ୍ୱ ମାନଚିତ୍ରରେ କୋରାପୁଟ ଜିଲ୍ଲା ବୋଲି ଦର୍ଶାଯାଇଛି। ସେହି ଗାଁ ଗୁଡ଼ିକରେ ବିଦ୍ୟାଳୟ, ଅଙ୍ଗନବାଡ଼ି, ସମସ୍ତ ପ୍ରକାର ଉନ୍ନୟନ କାର୍ଯ୍ୟ ମାଲକାନଗିରିରେ ରହିଛି ବୋଲି ଦର୍ଶାଯାଇଛି ଏପରିକି ପୂର୍ବରୁ ଅନେକ ଲୋକଙ୍କୁ ମାଲକାନଗିରି ଜିଲ୍ଲା ଦର୍ଶାଇ ଜଙ୍ଗଲ ଜମିପଟ୍ଟା ମଧ୍ୟ ପ୍ରଦାନ କରାଯାଇଛି। ପୁଣି ଅନେକ ଲୋକ ଜଙ୍ଗଲ ଜମି ପଟ୍ଟା ପାଇବା ପାଇଁ ଆବେଦନ କରିଥିବା ଜଣା ପଡ଼ିଛି। ପ୍ରକୃତ ବିଷୟ ଜାଣିପାରି ମାଥିଲି ଜଙ୍ଗଲ ବିଭାଗ ତଦନ୍ତ ରିପୋର୍ଟ ଦେବାପାଇଁ ରୋକ ଠୋକ୍ ମନା କରିଦେଇଛନ୍ତି । ଏ ସମ୍ପର୍କରେ ଗୋବିନ୍ଦପାଲି ବନପାଳ ବାସୁଦେବ ନାୟକଙ୍କୁ ଯୋଗାଯୋଗ କରିବାରୁ ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ପଞ୍ଚାୟତର ପନ୍ଦରଟି ଗାଁ, ମାଡ଼କାପଦର ପଞ୍ଚାୟତର ୬ ଗୋଟି ଗାଁ ଓ ମାଥ୍ ?ଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ପଞ୍ଚାୟତର ଦୁଇ ଗୋଟି ଗାଁ, କିଆଙ୍ଗ ପଞ୍ଚାୟତର ଗୋଟିଏ ଗାଁ ଓ କୁଟୁନିପାଲ୍ଲି ପଞ୍ଚାୟତର ଗୋଟିଏ ଗାଁ ସମୁଦାୟ ୨୫ଟି ଗାଁ କୋରାପୁଟ ଜିଲା ରାଜସ୍ୱ ମାନଚିତ୍ରରେ ଦର୍ଶାଯାଇ ଥିବାରୁ ସେହି ଗ୍ରାମ ଗୁଡିକର ଲୋକମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପାଇଁ ତଦନ୍ତ ରିପୋର୍ଟ ଦେବା ସମ୍ଭବ ନୁହଁ ବୋଲି ପ୍ରକାଶ କରିଛନ୍ତି। ରାଜସ୍ୱ ମାନଚିତ୍ରରେ ମାଲକାନଗିରି ଓ କୋରାପୁଟ ସୀମା ଗୋବିନ୍ଦପାଲ୍ଲି ପୋଲିସ ଚେକ୍ ପୋଷ୍ଟ ନିକଟରୁ ହୋଇଥିବା ବେଳେ ଗୋବିନ୍ଦପାଲ୍ଲି ଠାରୁ ବାର କିଲୋମିଟର ଦୂର କଷି ଗାଡ଼ରେ ମାଲକାନଗିରି କୋରାପୁଟ ସୀମା ବୋଲି ନାମ ଫଳକ ଲଗାଯାଇଛି। ଯାହା ଦ୍ୱାରା ସେଠାକାର ଲୋକ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉଭୟ ଜିଲ୍ଲା ପ୍ରଶାସନ ତୁରନ୍ତ ସୀମା ନିର୍ଦ୍ଧାରଣ କଲେ ସେହି ୨୫ ଗୋଟି ଗାଁ ଲୋକେ ପ୍ରକୃତରେ କେଉଁ ଜିଲ୍ଲାରେ ଅବସ୍ଥିତ ଜଣାପଡ଼ିବ ନଚେତ୍ ସେଠାରେ ବସବାସ କରୁଥିବା ଆଦିବାସୀ ଜଙ୍ଗଲ ଜମି ପଟ୍ଟା ପାଇବାରେ ବଞ୍ଚିତ ହେବେ।

## ଯୁବକଙ୍କ ଆତ୍ମହତ୍ୟା

କାଲିମେଳା, (ଭାସ୍କର ନ୍ୟୁଜ୍): ପଡ଼ିଆ ଥାନା ଅର୍ନ୍ତଗତ ଏମପିଭି -୬୬ ଗ୍ରାମର ବାସୁଦେବ ମିସ୍ତ୍ରୀ (୪୦) ଫାଶୀ ହୋଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେ ତାଙ୍କ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ କାରଣ ଅସ୍ପଷ୍ଟ ରହିଛି। ଘଟଣା ସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ଏହାର ତଦନ୍ତ ଜାରି ରଖିଛନ୍ତି। ତେବେ ପଡ଼ିଆ ଥାନା କେସ ନଂ ୧୯/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏବଂ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜବତ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ପୋଲିସ ହସ୍ତାନ୍ତର କରିଛି।

## ଭାରତୀୟ ଜୀବନ ବୀମା ନିଗମର ବାର୍ଷିକ ଉତ୍ସବ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଭାରତୀୟ ଜୀବନ ବୀମା ନିଗମ ଦ୍ୱାରା ସେପ୍ଟେମ୍ବର ୧ ରୁ ୫ ପର୍ଯ୍ୟନ୍ତ ବାର୍ଷିକ ଉତ୍ସବ ପାଳନ କରୁଥିବା ଅନୁରୂପ ନବରଙ୍ଗପୁର ଶାଖାରେ ମଧ୍ୟ ପାଞ୍ଚ ଦିନ ପାଳନ କରାଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନ ଦିବସରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନବରଙ୍ଗପୁର



ଶାଖାର ପ୍ରବନ୍ଧକ ତୁଳସୀ ରାମ ମାଝୀ, ସହ ଶାଖା ପ୍ରବନ୍ଧକ ସମୀର କୁମାର ଗର୍ଡିଆ, ଏ.ଓ.ସୁନିଲ ମହାପାତ୍ର, ବରିଷ୍ଠ ତଥା ଅଭିଜ୍ଞ ଅଭିକର୍ତ୍ତା ପ୍ରମୋଦ ତ୍ରିପାଠୀ, ବୀମା ଧାରକ, ସମସ୍ତ ଅଭିକର୍ତ୍ତା ଓ କର୍ମଚାରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନିଗମର ସଙ୍ଗୀତ ସାମୁହିକ ଭାବେ ଗାନ କରିଥିଲେ। ଦ୍ୱିତୀୟ ଦିନରେ ଅଭିକର୍ତ୍ତା ଓ କର୍ମଚାରୀଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ତୃତୀୟ ଦିନରେ କୁନି ଛୁଆ ମାନଙ୍କ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଚତୁର୍ଥ ଦିନ ଅଭିକର୍ତ୍ତା ଦିବସ ରୂପେ ଏକାଦଶୀ ପରିଡ଼ା ଓ ଭବାନୀ ସାହୁଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ପଞ୍ଚମ ଦିନ ଗୁରୁଦିବସ ତଥା ଉଦଯାପନୀ ଦିବସରେ ସମସ୍ତ କୁନି ବିଜେତା ମାନଙ୍କୁ ପୁରସ୍କାର ସହ ମାନ ପତ୍ର ବଣ୍ଟନ କରାଯାଇଥିଲା । ଜୋନାଲ ସ୍ପୋର୍ଟସ ପାଇଁ ଚୟନ ହୋଇଥିବା କେ.ରମ୍ୟା ଏବଂ ସରୋଜ ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରା ଯାଇଥିଲା। ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନରେନ୍ଦ୍ର ମୁଖୀ ରହିଥିବା ବେଳେ ମଙ୍ଗଳ ସିଂ ସଭା ପରିଚାଳନା କରିଥିଲେ।

## ଗଞ୍ଜେଇ ଚୋରା ଚାଲାଣର କିଙ୍ଗପିନ ଓ ସହଯୋଗୀ ଗିରଫ

ରଙ୍ଗେଇଲୁଣ୍ଡା,(ଭାସ୍କର ନ୍ୟୁଜ୍): ଗୋଳନ୍ଥରା ପୋଲିସ ପକ୍ଷରୁ ଚୋରାରେ ଚାଲାଣ ହେଉଥିବା ଗଞ୍ଜେଇ ମାମଲାରେ ସମ୍ପୃକ୍ତ ରହିଥିବା କିଙ୍ଗପିନ ଓ ତାହାର ସହଯୋଗୀଙ୍କୁ ପୁଲିସ ୨ ବର୍ଷ ପରେ ଆଜି ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଅନୁଗୁଳ ଜିଲ୍ଲା ବେଗଡିଆ ଥାନା ଅନ୍ତର୍ଗତ ସାପୁଆନାଳି ଲିପୁନ କୁମାର ମାଝୀ ଓରଫ ଲିପୁନ ଓ ଲକ୍ଷ୍ମୀନାରାୟଣପୁରର ଗଣେଶ୍ୱର ବେହେରା ଓରଫ ସନ୍ତୋଷ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅଭିଯୋଗ ଅନୁଯାୟୀ ଗତ ୨୦୨୩, ଅଗଷ୍ଟ ୧୯ ତାରିଖରେ ପୋଲିସ ପକ୍ଷରୁ ସାରୋଳ ଛକରେ ପେଟ୍ରାଲିଂ ସମୟରେ ଏକ ଆଇଚର ଟ୍ରକ(ଓଡି ୦୨ ଏଟି ୫୯୪୫) ରୁ ୧୧୦୮.୫୧୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହି ମାମଲାରେ ପୁଲିସ ପକ୍ଷରୁ ଟ୍ରକ ଡ୍ରାଇଭର



କେନ୍ଦ୍ରାପଡ଼ାର ସୁଶାନ୍ତ କୁମାର ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଗଞ୍ଜେଇ ଚିତ୍ରକୋଣ୍ଡାରୁ ଉତ୍ତରପ୍ରଦେଶର ମଥୁରାକୁ ରପ୍ତାନି କରାଯାଉଥିବା ଜଣାପଡିଥିଲା। ଏହି ଗଞ୍ଜେଇ ଚୋରା ଚାଲାଣରେ ଗିରଫ ଦୁଇ ଅଭିଯୁକ୍ତ ସମ୍ପୃକ୍ତ ରହିଥିବା ସହ ଚଢ଼ାଉ ସମୟରେ ଘଟଣା ସ୍ଥଳରୁ ଖସି ଯିବାରେ ସକ୍ଷମ ରହିଥିଲେ।ଘଟଣା ପରଠାରୁ ୨ ବର୍ଷ ଧରି ପୋଲିସ ପକ୍ଷରୁ ଉଭୟ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ ଜାଲ ବିଛା ଯାଇଥିବା ବେଳେ ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ତଥା ଡ଼ିଏସପି ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଅନୁଗୁଳ ଜିଲ୍ଲା ସାପୁଆ ନଳୀରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଆଜି ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# ‘ଗୁରୁଙ୍କର ଆଜ୍ଞା ଶିରୋଧାର୍ଯ୍ୟ କଲେ ଶିଷ୍ୟ ଜୀବନ ସାର୍ଥକ ହେବ’



ମାଲକାନାଗିରି, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସଦର ମହକୁମା ସ୍ଥିତ ସତ୍ୟନାରାୟଣ ମହାବିଦ୍ୟାଳୟରେ ଗୁରୁଦିବସ ଦିବସ ପାଳିତ ହୋଇଛିଯାଇଛି। ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଅତି ଆଡମ୍ବର ସହକାରେ ଡଃ ସର୍ବପଲ୍ଲୀ ଡ.ରାଧାକୃଷ୍ଣନଙ୍କ ପ୍ରତିମାକୁ ପୂଜାର୍ଚ୍ଚନା କରି ସଭା ପ୍ରାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ତଥା ଅଧକ୍ଷା ମମତା ପାଣିଗ୍ରାହୀ ଓ ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଭାରତୀୟ ପ୍ରାଚ୍ୟ ଆର୍ଯ୍ୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା, ଗୁରୁ ଓ ଶିଷ୍ୟର ସମ୍ପର୍କ, ଗୁରୁଙ୍କ ଦାୟିତ୍ୱ ଉପରେ ଅଭିଭାଷଣ ପ୍ରଦାନ ସହ ଶିଷ୍ୟ ବା ଛାତ୍ରଛାତ୍ରୀ ମାନଙ୍କ ନୀତି, ଆଦର୍ଶ ଓ ଶୃଙ୍ଖଳା ସହ ଚରିତ୍ର ଗଠନରେ ଛାତ୍ରର କର୍ତ୍ତବ୍ୟ ଏବଂ ଆଦର୍ଶ ଛାତ୍ର ହିଁ ଦେଶର ଗୋଟିଏ ଉତ୍ତମ ନାଗରିକ ବୋଲି ନିର୍ଦ୍ଦେଶକ ଶ୍ରୀଯୁକ୍ତ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ । ଆନୁଷ୍ଠାନର ଅଧକ୍ଷା ଶ୍ରୀମତୀ ପାଣିଗ୍ରାହୀ ତାଙ୍କ ଅଭିଭାଷଣରେ ଶିଷ୍ୟର ନୈତିକ ଦାୟିତ୍ୱ ଉପରେ ଆଲୋକପାତ ପୂର୍ବକ ସୁନ୍ଦର ସୁସ୍ଥ ସମାଜ ଗଠନ ଓ ପିଲାମାନଙ୍କର ଭବିଷ୍ୟତର ମଙ୍ଗଳ କାମନା କରିଥିଲେ। +୨ ଓ +୩ ବିଭାଗର ଅଧ୍ୟାପକ ରାମକୃପା ନାୟକ, ଏ ସ୍ୱାତି, ରଶ୍ମିତା ପଟ୍ଟନାୟକ, ଦୁଷ୍ମନ୍ତୀ ମଡାଙ୍ଗି, ଦିପ୍ତିଲତା କଂସାରି, ବିଜୟ ସରକାର, ରାହୁଲ ବର୍ମନ, ଆକାଶ ମଣ୍ଡଳ, ରଞ୍ଜିତ ପାଣିଗ୍ରାହୀ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ। ସେହିପରି ନର୍ସିଂ ତଥା ପାରାମେଡିକାଲ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଯୋଗଦାନ କରିଥିଲେ। ଶିଷ୍ୟାଚାର୍ଯ୍ୟଙ୍କର ଯୋଗ୍ୟତା ଉପରେ ସବିଶେଷ ବିବରଣୀ ପ୍ରଦାନ ସହ ଶିଷ୍ୟର କର୍ତ୍ତବ୍ୟ ତଥା ଛାତ୍ରଛାତ୍ରୀ ମାନେ କିପରି ସଫଳତାର ଚରମସୀମାକୁ ସ୍ପର୍ଶ କରିପାରିବେ ସେହି ବିଷୟରେ ଶ୍ରୀଯୁକ୍ତ ନାୟକ ଦିଗଦର୍ଶନ ପ୍ରଦାନ କରିଥିଲେ। ସେହିପରି ସୁମରିନ ସୁମନ କାର୍ତ୍ତିକ କଠିନ ପରିଶ୍ରମ ତଥା ଗୁରୁଙ୍କର ଆଜ୍ଞା ଶିରୋଧାର୍ଯ୍ୟ କଲେ ଛାତ୍ରଛାତ୍ରୀ ମାନେ ସଫଳତାର ଚରମ ସୀମାରେ ପହଞ୍ଚି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକା ମାନେ ନିଜନିଜ ମନ୍ତବ୍ୟ ରଖି ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀ ମାନେ ସଭାକୁ ସଂଯୋଜନା କରି ଗୁରୁ-ଦିବସକୁ ଆହୁରି ରଙ୍ଗାୟିତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରମୁଖ ଛାତ୍ରଛାତ୍ରୀ ମାନେ ଶିଷ୍ୟର କର୍ତ୍ତବ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନେ ଗୁରୁଜୀ ମାନଙ୍କୁ ଉପହାର ପ୍ରଦାନ କରି ଆଶୀର୍ବାଦ କାମନା କରିଥିଲେ। ଶେଷରେ ସଭାଟିକୁ ଗୁରୁବନ୍ଦନାରେ ପ୍ରାରମ୍ଭ କରି ଗୁରୁ ବନ୍ଦନାରେ ପରିସମାପ୍ତ କରାଯାଇଥିଲା।

## ସାରସକଣା ମଣ୍ଡଳ କଂଗ୍ରେସ କମିଟିର ବୈଠକ



ସାରସକଣା, (ଭାସ୍କର ନ୍ୟୁଜ୍) : ବ୍ଲକ ଅନ୍ତର୍ଗତ ବାଲିଆ ସାହିରେ ଥିବା ଶିବ ପାର୍ବତୀ ମଣ୍ଡପରେ ସାରସକଣା ମଣ୍ଡଳର କଂଗ୍ରେସ କମିଟିର ସଦସ୍ୟ ମାନଙ୍କ ଦ୍ୱାରା ସଂଗଠନ ସୃଜନ ଅଭିଯାନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀତିନ କୁମ୍ଭାକର, ଡିଆଇସିସିର ଯୁଗ୍ମ ସମ୍ପାଦକ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କେମିତି ମଣ୍ଡଳ ସ୍ତରରେ ପାର୍ଟିର କର୍ମୀ ମାନେ ମୂଳଦୁଆକୁ ସୁଦୃଢ଼ କରିବେ ତାହାର ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ବନମାଳି ଦାସ, ପିସିସିର ପର୍ଯ୍ୟବେକ୍ଷକ ମଧ୍ୟ କର୍ମୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଭୁବନ ବିହାରୀ ସାହୁ, ସଂଯୋଜକ ମୟୂରଭଞ୍ଜ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ନିରୋଜ ଲୋଚନ ଦାଶ, ପିସିସି, ମେମ୍ବର। ଯିଏକି ଆଶାୟୀ ବିଧାୟକ ପ୍ରାର୍ଥୀ ବେରେଲ ସିର୍କା ମଧ୍ୟ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିକାଶ ରଞ୍ଜନ ସାହୁ ବ୍ଲକ୍ ସଭାପତି, ଅଶୋକ ସେଠୀ, ତରୁଣ ଗିରି, ପ୍ରଦୀପ୍ତ ପୃଷ୍ଟି, ମନୋରଞ୍ଜନ ନାୟକ, ଦୀପକ ଦାସ, ବିରଞ୍ଚି ନାୟକ, ପ୍ରଦୀପ କୁମାର ବସା। ପରିଶେଷରେ ତରୁଣ ଗିରି ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଜଣାଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ।

# ଜିଲ୍ଲା ଓ ବ୍ଲକ କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ବୈଠକ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ତେନ୍ତୁଳି ଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲଙ୍କ ସଭାପତିତ୍ୱ ରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ଓ ବ୍ଲକ କଂଗ୍ରେସ ନୂତନ ସଭାପତି ଚୟନ ନିମନ୍ତେ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁତ୍ୱପୂର୍ଣ ବୈଠକ ପୂଜାରୀ ଗୁଡା ସଦର ପଞ୍ଚାୟତ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ବୈଠକରେ ତେଲେଙ୍ଗାନା ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ଏଆଇସିସି ପର୍ଯ୍ୟବେକ୍ଷକ ଜେଟି କୁସୁମ କୁମାର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୁପେ ପିସିସି ପର୍ଯ୍ୟବେକ୍ଷକ କୃଷ୍ଣଚନ୍ଦ୍ର କୁଲଦିପ,କଳାହାଣ୍ଡି ସାଂସଦ ପାର୍ଥ୍ଵ ଦ୍ରୋପଦୀ ମାଝି, ଜିଲ୍ଲା କଂଗ୍ରେସ ପୂର୍ବତନ ମହିଳା ଶୋଭାନେତ୍ରୀ ପି.ନାଗା ରତ୍ନମ, କୋରାପୁଟ ଛାତ୍ର



କଂଗ୍ରେସ ସଭାପତି କିରଣ ତୁରୁକ, ବରିଷ୍ଠ କଂଗ୍ରେସ ନେତା ବସନ୍ତ ପାଣିଗ୍ରାହୀ, ଭୀମସେନ ପାଣିଗ୍ରାହୀ, କିଶୋର ଚନ୍ଦ୍ର ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। କଂଗ୍ରେସର ନିତି ଆଦର୍ଶ ତଥା ସର୍ବ ପୁରାତନ ଦଳ ପ୍ରତି ଲୋକଙ୍କ ଅତୁଟ ବିଶ୍ୱାସ ରହିଛି। ଏଣୁ କଂଗ୍ରେସ କର୍ମୀଙ୍କୁ ନିଷ୍ଠାର ସହ କାର୍ଯ୍ୟ ତୁଲେଇ ଲୋକଙ୍କ ସହ ସହଭାଗିତା ହେବାନେଇ ପରାମର୍ଶ ଦିଆଯାଇଥିଲା। ସେହିପରି ବୈଠକରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ବ୍ଲକ କଂଗ୍ରେସ ସଭାପତି ଚୟନ ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକର ୧୫ ଗୋଟି ପଞ୍ଚାୟତର କଂଗ୍ରେସ କର୍ମୀ ଉପସ୍ଥିତ ରହି ନିଜ ନିଜ ସୁଚିନ୍ତିତ ମତ ରଖିଥିଲେ। ତେବେ ନୂତନ ବ୍ଲକ କଂଗ୍ରେସ କମିଟି ସଭାପତି ପାଇଁ ପୂର୍ବତନ ବ୍ଲକ ସଭାପତି ପ୍ରହଲ୍ଲାଦ ହିଆଲ ଏବଂ ପୂର୍ବତନ ବ୍ଲକ ଉପାଧକ୍ଷ ଦୁର୍ଲଭ କନ୍ଧ ଗୌଡ଼ ଆଶାୟୀ ଥିବାବେଳେ ପ୍ରହଲ୍ଲାଦଙ୍କୁ ୯ ପଞ୍ଚାୟତର କର୍ମୀ ସମର୍ଥନ ଜଣେଇଛନ୍ତି। ସେହିପରି ଦୁର୍ଲଭଙ୍କୁ ୬ଟି ପଞ୍ଚାୟତର କର୍ମୀ ସମର୍ଥନ ଜଣେଇଛନ୍ତ। ଯାହାକି ପ୍ରହଲ୍ଲାଦ ହିଆଲ ପୁନର୍ବାର ବ୍ଲକ ସଭାପତି ହେବା ନେଇ ଜଳ ଜଳ ଦେଖାଯାଉଛି। ବରିଷ୍ଠ କଂଗ୍ରେସ କର୍ମୀ ଅଜୟ ହିଆଲ, ନବୀନ କର୍କରା, ସୁବାଷ କର୍କରା, ସୁନୀଲ ସିଂହ, ନକୁଳ କର୍କରା ବିଶ୍ୱନାଥ ସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ପାର୍ବଣ ପର୍ବରେ ଡିଜେ ସାଉଣ୍ଡ କରୁଛି ଲୋକଙ୍କୁ ହନ୍ତସନ୍ତ

ଖଡ଼ିଆଳ,(ଭାସ୍କର ନ୍ୟୁଜ): ଖଡ଼ିଆଳ ସହର ତଥା ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନରେ ପାର୍ବଣ ଋତୁ ଚାଲିଥିବା ବେଳେ ଉଚ୍ଚ ଶବ୍ଦ ଯୁକ୍ତ ଡିଜେ ଚାରିଆଡ଼େ ବାଜିବା ଆରମ୍ଭ ହୋଇ ଯାଇଛି। ଏଥିଯୋଗୁଁ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଶିଶୁ, ବୟସ୍କ ବ୍ୟକ୍ତି, ବରିଷ୍ଠ ନାଗରିକ, ପ୍ରସୂତି ମହିଳା ମାନଙ୍କୁ ଅସହ୍ୟ ବୋଧ ହେଉଛି। ଡିଜେ ସାଉଣ୍ଡରୁ ରକ୍ଷା ପାଇବା ପାଇଁ ଘର ଭିତରେ କବାଟ ବନ୍ଦ କରି ରହିଲେ ମଧ୍ୟ କାନ ଫଟା ଶବ୍ଦରୁ ମୁକ୍ତି ମିଳୁନାହିଁ ଓ ଡିଜେ ସାଉଣ୍ଡ ଉପରେ କଟକଣା ରହୁ ନଥିବାରୁ ଶବ୍ଦ ପ୍ରଦୂଷଣ ବଢୁଛି ବୋଲି ଅଭିଯୋଗ ହେଉଛି। ରାତି ୧୦ଟା ପରେ ଡିଜେ ସାଉଣ୍ଡ ବାଜିବା ଓ ବାଣ ଫୁଟାଇବା ଉପରେ କଟକଣା ଥିଲେ ମଧ୍ୟ ତାହା କେହି ମାନିବାକୁ ରାଜି ନଥିବାର ଦେଖିବାକୁ ମିଳୁଛି। ବର୍ତ୍ତମାନ ସମୟରେ ପାର୍ବଣ ଋତୁର ପ୍ରଥମ ପାହାଚରେ ଗଣେଶ ପୂଜା ସରିଥିବା ବେଳେ ଏବେ ଗାଁ ଠାରୁ ସହର ସବୁଆଡ଼େ ଆରମ୍ଭ ହୋଇଛି ଭସାଣି କାର୍ଯ୍ୟକ୍ରମ। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁ ପୂଜା କମିଟି ପକ୍ଷରୁ ଏଥିପାଇଁ ପ୍ରତିଯୋଗିତା ମୂଳକ ଭାବରେ କାହାର କେତେ ଉଚ୍ଚଶବ୍ଦ ସଂପନ୍ନ ଡିଜେ ଅଛି ତାହା ଖୋଜାଖୋଜି କରି ଭଷାଣି ହେଉଛି। ଉଚ୍ଚଶବ୍ଦ ଜନିତ ପ୍ରଦୂଷଣରେ ମଣିଷ ଶରୀରରେ ସୃଷ୍ଟି ହେଉଥିବା ଅସୁବିଧା ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ ସଚେତନ କରୁଥିବା ବେଳେ ଶବ୍ଦ ପ୍ରଦୂଷଣ ବ୍ୟକ୍ତିର ମାନସିକତା ଉପରେ କୁପ୍ରଭାବ ପକାଉଛି ଓ ଶ୍ରବଣ ଶକ୍ତି କମିବାର ସମ୍ଭାବନା ରହିଛି ବୋଲି ସୂଚିତ କରୁଛି। ଅଧିକ ଶବ୍ଦରେ ମଣିଷର ହୃଦସ୍ପନ୍ଦନ ବଢିବା ସହିତ କେତେକ ସ୍ଥଳେ ହୃଦ୍‌ଘାତର ଆଶଙ୍କା ରହିଥାଏ। ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି। ଶବ୍ଦ ବ୍ୟବହାର କରିବା ପାଇଁ ଜିଲ୍ଲା ପ୍ରଶାସନରୁ ଅନୁମତି ପ୍ରଦାନ କରାଯାଉଥିବା ବେଳେ ଅଧିକାଂଶ ଉତ୍ସବରେ ବିନା ଅନୁମତିରେ ଡିଜେ ବ୍ୟବହାର କରାଯାଉଛି ବୋଲି ସହରରେ ଚର୍ଚ୍ଚା ହେଉଛି। ପୁଲିସର କଡ଼ାକଡ଼ି ଯାଞ୍ଚ ହିଁ ଇଚ୍ଛାକୃତ ଶବ୍ଦ ପ୍ରଦୂଷଣରୁ ଲୋକଙ୍କୁ ଆଶ୍ୱସ୍ତି ଦେଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତବ୍ୟକ୍ତ ହେଉଛି। ସଂଗୀତ ଦ୍ୱାରା ମନ ପ୍ରଫୁଲ୍ଲିତ ହୁଏ। ମାତ୍ର ଉଚ୍ଚଶକ୍ତି ସଂପନ୍ନ ସଂଗୀତ ଅନେକ ସମୟରେ ମଣିଷର ଶରୀର ପ୍ରତି ବିପଦ ହୋଇପାରେ। ତେଣୁ ପୋଲିସ ପ୍ରଶାସନ ଡିଜେ ସାଉଣ୍ଡ କମ ବ୍ୟବହାର କରିବା ଉପରେ ଧ୍ୟାନ ଦେବାକୁ ଖଡ଼ିଆଳ ଅଞ୍ଚଳର ସଚେତନ ନାଗରିକ ଓ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।



ଛତ୍ରପୁର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ପରିସରରେ ଗୁରୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ହୁମ୍ମା ବୀରଭଦ୍ର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେ ବିଭିଷଣ ପାତ୍ର ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ପଦ୍ମ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହସଂପାଦକ ପ୍ରକାଶ ଚନ୍ଦ୍ର ସାହୁ, ସଦସ୍ୟ ରାମପ୍ରସାଦ ପଟ୍ଟନାୟକ, କୋଷାଧକ୍ଷ ସିମାଞ୍ଚଳ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଜୀବନରେ ଗୁରୁର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ମହାପାତ୍ର ଗୁରୁ ଦିବସର ମୁଖ୍ୟ ଆଭିମୁଖ୍ୟ ରଖିଥିଲେ। ଗୁରୁଦିବସ ଅବସରରେ ଦୁଇଜଣ ଶିକ୍ଷକଙ୍କୁ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା'ଙ୍କୁ ଗୁରୁ ପୂଜନ ସହ ସମ୍ମାନୀତ କରିଥିଲେ। ଶେଷରେ ବରିଷ୍ଠ ଆଚାର୍ଯ୍ୟ ମନୋରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ଏଥିରେ ସହଯୋଗ କରିଥିଲେ। ଗୁରୁଦିବସ ପାଳନ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ଥିବା ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ପଞ୍ଚାୟତ ହୁରାସାହି ଠାରେ ଥିବା ଅନନ୍ତବାସୁଦେବ ମନ୍ଦିରରେ ଅନୁଷ୍ଠିତ ହେଉଥିବା ମହାବିଷ୍ଣୁ ଯଜ୍ଞ ଉପଲକ୍ଷେ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଚ୍ୟୁତାନନ୍ଦ ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଟ୍ରଷ୍ଟର




ପରିଚାଳନା ନିର୍ଦ୍ଦେଶକ ମହନ୍ତ ବାବା ବଂଶୀଧର ଦାସ ମହାରାଜଙ୍କ ନେତୃତ୍ୱରେ ଦୂରଦୂରାନ୍ତରରୁ ଆସିଥିବା ନିମନ୍ତ୍ରିତ ସାଧୁସନ୍ଥ ମାନଙ୍କ ଦ୍ୱାରା ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଅଞ୍ଚଳର ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବାବାଜୀ ଚରଣ ସାହୁ ଯୋଗ ଦେଇଥିବା ବେଳେ ଏହାକୁ ପରିଚାଳନା କରିଥିଲେ ସାମ୍ବାଦିକ ଜୟଗୁରୁ ମହାପାତ୍ର। ସାମ୍ବାଦିକ ଅଭୟ ପ୍ରଧାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ସାମ୍ବାଦିକ ମାନଙ୍କ ପକ୍ଷରୁ ମହନ୍ତ ବାବା ବଂଶୀଧର ଦାସ ମହାରାଜ, ନିମନ୍ତ୍ରିତ ସାଧୁସନ୍ଥ ତଥା ଅନୁଷ୍ଠାନ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଛି।

## କୃତ୍ରିମ ବନ୍ୟାରେ ଗାଁ ଉବୁଟୁବୁ

# ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ

ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ସରକାରୀ ଜାଗା ଅବରୋଧ ଫଳରେ ଗାଁ ରାସ୍ତାରେ କୃତ୍ରିମ ବନ୍ୟା, ଆଣ୍ଠୁଏ ପାଣିରେ ଉବୁଟୁବୁ ଗ୍ରାମବାସୀ। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଭାଟପଡା ପଞ୍ଚାୟତର ରାଉତପଡା ଗ୍ରାମରେ। ଉକ୍ତ ଗ୍ରାମରେ ପାୟ ୩୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣିରେ ପଶି ଗ୍ରାମବାସୀଙ୍କୁ ବାହାରକୁ ଯିବାକୁ ପଡୁଛି। ଏମିତି କି ବର୍ଷା ହେଲେ ଅଙ୍ଗନବାଡ଼ି, ସ୍କୁଲକୁ ଯାଇ ପାରୁନହାନ୍ତି ଛୋଟ ପିଲା। ଯଦି ବି କେହି ପାଣି ପାର ହୋଇ ଯାଉଛନ୍ତି, ସେମାନେ ଜ୍ୱର ଥଣ୍ଡା ସହ ବିଭିନ୍ନ ପ୍ରକାରର ଚର୍ମ ରୋଗରେ



ପୀଡ଼ିତ ହେଉଥିବା ଦେଖିବାକୁ ମିଳିଛି। ସରକାରୀ ଜାଗାକୁ ଜବରଦଖଲ କରିବା ସହ ରାଜନୈତିକ ଛକାପଞ୍ଝାରୁ ଆକ୍ରୋଶର ଶିକାର ହେଉଛନ୍ତି ନିରୀହ ଗ୍ରାମବାସୀ। ଏ ବାବଦରେ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରିବା ସହ ବର୍ଷାଜଳ ତୁରନ୍ତ ନିଷ୍କାସନର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସାର କଳାବଜାରୀ ରୋକିବା ନେଇ ବିଭାଗ ପକ୍ଷରୁ ଚଢ଼ାଉ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଜିଲ୍ଲା କୃଷି ବିଭାଗ ତରଫରୁ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାର କଳାବଜାରୀ ରୋକିବାକୁ ପଦକ୍ଷେପ ନିଆଯାଉଛି । ସାର ଅଭାବ ଓ କଳାବଜାରୀ ରୋକିବାକୁ ୫ ତାରିଖରେ ଆସିଥିବା ୧୮୦୦ ମେଟ୍ରିକ୍ ଟନ୍ ୟୁରିଆ ସାରକୁ ସମ୍ପୂର୍ଣ୍ଣ ରୂପେ ୨୨ ଗୋଟି ବ୍ଲକର ୧୨୬ ଗୋଟି ପ୍ରାଥମିକ ସେବା ସମବାୟ ସମିତି (PACS) ଜରିଆରେ ଚାଷୀ ମାନଙ୍କୁ ବିକ୍ରି କରିବାକୁ ନିଷ୍ପତି ନିଆଯାଇଛି। ଖୁବ୍‌ଶୀଘ୍ର ପର୍ଯ୍ୟାପ୍ତ ପରିମାଣର ୟୁରିଆ ଆସି ପହଞ୍ଚିବା ନେଇ ବ୍ୟବସ୍ଥା କରାଯାଇଛି ବୋଲି କୃଷି ବିଭାଗ ତରଫରୁ ସୂଚନା ମିଳିଛି। ଉକ୍ତ ସାରକୁ ମଧ୍ୟ ପ୍ରାଥମିକ ସେବା ସମବାୟ ସମିତି (PACS)



ଜରିଆରେ ବିକ୍ରି କରିବା ନିମନ୍ତେ ପ୍ରଶାସନ ତରଫରୁ ପ୍ରୟାସ ଜାରି ରହିଛି । ତେଣୁ ଆଗାମୀ ଦିନରେ ଜିଲ୍ଲାରେ ସାରର କୌଣସି ଅଭାବ ରହିବ ନାହିଁ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ତେଣୁ ଭୟଭୀତ ନ ହୋଇ ଚାଷୀ ଭାଇମାନେ ଚଢ଼ା ଦରରେ ସାର ନକିଣିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି । ପୂର୍ବରୁ ଚଢ଼ା ଦରରେ ସାର ବିକ୍ରୀକୁ ନେଇ ଜିଲ୍ଲାରେ ସମସ୍ତ ଡିଲରଙ୍କୁ ସରକାର ତାଗିତ କରିଥିବା ଜଣାପଡିଛି। ଜିଲ୍ଲାରେ ସାରର ଅଭାବୀ ବିକ୍ରି ଅଭିଯୋଗ ହେବା ପରେ ଛତ୍ରପୁର ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ, ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ କୃଷି ଅଧିକାରୀ ତଥା ଫର୍ଟିଲାଇଜର ଇନ୍‌ସପେକ୍ଟର ନିହାର ରଞ୍ଜନ ଦାଶ, କୃଷି ଅଧୀଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ଗ୍ରାମ୍ୟ କୃଷି କର୍ମଚାରୀ ବୈରାଗୀ ସ୍ୱାଇଁ ପ୍ରମୁଖ ବିଭିନ୍ନ ସାର ଦୋକାନ, ଗୋଦାମ ଗୃହ ଓ ସମବାୟ ସମିତି ଯାଇ ସମସ୍ତ ନଥିପତ୍ର, ଷ୍ଟକ ରେଜିଷ୍ଟର, ବିକ୍ରୟ ରେଜିଷ୍ଟର ତଦାରଖ କରିଥିଲେ, କୌଣସି ପରିସ୍ଥିତିରେ ଚାଷୀଙ୍କୁ ଚଢ଼ା ଦରରେ ସାର ବିକ୍ରୟ ନ କରିବାକୁ ତାଗିଦ କରିଥିଲେ। ଯଦି କୌଣସି ସରକାରୀ ସ୍ୱୀକୃତି ପ୍ରାପ୍ତ ବିକ୍ରେତା ଚଢ଼ା ଦରରେ ସାର ବିକ୍ରୟ କରିବା ଦୃଷ୍ଟିକୁ ଆସିଲେ ତୁରନ୍ତ ଲାଇସେନ୍ସ ରଦ୍ଦ କରାଯିବା କଥା କହିଛନ୍ତି।

# ଛାତ୍ରୀ ନିଖୋଜ, ଥାନାରେ ମାମଲା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ଜିଲ୍ଲା ପଲିଟେକ୍‌ନିକ୍‌ର ଜଣେ ଛାତ୍ରୀ ନିଖୋଜ ହୋଇଯାଇଥିବା ଜଣାଯାଇଛି। ଝିଅର ନିଖୋଜ ସମ୍ପର୍କରେ ତାଙ୍କ ବାପା ଡେରାବିଶ ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଛାତ୍ରୀ ଜଣକ ମହାକାଳପଡ଼ା ଥାନା ଅଞ୍ଚଳର ହୋଇଥିବା ବେଳେ ସେ କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍‌ର ମେକାନିକାଲ ଇଞ୍ଜିନିୟରିଂର ପ୍ରଥମ ବର୍ଷ ଛାତ୍ରୀ ଥିଲେ। ଝିଅ ଗୁରୁବାର ଦିନ ୧୦ଟା ବେଳେ ଫୋନ୍ ଯୋଗେ ତାଙ୍କ ପରିବାର ସହିତ କଥା ହୋଇଥିଲେ। ହେଲେ ତାଙ୍କ ପରିବାର ପୁନର୍ବାର ଗତକାଲି ଅପରାହ୍ନ ୫ଟା ୩୦ ସମୟରେ ଝିଅର ମୋବାଇଲ୍‌କୁ ଫୋନ୍ କରିବାର ମୋବାଇଲ୍ ସୁଇଚ୍ ଅଫ୍ ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ପରିବାର ଲୋକ ପଚରାଉଚୁରା କରିବାରୁ ତାଙ୍କ ଝିଅ ହଷ୍ଟେଲରୁ କଲେଜକୁ କ୍ଲାସ୍ କରିବାକୁ ଯାଇଥିଲା ହେଲେ ଅପରାହ୍ନରେ ଆଉ ହଷ୍ଟେଲକୁ ଫେରିନାହିଁ ବୋଲି ଜଣାପଡ଼ିଥିଲା। ପରିବାର ଲୋକ ବହୁ ଖୋଜାଖୋଜି ପରେ ଝିଅର ସନ୍ଧାନ ନପାଇବାରୁ ବାଧହୋଇ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଡେରାବିଶ ଥାନାରେ ୧୫୬/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ବ୍ଲକସ୍ତରୀୟ ଉପଦେଷ୍ଟା କମିଟି ଗଠିତ

## ପବିତ୍ର ଅଧକ୍ଷ, ଇନ୍ଦ୍ରମଣି ଜିଲ୍ଲାସ୍ତରୀୟ ସଦସ୍ୟ ମନୋନୀତ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗରେ ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟ ପରିସର ସଭାରେ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଆରତୀ ନାଏକ, ଉପାଧକ୍ଷ ଦ୍ୱିଜୟ ମିଶ୍ର, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଶୁଭଶ୍ରୀ ପ୍ରଧାନ, ଉଦ୍ୟାନ ବିଭାଗ ଓଭରସିୟର ବିପିନି ବିହାରୀ ସାମଲ, ଆତ୍ମା ବିଟିଏମ୍ ଜିତେନ୍ଦ୍ର ପ୍ରଧାନ, ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ, ମତ୍ସ୍ୟ ବିଭାଗ ଅତିରିକ୍ତ ଅଧିକାରୀ ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଆତ୍ମାର ବିଟିଏମ ଜିତେନ୍ଦ୍ର ପ୍ରଧାନ କାର୍ଯ୍ୟସୂଚୀ ଅନୁଯାୟୀ



ସମସ୍ତ ସଭ୍ୟ, ସଭ୍ୟା ମାନଙ୍କୁ ସ୍ୱାଗତ କରି ଉପସ୍ଥାପନା କରିଥିଲେ। ଏଥିରେ ସର୍ବସମ୍ମତି କ୍ରମେ ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟିର ଅଧକ୍ଷ ପବିତ୍ର କୁମାର ଲେଙ୍କା ଓ ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି ସଦସ୍ୟ ଭାବେ ଇନ୍ଦ୍ରମଣି ଜେନାଙ୍କୁ ମନୋନୀତ କରାଯାଇଥିଲା। ଦୁହେଁ ଜଣେ ଜଣେ ସୁସଂଗଠକ ଭାବେ ବେଶ୍ ପରିଚିତ। ସଭା ଶେଷରେ ନୂତନ ଭାବେ କମିଟି ଅଧକ୍ଷ ଓ ଜିଲ୍ଲାସ୍ତରୀୟ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇବା ସହ ସଭ୍ୟ/ସଭ୍ୟା ମାନଙ୍କୁ ଧନ୍ୟବାଦ ଦେଇ ସଭା କାର୍ଯ୍ୟ ଶେଷ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆତ୍ମା ଏଟିଏମ ଅମରେଶ୍ୱର ବିଶ୍ୱାଳ, ଶିବ ପ୍ରସାଦ ପାଇଟଳା, ଶ୍ୱେତା ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଇଦ୍-ମିଲାଦୁନ୍-ନବୀ ପାଳିତ

ଡେରାବିଶ (ଭାସ୍କର ନ୍ୟୁଜ୍): ମହାପୁରୁଷ ହଜରତ ମହମ୍ମଦ (ସ)ଙ୍କ ପବିତ୍ର ଜନ୍ମଜୟନ୍ତୀ ଇଦ-ମିଲାଦୁନ-ନବୀ ଆଜି ଡେରାବିଶ ବ୍ଲକ ଅଧିନ ବିଭିନ୍ନ ମୁସଲମାନ ସାହି ମାନଙ୍କରେ ମହା ଆଡମ୍ବରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଞ୍ଚିଣା, ଗୋଲରାହାଟ ପଞ୍ଚାୟତର ଗୋଲରାହାଟ ଓ ଚଷାଖଣ୍ଡ, କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରୀପଡା, କୁଶିଆପାଳ ପଞ୍ଚାୟତର ହଳଦିଆ, ଚାଟରାଚକଡା ପଞ୍ଚାୟତର ଓଲଢି, ପଲେଇ ପଞ୍ଚାୟତର ସବଳଙ୍ଗ କଣିପଡ଼ା ଓ ବେଣିପୁର ପଞ୍ଚାୟତର ସଦାନନ୍ଦପୁର ଗ୍ରାମର ମୁସଲମାନ ସାହିମାନ ଉତ୍ସବମୁଖର ହୋଇ ଉଠିଥିଲା। ଏହି ଅଞ୍ଚଳରେ ଥିବା ମସଜିଦ୍ ମାନଙ୍କରେ ପ୍ରାତଃ ନମାଜ ପାଠ ପରେ କୋରାନ ପାଠ କରାଯାଇଥିଲା। ପୂର୍ବାହ୍ନରେ ବିଭିନ୍ନ ଗ୍ରାମରେ ମୁସଲମାନ ଭାଇମାନେ ଏକତ୍ରିତ ହୋଇ ଶୋଭାଯାତ୍ରରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଇସମାଲ ଧର୍ମର ପବିତ୍ର ବାଣୀ ପଢ଼ିଥିଲେ।

## ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

# 'ଶିକ୍ଷକମାନେ କେବଳ ଜ୍ଞାନଦାତା ନୁହନ୍ତି, ସମାଜ ଗଠନର ଆଧାରଶିଳା'

ବାରିପଦା (ଭାସ୍କର ନ୍ୟୁଜ୍) : ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସଏଙ୍କ ପୌରୋହିତ୍ୟରେ ଆଜି ସହିଦ ସ୍ମୃତି ଭବନ, ବାରିପଦାଠାରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା-୨୦୨୫ ମହାସମାରୋହରେ ପାଳିତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ମାନ୍ୟବର ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଲୋକସଭା ସାଂସଦ ନବଚରଣ ମାଝି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କରଚନ୍ଦ୍ର ମଢେଇ, ସାରସକଣା ବିଧାୟକ ଭାଦ ହାଁସଦା, ରାଇରଙ୍ଗପୁର ବିଧାୟକ ଯଲେନ ନାଏକ ଓ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରାରମ୍ଭିକ ଭାଷଣରେ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ ତାଙ୍କର ଉଦ୍‌ବୋଧନାରେ ଭାରତର ପୂର୍ବତନ ରାଷ୍ଟ୍ର ପତି, ମହାନ ଦାର୍ଶନିକ, ଶିକ୍ଷାବିଦ୍ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଶିକ୍ଷାଦର୍ଶନ ଓ ସାଧନାକୁ ସ୍ମରଣ କରିଥିଲେ । ସେମାନେ କହିଥିଲେ ଯେ ରାଧାକୃଷ୍ଣନଜୀଙ୍କ ମତାନୁସାରେ "ଶିକ୍ଷକମାନେ କେବଳ ଜ୍ଞାନଦାତା ନୁହେଁ, ସମାଜ ଗଠନର ଆଧାରଶିଳା" । ତେଣୁ ଗୁରୁ ଦିବସ ପାଳନ ଦ୍ୱାରା ଶିକ୍ଷକଙ୍କ ପ୍ରତି କୃତଜ୍ଞତା ପ୍ରକାଶ ସହିତ ଗୁରୁ-ଶିଷ୍ୟ ସମ୍ପର୍କର ଗଭୀରତା ଉଦ୍‌ବୋଧିତ ହୁଏ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଚାରିଟି ଉପଖଣ୍ଡରୁ ଚାରିଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ପ୍ରାଥମିକ ସ୍ତରରୁ ୨୫ଜଣ ଶିକ୍ଷକ ଓ ମାଧ୍ୟମିକ ସ୍ତରରୁ ୪୨ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଛି। ଏହି ପୁରସ୍କାର ଶିକ୍ଷକମାନଙ୍କର ମନୋବଳକୁ ଦୃଢୀଭୂତ କରିବା ସହିତ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ। ଏହି ଉତ୍ସବ ଗୁରୁପୂଜନର ପରମ୍ପରାକୁ ଉଜ୍ଜୀବିତ କରିବା ସହିତ ଗୁରୁ-ଶିଷ୍ୟ ସମ୍ପର୍କକୁ ସୁଦୃଢ଼ କରିବାରେ ସହାୟକ ହେବ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଆକାଡେମିକ) ବିନୋଦ ସିଂ ଧନ୍ୟବାଦ ଅର୍ପଣ କରିଥିବା ସ୍ଥଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ସ୍କିମ୍) ଶଶିଧର ସିଂ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଶିକ୍ଷକ ହରେନ୍ଦ୍ର ମହାନ୍ତ, ପ୍ଲାନିଂ ସଂଯୋଜକ ମନୋଜ ଶର୍ମା। ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା।



# ଗ୍ରାମ କଣ୍ଟକ, ବେ-ବନ୍ଦୋବସ୍ତ ସହ ସରକାରୀ ସ୍କୁଲମାନଙ୍କୁ ପଟ୍ଟା ବଣ୍ଟନ

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ପଟ୍ଟା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ବିନୋଦ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ମେଳା ଉତ୍ସବରେ ଅତିଥି ଭାବରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଗୁରୁତ୍ୱାରୋପ କରି ଏହି ପଟ୍ଟାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଛତ୍ରପୁର ଉପଜିଲ୍ଲାପାଳ ଡ.ଶିବାଶିଷ ବରାଳ, ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀ, ଏନ୍‌ଏସି ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାଉନସିଲର ଭାସ୍କର ବେହେରା, ବ୍ଲକ ଅଧକ୍ଷା ପିଙ୍କି ବେହେରା ଯୋଗଦେଇଥିଲେ। ଏହି ଅବସରରେ ୭୭୦ଟି ପଟ୍ଟା ବଣ୍ଟନ କରାଯାଇଥିଲା। ପୁରୁଷୋତ୍ତମପୁର ବ୍ଲକ ଓ ଏନଏସିରେ ପ୍ରାୟ ସରକାରୀ ସ୍କୁଲ ମାନଙ୍କର ଭୂମିପଟ୍ଟା ନଥିବା ହେତୁ ସେଥି ମଧ୍ୟରୁ ୭୧ଟି ସ୍କୁଲକୁ ପଟ୍ଟା ପ୍ରଦାନ କରାଯିବା ସହ ୫୬୩ଟି ଗ୍ରାମକଣ୍ଟକ ପଟ୍ଟା, ୧୩୬ଟି ବେ-ବନ୍ଦୋବସ୍ତ ପଟ୍ଟା ବଣ୍ଟନ କରାଯାଇଥିଲା। ସରକାରଙ୍କ ନୂତନ ନିୟମ ପ୍ରକାରେ ପ୍ରସ୍ତୁତି ହୋଇଥିବା ଆହୁରି ୨୨୦୭ଟି ପଟ୍ଟାକୁ ମଧ୍ୟ ଖୁବ୍‌ଶୀଘ୍ର ବଣ୍ଟନ କରାଯିବ ବୋଲି ତହସିଲଦାର ବିନୋଦ କୁମାର ବେହେରା ଜଣାଇଛନ୍ତି। ଏଥିରେ ବହୁ ପଞ୍ଚାୟତ ଜନପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ ବୃନ୍ଦ ଯୋଗଦେଇଥିବା ବେଳେ ସମସ୍ତ ତହସିଲର କର୍ମଚାରମାନେ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ।

# ଇବ୍ ଖାଦାନ ମଜଦୁର ସଂଘର ସମ୍ବର୍ଦ୍ଧନା ସଭା

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ଇବ ଖାଦାନ ମଜଦୁର ସଂଘର ସଦସ୍ୟ ରିଷଭ କୁମାର ଖାରେଙ୍କୁ ଅଖିଳ ଭାରତୀୟ ଖାଦାନ ମଜଦୂର ସଂଘ ତରଫରୁ ମହାନଦୀ କୋଲଫିଲ୍ଡସ୍ ଲିମିଟେଡର କଲ୍ୟାଣ ସମିତିର ସଦସ୍ୟ ଭାବେ ମନୋନୀତ କରାଯାଇଥିବାରୁ ବ୍ରଜରାଜନଗର ଇବ ଭ୍ୟାଲି ଜିଏମ୍ ଅଫିସ ସ୍ଥିତ କ୍ୟାଣ୍ଟିନ୍ ଠାରେ ବ୍ରଜରାଜନଗର ଇବ ଖାଦାନ ମଜଦୁର ସଂଘର ଇବ୍ ଭ୍ୟାଲି ଏରିଆର ଜିଏମ୍ ଅଫିସ ୟୁନିଟ୍ ଦ୍ୱାରା ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।




ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଖାଦାନ ମଜଦୂର ସଂଘର ସମ୍ପାଦିକା ସୁଶ୍ରୀ ସୁସ୍ମିତା ପଟେଲ ଯୋଗ ଦେଇଥିଲେ। ବ୍ରଜରାଜନଗର ଇବ ଖାଦାନ ମଜଦୁର ସଂଘ ସଭାପତି ଗୋବିନ୍ଦ ସିଂ, ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ, ସାଂଗଠନିକ ସମ୍ପାଦକ ସୁଜିତ୍ ଝା ମଞ୍ଚାସିନ ଥିଲେ । ଏହି ସଭାରେ ରିଷଭ କୁମାର ଖାରେଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ସମସ୍ତ ଅତିଥିମାନେ ସଂଗଠନ ତରଫରୁ ରିଷଭ କୁମାର ଖାରେଙ୍କୁ ଯେଉଁ କଲ୍ୟାଣ ସମିତି ସଦସ୍ୟ ଦାୟିତ୍ୱ ଦିଆଯାଇଛି ସେଥିରେ ବହୁତ ଖୁସି ଥିବା ସହିତ ଏହି ଦାୟିତ୍ୱ ରିଷଭ ବାବୁ ପାଇଲା ପରେ ସେ କର୍ମଚାରୀମାନଙ୍କ ସମସ୍ୟାକୁ ପ୍ରବନ୍ଧନ ସମ୍ମୁଖରେ ରଖି ସମସ୍ୟାଗୁଡ଼ିକର ସମାଧାନ କରାଇ ପାରିବେ ବୋଲି ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବସୁନ୍ଧରା କ୍ଷେତ୍ରରୁ ଆସିଥିବା ସନ୍ତୋଷ କାଲୋଙ୍କୁ ମଧ୍ୟ ବିଏମ୍‌ଏସ୍‌ଆଇଆର ପାଇବା ପାଇଁ ସହଯୋଗ କରିଥିବାରୁ ତାଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ସଭାପତି ଗୋବିନ୍ଦ ସିଂ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପ୍ତି କରିଥିଲେ। ଏହି କାର୍ଯ୍ୟକ୍ରମରେ ରବି ରୋହିଦାସ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ହୃଦାନନ୍ଦ ମାଝୀ, ଅବନୀ କୁମାର ଦାସ, ଦୀପକ ରଞ୍ଜନ ଦାଶ, ସଂତୋଷ ସିଂ, ଧର୍ମେନ୍ଦ୍ର ଭାରତି, ଗୁଣ ସାଗର ପ୍ରଧାନ, ଅରିନ୍ଦମ ମଲିକ, ପ୍ରଫୁଲ୍ଲ କୁମାର ସାହୁ , ମନୋଜ ଧୂରୁଆ, ଓରିଏଣ୍ଟ କ୍ଷେତ୍ରରୁ ପ୍ରଭାକର ସିଂ, କିରଣ କୁମାର ରାଏକର, ଶିବ୍ ରାମ ପ୍ରଧାନ, ଏକଲବ୍ୟ ସାହୁ ଓ ଲଖନପୁର ଏରିଆରୁ ଅଦିତ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦୁର୍ଗାପୂଜା ଲାଗି ମାଟି ଅନୁକୂଳ

ଚଣ୍ଡିଖୋଲ (ଓଡ଼ିଶା ଭାସ୍କର) : ବଡଚଣା ବ୍ଲକ୍ ଅନ୍ତର୍ଗତ ଚଣ୍ଡିତଳ ସାର୍ବଜନିନ ଦୂର୍ଗା ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ପବିତ୍ର ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ଦୂର୍ଗା ମଣ୍ଡପ ଠାରୁ ପୁରୋହିତ, କର୍ତ୍ତା ଓ କମିଟିର କର୍ମକର୍ତ୍ତା ସଭ୍ୟମାନେ ବାଜାବାଣ ସଂକୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ଯାଇ ପଡିଆରୁ ପବିତ୍ର ମାଟି ସଂଗ୍ରହ କରିଥିଲେ। ପାରମ୍ପରିକ ରୀତିନୀତି ଓ ପୂଜା ପଦ୍ଧତି ଅନୁଯାୟୀ ପୂଜକଙ୍କ ସମେତ, କର୍ତ୍ତା ପ୍ରକାଶ ମହାନ୍ତି ପବିତ୍ର ମାଟି ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ଚିନ୍ମୟ ମହାନ୍ତି, ଉପ ସଭାପତି ଧନେଶ୍ୱର ଦାସ, ସମ୍ପାଦକ ମହେଶ୍ୱର ମହାନ୍ତି, ସହ ସମ୍ପାଦକ ସନ୍ତୋଷ ଦାସ, କୋଷଧକ୍ଷ ପ୍ରବୀର ଦାସ, ଉପକର୍ତ୍ତା ରଜତ ମହାନ୍ତିଙ୍କ ସମେତ ନୟନ ପଟ୍ଟନାୟକ, ଦେବେନ୍ଦ୍ର ମହାନ୍ତି , ପଙ୍କଜ ଦାସ, ସନ୍ଦୀପ କାନୁନଗୋ, ଦେବେନ୍ଦ୍ର ମଲ୍ଲିକ, କୈଳାଶ ମଲ୍ଲିକ ବିନୋଦ ଦଳେଇ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସୁରନିକେତନ ପକ୍ଷରୁ ଗୁରୁପୂଜନ ଉତ୍ସବ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ତଥା ସୁନାମଧନ୍ୟ ସଂଗୀତ ଓ ବାଦ୍ୟଯନ୍ତ୍ର ଶିକ୍ଷାନୁଷ୍ଠାନ ସୁରନିକେତନ ପକ୍ଷରୁ ପବିତ୍ର ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଗୁରୁଦିବସର ସଂଧାରେ ସୁରନିକେତନ ସଙ୍ଗୀତ ଶିକ୍ଷାନୁଷ୍ଠାନ ପରିସରରେ ଏହି ମହନୀୟ ପରମ୍ପରାର କାର୍ଯ୍ୟକ୍ରମ ଶେଷ ହୋଇଛି। ଗୁରୁବନ୍ଦନା ସଙ୍ଗୀତର ତାଳେ ତାଳେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଗୁରୁ ରାଜେନ୍ଦ୍ର ବେହେରା ଓ ସୁନୀତା ପଟ୍ଟନାୟକଙ୍କୁ ମୁଣ୍ଡରେ ଚନ୍ଦନ, ସିନ୍ଦୁର, ଅରୁଆ ଚାଉଳ, ହାତରେ ଗୁରୁ ବନ୍ଧନର ସୁତା ଓ ବନ୍ଦାପନା ପୂର୍ବକ ଏହି ମହାନ ଭାରତୀୟ ପରମ୍ପରାର ସ୍ୱର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟବ୍ୟାଙ୍କର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ସାମଲ ଅତିଥି ଭାବେ ଯୋଗ ଦେଇ ଗୁରୁପୂଜନର ମହାନ ପରମ୍ପରା ସମ୍ପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀ ଶରଣ୍ୟା, ରାଜଶ୍ରୀ, କୃତାଞ୍ଜଳି, ସସ୍ମିତା, ମୀରା, ସାନଭି, ସୀମା, ସତ୍ୟ ଜିତ, ଆଦ୍ୟାଶା, ଲାର୍ସେନ, ଦର୍ଶନୀ, ଶ୍ରାବଣୀ, ଜ୍ୟୋସ୍ନା, ସ୍ନେହାଶ୍ରୀ, ଅନୁସୁୟା, ସମ୍ପନ୍ନା, ପ୍ରିସା, ସିଦ୍ଧି, ଲକ୍ଷ୍ମୀପ୍ରିୟା, ପଦ୍ମିନୀ, ଜୁବୁଲି ପ୍ରମୁଖ ଏହି ଗୁରୁପୂଜନରେ ଅଂଶଗ୍ରହଣ କରିଥିଲେ।

# କୁଲତା ସମାଜ ବିକାଶ ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟଘାଟ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର କୁଲତା ସମାଜ ବିକାଶ ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟଘାଟ ସାନଯୋବ ଜଗନ୍ନାଥ ମନ୍ଦିର ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଲତା ସମାଜ ଜାତି ମହାସଭା ସଭାପତି ସନ୍ତୋଷ ବଡ଼େଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟରେ ଆଚାର୍ଯ୍ୟ କ୍ଷମାନିଧି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ରଜରାଜନଗର କୁଲତା ସମାଜ ସଭାପତି ନନ୍ଦ କିଶୋର ପ୍ରଧାନ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା କୁଲତା ସମାଜର କାର୍ଯ୍ୟକର୍ତ୍ତା ଟିକନାଥ ବଡ଼େଇ, ଈଶ୍ୱର ବାରିକ, ଅକ୍ଷୟ କୁମାର ପ୍ରଧାନ, ଟଙ୍କଧର ସାହୁ, ସୁଶୀଲ ପ୍ରଧାନ, କ୍ଷୀରୋଦ ପ୍ରଧାନ ଗଜାନନ ସାହୁ, ରମେଶ ଚନ୍ଦ୍ର ସା ମଞ୍ଚାସୀନ ରହି ଆଗକୁ କୁଲତା ସମାଜର ବିକାଶ କିଭଳି ତ୍ୱରାନ୍ୱିତ ହେବା ସହ ସଙ୍ଗଠନ ଓ ସେବା ମାଧ୍ୟମରେ ଭଲ ଚରିତ୍ର ନିର୍ମାଣ କରାଯାଇପାରିବ ସେ ନେଇ ମଞ୍ଚାସୀନ ଅତିଥିମାନେ ତାଙ୍କର ବକ୍ତବ୍ୟରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ୟୁଟ୍ୟୁବରେ ସଂକୀର୍ତ୍ତନ ଗାଉଥିବା ଡଲି ସାଙ୍କୁ ସମାଜ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ଡଲି ସା ଉପସ୍ଥିତ ଜନସାଧାରଣଙ୍କୁ ସଂକୀର୍ତ୍ତନ ଗାନ କରି ଶୁଣାଇଥିଲେ। କୁଲତା ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ହୃଦାନନ୍ଦ ମାଝୀ ମଞ୍ଚ ପରିଚାଳନା କରିଥିଲେ। ରଞ୍ଜିତ ପ୍ରଧାନ, ସୀତାରାମ ପ୍ରଧାନ, ଉମେଶ ପ୍ରଧାନ, ଜୟରାମ ସାହୁ, ପ୍ରେମାନିଧି ପ୍ରଧାନ,ଚନ୍ଦ୍ରମଣି ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାଶିଫଳ

**ରବିବାର, ୦୭ ସେପ୍ଟେମ୍ବର ୨୦୨୫**



**ମେଷ:** ଜୀବନସାଥୀଙ୍କ ଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ଶତ୍ରୁମାନଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଖର୍ଚ୍ଚ ହ୍ରାସ କରନ୍ତୁ।




**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।




**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ଆଜି ଭ୍ରମଣ କରନ୍ତୁ ନାହିଁ।



**କର୍କଟ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ।



**ସିଂହ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।




**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢ଼ିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।




**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।




**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢ଼ିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଉମରକୋଟ, (ଭାସ୍କର ନ୍ୟୁଜ୍): ଇସଲାମ ଧର୍ମ ର ମହାପୁରୁଷ ହଜରତ ମହମ୍ମଦଙ୍କ ପବିତ୍ର ଜନ୍ମ ଦିବସ ଉମରକୋଟ ଆଞ୍ଜୁମାନ ଇସ୍ଲାମିୟା କମିଟିଉମରକୋଟ ପକ୍ଷରୁ ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ଉମରକୋଟ ଅଞ୍ଚଳ ର ସମସ୍ତ ମୁସଲିମ ଭାଇ ମାନେ ଉମରକୋଟ ମସଜିଦ ନିକଟରୁ ଏକ ବିଶାଳ ଶୋଭାଯାତ୍ରା ରେ ବାହାରି ସହର ପରିକ୍ରମା କରିଥିଲେ । ଏହି ପବିତ୍ର ଦିବସରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଧର୍ମ ଯାଜକ ମାନେ ସନ୍ଧ୍ୟା ସମୟ ରେ ଆୟୋଜିତ ଏକ ପ୍ରବଚନ ସଭା ରେ ଯୋଗଦେଇ ଇସଲାମ ଧର୍ମ ସମ୍ପର୍କ ରେ ମହତ ବାଣୀ ପ୍ରଦାନ କରିଥିଲେ । ଏହି ପ୍ରବଚନ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ,ଏହି କାର୍ଯ୍ୟକ୍ରମ ରେ ସୁଦୂର ଭଗଲପୁର ବିହାର ରୁ ମୁସଲିମ ଧର୍ମଗୁରୁ ମୌଲାନା ଜନାବ ସୟଦ ମୁଖମୁର ଜାମି ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ସାୟେର ଭାବେ ମହାରାଷ୍ଟ୍ର ମାଲେଗାଁ ରୁ ସୟଦ ସଲିମ ଅଲ୍ଲୀ ଆଶ୍ରଫି ଯୋଗ ଦେଇ ମୁସଲିମ ଧର୍ମ ବାଣୀ ପ୍ରଦାନ କରଥିଲେ ଏଥିସହ ଉମରକୋଟ ମସଜିଦ ମୌଲାନା ନଜମି ଅହମ୍ମଦ ବରକତି ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲା ର ମୌଲାନା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମ ଉମରକୋଟ ଆଞ୍ଜୁମାନ ଇସ୍ଲାମିୟା କମିଟି ସଭାପତି ମହମ୍ମଦ ସଲିମ ରାଠୋର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନ ରେ ଆୟୋଜିତ ହୋଇଥିଲା । ଏଥିରେ ଉପସଭାପତି ସୟାଜଦା ରିଜିଭି, ପୂର୍ବତନ ସଭାପତି କେ. ତାନଭୀର ଜିଲାନି , ଉପସଭାପତି ଶେଖ ସହଜଦା, ଯୁବ ଗୋଷ୍ଠୀ ର ସଭାପତି ସୁଫିୟାନ ହିଙ୍ଗରା ଏବଂ ଯୁଗ୍ମ ସମ୍ପାଦକ ଶେଖ ଅନିସ ସୁନାନି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସହଯୋଗ କରିଥିଲେ ।



# ଅବକାରୀ ବିଭାଗ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

ନୂଆପଡ଼ା, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅବକାରୀ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅବକାରୀ ବିଭାଗର ରାଜସ୍ୱ ଆଦାୟ, ପ୍ରବର୍ତ୍ତନ କାର୍ଯ୍ୟକଳାପ ଏବଂ ଅବକାରୀ ବିଭାଗର କର୍ମଚାରୀ ମାନଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ବୈଠକକୁ ସମ୍ବୋଧନ କରି କହିଲେ ଯେ ଗତ ମାସରେ ରାଜ୍ୟ ଅବକାରୀ ବିଭାଗ ଦ୍ୱାରା ଅପରେସନ ପ୍ରହାର ଆରମ୍ଭ ହେଲା । କିନ୍ତୁ ଏହା ପୂର୍ବରୁ ଜିଲ୍ଲାରେ ଏହି ବିଭାଗରେ ଅପରେସନ ସଂସ୍କାର ଆରମ୍ଭ ହୋଇଛି । ଜିଲ୍ଲାର ବିଦ୍ୟାଳୟ , ଜନବସତି , ରାସ୍ତା କଡ ଇତ୍ୟାଦି ଅଞ୍ଚଳରେ ଦୃଢ଼ ହସ୍ତରେ ଚୋରା ମଦ , ଗଞ୍ଜା ଓ ମାଦକ ବିକ୍ରୟ କେନ୍ଦ୍ର ସବୁ ତୁରନ୍ତ ବନ୍ଦ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ନିରୀକ୍ଷକ



ହିରାବତି ଥାର୍ଟୀ, ସୋମନାଥ ବାଗ,ଅବକାରୀ ଉପ ନୀରିକ୍ଷକ ସଚଳା ପାଢ଼ୀ, ଅଲେଖ ପୁଟେଲ,ସିଦ୍ଧାନ୍ତ ପାତ୍ର, ମଙ୍ଗଳ ଛତ୍ରିଆ ଏବଂ ଅନ୍ୟ ଅବକାରୀ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷାରୁ ଜଣା ପଡିଲା ଯେ, ବିଭାଗର ମୋଟ ୪୬ଟି ବିଭିନ୍ନ ପଦବୀ ରୁ ୧୩ ଟି ଖାଲି ପଡ଼ିଛି। ଏହାଦ୍ୱାରା ଦୈନନ୍ଦିନ କାର୍ଯ୍ୟ ରେ ଅସୁବିଧା ସୃଷ୍ଟି ହେଉଛି । ଜିଲ୍ଲାରେ ମୋଟ ସ୍ୱୀକୃତି ପ୍ରାପ୍ତ ୯୮ ଟି ମଦ ଦୋକାନ ଅଛି । ଏହି ବର୍ଷ ଅଗଷ୍ଟ ମାସ ଶେଷ ସୁଦ୍ଧା ୮୨୧ ଗୋଟି ମାମଲା ଅନୁସନ୍ଧାନ କରାଯାଇ ୫୩୩ ଜଣଙ୍କ ବିରୁଦ୍ଧରେ ଅବକାରୀ କେଶ୍ ରୁଜୁ କରା ଯାଇଛି କ୍ଷ ୩୨୮ ଜଣଙ୍କୁ କୋର୍ଟ ଫରୱାର୍ଡ କରାଯାଇଅଛି । ଅବୈଧ ନିଶା କାରବାର ରେ ସଂପୃକ୍ତ ୨୨ ଟି ଦୁଇ ଚକିଆ ଏବଂ ୫ ଟି ଚାରି ଚକିଆ ଯାନ ଜବତ୍ ହୋଇଛି । ଚୋରା ନିଶା କାରବାରିଙ୍କୁ ଅଦାଲତରେ ପେଶ୍ କରିବା ଶତକଡା ହାରରେ ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ଜିଲ୍ଲାପାଳ କହିଲେ ଯେ ଅବକାରୀ କାର୍ଯ୍ୟକୁ ସଶକ୍ତ, ସୁଦୃଢ଼ କରି ଏଥିରେ ସଂସ୍କାର ଆଣିବା ପାଇଁ ଜିଲ୍ଲାରେ ଅପରେସନ ସଂସ୍କାର ସହିତ ପ୍ରହାର ଚାଲିବ କ୍ଷଆଗାମୀ ଦିନରେ ଅବକାରୀ କାର୍ଯ୍ୟକଳାପ କେମିତି ଆହୁରି ସୁଦୃଢ ହୋଇ ଜିଲ୍ଲାରେ ଅବୈଧ ଚୋରା ମଦ,ଗଞ୍ଜେଇ, ନିଶା କାରବାର ଉପରେ ସଂପୂର୍ଣ୍ଣ ରୋକ୍ ଲାଗିପାରିବ ତଥା ଜନ ସଚେତନତା ସୃଷ୍ଟି ହୋଇପାରିବ ତାହା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅଧିକରୁ ଅଧିକ ଅପରାଧୀ କିପରି ଭାବରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯିବେ, ସେଥିପାଇଁ ବିଭାଗ ଦୃଢ଼ ପ୍ରୟାସ କରିବ । ଆଗାମୀ ଦିନରେ ଉତ୍ତମ କାର୍ଯ୍ୟ ପ୍ରଦର୍ଶନ କରୁଥିବା ଅଧିକାରୀ ମାନଙ୍କୁ ପୁରସ୍କୃତ କରିବା ସହିତ ନିମ୍ନ ପ୍ରଦର୍ଶନ ପାଇଁ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅବକାରୀ ବିଭାଗ ଏଭଳି ଉଚିତ୍ କାର୍ଯ୍ୟ କରୁ ଯାହାଦ୍ୱାରା ଜନସାଧାରଣଙ୍କୁ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରିବାକୁ ପଡ଼ିବ ନାହିଁ । ସମର୍ପିତ ଭାବରେ ଜିଲ୍ଲାରୁ ଅବୈଧ ନିଶାକାରବାରକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ।

## ୩୫୦ କେଜି ଗଞ୍ଜେଇ ଜବତ

କନ୍ଧମାଳ,(ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନାର ଅଞ୍ଚଳର ଗୁଡମେଣ୍ଡା ଜଙ୍ଗଲରୁ ୩୫୦ କେଜି ଗଞ୍ଜେଇ ଜବତ କରିଛି ପୋଲିସ। ସୂଚନା ଅନୁସାରେ କୌଣସି ସୂତ୍ରରୁ ଘଣ୍ଟାପଡ଼ା ଥାନା ପୋଲିସ ଖବର ପାଇ ନାରାୟଣପ୍ରସାଦ ପଞ୍ଚାୟତ ଗୁଡ଼ମେଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ପ୍ରସ୍ତୁତି ଚାଲିଥିବା ସମୟରେ ପୋଲିସ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଥିଲା। ପୋଲିସକୁ ଦେଖି ଚୋରା ଚାଲାଣକାରୀମାନେ ଦୌଡ଼ି ଫେରାର ମାରିଥିଲେ। ପୋଲିସ ଉକ୍ତ ଗଞ୍ଜେଇକୁ ଜବତ କରି କେସ ନଂ ୧୨୪/୨୫ରେ ଏକ ମାମଲା ରୁଜୁ କରି ମାଜିଷ୍ଟ୍ରେଟ ସାମାନାରେ ଓଜନ କରିବାରୁ ୩୫୦ କେଜି ହୋଇଥିଲା। ଉକ୍ତ ମାମଲାକୁ ପୋଲିସ ଗମ୍ଭିରତାର ସହ ଗ୍ରହଣ କରି ଅଧିକ ତଦନ୍ତ ଚାଲୁ ରହିଥିବା ନେଇ ଥାନାଧିକାରୀ ବାଲ୍ମିକ ପ୍ରଧାନ ଓ ତଦନ୍ତ ଅଧିକାରୀ ଏସ୍.ଆଇ ମାଧବଚନ୍ଦ୍ର ଟାକ୍ରି ପ୍ରକାଶ କରିଛନ୍ତି।

## ଦେବଗିରି ମହାବିଦ୍ୟାଳୟର ୧୪ତମ ପ୍ରତିଷ୍ଠା ଦିବସ




କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ): ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକର ସଦରରେ ଥିବା ଦେବଗିରି ମହାବିଦ୍ୟାଳୟରେ ୧୪ତମ ପ୍ରତିଷ୍ଠା ଦିବସ ଆଡମ୍ବରରେ ପାଳିତ ହୋଇଯାଇଛି । ଦେବଗିରି ମହାବିଦ୍ୟାଳୟର ଅଧକ୍ଷ ଯୋଗେଶ ଗରଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଥାନା ଅଧିକାରୀ ନୀଳକଣ୍ଠ ବେହେରା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅରବିନ୍ଦ ଆଶ୍ରମର ପ୍ରତିଷ୍ଠାତା ସାଧବୀ ସଂଯୁକ୍ତା ମାଦଲା ଯୋଗଦେଇଥିବା ବେଳେ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷକ ଭି. ସୂର୍ଯ୍ୟ ପ୍ରକାଶ ରାଓ, ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବି. ଭି ପ୍ରସାଦ ରାଓ, କ୍ରାନ୍ତିକାରୀ ଆଶ୍ରମର ବାବା ସ୍ୱରୂପା ନନ୍ଦ ଗିରି, ଯୁକ୍ତ ୨ର ସମ୍ପାଦକ ମାଉଡ଼ି ବାରିକ,ଯୁକ୍ତ ୩ର ସମ୍ପାଦକ ଏଙ୍କେଟେଶ୍ୱର ପାଢ଼ୀ ମଞ୍ଚାସିନ ରହିଥିଲେ । ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଅତିଥିଙ୍କ ଅଭିଭାଷଣ ପରେ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ନେଇ ଯେଉଁ ପ୍ରତିଯୋଗିତା କରାଯାଇଥିଲା। ସେଥିରେ କୃତିତ୍ୱ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଛି। ଏହାପରେ ଗୁରୁ ଦିବସ ଅବସରରେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୟନ୍ତୀ ରେ ତାଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ସ୍ମୃତି ଚରଣ କରିଥିଲେ । ଶେଷରେ ଓଡ଼ିଆ ଅଧ୍ୟାପିକା ବସୁଧା ଖସଲା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।

## ମଦ ପିଇ ଗାଡି ଚଳାଇବା ଡ୍ରାଇଭରଙ୍କୁ ପଡିଲା ମହଙ୍ଗା

କନ୍ଧମାଳ, (ଭାସ୍କର ନ୍ୟୁଜ୍): ମଦ ପିଇ ଗାଡି ଚଳାଇବା ଡ୍ରାଇଭରଙ୍କୁ ମହଙ୍ଗା ପଡିଲା। ଏହା ଦେଖାଯାଇଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ଆଦର୍ଶ ଥାନା ଅଞ୍ଚଳରେ। ଶୁକ୍ରବାର ରାତ୍ରିରେ ଉକ୍ତ ଡ୍ରାଇଭର ବଳରାମ ରଣା ଜଣକ ଟୋୟଟାୟା ଫରଚୁନର ଓଡ଼ି୧୨ ବି ୦୦୩୬ ଚଳାଇ ଅତ୍ୟଧିକ ମଦ ପାନ କରି ଟ୍ରାଫିକ ପୋଲିସ ସହିତ ଯୁକ୍ତିତର୍କ କରିଥିଲା। ଏହି ଖବର ପାଇଁ ଫୁଲବାଣୀ ଆଦର୍ଶ ଥାନାର ଏଏସଆଇ ପ୍ରକାଶ କୁମାର ସାମନ୍ତରାୟ କାବୁ କରି ସଙ୍ଗେ ସଙ୍ଗେ ଥାନାକୁ ଗାଡି ଓ ଡ୍ରାଇଭରକୁ ଆଣିଥିଲେ। ଡ୍ରାଇଭରକୁ ମଦ୍ୟପାନ ମାପକ ଫୁଙ୍କା ଯନ୍ତ୍ର ବ୍ରେଥ ଅନାଲାଇଜର ଦ୍ୱାରା ଫୁଙ୍କା ଯାଇଥିଲା। ଅତ୍ୟଧିକ ମାଦକ ଦ୍ରବ୍ୟ ସେବନ କରିଥିବା ଜଣା ପଡିଥିଲା । ଫଳରେ ଟ/ଢ ୨୮୧, ୧୮୫ ଏମଭିଆଇ ଆକ୍ଟ ଲଗାଇ ଏକ କେସ ଥାନାରେ ମାମଲା ରଜୁ କରିବା ସହ କୋର୍ଟ ଚାଲାଣ କରାଯାଇଥିଲା।

# ଜମି ଚିହ୍ନଟ ନେଇ ଆକ୍ରମଣ, ଥାନାରେ ଅଭିଯୋଗ

ପାରଳାଖେମୁଣ୍ଡି, ଗଜପତି ଜିଲ୍ଲା ଅଡବା ଥାନା ଅନ୍ତର୍ଗତ ବିରିକୋଟ ଗାଁରେ ଜମି ଚିହ୍ନଟ ପାଇଁ ବୈଠକ ଚାଲିଥିବା ବେଳେ କିଛି ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ଘଟଣାର ତଦନ୍ତ କରୁଛି ପୋଲିସ। ମିଳିଥିବା ସୂଚନା ପ୍ରକାରେ ବିରିକୋଟ ଗାଁର ଏକ ସରକାରୀ ଜମି ଖାତା ନମ୍ବର ୨୫୦ ଓ ପ୍ଲଟ ନମ୍ବର ୬୦୨କୁ ନେଇ କିଛି ବ୍ୟକ୍ତି ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହି ବିବାଦର ସମାଧାନ ପାଇଁବିରିକୋଟ ଗାଁର ଭଦ୍ରବ୍ୟକ୍ତ,ସରପଞ୍ଚ, ମହିଳା ସଂଘ ଓ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଏକ ବୈଠକ ବସିଥିଲା । ଜମି ଚିହ୍ନଟ ପାଇଁ ଆଲୋଚନା ଚାଲିଥିବା ବେଳେ ବିରିକୋଟ ଗାଁର ବିଜୟ ନାୟକ, ଆସମାନ ନାୟକ, ଚନ୍ଦନ ନାୟକ, ଥୋମାସ ନାୟକ, ରଘୁନାଥ ନାୟକ ଅଚାନକ ଦଳବଦ୍ଧ ଭାବେ ଆସି ବୈଠକରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ତେଣୁ ଆଗାମୀ ଦିନରେ ବିପଦ ଥିବା ଆଶଙ୍କା କରି ଏନେଇ ଅଡବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଅନ୍ୟ ପକ୍ଷରେ ପ୍ରତିପକ୍ଷ ମଧ୍ୟ ଏକ ଏତଲା ଦେଇଛନ୍ତି । ଏନେଇ ତଦନ୍ତ ଚାଲିଛି । ବର୍ତ୍ତମାନ ମାମଲା ରୁଜୁ ହୋଇନାହିଁ ତଦନ୍ତ ପରେ ମାମଲା ରୁଜୁ କରାଯାଇ ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ପ୍ରକାଶ ଥାଉକି ବିଜୟୀ ନାୟକ ପୂର୍ବରୁ ଅଡବା ପୁଲିସ ମଦ ରେଡ ସମୟରେ ପୁଲିସକୁ ଆକ୍ରମଣ କରିଥିଲେ ଯାହାକୁ ନେଇ ପୁଲିସ ବିଜୟୀକୁ ଗିରଫ କରି ଜେଲ ପଠାଇଥିଲେ। ପୁଣି ତାଙ୍କର ଗୁଣ୍ଡାଗର୍ଦ୍ଦି ଭଳି ଆଚରଣ ଓ ଆକ୍ରମଣ ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି।

# ଅଗ୍ନି ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲା ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ



କୋରୁକୋଣ୍ଡା,(ଭାସ୍କର ନ୍ୟୁଜ୍ ): ଗରିବ ତଥା ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ପରିବାର କୁ ସହାୟତା ର ହାତ ବଢ଼ାଇଲା ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ସ୍ଥିତ ଦୋରାଗୁଡାରେ ଗତ ୧ ତାରିଖ ମଧ୍ୟାହ୍ନ ସମୟରେ ସୁବାଷ ଗୌଡ଼ଙ୍କ ଘର ସଟ ସର୍କିଟ ଯୋଗୁଁ ଆସବାବପତ୍ର, ଲୁଗାପଟା, ଚାଉଳ ଏବଂ ରାସନ ସାମଗ୍ରୀ ସମେତ ସମ୍ପୂର୍ଣ୍ଣ ଘରୋଇ ଉପକରଣ ପୋଡି ନଷ୍ଟ ହୋଇଯାଇଥିଲା। ଘରେ ବୃଦ୍ଧ ବୃଦ୍ଧା ଦୁହେଁ ରହୁଥିବା ବେଳେ ସୌଭାଗ୍ୟବଶତଃ ଉଭୟଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ସେମାନଙ୍କର ଏହି ଅସୁବିଧା ସମୟରେ ବିପଦର ବନ୍ଧୁ ଭଳି ସାହାଯ୍ୟ ର ହାତ ବଢାଇଛି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ। ଏହି ଖବର କୋରୁକୋଣ୍ଡା ବ୍ଲକ ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ପ୍ରଦୀପ କୁମାର ମହାରଣା ପାଇବା ପରେ ତୁରନ୍ତ ଉଭୟ ବୃଦ୍ଧ ବୃଦ୍ଧା ଙ୍କ ନିକଟରେ ପହଁଚି ସାହାର୍ଯ୍ୟର ହାତ ବଢ଼ାଇଥିଲେ। ଏଥିସହ ସେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ଅଶୋକ ମିଶ୍ର ଙ୍କୁ ଜଣାଇବା ପରେ ଆଜି ଅସହାୟ ପରିବାରଙ୍କୁ ଭେଟି ସହାୟତା ପ୍ରଦାନ କରିଛି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ। ତେବେ ଆଜି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି, ନିରଞ୍ଜନ ମଲ, ସହ ସମ୍ପାଦକ ଶିବଦତ୍ତ ସାହୁ, ବ୍ଲକ ସମ୍ପାଦକ ଏ ଦେବାଶିଷ ପାତ୍ର, କୋଷାଧକ୍ଷ ଅବିନାସ ବେହେରା, ସୁଧାଂଶୁ ଶେଖର ମହାନ୍ତି, ଦିପଙ୍କର କୀର୍ତ୍ତନିଆ, ସୁରେନ୍ଦ୍ର ହାଲଦା ଅସହାୟ ପରିବାର କୁ ଭେଟି ଆବଶ୍ୟକୀୟ ସାମଗ୍ରୀ ଭାବେ ଚାଉଳ ଏବଂ ରାସନ ସାମଗ୍ରୀ ସମେତ ବସ୍ତ୍ର ଆଦି ପ୍ରଦାନ କରିଛନ୍ତି। ତେବେ ସଙ୍ଘ ର ଟିମ ଯାଇ ଅସହାୟ ପରିବାର କୁ ଭେଟି ଏହି ସାମଗ୍ରୀ ସବୁ ପ୍ରଦାନ କରିବା ପରେ ଉଭୟ ବୃଦ୍ଧ ଏବଂ ବୃଦ୍ଧା ଙ୍କ ମୁହଁ ରେ ହସର ଲହରୀ ଖେଳିଯାଇଥିଲା। ତେବେ ଉତ୍କଳ ସାମ୍ବାଦିକ ସଙ୍ଘର ଏପରି ପ୍ରୟାସ କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ବିଭିନ୍ନ ସ୍ଥାନରେ ଗୁରୁ ଦିବସ ପାଳିତ



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ସନ୍ତୋଷପୁର ପଞ୍ଚାୟତ ସଦର ମହକୁମାର ଆଦର୍ଶ କଲ୍ୟାଣ ମଣ୍ଡପ ଠାରେ ରାଜଚାଉଁରୀଆ ଦେଶିଆ ନାଟଗୁରୁ ଓ ବ୍ଲକ କଳା ସଂସ୍କୃତି ସଂଘ ର ଗୁରୁଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହିପରିପ୍ରେକ୍ଷୀରେ ରେ ୨୬ଗୋଟି ପଞ୍ଚାୟତ ସହ ନବରଙ୍ଗପୁର ଜିଲ୍ଲା ର ୭ଗୋଟି ବ୍ଲକର ଶତାଧିକ ଦିବା ଓ ରାତ୍ରିକାଳୀନ ନାଟ ଗୁରୁ,ଗୀତକୁଡ଼ିଆ, ଲୋକ ସଙ୍ଗୀତ କାରୀ ମାନଙ୍କୁ ଉତ୍ତରୀୟ,ଫୁଲ, ଚନ୍ଦନ ସହ ମାନ ପତ୍ର ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ପୁରୁଷ ଓ ମହିଳା ସଭ୍ୟମାନେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ଅତି ସୁନ୍ଦର ଭାବରେ କାର୍ଯ୍ୟକ୍ରମକୁ ପାଳନ କରିବା ସହ ଗୁରୁ ଓ ଶିଷ୍ୟ ଙ୍କ ଅତୁଟ ବନ୍ଧନର ମିଶ୍ରଣ ଭକ୍ତି ଓ ଭଲପାଇବାର ଝଲକ ଦେଖିବାକୁ ମିଳିଥିଲା ।

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଗୁରୁଦିବସ ପାଳିତ ହୋଇଯାଇଛି। ମାଲକାନଗିରି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଥିଲା। ପ୍ରଭାତ ୯ଟାରେ କାର୍ଯ୍ୟକ୍ରମର ଆରମ୍ଭ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ସମ୍ମିଳିତ ସାନ୍ଧ୍ୟା-ସଭା ସହିତ ହୋଇଥିଲା । ସଭା ର ସଭାପତି ପ୍ରଧାନଶିକ୍ଷକ ଶାନ୍ତିରାଣୀ ବିଶ୍ୱାସ, ମୁଖ୍ୟ ଅତିଥି ବିନୋଦ କୁମାର ବିଶୋଇ, ମୁଖ୍ୟ ପରିଚାଳକ, ଏସ ବି ଆଇ, ମୁଖ୍ୟ ବ୍ୟକ୍ତା ଡ଼ା. ରଞ୍ଜନ କୁମାର ସ୍ୱାଇଁ, ବାଣିଜ୍ୟ ଅଧକ୍ଷ, ମାଲକାନଗିରି ସ୍ନାତକ ଉଚ୍ଚ ବିଦ୍ୟାଳୟ, ସମ୍ମାନିତ ଅତିଥି ଅଜିତ କୁମାର ଆଚାର୍ଯ୍ୟ (ଉପ ପରିଚାଳକ, ଅନ୍ୟ ସମ୍ମାନିତ ଅତିଥି ସୌମ୍ୟ ରଞ୍ଜନ ବେହେରାଙ୍କୁ ସ୍ୱାଗତ ଜଣାଇଲେ ଓ ସେମାନଙ୍କ ଦ୍ୱାରା ଦୀପପ୍ରଜ୍ୱଳନ ଓ ପୁଷ୍ପାର୍ପଣ କରି ସଭା ଆରମ୍ଭ କରାଗଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱାଗତ ଗୀତ ସମସ୍ତଙ୍କୁ ଆନନ୍ଦିତ କରିଥିଲା । ପରେ ବିଭିନ୍ନ କକ୍ଷାର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଥିଲେ – "ଶିକ୍ଷକମାନେ କେବଳ ପାଠ୍ୟପୁସ୍ତକର ଜ୍ଞାନ ଦେଇନଥାନ୍ତି, ସେମାନେ ଜୀବନର ଦିଗର୍ଶନ କରନ୍ତି । ସମ୍ମାନ, ଶ୍ରଦ୍ଧା ଓ ଶ୍ରମଶୀଳତାରେ ଆଗକୁ ବଢ଼ିବାକୁ ସମସ୍ତ ଛାତ୍ରମାନେ ପ୍ରେରଣା ନେବା ଉଚିତ।" ବିଶେଷ କରି ଦୀର୍ଘ ସେବା କରୁଥିବା ଶିକ୍ଷକ/ଶିକ୍ଷୟତ୍ରୀ ରିତାଞ୍ଜଳି ସାମଲ, ଏମ୍ ନନ୍ଦିନୀ, ସ୍ମୃତିକା ସୁକୁଲ, ସୁହାନି ବାଘ , ଇସାନି ଶତପଥୀ, ତ୍ରୈଲକ୍ଷ୍ୟ ହୀରା, ନିହାର ରଞ୍ଜନ ଚୌଧୁରୀ, ତନ୍ମୟ ମହାପାତ୍ର, ବିଷ୍ଣୁ ପ୍ରସାଦ ସୁବୁଦ୍ଧି , ଶିବ ମୋହନ ପଣ୍ଡା, ଶଙ୍କରଚନ୍ଦ୍ର ମହାପାତ୍ର, ସତୃଷ୍ଣା ପୃଷ୍ଟି, ବିଥିକା ସର୍ଦ୍ଦାର, କିରଣବାଳା ରାଉତ ସମେତ ସମସ୍ତ ଶିକ୍ଷକ ବ୍ୟାଙ୍କ ପରିଚାଳନା ସମିତି ପକ୍ଷରୁ ସ୍ମୃତିଚିହ୍ନ ଦେଇ ଅଭିନନ୍ଦନ କରାଗଲା । ଶେଷରେ ଛାତ୍ରଛାତ୍ରୀ ମାନେ ଧନ୍ୟବାଦ ଜଣାଇଥିଲେ ଏବଂ ସମସ୍ତଙ୍କୁ ସହଯୋଗ ପାଇଁ କୃତଜ୍ଞତା ବ୍ୟକ୍ତ କରିଥିଲେ । ସେହିପରି ଉତ୍ତମ ମାଲିକ ଟାଲେଣ୍ଟ ମହା ବିଦ୍ୟାଳୟରେ ଗୁରୁ ଦିବସ ପାଳିତ। ସେହିପରି ଉତ୍ତମ ମାଲିକ ଟାଲେଣ୍ଟ ମହା ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଥିଲା। ପ୍ରଭାତ ୯ଟାରେ କାର୍ଯ୍ୟକ୍ରମର ଆରମ୍ଭ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ସମ୍ମିଳିତ ସଭା ରେ ଆୟୋଜିତ ହୋଇଥିଲା । ସଭା ରେ ସଭାପତି ରୂପେ ଅଧକ୍ଷ ଡଃ ଶିବ ନାରାୟଣ ପାତ୍ର, ମୁଖ୍ୟ ଅତିଥି ଶ୍ରୀ ଶଙ୍କର ପାଲ ,, ମୁଖ୍ୟ ବକ୍ତା ରୂପେ ଦିଲ୍ଲୀପ ଦାସ ଯୋଗ ଦେଇ ଥିଲେ , ସେମାନଙ୍କ ଦ୍ୱାରା ଦୀପପ୍ରଜ୍ୱଳନ ଓ ପୁଷ୍ପାର୍ପଣ କରି ସଭା ଆରମ୍ଭ କରାଯାଇ ଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱାଗତ ଗୀତ ସମସ୍ତଙ୍କୁ ଆନନ୍ଦିତ କରିଥିଲା । ପରେ ବିଭିନ୍ନ କକ୍ଷର ଛାତ୍ରଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ସଙ୍ଗୀତ ,ଚିତ୍ରାଙ୍କନ,ପ୍ରବନ୍ଧ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର, ମେଡାଲ ଉପଢ୍ୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ପି କିଶୋର କୁମାର ଓ ଶିକ୍ଷୟତ୍ରୀ ସୂଚୀସ୍ମିତା ପାଢୀ, ବନିତା ବର୍ମନ୍, ରାଜୁ ସରକାର, ଆକାଶ ମିସ୍ତ୍ରୀ, ଶରତ ହିଆଲ ଲିଜା ରାୟ, କବିତା ସରକାର ଜ୍ୟୋତି ମଣ୍ଡଳ,ନରେଶ ସରକାର ଉପସ୍ଥିତ ହୋଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ ଥିଲେ ।



ନୂଆପଡା, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ,ଡିଆଇଇଟି ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଗୁରୁ ଦିବସ ପାଳିତ ହୋଇଥିଲା। ଏଥିରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ , ଏ ଡି ଇ ଓ ସୁଧାଂଶୁ ଶେଖର ମିଶ୍ର, ଡଃ ରେଶମ ଲାଲ୍ ନାଏକ, ବି ଇ ଓ ଗିତାରାଣୀ ଯୋଶୀ, ଅନୁଷ୍ଠାନ ଅଧକ୍ଷ ନରୋତ୍ତମ ଭୋଇ, ଶିକ୍ଷକ ବିକ୍ରମାଦିତ୍ୟ ସିଂ ବରିହା,ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ବିଶେଷ ଯୋଗଦାନ ଦେଇଥିବା ୨୦ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସ୍ଥାନୀୟ ନ୍ୟାସନାଲ ହାଇସ୍କୁଲରେ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳନ କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଯୋଗ ଦେଇ ଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟ ବକ୍ତା, ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପତାପ ସିଂ ମାଝୀ,ନୂଆପଡା ଗୋଷ୍ଠୀ ଶିକ୍ଷାଧିକାରୀ ଗୀତାରାଣୀ ଯୋଷୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା,ନ୍ୟାସନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଠାକୁର, ଇନ୍ଦ୍ରମଣୀ ପାଣିଗ୍ରାହୀ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ଆଶୀଷ କୁମାର ପାଢୀ, ଜିଲ୍ଲା ସାମ୍ବାଦିକ ସଂଘ( ଜାନ)ସଭାପତି ଘନଶ୍ୟାମ ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କାର୍ଯ୍ୟରତ ଓ ଅବସରପ୍ରାପ୍ତ ୪୦ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ପ୍ରସନ୍ନ ପଣ୍ଡା ସ୍ମୃତି ସମିତି ବ୍ରଜରାଜନଗର ପକ୍ଷରୁ ୨୭ ତମ ଝାରସୁଗୁଡା ଜିଲାସ୍ତରୀୟ ଗୁରୁ ଦିବସ ସମାରୋହ ଏମସିଏଲ ରବୀନ୍ଦ୍ର ଭବନ ଠାରେ ପାଳିତ ହୋଇଯାଇଛି । ଅୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗୁରୁ ଦିବସ ଉପରେ ଆଲୋକପାତ କରିଥିଲେ । ଛତ୍ରପତି ଶିବାଜୀଙ୍କ ଠାରୁ ଆରମ୍ଭ କରି ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଭାରତ ବର୍ଷର ଏହି ପ୍ରତିଭା ମାନେ ଗୁରୁ ଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶର ନାମକୁ ବିଶ୍ୱରେ ପହଞ୍ଚିଥିଲେ। ସେହିପରି ଆଜିର ପିଢି ଗୁରୁ ଓ ନିଜ ଜନ୍ମ ଦାତ୍ରୀ ମା ଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶ ତଥା ଜାତିର ଉନ୍ନତି ହେବ ବୋଲି ପ୍ରକାଶ କରିଥିଲେ। ପ୍ରସନ୍ନ ପଣ୍ଡା ସ୍ମୃତି ସମିତି ଦ୍ୱାରା ଅୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା। ଆୟୋଜକ କମିଟିର ସଭାପତି ପ୍ରଶାନ୍ତ କୁମାର ପାଟଯୋଷୀ ବାର୍ଷିକ ବିବରଣୀ ପାଠ କରିବା ସହିତ କମିଟିର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲାରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ଲେଖିକା ପ୍ରଣତି ପଟନାୟକ, ପର୍ବତ ଆରୋହି ଅଜିତ କୁମାର ପାଢ଼ୀ, କବିତା ଲେଖିକା ଜ୍ୟୋତିର୍ମୟୀ ବେହେରା ଓ ଖବର ଦାତା ତେଜ ସ୍କାର୍ ମହାପାତ୍ରଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ। ସେହିପରି ରାଜ୍ୟ ସରକାର ଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ୭ ଜଣ ଶିକ୍ଷକ, ୩ ଜଣ ଛାତ୍ର ଙ୍କୁ ସମ୍ମାନିତ କରାଯାଇଥିଲା । ଜିଲା ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରାଜ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।




ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସ୍ଥିତ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକ ସଙ୍ଘ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଥମ ଥର ତେନ୍ତୁଳି ଖୁଣ୍ଟି ବ୍ଲକ ରେ ଶିକ୍ଷକ ମାନଙ୍କ ପକ୍ଷରୁ ଏକ ନିଆରା ଢ଼ଙ୍ଗ ରେ ଗୁରୁ ଦିବସ ପାଳନ କରାଯାଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାଶଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ଥିଲେ । ବିଧାୟକ ଶିକ୍ଷକ ଶିକ୍ଷୟତ୍ରୀ ଅଭିନନ୍ଦନ ଜଣେଇ ଶିକ୍ଷାର ବିକାଶ କ୍ଷେତ୍ରରେ ଗୁରୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମଲ୍ଲିକ,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚରଣ ସାହୁ, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ,ଏବିଇଓ ମୋହନ ମଧୁସୂଦନ ବାଗ,ଏବିଇଓ ପ୍ରଫୁଲ୍ଲ କୁମାର ପଟ୍ଟନାୟକ,ନୋଡାଲ ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆନନ କୁମାର ଭତରା ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟ କ୍ରମ କୁ ଉପସ୍ଥାପିକା ସୁନନ୍ଦିନୀ ତ୍ରିପାଠୀ ମଞ୍ଚ ପରିଚାଳନା କରି ଥିଲେ । ଅବସର ଗ୍ରହଣ କରିଥିବା ୧୩ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେହିପରି ୧୪୦ ଗୋଟି ବିଦ୍ୟାଳୟ ର ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କୁ ଗୁରୁ ଦିବସ ଅବସରରେ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟ କ୍ରମ ରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ହୋଇ ସହଯୋଗର ହାତ ବଢ଼େଇଥିଲେ। ଶେଷରେ ବାପୁଜୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଏବିଇଓ ଶ୍ରୀ ମହୋନ ମଧୁ ସୁଦାନ ବାଗ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ଗୁରୁ ଦିବସ ପାଳିତହୋଇ ଯାଇଛି ।ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ଯୋଗ ଦେଇ ଥିବାବେଳେ ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଦାଶ ଉପସ୍ଥିତ ରହି ଥିଲେ। ସେହି ପରି ନିମନ୍ତ୍ରିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷାଅଧିକାରୀ ଧନୁର୍ଜୟ ମାଝୀ ଏବଂ ଶ୍ରୀମତୀ ଉତ୍ତମା ହରିଜନ ମଞ୍ଚାସିନ ରହି ଥିଲେ । ନନ୍ଦାହାଣ୍ଡି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଗୋଲଟି ସାଗରିଆ କାର୍ଯ୍ୟକ୍ରମ କୁ ପରିଚାଳନା କରି ଥିଲେ । ପ୍ରଥମେ ନାଗେଶ୍ୱରୀ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ହେଲେ ନରସିଂହ ପଣ୍ଡା, ଜଗବନ୍ଧୁ ମାଝୀ, ଭୀମସେନ ମୁଦୁଲି,, ଶ୍ରୀମତୀ ଈଶ୍ୱରୀ ରଥ, ଶ୍ରୀମତୀ ଏ ସାରଳା ଦେବି, ମାଧୁରୀ ନିବେଦିତା ମହାନ୍ତି, ମମତା ନାୟକ, ପ୍ରଣତି ସାହୁ ,ପ୍ରମୋଦା ଦାସ,ନନ୍ଦାହାଣ୍ଡି ଶିକ୍ଷକ ସଂଘର ସମ୍ପାଦକ ରମେଶ ତ୍ରିପାଠୀ, ବିଘ୍ନରାଜ ପାତ୍ର, ଦୁର୍ଗା ଦାସ, ସର୍ବେଶ ତ୍ରିପାଠୀ, ପ୍ରହଲ୍ଲାଦ ତ୍ରିପାଠୀ, ଗୀତା ବେଜ୍, ବୃନ୍ଦାବନ ପାଢ଼ୀ, ଅନନ୍ତ ମିଶ୍ର, ରାମଚନ୍ଦ୍ର ଦାଶ ଏବଂ ସମସ୍ତ ସଙ୍ଘୀୟ କର୍ମକର୍ତ୍ତା, ସମସ୍ତ ସିଆରସିସି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଗୁରୁ ଦିବସ ପାଳନ ଏବଂ ଅବସର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ସ୍ଥାନୀୟ ଡଙ୍ଗରଭେଜା ଉଚ୍ଚ ବିଦ୍ୟାଳୟ ଠାରେ ଏହି କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରିଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଂଘ ପକ୍ଷରୁ ହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଏନ ଏ ସି ଅନ୍ତର୍ଗତ ଏନ ଏ ସି ଟାଉନ ହଲ ଠାରେ ସନ୍ଧ୍ୟା ୭ ଘଟିକା ସମୟରେ ପ୍ରାଥମିକ ଶିକ୍ଷକ /ଶିକ୍ଷୟତ୍ରୀ ପରିବାର ଦ୍ୱାରା ଗୁରୁଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ବାଲିମେଳା କଲେଜ ର ପୂର୍ବତନ ଅଧକ୍ଷ ଅମୂଲ୍ୟ କୁମାର ପ୍ରଧାନ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଶୀଳା ହିଆଲ , ଚିତ୍ରକୋଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ , ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ , ଓ ସ୍ୱତନ୍ତ୍ର ଅତିଥି ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅମରେଶ୍ୱର ବେହେରା , ମନୋରଞ୍ଜନ ପ୍ରହରାଜ ଉପସ୍ଥିତ ଥିଲେ । ସଭାର ସଭାପତି ଭାବରେ କୋରୁକୋଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ ଅସିତ କୁମାର ମିସ୍ତ୍ରୀ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତ ଅତିଥି ଶ୍ରୀ ଜଗନ୍ନାଥ ଓ ସର୍ବପଲ୍ଲୀ ଡ଼ ରାଧାକ୍ରିଷ୍ଣ ଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଭା ଆରମ୍ଭରେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ଶବର ଜଗନ୍ନାଥଙ୍କ ବନ୍ଦନା ଗାନ କରିଥିଲେ ଓ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ଦ୍ୱାରା ଗୁରୁବନ୍ଦନା ଗାନ କରାଯାଇଥିଲା ଏହାପରେ ଉପସ୍ଥିତ ସମସ୍ତ ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ଶିକ୍ଷକ ଙ୍କୁ ଉପଢୋକନ ଦେଇ ସମ୍ମାନିତ କରାଯାଇଥିଲା । ପ୍ରଥମେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ମଲ୍ଲିକ ବାଲିମେଳର କଣ୍ଡେଲ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବସନ୍ତ କୁମାର ରଣା ଯାହାକି ବର୍ତ୍ତମାନ ରାଷ୍ଟ୍ରପତି ପୁରସ୍କାର ପାଇଛନ୍ତି ତାଙ୍କ ବିଷୟରେ ଆଲୋକପାତ କରାଇବା ସହ ୧୯୯୯ ରେ ମାଲକାନଗିରି ଜିଲ୍ଲାର ପ୍ରଥମ ଶିକ୍ଷକ ମଦନ ମୋହନ ଖଣ୍ଡୁଅଳ ଙ୍କ ଉପରେ ବଖାଣି ଥିଲେ ଏବଂ ଏହା ବାଲିମେଳା ପାଇଁ ଗର୍ବ ଓ ଗୌରବ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ବକ୍ତା ଶ୍ରୀ ପ୍ରଧାନ କହିଥିଲେ ଯେ ପକୃତ ଶିକ୍ଷକ କାହାକୁ କୁହନ୍ତି ଓ ଶିକ୍ଷକ ହେଉଛନ୍ତି ଉତ୍ତମ ସମାଜ ଗଠନ କରିବାର ମୂଳ ପୃଷ୍ଟପୋଷକ । ଶିକ୍ଷକ ଓ ଶିକ୍ଷା ବିନା କେବେବି ହେଲେ ଉତ୍ତମ ସମାଜ ନିର୍ମାଣ ହୋଇପାରିବନି । ସମସ୍ତ ଅତିଥି ଏଭଳି ସାମୁହିକ ଗୁରୁ ଦିବସ କୁ ପ୍ରଶଂସା କରିବା ସହିତ ଆହୁରି ଅଧିକରୁ ଅଧିକ ଶିକ୍ଷକ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେବା ନିମନ୍ତେ ଅନୁରୋଧ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ପ୍ରଧାନ ଶିକ୍ଷକ ଶେଷଦେବ ପ୍ରଧାନ ଓ କାର୍ଯ୍ୟକ୍ରମ ରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

କନ୍ଧମାଳ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ପରିଷଦ( ପଞ୍ଚାୟତ ଭବନ), ଫୁଲବାଣୀ ଠାରେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ସାଂସଦ, କନ୍ଧମାଳ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ କହିଥିଲେ ଯେ ଶିକ୍ଷା ହେଉଛି ସମାଜର ମେରୁଦଣ୍ଡ । ଯେଉଁ ଦେଶ ଯେତେ ଶିକ୍ଷିତ ସେ ଦେଶ ସେତେ ବିକଶିତ । ଏଥିପାଇଁ ଗୁରୁମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯେଉଁମାନେ ଗୁରୁମାନଙ୍କ ଭୂମିକା ନିଭାଉଛନ୍ତି ଏହି ଭୂମିକାକୁ ସମର୍ପିତ ଓ କର୍ତ୍ତବ୍ୟନିଷ୍ଠ ଭାବେ ନିଭାଇ ସମାଜରେ ଭଲ ଛାତ୍ରଛାତ୍ରୀ ବା ଭଲ ମଣିଷ ନିର୍ମାଣ କରିବା ପାଇଁ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ, ଫୁଲବାଣୀ ଶ୍ରୀ ଉମା ଚରଣ ମଲ୍ଲିକ, ଅଧକ୍ଷା, ଜିଲ୍ଲା ପରିଷଦ, କନ୍ଧମାଳ ସୁଶ୍ରୀ ନନ୍ଦିନୀ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ, ମାନ୍ୟବର ସାଂସଦ, କନ୍ଧମାଳଙ୍କ ପ୍ରତିନିଧି ଶ୍ରୀ ଦୁର୍ଗା ଚରଣ ଆଚାର୍ଯ୍ୟ ଯୋଗଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଜେଶ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଏହି ଦିବସର ଗୁରୁତ୍ୱ ଏବଂ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉଚ୍ଚ ମାଧମିକ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର, ୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରାଥମିକ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଦୁଇ ଜଣ ଶିକ୍ଷକଙ୍କୁ ସି.ଆ.ସି .ସି ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସହିତ ମାନପତ୍ର ଓ ପୁରସ୍କାରରାଶି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମାନସ ରଞ୍ଜନ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରଣୟ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତି ନିରୁପମା ଦୋରା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ସିମାଞ୍ଚଳ ସ୍ୱାଇଁ, ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ଶିକ୍ଷା ବିଭାଗର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।



କଟକ(ଭାସ୍କର ନ୍ୟୁଜ): ଅଖିଳ ଭାରତ କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ସଂଗଠନ ସୃଜନ ଅଭିଯାନ ଜରିଆରେ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା ଚାଲୁ ରହିଛି । କଟକ ନଗର ସଂଗଠନରେ ସଭାପତି ଚୟନ ମତାମତ ଗ୍ରହଣ ଆଜି ଶେଷ ଦିନ । ଏହି ଅବସରରେ ମତାମତ ଗ୍ରହଣ ପ୍ରକ୍ରିୟା କଟକ ସର୍କିଟ ହାଉସରେ ଚୂଡ଼ାନ୍ତ ସମୟରେ କଟକ ନଗର(ଜିଲ୍ଲା)ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଳବ ଶିଳାଦିତ୍ୟ କଟକ(ନଗର) ଜିଲ୍ଲା ସଭାପତି ନିମନ୍ତେ ନିଜର ପର୍ଥୀ ପତ୍ର ଦାଖଲ କରିବା ସହିତ ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ୍ ଜିଲ୍ଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, କଟକ ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ନଗର(ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ,ଶିବ ଅଗ୍ରୱାଲା, ଦୀପକ ମହାନ୍ତି, ପ୍ରତୀକ ନାୟକ, ସୋହେବ ହୁସେନ, ସତ୍ୟଜିତ ସେଠୀ, ଯେସ ଅଗ୍ରୱାଲା, ମହେଶ ଲେଙ୍କା ଓ ଜୟନାରାୟଣ ତ୍ରିପାଠୀ ପ୍ରମୁଖ ଯାଇ ଅଖିଳ ଭାରତ କଂଗ୍ରେସ ପକ୍ଷରୁ ନିଯୁକ୍ତ ସଂଗଠନ ସୃଜନ ଅଭିଯାନର ପର୍ଯ୍ୟବେକ୍ଷକ ସଲିମ୍ ଅହମ୍ମଦଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ୍ କରି ସମ୍ବର୍ଦ୍ଧନା ଦେବାସହ ମତାମତ ଗ୍ରହଣ ପ୍ରକ୍ରିୟାକୁ ନିରପେକ୍ଷ ଓ ଅବାଧ ଭାବେ ସମାପନ କରିଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

### ନୀତି ଅନୁଯାୟୀ ପରମ୍ପରା ପାଳନ ପାଇଁ ଇସ୍କନକୁ ମାସେ ସମୟ

# ନ ମାନିଲେ ଆଇନର ଆଶ୍ରୟ ନେବୁ : ଗଜପତି



ପୁରୀ (ଭାସ୍କର ନ୍ୟୁଜ) : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖନିସୃତ ନିର୍ଦ୍ଦେଶ, ପବିତ୍ର ଶାସ୍ତ୍ର ତଥା ମହର୍ଷି ବେଦବ୍ୟାସଙ୍କ ରଚିତ ପୁରାଣ ତଥା ଅନନ୍ତକାଳରୁ ପ୍ରତିଷ୍ଠିତ ପରମ୍ପରାକୁ ଅନୁପାଳନ କରି ମୂଳପୀଠ ଶ୍ରୀମନ୍ଦିରରେ ଜ୍ୟୈଷ୍ଠ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କ ଆଦ୍ୟ ଆବିର୍ଭାବ ବା ଜନ୍ମତିଥିରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଆସୁଛି । ସେହିପରି ଚତୁର୍ଦ୍ଧା ଦାରୁବିଗ୍ରହ ନିଜ ଜନ୍ମସ୍ଥାନ ବା ଶ୍ରୀଗୁଣ୍ଡିଚା ମନ୍ଦିରକୁ ରଥରେ କରୁଥିବା ଯାତ୍ରାକୁ ରଥଯାତ୍ରା ଭାବେ ପାଳନ କରାଯାଉଥିବା ବେଳେ ଏହି ନବଦିନାତ୍ମକ ଯାତ୍ରା ଅନାଦି କାଳରୁ କେବଳ ଆଷାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଆସୁଅଛି । ତେବେ କିଛି ଦଶନ୍ଧି ହେଲା ଏହା ଲକ୍ଷ୍ୟ କରାଯାଉଛି ଯେ, ଉପରୋକ୍ତ ଶାସ୍ତ୍ର ସମ୍ମତ ତିଥି ତଥା ପରମ୍ପରା ଉଲଂଘନ କରି ଇସ୍କନ ପକ୍ଷରୁ ଦେଶ ତଥା ବିଦେଶରେ ଏହାର ବିଭିନ୍ନ ମନ୍ଦିରରେ ସ୍ନାନଯାତ୍ରା ଏବଂ ରଥଯାତ୍ରାର ଆୟୋଜନ କରାଯାଉଛି । ଏସମ୍ପର୍କରେ ଦୀର୍ଘ ବର୍ଷ ଧରି ଶ୍ରୀମନ୍ଦିର ପ୍ରଶାସନ ତଥା ଏହାର ପରିଚାଳନା କମିଟିର ଅଧ୍ୟକ୍ଷ, ଗଜପତି ମହାରାଜାଙ୍କ ପକ୍ଷରୁ ଆପତ୍ତି ଉଠାଯିବା ସହ ଏଥିରୁ ବିରତ ରହିବାକୁ ଇସ୍କନ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ସ୍ତରରେ ଆଲୋଚନା ହୋଇଆସୁଥିବା ବେଳେ ଗତ ୨୦୨୧ ମସିହା ଜୁଲାଇ ୨୧ ତାରିଖରେ ଇସ୍କନ ଗଭର୍ଣ୍ଣିଂ କାଉନସିଲ୍ (ବ୍ୟୁରୋ), ମୁମ୍ବାଇ ପକ୍ଷରୁ ଶାସ୍ତ୍ର ତଥା ପରମ୍ପରା ଅନୁସାରେ ଭାରତରେ ଥିବା ସମସ୍ତ ଇସ୍କନ ମନ୍ଦିରରେ ରଥଯାତ୍ରା ନୀତି ଅନୁପାଳନ କରିବାକୁ ବିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା । ତେବେ ବିଦେଶରେ ରଥଯାତ୍ରା ପାଳନ ସମ୍ପର୍କରେ ଇସ୍କନର ଅନ୍ତର୍ଜାତୀୟ ମହକୁମା (ଗଭର୍ଣ୍ଣିଂ ବଡି କମିସନ୍), ମାୟାପୁର, ପଶ୍ଚିମବଙ୍ଗ ନିଷ୍ପତ୍ତି ନେବେ ବୋଲି ସେତେବେଳେ କୁହାଯାଇଥିଲା । ତଦନୁସାରେ, ଏନେଇ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଇସ୍କନର ଅନ୍ତର୍ଜାତୀୟ ମହକୁମା (ଗଭର୍ଣ୍ଣିଂ ବଡି କମିସନ)ଙ୍କୁ ମଧ୍ୟ ଗଜପତି ମହାରାଜାଙ୍କ ପକ୍ଷରୁ ବାରମ୍ବାର ବାର୍ତ୍ତା ପ୍ରେରଣ କରାଯାଇଛି । ତେବେ ଗତ ୨୦୨୪ ମସିହା ଡିସେମ୍ବର ୨ ତାରିଖ ଦିନ ପୁରୀ ଠାରେ ଅନୁଷ୍ଠିତ ବୈଠକରେ, ଶ୍ରୀ ଗଜପତି ମହାରାଜ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବ୍ୟକ୍ତିଗତ ଭାବେ ଇସ୍କନର ଗଭର୍ଣ୍ଣିଂ ବଡି କମିସନର ଅଧ୍ୟକ୍ଷଙ୍କୁ ଆଗ୍ରହ ତଥା ଅନୁରୋଧ କରିଥିଲେ ଯେ, ଦେଶ ତଥା ବିଦେଶରେ ଇସ୍କନର ସମସ୍ତ ମନ୍ଦିର ଗୁଡିକରେ ଶାସ୍ତ୍ର ତଥା ପରମ୍ପରା ଅନୁସାରେ ସ୍ନାନଯାତ୍ରା ଏବଂ ରଥଯାତ୍ରା ବିଧି ଅନୁପାଳିତ ହେଉ । ସେହି ବୈଠକରେ ଇସ୍କନ ଅଧ୍ୟକ୍ଷଙ୍କ ପ୍ରସ୍ତାବ ଅନୁସାରେ, ପରବର୍ତ୍ତୀ ସମୟରେ ୨୦୨୫ ମସିହା ମାର୍ଚ୍ଚ ୨୦ ତାରିଖ ଦିନ, ଭୁବନେଶ୍ୱରରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧିତ୍ୱ କରୁଥିବା ଶାସ୍ତ୍ରଜ୍ଞ ତଥା ଗବେଷକ ଏବଂ ଇସ୍କନର ଶାସ୍ତ୍ରଜ୍ଞମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକ ଏବଂ ପରେ ଇସ୍କନ ପକ୍ଷରୁ ଦାଖଲ ହୋଇଥିବା ଦସ୍ତାବିଜକୁ ବିସ୍ତୃତ ଭାବେ ଅନୁଶୀଳନ କରିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧିତ୍ୱ କରୁଥିବା ଶାସ୍ତ୍ରଜ୍ଞ ତଥା ଗବେଷକମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, ଭିନ୍ନ ତିଥି ବା ବର୍ଷର ଯେକୌଣସି ତିଥିରେ ଇସ୍କନ ପକ୍ଷରୁ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ପାଳନ ନେଇ ଦାଖଲ ହୋଇଥିବା ଯୁକ୍ତିଗୁଡିକ ଅମୂଳକ, ଭୁଲ୍ ଏବଂ ଶାସ୍ତ୍ର ତଥା ପରମ୍ପରା ବିରୋଧୀ । ଶାସ୍ତ୍ରଜ୍ଞ ତଥା ଗବେଷକମାନେ ଦାଖଲ କରିଥିବା ବିସ୍ତୃତ ସନ୍ଦର୍ଭ ସେପ୍ଟେମ୍ବର ୩ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉପସ୍ଥାପନ ହେବା ସହ ଅନୁମୋଦନ ଲାଭ କରିଛି । ସମ୍ପୃକ୍ତ ସନ୍ଦର୍ଭକୁ ଗଜପତି ମହାରାଜାଙ୍କ ଚିଠି ସହିତ ଆଜି ବିବଦ୍ଧ ଭାବେ ଇସ୍କନର ଅନ୍ତର୍ଜାତୀୟ ଗଭର୍ଣ୍ଣିଂ ବଡି କମିସନ, ମାୟାପୁର, ପଶ୍ଚିମବଙ୍ଗର ଅଧ୍ୟକ୍ଷଙ୍କ ନିକଟକୁ ପ୍ରେରଣ କରାଯାଇଛି । ଇସ୍କନ କର୍ତ୍ତୃପକ୍ଷଙ୍କୁ ବିନମ୍ରତାର ସହ ଏହା ସ୍ପଷ୍ଟ କରାଯାଉଅଛି ଯେ, ପ୍ରଭୁ ଶ୍ରୀକୃଷ୍ଣ, ଶ୍ରୀରାମ, ଶ୍ରୀଗଣେଶଙ୍କ ଜନ୍ମଦିନ ଶାସ୍ତ୍ର ସମ୍ମତ ତିଥିରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀରାମ ନବମୀ, ଶ୍ରୀଗଣେଶ ଚତୁର୍ଥୀରେ ହିଁ ପାଳିତ ହୋଇଥାଏ । ଏଥିରେ ତ ଇସ୍କନ ପକ୍ଷରୁ ବ୍ୟତିକ୍ରମ ହୋଇ ନଥାଏ । ତେଣୁ ଅନନ୍ତକୋଟି ବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥଙ୍କ ଜନ୍ମଦିନ (ସ୍ନାନଯାତ୍ରା) ଭିନ୍ନ ତିଥିରେ ପାଳନ କରାଯିବା ନେଇ ଇସ୍କନର ଯୁକ୍ତି କଦାପି ଗ୍ରହଣୀୟ ନୁହେଁ । ସେହିପରି, ସନାତନ ବୈଦିକ ଧର୍ମର ଅନ୍ୟ ପର୍ବପର୍ବାଣୀ ଯଥା, ମହାଶିବରାତ୍ରୀ, ହୋଲି, ଦୀପାବଳୀ, ଦୁର୍ଗାପୂଜା (ନବରାତ୍ର), ଦଶହରା, ବସନ୍ତ ପଞ୍ଚମୀ, ମକର ସଂକ୍ରାନ୍ତି, ଗୁରୁ ପୂର୍ଣ୍ଣିମା ମଧ୍ୟ ସମଗ୍ର ବିଶ୍ୱରେ ଗୋଟିଏ ନିର୍ଦ୍ଦିଷ୍ଟ ଶାସ୍ତ୍ର ସମ୍ମତ ତିଥିରେ ପାଳନ ହୋଇଥାଏ । କେବଳ ଏତିକି ନୁହେଁ, ଅନ୍ୟ ଧର୍ମରେ ଯେପରିକି ଖ୍ରୀଷ୍ଟମାସ୍, ଇଦ୍-ଉଲ୍-ଫିତର, ବୁଦ୍ଧ ଜୟନ୍ତୀ, ପର୍ଯ୍ୟୁଷ୍ଣ ମହାପର୍ବ (ଜୈନ ଧର୍ମ), ୟୋମ୍ କିପୁର୍ (ଜିଉମାନଙ୍କ ପର୍ବ) କିମ୍ବା ଶିଖ୍ ଧର୍ମାବଲମ୍ବୀ ପାଳନ କରୁଥିବା ବୈଶାଖୀ ପର୍ବ ମଧ୍ୟ ସମ୍ପୃକ୍ତ ଧର୍ମର ଶାସ୍ତ୍ର ତଥା ପରମ୍ପରାରେ ସ୍ୱୀକୃତ ନିର୍ଦ୍ଦିଷ୍ଟ ଏକ ତିଥି ବା ଦିବସରେ ପାଳିତ ହୋଇଥାଏ । ତେଣୁ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ (ଯାହାକି ଦ୍ୱାଦଶ ଯାତ୍ରା ମଧ୍ୟରୁ ସର୍ବଶ୍ରେଷ୍ଠ ତଥା ପବିତ୍ର ଯାତ୍ରା ବା ପର୍ବ ବୋଲି ବିବେଚନା କରାଯାଏ), ବର୍ଷର ଯେକୌଣସି ଦିବସରେ ପାଳନ କରିବା ନେଇ ଇସ୍କନ କର୍ତ୍ତୃପକ୍ଷଙ୍କ କୌଣସି ମତ ଯୁକ୍ତିସଂଗତ ନୁହେଁ । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ, ଆଲୋଚନା ତଥା ପର୍ଯ୍ୟାଲୋଚନା ପ୍ରକ୍ରିୟା ଚାଲିଥିବା ବେଳେ ଚଳିତ ବର୍ଷ ପୁଣିଥରେ ଇସ୍କନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦେଶ ତଥା ବିଦେଶରେ ପ୍ରାୟ ୪୦ଟି ଇସ୍କନ ମନ୍ଦିରରେ ଭିନ୍ନ ଭିନ୍ନ ତିଥିରେ, ଏପରିକି ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବି, ଶାସ୍ତ୍ର ତଥା ପରମ୍ପରା ଉଲଂଘନ କରି, ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଳନ କରୁଥିବା ଦୃଷ୍ଟିକୁ ଆସିଅଛି । ସେହିପରି ଉପଲବ୍ଧ ତଥ୍ୟ ଆଧାରରେ, ବିଦେଶରେ ୬୮ ଟି ଇସ୍କନ ମନ୍ଦିର ସମସ୍ତ ଶାସ୍ତ୍ର ତଥା ପରମ୍ପରାକୁ ଉଲଂଘନ କରି ଏବର୍ଷ ରଥଯାତ୍ରା ପାଳନ କରିଛନ୍ତି । ଶାସ୍ତ୍ର ତଥା ପରମ୍ପରା ବିରୋଧୀ ଇସ୍କନର ଏହି କାର୍ଯ୍ୟକୁ ପରମପୂଜ୍ୟ ଶ୍ରୀମଦ୍ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମଧ୍ୟ ଘୋର ନିନ୍ଦା କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ଏବଂ ରଥଯାତ୍ରା ପାଳନ କରିବାରେ ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଶାସ୍ତ୍ର ଏବଂ ପରମ୍ପରାକୁ ଅମାନ୍ୟ ତଥା ଅସମ୍ମାନ କରିବା ସମଗ୍ର ବିଶ୍ୱର କୋଟି କୋଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ କୁଠାରଘାତ କରୁଅଛି । ଏ ଭଳି ପରିସ୍ଥିତିରେ, ଶାସ୍ତ୍ର ତଥା ପ୍ରଚଳିତ ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମସ୍ତ ଯାତ୍ରା ଇସ୍କନ ମନ୍ଦିର ତଥା କେନ୍ଦ୍ରରେ ପାଳନ କରିବାକୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ (ଏକ ମାସ ମଧ୍ୟରେ) ଇସ୍କନର ଗଭର୍ଣ୍ଣିଂ ବଡି କମିସନ (ମାୟାପୁର)ଙ୍କୁ ପୁଣିଥରେ ଆମ୍ଭେ ସାଦର ଅନୁରୋଧ କରୁଅଛୁ ବୋଲି ଗଜପତି ମହାରାଜ ପ୍ରକାଶ କରିଥିଲେ ।

## ପ୍ରାଣୀଧନ ଚିକିତ୍ସାଳୟରେ ମିଳୁନି ଔଷଧ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରାଣୀ ଚିକିତ୍ସାଳୟକୁ ଦୈନିକ ଗାଈ, ଗୋରୁ, ଛେଳି, ମେଣ୍ଢା, କୁକୁରଙ୍କୁ ନେଇ ବହୁ ଲୋକ ଆସୁଛନ୍ତି । ତେବେ ସରକାର ଆବଶ୍ୟକ ଔଷଧ ଯୋଗାଇ ନ ଦେବାରୁ ଅଧିକାରୀ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବହୁ ସମୟରେ ଔଷଧ ମିଳୁ ନଥିବାରୁ ଅଧିକାରୀଙ୍କୁ ସାଧାରଣ ଲୋକଙ୍କ ରୋଷର ଶିକାର ହେବାପାଇଁ ପଡୁଛି । ଅସ୍ତରଙ୍ଗ ବ୍ଲକ ପ୍ରାଣୀଚିକିତ୍ସାଳୟ ଅଧୀନରେ କିଛି ପଶୁଧନ ନିରୀକ୍ଷକ କାର୍ଯ୍ୟାଳୟ ରହିଛି । ତେବେ ରୋଗ ଚିହ୍ନଟ ପରେ ଯେଉଁ ଔଷଧ ଆବଶ୍ୟକ ତାହା କାର୍ଯ୍ୟାଳୟରେ ନଥିବାରୁ କେତେକ ସ୍ଥାନରେ ସଚେତନ ଲୋକ ଏମାନଙ୍କ ପ୍ରେସକ୍ରିପସନରେ ବାହାରୁ ଔଷଧ କିଣି ଗୃହପାଳିତ ପଶୁଙ୍କୁ ଚିକିତ୍ସା କରାଉଛନ୍ତି । ଆଉ କିଛି ସ୍ଥାନରେ ଗୋରୁଗାଈଙ୍କୁ ସେବା ଦେବା ନାଁରେ କାମ କରୁଥିବା କ୍ୱାକ୍‌ମାନେ ନିଜକୁ ପଶୁ ଡାକ୍ତର କହି ତୃଣମୂଳ ସ୍ତରରେ ଗୋପାଳକ ମାନଙ୍କୁ ଶୋଷୁଛନ୍ତି । ଯାହା ଘରେ ଗୋରୁ ଗାଈ ଅଛନ୍ତି ଏମାନେ ଖବର ପାଇଁ ପହଞ୍ଚି ଯାଉଛନ୍ତି । ଚଢ଼ା ଦରରେ ଲୋକଙ୍କ ପାଖରୁ ଔଷଧ ବାବଦରେ ଟଙ୍କା ଆଣୁଛନ୍ତି । ସରକାରୀ କର୍ମଚାରୀଙ୍କ ପାଖରେ ଯେଉଁ ଅଭିଜ୍ଞତା ରହିଛି ଏମାନଙ୍କ ପାଖରେ ତାହା ନାହିଁ । କିନ୍ତୁ ସରକାରୀ ଚିକିତ୍ସାଳୟରେ ଔଷଧ ନଥିବାରୁ ଏମାନେ ତାର ଫାଇଦା ନେଉଛନ୍ତି । ଏ ସମ୍ପର୍କରେ ଜଣେ ପଶୁଧନ ନିରୀକ୍ଷକ ନିଜର ନାମ ଗୋପନ ରଖି କହିଛନ୍ତି, ବ୍ଲକରେ ବିଭିନ୍ନ ସ୍ଥାନରେ ପ୍ରାଣୀଙ୍କୁ ଚିକିତ୍ସା କରିବା ପାଇଁ ଆମେ ଅଛୁ କିନ୍ତୁ ଆମ ପାଖରେ ଆବଶ୍ୟକ ସରଞ୍ଜାମ ନାହିଁ କି ଔଷଧ ମଧ୍ୟ ନାହିଁ । ବିଭାଗୀୟ ଅଧିକାରୀ ସରକାରଙ୍କୁ ଲେଖି ଲେଖି ଥକି ଗଲେଣି । ପ୍ରାୟ କିଛି ମାସ ହେବ ଏହି ଭଳି ଅବସ୍ଥା ଉପୁଜୁଛି ବୋଲି କହିଛନ୍ତି ।

**AFFIDAVIT**

By virtue of an affidavit No. 1930 sworn before the Executive Magistrate, Bhuban on dated: 03.09.2025, I Champa Purti, W/o- Sumanta Purti, resident of village- Odisha Baranali, Po- Odisha, Ps- Bhuban, Dist- Dhenkanal, declares that I have changed my minor daughter's name from Jyochanarani Purty to Jyotshnarani Purti. Henceforth, She shall be known as Jyotshnarani Purti for all purposes.

**Sd/- Champa Purti**

**AFFIDAVIT**

By virtue of an affidavit No.4037, dated: 01.09.2025 sworn before the Executive Magistrate, Karanjia, I Danigi Majhi, Legal guardian (Mother) of Namita Murmu (7742 1874 4970), D/o- Bhagaban Majhi of village Kenjhara, Po- Patbil, Ps- Karanjia, Dist- Mayurbhanj, declare that I have changed my daughter's name from Namita Murmu to Namita Majhi. Henceforth, Namita Murmu shall be known as Namita Majhi for all purpoes.

**Sd/-Danigi Majhi**

## ବେଳାଭୂମିରେ ପର୍ଯ୍ୟଟକଙ୍କୁ ଲୁଟ୍, ଧରାପଡିଲେ ୨ ଭିକାରୀ

ପୁରୀ (ଭାସ୍କର ନ୍ୟୁଜ) : ବେଳାଭୂମିରେ ପର୍ଯ୍ୟଟକଙ୍କୁ ଲୁଟ୍ । ୧୦୦ କି ୨୦୦ ଟଙ୍କା ନୁହେଁ ହଜାର ହଜାର ଟଙ୍କା ଲୁଟ୍ କରି ଧରାପଡିଛନ୍ତି ଭିକ୍ଷାବୃତ୍ତି କରୁଥିବା ଜଣେ ମହିଳା ଓ ଜଣେ ପୁରୁଷ । ମିଳିଥିବା ସୂଚନା ମୁତାବକ, ଦୁଇରୁ ତିନି ଜଣ ପର୍ଯ୍ୟଟକ ପୁରୀ ବେଳାଭୂମିକୁ ବୁଲିବାକୁ ଆସିଥିଲେ । ସେମାନେ ଜଣେ ମହିଳାଙ୍କୁ ମଦ ଆଣିବାକୁ ଟଙ୍କା ଦେଇଥିଲେ । ସମ୍ପୃକ୍ତ ମହିଳା ସେମାନଙ୍କ ପାଇଁ ମଦ ମଧ୍ୟ ଆଣି ଦେଇଥିଲେ । ପର୍ଯ୍ୟଟକମାନେ ମଦ ପିଇ ସାରି ବେଳାଭୂମିରେ ଶୋଇପଡିଥିଲେ । ଏହାର ସୁଯୋଗ ନେଇ ସମ୍ପୃକ୍ତ ମହିଳା ଓ ଜଣେ ପୁରୁଷ ପର୍ଯ୍ୟଟକ ମାନଙ୍କ ଠାରୁ ହଜାର ହଜାର ଟଙ୍କା ଲୁଟ୍ କରିଥିଲେ । କିନ୍ତୁ ବେଳାଭୂମିରେ ଥିବା କିଛି ଲାଇଫଗାର୍ଡ ଏ ସମ୍ପର୍କରେ ଜାଣି ସମ୍ପୃକ୍ତ ଲୁଟେରା ମହିଳା ଓ ପୁରୁଷଙ୍କୁ ଧରିଥିଲେ । ତାଙ୍କ ଠାରୁ ଲୁଟ୍ ଟଙ୍କା ୫ ହଜାର ୫୦୦ ଟଙ୍କା ଜବତ କରି ପର୍ଯ୍ୟଟକ ମାନଙ୍କୁ ଫେରାଇଥିଲେ । ସବୁବେଳେ ପର୍ଯ୍ୟଟକଙ୍କ ପାଇଁ ବେଳାଭୂମିରେ ମୁତୟନ ହୋଇଥିବା ଲାଇଫଗାର୍ଡ କେବଳ ଯେ ଗଭୀର ସମୁଦ୍ରରୁ ସେମାନଙ୍କୁ ବଞ୍ଚାଇଥାନ୍ତି ତା ନୁହେଁ ବରଂ ପର୍ଯ୍ୟଟକଙ୍କ ଠାରୁ ଟଙ୍କା ଲୁଟ୍ ହୋଇଥିବା ଟଙ୍କା ଲୁଟେରାଙ୍କ ଠାରୁ ଜବତ କରି ଫେରାଇଥିବାରୁ ସାଧାରଣରେ ଲାଇଫଗାର୍ଡଙ୍କୁ ବେଶ୍ ପ୍ରଶଂସା କରାଯାଇଥିଲା ।

ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ

C-1013

**OFFICE OF THE MUNICIPAL COUNCIL, TITILAGARH**
**(Dept. of Housing & Urban Development, Govt. of Odisha)**
**At/Po.Ps.Titilagarh, Dist.Balangir-767033, e-mail:titilagarhmunicipality@gmail.com**

e-tender notice details
**BID Identification No. TIG-MPL-16-2025**
**DTCN No.2479/03.09.2025**

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

1. Name of the work : Civil Construction works as mentioned in website.
2. No. of works. : **5 nos. of Civil Projects**
3. Tender Cost : **As per DTCN**
4. Period of Completion : 30days
5. Date & Time of availability of Bid Documents in the Portal : From **08.09.2025, 12:00 am** to **16.09.2025, 5:00 PM.**
6. Last date & time for receipt of bids in the portal. : On **16.09.2025 at 5:00 PM.**
7. Last date & time for deposit Of Fees& Documents (in sealed envelope) at Office tender box. : On **18.09.2025 at 05:00 PM.**
8. Bids received online & Offline will be opened on : On **19.09.2025 at 11:00 AM.**
9. Name and address of the officer inviting Bid : Executive Officer, Titilagarh Municipality.

Further details can be seen from the procurement portal i.e.https://tendersodisha.gov.in

**OIPR 13095/11/0032/2526**

**Sd/- Executive Officer,**
**Titilagarh Municipality**

# ୧୨ ହଜାର କୋଟିର ନିଶାଦ୍ରବ୍ୟ ଜବତ
# ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଆଇଟି ବିଶେଷଜ୍ଞ

ମୁମ୍ବାଇ: ଏକ ବଡ଼ଧରଣର ଡ୍ରଗ୍ସ ଉତ୍ପାଦନ ଏବଂ ଚାଲାଣ ଗ୍ୟାଙ୍ଗର ପର୍ଦ୍ଦାଫାସ କରାଯାଇଛି । ତେଲଙ୍ଗାନାରେ ଚାଲିଥିବା ଏହି ର୍ୟାକେଟକୁ ମହାରାଷ୍ଟ୍ରର ଥାନେ ଜିଲ୍ଲା ମୀରାରୋଡ ପୋଲିସ ଧରିବାରେ ସମର୍ଥ ହୋଇଛି । ପୋଲିସ ୧୨ ହଜାର କୋଟିର ମେଫେଡ୍ରୋନ ଡ୍ରଗ୍ସ ଜବତ କରିଛି । ମେଫେଡ୍ରୋନ ହେଉଛି ଏକ ଉତ୍କଟ ନିଶାଜାତ ଦ୍ରବ୍ୟ । ତେଲଙ୍ଗାନାର ଚେରାମାଲି ଅଞ୍ଚଳରେ ଥିବା ଏହି କାରଖାନାରୁ ପୋଲିସ ନିଶା ଔଷଧ ପ୍ରସ୍ତୁତ ପାଇଁ ବ୍ୟବହାର କରାଯାଉଥିବା ୩୫ହଜାର ଲିଟର କେମିକାଲ ମଧ୍ୟ ଜବତ କରିଛି । ଏହି କାରଖାନାଟି କେମିକାଲ ଫ୍ୟାକ୍ଟ୍ରି ନାମରେ ଚାଲୁଥିଲା । କିନ୍ତୁ ବାସ୍ତବରେ କାରଖାନାରୁ ନିଶାଦ୍ରବ୍ୟ ଉତ୍ପାଦନ ହେଉଥିଲା । ଏହି ନିଶାଦ୍ରବ୍ୟ ଅପରାଧୀ ଏବଂ ଏଜେଣ୍ଟମାନଙ୍କ ଦ୍ୱାରା ମୁମ୍ବାଇକୁ ଚାଲାଣ କରାଯାଉଥିଲା । ପୋଲିସ ଅଧିକାରୀମାନେ ଆକଳନ କରିଛନ୍ତି ଯେ ଶତାଧିକ କେଜିର ମେଫେଡ୍ରୋନ ଡ୍ରଗ୍ସ ଏଠାରେ ଉତ୍ପାଦନ କରାଯାଇଛି ଏବଂ ଏହାକୁ ବିଭିନ୍ନ ମାର୍କେଟକୁ ପଠାଯାଇଛି । ବିଭିନ୍ନ ସୂତ୍ରରୁ ଖବର ପାଇବା ପରେ ପୋଲିସ ଓ କ୍ରାଇମବ୍ରାଞ୍ଚ ମିଳିତଭାବେ ୬୦ଟି ଠିକଣାରେ ଚଢାଉ କରିଥିଲେ । ପାଖାପାଖି ମାସେଧରି ଅପରେସନ ପରେ ଏହି କାରଖାନାକୁ ଠାବ କରାଯାଇଥିଲା । ପୋଲିସ ଏହି ଘଟଣାରେ ମୋଟ ୧୨ଜଣଙ୍କୁ ଗିରଫ କରିଛି । ଏମାନଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ମହିଳା ମଧ୍ୟ ରହିଛନ୍ତି । ଗତ ଅଗଷ୍ଟ ୮ରେ ପୋଲିସ ବାଂଲାଦେଶୀ ମହିଳା ଫାତିମା ମୁରାଦ ଶେଖଙ୍କୁ ମୀରାରୋଡ ଇଷ୍ଟର କାଶ୍ମୀରା ବସ୍‌ଷ୍ଟାଣ୍ଡରୁ ଧରିଥିଲା । ତାଙ୍କ ପାଖରୁ ୧୫୦ ଗ୍ରାମ ମେଫେଡ୍ରୋନ ଜବତ କରାଯାଇଥିଲା । ତାଙ୍କୁ ପଚରାଉଚୁରା କରାଯିବା ପରେ ଏହି ବିରାଟ ଡ୍ରଗ୍ସ କାରବାରର ସୁରାକ ମିଳିଥିଲା । ପରବର୍ତ୍ତୀ ଅବସ୍ଥାରେ ଆଉ ୧୭୮ଗ୍ରାମ ମେଫେଡ୍ରୋନ ଓ ନଗଦ ୨୩.୯୭ଲକ୍ଷ ଟଙ୍କା ଏକାଧିକ ସନ୍ଦିଗ୍ଧଙ୍କଠାରୁ ଜବତ କରାଯାଇଥିଲା । କେରାପାଲିରେ ଥିବା କାରଖାନା ଉପରେ ଶୁକ୍ରବାର ଚଢାଉ କରାଯାଇଥିଲା । ଚଢାଉବେଳେ ୫.୭୯କେଜି ମେଫେଡ୍ରୋନ, ୩୫,୫୦୦ଲିଟର କେମିକାଲ, ୯୫୦ କେଜି ପାଉଡର ଓ ଯନ୍ତ୍ରପାତି ଜବତ କରାଯାଇଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଜଣେ ଆଇଟି ବିଶେଷଜ୍ଞ । ସେ ନିଜ ଦକ୍ଷତାର ଅପବ୍ୟବହାର କରି ଏହି ଅପରାଧ କରିଥିବା ପୋଲିସ କହିଛି ।

**OFFICE OF THE NOTIFIED AREA COUNCIL , ATHMALLIK .**
NO. **2006** DT. **06.09.2025**
e-Procurement

C-1018

**Bid identification No.Alkn-02/2025-26**

Bid documents consisting of work , estimated cost , cost of tender paper ,EMD time of completion , Class of contractors and the set of term and conditions of contract and detals of other necessary documents can be seen in Govt.website i.e. www.tendersorissa.gov.in

Name of the works : Civil works
No. of works : 35 nos.
Estimated cost :Rs.1,12,630/- to 25,42,375/-
Date & Time of availability of Bid Documents in the portal : From 10.00A.M of dt.08.09.2025 to 22.09.2025 Up to 5.00P.M
Last Date of receive of Bid through Online :On or before 22.09.2025 up to 5.00P.M
Submission of original Document (DD/ EMD/ Affidavit) :On or before 24.09.2025 upto 11.00AM
Date of opening of bid on :At 11.00A.M on.24.09.2025

**Sd/- Executive Officer,**
**N.A.C. Athmallik**

**OIPR 13161/11/0013/2526**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆପୋସ ଆଲୋଚନା...

କରାଯିବ । ଓଡ଼ିଶା ପକ୍ଷରୁ ଏଜି ଶ୍ରୀ ଆଚାର୍ଯ୍ୟ ଟ୍ରିବ୍ୟୁନାଲକୁ ଜଣାଇଥିଲେ ଯେ ଏହା ଏକ ରାଜନୈତିକ ବିବାଦ । ଦୁଇ ରାଜ୍ୟର ରାଜନୈତିକ ବ୍ୟକ୍ତିତ୍ୱ ବସି ଆଲୋଚନା ମାଧ୍ୟମରେ ଆପୋସ ବୁଝାମଣାଦ୍ୱାରା ଏହାର ସମାଧାନ କରିପାରିବେ । କେନ୍ଦ୍ର ସରକାର ଏବଂ କେନ୍ଦ୍ରୀୟ ଜଳ ଆୟୋଗଙ୍କ ମଧ୍ୟସ୍ଥତାରେ ଏହି ବିବାଦକୁ ସମାଧାନ କରାଯାଇ ଦୁଇ ରାଜ୍ୟର ଜଳକୁ କିପରି ସୁବିନିଯୋଗ କରାଯାଇପାରିବ ସେ ଦିଗରେ ସମାଧାନର ବାଟ କାଢିପାରିବେ । ସୂଚନାଯୋଗ୍ୟ ଯେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏହି ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ସି.ଆର.ପାଟିଲ ମଧ୍ୟ ଏ ନେଇ ଅବଗତ ଅଛନ୍ତି । ତେଣୁ ଆଲୋଚନା ମାଧ୍ୟମରେ ମାମଲାର ସମାଧାନ ହୋଇପାରିବ ବୋଲି ଏଜି କହିଥିଲେ ।

### ସମ୍ବୋଧନ କରିବେନି...

ଜୁଲାଇ ମାସରେ ପ୍ରକାଶ ପାଇଥିବା ପ୍ରୋଭିଜନାଲ ବାର୍ତ୍ତା ତାଲିକାରେ ପ୍ରଧାନମନ୍ତ୍ରୀ ମୋଦୀ ସେପ୍ଟେମ୍ବର ୨୬ରେ ସାଧାରଣ ବିତର୍କରେ ସମ୍ବୋଧନ କରିବେ ବୋଲି ଉଲ୍ଲେଖ କରାଯାଇଥିଲା । ଆସନ୍ତା ୨୬ରେ ଇସ୍ରାଏଲ, ଚୀନ୍, ପାକିସ୍ତାନ ଓ ବାଂଲାଦେଶର ରାଷ୍ଟ୍ରମୁଖ୍ୟମାନେ ୟୁଏନଜିଏ ସାଧାରଣ ବିତର୍କ କାର୍ଯ୍ୟକ୍ରମରେ ବିଶ୍ୱକୁ ସମ୍ବୋଧନ କରିବେ । ସୂଚନାଯୋଗ୍ୟ ଯେ ଚଳିତବର୍ଷ ଫେବୃଆରୀ ମାସରେ ପ୍ରଧାନମନ୍ତ୍ରୀ ମୋଦୀ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଆମେରିକା ଗସ୍ତ କରିଥିଲେ । ହ୍ୱାଇଟ୍ ହାଉସରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ତାଙ୍କର ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ତେବେ ଆମେରିକା ପକ୍ଷରୁ ରୁଷଠାରୁ ଭାରତ ତେଲ କିଣୁଥିବାରୁ ୫୦ ପ୍ରତିଶତ ଟାରିଫ ଲଗା ଯାଇଥିବାରୁ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି । ସମ୍ଭବତଃ ଏହି କାରଣ ପାଇଁ ମୋଦୀ ଆମେରିକା ଯିବାକୁ ଚାହୁଁନଥିବା ଚର୍ଚ୍ଚା ହେଉଛି ।

### ଭାରତ-ଆମେରିକା...

ସେ କହିଥିଲେ, ଭାରତ ଓ ଆମେରିକା ମଧ୍ୟରେ ଏକ ବିଶେଷ ସଂପର୍କ ରହିଛି ଯେଉଁଥିରେ ଚିନ୍ତାର କୌଣସି କାରଣ ନାହିଁ । ମୋଦୀ ମଧ୍ୟ ଟ୍ରମ୍ପଙ୍କ କଥାର ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ମୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଆମ ସଂପର୍କ ପ୍ରତି ତାଙ୍କର ସକାରାତ୍ମକ ମୂଲ୍ୟାଙ୍କନକୁ ପ୍ରଶଂସା କରୁଛି । ଭାରତ ଏବଂ ଆମେରିକାର ଏକ ବହୁତ ସକାରାତ୍ମକ, ଭବିଷ୍ୟତମୁଖୀ ଏବଂ ବ୍ୟାପକ ବିଶ୍ୱ ରଣନୈତିକ ସହଭାଗିତା ଅଛି । ସୂଚନାଯୋଗ୍ୟ ଯେ ଦ୍ୱିତୀୟ ଥର କ୍ଷମତାକୁ ଫେରିବା ପରେ ଟ୍ରମ୍ପଙ୍କ ଆଭିମୁଖ୍ୟ ପୂର୍ବ ଅପେକ୍ଷା ଅଧିକ ଆକ୍ରମଣାତ୍ମକ ହୋଇଛି । ଟାରିଫ ତାଙ୍କର ସବୁଠାରୁ ବଡ଼ ନିର୍ବାଚନୀ ଏବଂ କୂଟନୈତିକ ପ୍ରସଙ୍ଗ ପାଲଟିଛି । ଅନେକଥର ସେ ତାଙ୍କ ବିରୋଧୀଙ୍କ ବିରୋଧରେ ଏପରି ଭାଷା ପ୍ରୟୋଗ କରିଥିଲେ ଯାହା ଅନ୍ୟ କୌଣସି ବିଶ୍ୱ ନେତାଙ୍କଠାରୁ ଶୁଣିବାକୁ ମିଳେ ନାହିଁ । ଭାରତ ମଧ୍ୟ ତାଙ୍କ ଆକ୍ରମଣରୁ ବର୍ତ୍ତିନଥିଲା । କେତେବେଳେ ତାଙ୍କୁ ପାକିସ୍ତାନ ସହ ଠିଆ ହୋଇଥିବାରୁ ଦେଖାଯାଉଥିଲା ତ ଆଉ କେତେବେଳେ ଭାରତ ବିରୋଧରେ କଡ଼ା ବୟାନ ଦେଉଥିଲେ । କିନ୍ତୁ ଭାରତ ଅଧିକାଂଶ ସମୟରେ ସଂଯମ ନିରବତା ବଜାୟ ରଖୁଥିଲା । ଆବଶ୍ୟକ ପଡ଼ିଲେ କେବଳ ସନ୍ତୁଳିତ ଉତ୍ତର ଦେଉଥିଲା । ଭାରତ ପ୍ରତି ଟ୍ରମ୍ପଙ୍କର ସବୁଠାରୁ ଅସନ୍ତୋଷ ଦୁଇଟି ପ୍ରସଙ୍ଗରେ ରହିଥିଲା । ଯେତେବେଳେ ବାଣିଜ୍ୟ ଚୁକ୍ତି ଉପରେ କୌଣସି ଚୁକ୍ତି ହୋଇନଥିଲା ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଟାରିଫ ଲଗାଇଥିଲା । ଦ୍ୱିତୀୟ ରୁଷିଆଠାରୁ ତେଲକ୍ରୟ, ଯାହାଯୋଗୁ ଅତିରିକ୍ତ ଆଉ ୨୫ ପ୍ରତିଶତ ଟାରିଫ ଯୋଡ଼ାଯାଇଥିଲା । ତେଣୁ ୫୦ ପ୍ରତିଶତ ଟାରିଫ ଲାଗୁ ହୋଇଥିଲେ ବି ଭାରତ ଏହି ଦୁଇଟି ପ୍ରସଙ୍ଗରେ ନିରବ ରହିବାକୁ ଉଚିତ ମନେ କରିଥିଲା । ଅପରେସନ ସିନ୍ଦୂର ପରେ ମଧ୍ୟ ଟ୍ରମ୍ପ ଦାବି କରିଥିଲେ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯେ ଯୁଦ୍ଧବିରତି ଆଣିଥିଲେ । ତେବେ ଭାରତ ସ୍ପଷ୍ଟଭାବେ କହିଥିଲା, ଏହା ଦୁଇଦେଶ ମଧ୍ୟରେ ପାରସ୍ପରିକ ଆଲୋଚନାର ଫଳାଫଳ ।

### ପ୍ରତି ଜିଲ୍ଲାରେ...

ପର୍ବରେ ସେମାନଙ୍କର ସମ୍ମାନ ସବୁଠାରୁ ଅଧିକ । ସମ୍ବଲପୁର ପଶ୍ଚିମ ଓଡିଶାର ଏକ ବିଶେଷ ସ୍ଥାନ, ଯାହା କଳା, ସଂସ୍କୃତିର ବିଶେଷ ବାର୍ତ୍ତା ବହନ କରେ । କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡିଶାର ପ୍ରତ୍ୟେକ ଜିଲ୍ଲା ଓଡିଶା ପାଇଁ ସ୍ୱତନ୍ତ୍ରତା ବହନ କରନ୍ତି । ନୂଆଁଖାଇ ହେଉଛି ଚାଷ ଭିତ୍ତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ । ରାଜ୍ୟର କୃଷକ ପରିବାରଙ୍କ ଆୟ କେବଳ ଦୁଇ ଗୁଣ ନୁହେଁ, ବହୁ ଗୁଣିତ କରିବା ପାଇଁ ସରକାର ପ୍ରତିବଦ୍ଧ । ଆମ ସରକାର ହେଉଛି ଲୋକଙ୍କ ସରକାର, ଆପଣଙ୍କ ସରକାର । କେବଳ କାଗଜପତ୍ର କି ପ୍ରଚାର ପାଇଁ ନୁହେଁ । ଗତ ଏପ୍ରିଲ ୨୧ ତାରିଖ ଦିନ ମୁଁ ପୁରା କ୍ୟାବିନେଟ ଓ ପ୍ରଶାସନକୁ ନେଇ ଆସିଥିଲି ଆପଣଙ୍କ କଥା ଶୁଣିବାକୁ । ସମ୍ବଲପୁର ଅଭିଯୋଗ ଶୁଣାଣିରେ ମୋତେ ପ୍ରାୟ ୯ ହଜାର ୩୭୭ ଗୋଟି ଅଭିଯୋଗ ମିଳିଥିଲା ଯାହା ମଧ୍ୟରୁ ତୁରନ୍ତ ୮୮ ପ୍ରତିଶତ ସମାଧାନ କରା ଯାଇଥିଲା । ତେଣୁ ଆଗାମୀ ଦିନରେ ଓଡିଶାର ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାକୁ ଯାଇ କେବଳ ଅଭିଯୋଗ ଶୁଣିବ ତାହା ନୁହେଁ, ଯଦି ଆବଶ୍ୟକ ହୁଏ, ମୁଁ କ୍ୟାବିନେଟ ମିଟିଂ ବି କରିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଥିଲେ ଯେ ଆମ ସରକାର ରାଜ୍ୟର ପ୍ରତିଟି ଜିଲ୍ଲାକୁ ଶିଳ୍ପାୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦ୍ରୁତ ବିକାଶ ପାଇଁ ଅନ୍ୟ ଏକ ମୁଖ୍ୟ ପ୍ରସଙ୍ଗ ହେଉଛି ଗମନାଗମନ । ଏଣୁ ରାଜ୍ୟ ସରକାର ପୂର୍ବ ଓଡିଶାରୁ ପଶ୍ଚିମ ଓଡିଶା ପର୍ଯ୍ୟନ୍ତ ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲାକୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକଶିତ କରିବେ । ଏହା ନିରବଚ୍ଛିନ୍ନ ସେବାକୁ ସୁଗମ କରି ଦ୍ରୁତ ଏବଂ ସମନ୍ୱିତ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ । ଆମେ ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ । ଏଥିରେ ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ । ହରିଶଙ୍କର-ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ । ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ନୂଆଖାଇ କେବଳ ଗୋଟିଏ ଦିନର କି ଦୁଇ ଦିନର ପର୍ବ ନୁହେଁ । ଏହା ହେଉଛି ଗଣପର୍ବ । ବହୁତ ଦିନ ଧରି ଏହା ଚାଲେ, ବାସି ତିଆସି ଭାବେ । ଏଣୁ ପଶ୍ଚିମ ଓଡିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ, ଆମ ସରକାର ଚଳିତ ବର୍ଷ ନୂଆଖାଇ ପରଦିନକୁ ମଧ୍ୟ ସରକାରୀ ଛୁଟି ଭାବେ ଘୋଷଣା କରିଥିଲେ । ନୂଆଖାଇ ଆମକୁ କହେ, ପରିବାରରେ ଏକତା ରଖ । ସମାଜରେ ଶାନ୍ତି ଓ ସହଯୋଗକୁ ବଢାଅ । ପ୍ରକୃତିକୁ ମା' ଭାବି ସମ୍ମାନ କର । କୃଷକଙ୍କୁ ସମ୍ମାନ ଦେଇ, ସେମାନଙ୍କ ପରିଶ୍ରମକୁ ସଫଳ ରୂପାୟନ କରିବାରେ ନିଜକୁ ସାମିଲ କରିବା । ନୂଆଖାଇ କେବଳ ପର୍ବ ନୁହେଁ, ଏହା ଆମର 'ଅସ୍ତିତ୍ୱର ପରିଚୟ' । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ବରଗଡ଼, ଅନୁଗୋଳ ଏବଂ ବଲାଙ୍ଗୀରର ବିଧାୟକଗଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଗଣ, ବିଧାୟକଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ମା ସମଲେଶ୍ୱରୀ ମନ୍ଦିର ଏବଂ ମା ପାଟଣେଶ୍ୱରୀ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ନେଇଥିଲେ ।

# ମାଣ୍ଡିଆ ଦିବସ ପାଳନ ନେଇ ପ୍ରଥମ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଶନିବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଏକମାତ୍ର ରାଜ୍ୟଭାବେ ମାଣ୍ଡିଆ ଦିବସ ପାଳନ କରୁଛି । ପ୍ରତିବର୍ଷ ନଭେମ୍ବର ମାସ ୧୦ ତାରିଖକୁ ମାଣ୍ଡିଆ ଦିବସ ରୂପେ ପାଳନ କରାଯାଉଛି । ଏହି ବର୍ଷ ମଧ୍ୟ ଆସନ୍ତା ନଭେମ୍ବର ୧୦ ଓ ୧୧ ରେ ଦୁଇଦିନ ଧରି ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ । 'କୃଷି ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ' ଏହିବର୍ଷର ବିଷୟବସ୍ତୁ ରହିଛି । ପୂର୍ବବର୍ଷ ଭଳି ବିଭିନ୍ନ ସେସନ୍ ବିଶିଷ୍ଟ ଗବେଷକ/ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହେବ । ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ମାଣ୍ଡିଆ, ସୁଆଁ, କାଙ୍ଗୁ ଓ ବିସ୍ମୃତ ପ୍ରାୟ ଖାଦ୍ୟାନ୍ନର ଉତ୍ପାଦନ, ବ୍ୟବହାର ଓ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଏକ ଉଦାହରଣ ସାଜିଛି । ନିକଟରେ ଏଫସିଆଇ ରାଜ୍ୟରୁ ମାଣ୍ଡିଆ ଅନ୍ୟ ରାଜ୍ୟକୁ ପ୍ରେରଣ କରିଛି ଏବଂ ପର୍ଯ୍ୟାୟକ୍ରମେ ମୋଟ ୪୦ ହଜାର ମେଟ୍ରିକ ଟନ ମାଣ୍ଡିଆ କେବଳ ଓଡିଶାରୁ ନେବା ପାଇଁ ଯୋଜନା ରହିଛି । ଏଥରର ମାଣ୍ଡିଆ ଦିବସ ସମାବେଶରେ ୪୦୦ରୁ ଅଧିକ ଚାଷୀ, ଏମଏସ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷା, ଡ଼ ସୌମ୍ୟା ସ୍ୱାମୀନାଥନ, ୟୁନାଇଟେଡ଼ ନେସନ୍ସ ର ଫୁଡ଼ ଏଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନରୁ ବୈଜ୍ଞାନିକ, ୱାର୍ଲଡ଼ ଫୁଡ଼ ପ୍ରୋଗ୍ରାମ, ଆଇସିଏଆର, ଆଇସିଏଆର-ସିଆଇଡବ୍ଲୁଏରୁ ମହିଳା ବୈଜ୍ଞାନିକ, ଦେଶ ବିଦେଶରୁ ବହୁ ଖ୍ୟାତନାମା ବୈଜ୍ଞାନିକ ତଥା ଅଧିକାରୀ ପ୍ରମୁଖ ଯୋଗଦେବେ । ପ୍ରସ୍ତୁତି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିବା ସହ ବିଭାଗର ଆଗାମୀ କାର୍ଯ୍ୟପନ୍ଥାର ସୂଚନା ପ୍ରଦାନ କରିଥିଲେ । କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ସୁବ୍ରତ କୁମାର ପଣ୍ଡା, ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ନିଜ ନିଜର ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ ।

e-mail: eephbhpt@gmail.com

GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002

**NATIONAL COMPETITIVE BIDDING THROUGH e-Procurement**
**Identification No. ACEPH-BHPT– 23 of 2025-26/ Dt. 02.09.2025**
**e-Procurement Notice**

C-1003

| | | | |
|---|---|---|---|
| 01. | Name of the Work | : | 1no Work. |
| 02. | Type of Bid. | : | Single Bid System |
| 03. | Estimated Cost | : | Rs. 15.58 Lakh |
| 04. | Period of Completion | : | 03 (Three) Calendar Months |
| 05. | Date & Time of availability of bid document in the portal | : | From 11.00 AM of dt. 09.09.2025 to 5.00 PM of 18.09.2025 |
| 06. | Last date / time of receipt of bids in the portal | : | 5.00 PM of 18.09.2025. |
| 07. | Date & Time of opening of technical bids | : | At 11.30 AM of 19.09.2025 |
| 08. | Name and Address of the Officer Inviting Bid | : | Additional Chief Engineer, P.H. Division, Bhawanipatna , Railway Station Road, At/Po- Parmanandpur, 766002 Dist- Kalahandi. |

**Further details can be seen from the web site http://tenders.ori.nic.in or www.tendersorissa.gov.in**

**Sd/**-Additional Chief Engineer,
P.H. Division, Bhawanipatna

**OIPR 13059/11/0038/2526**

*email: se_nerwkjr@rediffmail.com*

O-697

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**

**eProcurement Notice for Road Works under PM-JANMAN Batch-I**

**Identification No. NCB-16 / RWCKJR / 2025-26**

No. **3417** // Date: **01.09.2025** //

1. Name of the work :- **Construction of road works under PM-JANMAN Batch-I in the District of Keonjhar.**
2. No. of work :- **02** (Two) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-16 / RWCKJR / 2025-26 | Dt.08.09.25 at 11.00 A.M. | Dt.22.09.25 up to 5.00 P.M. | Dt.20.09.25 up to 5.00 P.M. | Dt.23.09.25 at 11.00 A.M. | Will be intimated later |

- **Further details can be seen from the website: www.pmgsytenders.gov.in**

**Sd/**-Chief Construction Engineer,
R.W. Circle, Keonjhar.

**OIPR 25177/11/0092/2526**



ନୂଆଦିଲ୍ଲୀ: ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ପରିସରରେ ଚୋରିର ଏକ ଘଟଣା ଏବେ ହଇଚଇ ସୃଷ୍ଟି କରିବା ସହ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରିସରରୁ କୋଟିଏ ଟଙ୍କା ମୂଲ୍ୟର ହୀରା ଲାଗିଥିବା ସୁନା କଳସ ଚୋରି ହୋଇଥିବା ମାମଲା ଶନିବାର ସାମ୍ନାକୁ ଆସିଥିଲା । ସୂଚନାନୁଯାୟୀ, ଲାଲକିଲ୍ଲା ପରିସରରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ କଳସ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ଏହା ଜଣାପଡିବା ପରେ ସୁରକ୍ଷାକର୍ମୀଙ୍କ ହୋସ୍ ଉଡିଯାଇଥିଲା । ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । କଳସରେ ୭୬୦ ଗ୍ରାମ ସୁନା ଏବଂ ୧୭୦ ଗ୍ରାମ ହୀରା ଖଚିତ ହୋଇଥିଲା । ଏହି କଳସର ମୂଲ୍ୟ ପ୍ରାୟ ଏକ କୋଟି ବୋଲି କୁହାଯାଉଛି । ସିସିଟିଭି ଫୁଟେଜ୍ ମାଧ୍ୟମରେ ଜଣେ ସନ୍ଦିଗ୍ଧଙ୍କୁ ଚିହ୍ନଟ କରି ଗିରଫ କରିଛି । ଦିଲ୍ଲୀ ପୋଲିସ କହିଛି ଯେ, ଲାଲକିଲ୍ଲା ପରିସରରେ ଏକ ଜୈନ ଧାର୍ମିକ ସମାରୋହରୁ ପ୍ରାୟ ୧ କୋଟି ଟଙ୍କାର ସୁନା ଏବଂ ରତ୍ନପଥର ଖଚିତ କଳସ ଚୋରି ହୋଇଛି ।

### ବନ୍ୟାରେ ବୁଡ଼ିଗଲାଣି ୨ ହଜାର ଗାଁ

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନରେ ଯିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ରାଜ୍ୟ ବନ୍ୟା କବଳରେ। ସବୁଠାରୁ ଖରାପ ପରିସ୍ଥିତି ପଞ୍ଜାବରେ। ଯେଉଁଠି ୨୦୦୦ରୁ ଅଧିକ ଗାଁ ଜଳମଗ୍ନ ହୋଇଯାଇଛି। ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଶହ ଶହ ଗାଈଗୋରୁ ମଧ୍ୟ ମରିଛନ୍ତି। ବହୁ ସଂଖ୍ୟକ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ, ଖବର ଆସିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବନ୍ୟା ପ୍ରଭାବିତ ରାଜ୍ୟଗୁଡ଼ିକୁ ଗସ୍ତ କରିବେ। ଯେଉଁଠାରେ ସେ ବନ୍ୟା ପରିସ୍ଥିତିର ସମୀକ୍ଷା କରିବେ। ପାହାଡ଼ ଏବଂ ସମତଳ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ନଦୀଗୁଡ଼ିକ ଉଛୁଳି ପଡ଼ିଛି। ଫଳରେ ଜମ୍ମୁ-କଶ୍ମୀର, ପଞ୍ଜାବ, ହରିୟାଣା, ରାଜସ୍ଥାନ, ଦିଲ୍ଲୀ-ଏନସିଆର ଏବଂ ପଶ୍ଚିମ ୟୁପିର ଅନେକ ଜିଲାରେ ପରିସ୍ଥିତି ଖରାପ ରହିଛି। ବନ୍ୟା ଫସଲ ନଷ୍ଟ କରିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ) ର ଦଳ ନିରନ୍ତର ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବନ୍ୟା ଦ୍ୱାରା ପଞ୍ଜାବ ସବୁଠାରୁ ଅଧିକ ପ୍ରଭାବିତ ରାଜ୍ୟ। ଯେଉଁଠାରେ ସତଲେଜ ଏବଂ ବ୍ୟାସ ନଦୀର ଜଳସ୍ତର ବୃଦ୍ଧି ଯୋଗୁ ସମଗ୍ର ରାଜ୍ୟ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ରାଜ୍ୟର ଦୁଇ ହଜାରରୁ ଅଧିକ ଜିଲା ବନ୍ୟାର ସମ୍ମୁଖୀନ ହେଉଛନ୍ତି। ପଙ୍ଗ ଡ୍ୟାମର କ୍ୟାଚମେଣ୍ଟ ଅଞ୍ଚଳରେ ଏପର୍ଯ୍ୟନ୍ତ ଇତିହାସରେ ସର୍ବାଧିକ ବର୍ଷା ପଞ୍ଜାବକୁ ବନ୍ୟା ପରିସ୍ଥିତିରେ ପକାଇଛି। ତଥାପି, ପାଣିପାଗ ବିଭାଗ ଆଗାମୀ ଚାରି ଦିନ ପାଇଁ ପ୍ରବଳ ବର୍ଷାକୁ ଖାରଜ କରିଛି। ଯାହା ଏକ ଆଶ୍ୱସ୍ତିର ଖବର। ସେହି ସମୟରେ, ଉତ୍ତରାଖଣ୍ଡ, ହିମାଚଳ ଏବଂ ଜମ୍ମୁ-କଶ୍ମୀରରେ ପ୍ରବଳ ବର୍ଷା ଯୋଗୁ ପ୍ରବଳ କ୍ଷତି ହୋଇଛି। ତଥାପି, ଶୁକ୍ରବାର ଏହି ତିନୋଟି ରାଜ୍ୟରେ ବର୍ଷା ବନ୍ଦ ହୋଇଗଲା। ଫଳରେ ରିଲିଫ କାର୍ଯ୍ୟ ଗତିଶୀଳ ହୋଇଛି। ବନ୍ୟା ପ୍ରଭାବିତ ପଞ୍ଜାବରେ ଏପର୍ଯ୍ୟନ୍ତ ୪୩ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଯେତେବେଳେ ରାଜ୍ୟର ପ୍ରାୟ ୪ ଲକ୍ଷ ଲୋକ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ବର୍ଷା ରାଜ୍ୟରେ ଗତ ୨୫ ବର୍ଷର ରେକର୍ଡ ଭାଙ୍ଗି ଦେଇଛି। ଘର ପାଣିରେ ବୁଡ଼ି ରହିଛି ଯାହା ଫଳରେ ଲୋକମାନେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ରିଲିଫ ଶିବିରରେ ରହିବାକୁ ବାଧ୍ୟ ହେଉଛନ୍ତି। ସମଗ୍ର ରାଜ୍ୟରେ ୧୫୯ ରିଲିଫ ଶିବିର ସ୍ଥାପନ କରାଯାଇଛି। ବନ୍ୟା ଦ୍ୱାରା ପଞ୍ଜାବର ଅମୃତସର ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ଏହା ସହିତ, କପୁରଥଲା, ଫିରୋଜପୁର, ସଙ୍ଗରୁର ଏବଂ ହୋସିଆରପୁରରେ ବନ୍ୟା ପ୍ରବଳ କ୍ଷୟକ୍ଷତି କରିଛି।

### ପଲ୍ଲୀବାଣୀ ମିଶନର ସାମ୍ବାଦିକତା ପୁରସ୍କାର ସମାରୋହରେ କେନ୍ଦ୍ରମନ୍ତ୍ରୀ

## ଓଡ଼ିଆ ସମାଜର ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ଓ ଜଣାଇବା: ଧର୍ମେନ୍ଦ୍ର




ନୂଆଦିଲ୍ଲୀ: ସାମ୍ବାଦିକମାନେ କେବଳ ରାଜନୀତି ଓ ଅପରାଧିକ ଘଟଣା ବିଷୟରେ ବିତର୍କ ନକରି ଗୋଟିଏ ସମାଜର ବ୍ୟାପ୍ତିକୁ ପରିପ୍ରକାଶ କରିବା ଦରକାର । ଓଡ଼ିଶା ସମେତ ଜାତୀୟ ସ୍ତରର ସାମ୍ବାଦିକମାନେ ମଧ୍ୟ ଓଡ଼ିଆ ସମାଜର ଗଭୀରତା, ବ୍ୟାପକତା ଓ ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ସହ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ସବୁ ବିଷୟକୁ ଜଣାଇବା ଦରକାର ବୋଲି ଶନିବାର ନୂଆଦିଲ୍ଲୀରେ ପଲ୍ଲୀବାଣୀ ମିଶନ ପକ୍ଷରୁ ଆୟୋଜିତ ଭାରତୀୟ ସାମ୍ବାଦିକତା ପୁରସ୍କାର-୨୦୨୫ ଏବଂ ଓଡ଼ିଶା ସାମ୍ବାଦିକତା ପୁରସ୍କାର-୨୦୨୫ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ୬ ସାମ୍ବାଦିକଙ୍କୁ ପୁରସ୍କୃତ କରିବା ସହ ଜାତୀୟ ଓ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଥିବା ସାମ୍ବାଦିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ସେ କହିଛନ୍ତି, ଓଡ଼ିଆ ଭାଷା ହେଉଛି ଏକ ବିଜ୍ଞାନ । ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି । ୧୯୩୬ ମସିହା ଏପ୍ରିଲ ୧ରେ ଆମ ରାଜ୍ୟ ଓଡ଼ିଶା ଦେଶର ସର୍ବପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ପ୍ରତିଷ୍ଠିତ ହୋଇଥିଲା । ଆମ ଓଡ଼ିଆ ଭାଷାର ଉତ୍କୃଷ୍ଟତା, ଗଭୀରତା ତଥା ମହାପୁରୁଷଙ୍କ ଉତ୍କଣ୍ଠା, ବ୍ୟଗ୍ରତା ଏବଂ ଆନ୍ଦୋଳନ କାରଣରୁ ଏହା ସମ୍ଭବ ହୋଇଥିଲା । ଆଉ ୧୧ ବର୍ଷ ପରେ ୨୦୩୬ରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ତେବେ ସମାଜକୁ ଏକ ପରିଚୟର ଆବଶ୍ୟକତା ଥାଏ । ଓଡ଼ିଆ ସମାଜର ସବୁଠୁ ବଡ ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ ନାହିଁ । ଉଲ୍ଲେଖନୀୟ ଯେ, ଏହି ପୁରସ୍କାର ସମାରୋହରେ ଆଜ୍ ତକ୍ର ସମ୍ପାଦକ ସଞ୍ଜୀବ ପାଲିୱାଲ, ହିନ୍ଦୁସ୍ତାନର ସମ୍ପାଦକ ପ୍ରତାପ ସୋମବଂଶୀ, ଲଲିନଟପର ସମ୍ପାଦକ ସୌରଭ ଦ୍ୱିବେଦୀଙ୍କୁ ଭାରତୀୟ ସାମ୍ବାଦିକତା ପୁରସ୍କାର-୨୦୨୫ରେ ସମ୍ମାନିତ କରାଯାଇଥିଲା । ସେହିପରି ଓଡ଼ିଶାର ଅର୍ଗସ ଡିଜିଟାଲର ସମ୍ପାଦକ ସଂଗ୍ରାମ କେ.ସାରଙ୍ଗୀ, ଦ ହିନ୍ଦୁର ସ୍ପେଶାଲ କରେସପଣ୍ଡେଣ୍ଟ୍ ସତ୍ୟସୁନ୍ଦର ବାରିକ, ଦୈନିକ ସମ୍ବାଦର ସମ୍ବଲପୁର ଜିଲ୍ଲା ସମ୍ବାଦଦାତା ରତ୍ନାକର ଭୋଇ ଓଡ଼ିଶା ସାମ୍ବାଦିକତା ପୁରସ୍କାରରେ ସମ୍ମାନିତ ହୋଇଥିଲେ । ସମାରୋହରେ ଯୋଗଗୁରୁ ବାବା ରାମଦେବ, ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଗ୍ରୁପ ଏଡିଟର ସାନ୍ତ୍ୱନା ଭଟ୍ଟାଚାର୍ଯ୍ୟ ଏବଂ ପଲ୍ଲୀବାଣୀ ମିଶନର ଚେୟାରମ୍ୟାନ ରାମଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିଙ୍କ କରକମଳରେ ପଲ୍ଲୀବାଣୀ ମିଶନର ଏକ ବିଶେଷ ପତ୍ରିକା ମଧ୍ୟ ଉନ୍ମୋଚନ ହୋଇଥିଲା ।

## ଛତିଶଗଡ଼ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋବୋଟିକ୍ ସର୍ଜରୀ ଏକ ନୂଆ ମାଇଲଖୁଣ୍ଟ: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କେନ୍ଦ୍ର ଭାରତର ଏମ୍ସରେ ଯାହାକି ଛତିଶଗଡ଼ରେ ପ୍ରତିଷ୍ଠିତ ସେଠାରେ ପ୍ରଥମ ଥର ପାଇଁ ରୋବୋଟିକ୍ ସର୍ଜରୀ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ଛତିଶଗଡ଼ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଏକ ନୂଆ ଦିଶା ଦେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଛନ୍ତି । ରାୟପୁରଠାରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ନିଜ ଉଦ୍‌ବୋଧନରେ ଶ୍ରୀ ସାଏ କହିଥିଲେ ଏହା ଛତିଶଗଡ଼ ସ୍ୱାସ୍ଥ୍ୟସେବା ପାଇଁ ଏକ ବିକଶିତ ଧାରାରେ କାର୍ଯ୍ୟ କରିବ । ଏହି ଐତିହାସିକ ମୁହୂର୍ତ୍ତ ଛତିଶଗଡ଼ର ରୋଗୀଙ୍କ ପାଇଁ ଏକ ନୂତନ ସ୍ୱପ୍ନକୁ ସାକାର କରିବ । ଦେବହାଷ୍ଟଠାରେ ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରଥମ ଡ୍ରାଏ ଲ୍ୟାବ୍‌କୁ ମଧ୍ୟ ଲଞ୍ଚ କରିଥିଲେ । ଏହି ଅବସରରେ ଶ୍ରୀ ସାଏ ଘୋଷଣାକରିଥିଲେ ଯେ, ଏମ୍ସ ରାୟପୁରରେ ରୋଗୀ ଏବଂ ସେମାନଙ୍କ ଆତ୍ମୀୟଙ୍କ ପାଇଁ ପରିଜନ ନିବାସ ସ୍ଥାପନ କରାଯିବ । ରୋଗୀଙ୍କ ସମ୍ପର୍କୀୟମାନେ ସେଠାରେ ରହିପାରିବେ । ସେ କହିଥିଲେ ଡାକ୍ତରମାନେ ହେଉଛନ୍ତି ଭଗବାନ ସଦୃଶ । ସେମାନେ ମଣିଷକୁ ପୁନର୍ଜନ୍ମ ଦେଇଥାନ୍ତି । ଏହି ରୋବୋଟିକ୍ ସର୍ଜରୀ ସିଷ୍ଟମ୍ କେବଳ ଛତିଶଗଡ଼ ରୋଗୀମାନଙ୍କ ପାଇଁ ନୁହେଁ, ବାହାର ରାଜ୍ୟରୁ ଆସୁଥିବା ରୋଗୀଙ୍କୁ ମଧ୍ୟ ଏଠାରେ ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯିବ । ସେ କହିଥିଲେ ମୁଁ ବିଶେଷ ଭାବେ ଏମ୍ସ ରାୟପୁର ସହିତ ଜଡ଼ିତ । ଯେତେବେଳେ ଏହାର ନିର୍ମାଣ ପାଇଁ ମୋ ପାଖକୁ ଫାଇଲ୍ ଆସିଲା ସେତେବେଳେ ମୁଁ ସ୍ୱୀକୃତି ଦେଇଥିଲି । ଯେତେବେଳେ ମୁଁ ଲୋକସଭାର ସଦସ୍ୟ ରହିଥିଲି ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ସେତେବେଳେ ଛତିଶଗଡ଼ରେ ଏମ୍ସ ସ୍ଥାପନ ପାଇଁ ଅନୁମତି ପ୍ରଦାନ କରିଥିଲେ । ଏହା ଫଳରେ ଦିଲ୍ଲୀ ଏମ୍ସରୁ ଚାପ ହ୍ରାସ ପାଇଥିଲା । ପରିଜନ ନିବାସ ଉପରେ ମତ ଦେଇ ଶ୍ରୀ ସାଏ କହିଥିଲେ ଏହା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନଙ୍କ ପାଇଁ ଅତ୍ୟନ୍ତ ଜରୁରି । ମୁଁ ଯେତେବେଳେ ସାଂସଦ ଥିଲି ମୋ ଦିଲ୍ଲୀରେ ଥିବା ବାସଭବନ ଏକ ମିନି ଏମ୍ସରେ ପରିଣତ କରିଥିଲି । କାରଣ ସେଠାରେ ଦିଲ୍ଲୀ ଏମ୍ସକୁ ଆସୁଥିବା ରୋଗୀ ଏବଂ ସମ୍ପର୍କୀୟଙ୍କୁ ମୁଁ ସମସ୍ତ ବ୍ୟବସ୍ଥା କରୁଥିଲି । ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ମୁଁ ସେହି ଧାରା ବଜାୟ ରଖିଥିଲି, ଯାହାକି ଛତିଶଗଡ଼ରେ ସ୍ଥାପନ ପାଇଁ ମୁଁ ସ୍ଥିର କରିଥିଲି । ଏବେ ସେହି ଆକାଂକ୍ଷା ମୋର ସଫଳ ହୋଇଛି ।

## ବିବାଦ ମଧ୍ୟରେ ଏସ୍‌ଆଇଆରକୁ ନେଇ ବଡ଼ ଘୋଷଣା କଲେ ନିର୍ବାଚନ ଆୟୋଗ




ନୂଆଦିଲ୍ଲୀ: ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଏସ୍‌ଆଇଆର ଉପରେ ବିବାଦ ମଧ୍ୟରେ ନିର୍ବାଚନ କମିଶନ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। କମିଶନ କହିଛନ୍ତି ଯେ ଏହା ସାରା ଦେଶରେ ଏକକାଳୀନ କାର୍ଯ୍ୟକାରୀ ହେବ। ଏ ସମ୍ପର୍କରେ ୧୦ରେ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ନିର୍ବାଚନ କମିଶନର ଏକ ବଡ଼ ବୈଠକ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ଭାରତୀୟ ନାଗରିକଙ୍କୁ ଏସ୍‌ଆଇଆରରେ ଅନ୍ତର୍ଭୁକ୍ତ ପାଇଁ ଅତିରିକ୍ତ ଡକ୍ୟୁମେଣ୍ଟ ପାଇଁ ପରାମର୍ଶ ମଧ୍ୟ ଲୋଡିଛନ୍ତି। ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ, ମୋଟ ୧୦ ପଏଣ୍ଟ ଉପରେ ସୂଚନା ମଗାଯାଇଛି ଯେଉଁଥିରେ ବର୍ତ୍ତମାନର ଭୋଟରଙ୍କ ସଂଖ୍ୟା, ପୂର୍ବ ଏସ୍‌ଆଇଆରର ତାରିଖ ଏବଂ ତଥ୍ୟ ଡିଜିଟାଇଜେସନର ସ୍ଥିତି ଅନ୍ତର୍ଭୁକ୍ତ। ମତଦାନ କେନ୍ଦ୍ରର ଯୁକ୍ତିଯୁକ୍ତକରଣ ଏବଂ ମୋଟ କେନ୍ଦ୍ର ସଂଖ୍ୟା ଉପରେ ଏକ ରିପୋର୍ଟ ଦେବାକୁ ପଡିବ। ଏହି ଉପସ୍ଥାପନାରେ ଅଧିକାରୀ ଏବଂ ଏସ୍‌ଆଇଆରଙ୍କ ନିଯୁକ୍ତି ଏବଂ ତାଲିମର ସ୍ଥିତି ଉପରେ ମଧ୍ୟ ଧ୍ୟାନ ଦିଆଯିବ। ବିହାରରେ ଏସ୍‌ଆଇଆରର ପ୍ରକ୍ରିୟା ଚାଲିଛି ଏବଂ ଏହା ୩୦ ସୁଦ୍ଧା ଶେଷ ହେବ। ଆୟୋଗ ଏପର୍ଯ୍ୟନ୍ତ ସମଗ୍ର ଦେଶରେ କାର୍ଯ୍ୟକାରୀ ପାଇଁ ଆନୁଷ୍ଠାନିକ ତାରିଖ ସ୍ଥିର କରିନାହିଁ, କିନ୍ତୁ ସୂତ୍ରରୁ ସୂଚନା ମିଳିଛି ଯେ ଏସ୍‌ଆଇଆର ସାରା ଦେଶରେ ଏକକାଳୀନ କାର୍ଯ୍ୟକାରୀ ହେବ। ୧୦ ତାରିଖରେ ବୈଠକ ପରେ ତାରିଖ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

## ମୁମ୍ବାଇ ବିସ୍ଫୋରଣ ଧମକ ଘଟଣା: ଅଭିଯୁକ୍ତ ଗିରଫ



ମୁମ୍ବାଇ: ୪୦୦ କିଲୋଗ୍ରାମ୍ ଆରଡିଏକ୍ସ ଓ ୩୪ ଆତ୍ମଘାତୀ ବିସ୍ଫୋରଣକାରୀ ପଠାଇ ମୁମ୍ବାଇରେ ଆତଙ୍କ ସୃଷ୍ଟି କରିବାକୁ ଚାହୁଁଥିବା ତଥା ଧମକ ଦେଇଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଏହି ମାମଲାରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ଉତ୍ତର ପ୍ରଦେଶର ନୋଏଡାରୁ ୫୦ ବର୍ଷୀୟ ଅଶ୍ୱୀନ କୁମାର ସାପ୍ରାଙ୍କୁ ଗିରଫ କରିଛି । ସେ ବିହାରର ମୂଳ ବାସିନ୍ଦା ବୋଲି ଜଣାପଡିଛି । ପଚରାଉଚରା ଓ ତଦନ୍ତ ପାଇଁ ତାକୁ ନୋଏଡାରୁ ମୁମ୍ବାଇ ଅଣାଯାଉଛି । ଅଭିଯୁକ୍ତ ଜଣକ ଧମକ ଦେବା ପାଇଁ ବ୍ୟବହାର କରିଥିବା ଫୋନ୍ ଓ ସିମ୍ କାର୍ଡକୁ ମଧ୍ୟ ଜବତ କରାଯାଇଛି । ସୂଚନାନୁଯାୟୀ, ଗତକାଲି ମୁମ୍ବାଇ ଟ୍ରାଫିକ୍ ପୋଲିସକୁ ଏହାର ଅଫିସିଆଲ୍ ହ୍ୱାଟ୍ସଆପ୍‌ରେ ଏକ ଧମକପୂର୍ଣ୍ଣ ମେସେଜ୍ ମିଳିଥିଲା । ମୁମ୍ବାଇରେ ବୋମାମାଡ ନେଇ ଉଲ୍ଲେଖ ଥିଲା । ମେସେଜ୍‌ରେ କୁହାଯାଇଥିଲା, ୩୪ଟି ଗାଡିରେ ମାନବ ବୋମା ଲଗାଯାଇଛି । ୪୦୦ କିଲୋଗ୍ରାମ୍ ଆରଡିଏକ୍ସ ମଧ୍ୟ ଲଗାଯାଇଛି । ଏହି ବିସ୍ଫୋରଣ ମୁମ୍ବାଇ ସମେତ ଦେଶକୁ ମଧ୍ୟ ଥରାଇଦେବ । ଏହାସହ ମେସେଜ୍‌ରେ ଲସ୍କର-ଏ-ଜିହାଦି ନାମକ ଏକ ସଙ୍ଗଠନର ନାମ ମଧ୍ୟ ଉଲ୍ଲେଖ କରାଯାଇଥିଲା । ଆହୁରି ମଧ୍ୟ ମେସେଜ୍‌ରେ କୁହାଯାଇଥିଲା, ୧୪ ଜଣ ପାକିସ୍ତାନୀ ଆତଙ୍କବାଦୀ ଭାରତରେ ପ୍ରବେଶ କରିଛନ୍ତି ଓ ଅନନ୍ତ ଚତୁର୍ଦ୍ଦଶୀରେ ଗଣେଶ ବିସର୍ଜନ ଦିନ ବିସ୍ଫୋରଣ ହେବ ।

# ବାଣିଜ୍ୟ

amazon

ମୁମ୍ବାଇ: ଉତ୍ସବ ଋତୁ ଆରମ୍ଭ ହେବା ସହିତ ଆମାଜନ ଫ୍ୟାଶନ୍ ବିଶ୍ୱସ୍ତରୀୟ ଏବଂ ଘରୋଇ ବ୍ରାଣ୍ଡଗୁଡ଼ିକର ଏକ ବ୍ୟାପକ, ସଂଗୃହିତ ଚୟନ ନେଇଆସିଛି, ଯାହା ସହିତ ଉତମ ମୂଲ୍ୟ, ବିଶ୍ୱସ୍ତ ସୁବିଧା ଏବଂ ଦ୍ରୁତ ବିତରଣ ମଧ୍ୟ ରହିଛି । ଗେସ ଏବଂ ଲାଭି ଲକ୍ସରୁ ମିନି ହ୍ୟାଣ୍ଡବ୍ୟାଗ୍, ସେଇକୋ ଏବଂ କାଲଭିନ୍ କ୍ଲେନ ରୁ ଗୋଲ୍ଡ଼-ଟୋନ୍ ଘଣ୍ଟା, ସ୍ୱରୋଭସ୍କି, କ୍ୟାରେଟଲେନ୍ ଏବଂ ଜିଭାରୁ ଚମକଦାର ଅଳଙ୍କାର, ସ୍କେଚର୍ସ ଏବଂ କନଭର୍ସରୁ ଷ୍ଟ୍ରାପି ହିଲ୍ସ ଏବଂ ସାମସୋନାଇଟ୍, ମୋକୋବାରା ଏବଂ ସ୍ୱିସ୍ ମିଲିଟାରି ରୁ ସ୍ଲିକ୍, ଟ୍ରାକେବଲ୍ ଲଗେଜ୍ ବିକଳ୍ପ ଉପଲବ୍ଧ ରହିଛି ଯେଉଁଥିରୁ ପ୍ରତ୍ୟେକ ଉତ୍ସବ ମୁହୂର୍ତ୍ତ ପାଇଁ ଏହି ଋତୁର ଶ୍ରେଷ୍ଠ ପସନ୍ଦକୁ ଅନ୍ୱେଷଣ କରିପାରିବେ। ଏହି ସମ୍ପର୍କରେ ଆମାଜନ ଫ୍ୟାଶନ୍ ଏବଂ ବ୍ୟୁଟିର ଡାଇରେକ୍ଟର ସିଦ୍ଧାର୍ଥ ଭଗତ କହିଛନ୍ତି, ଏହି ଉତ୍ସବ ଋତୁରେ ଆମେ ସ୍ୱାରୋଭସ୍କି, ନ୍ୟୁ ବାଲାନ୍ସ, ଗେସ ଏବଂ କ୍ୟାରାଟଲେନ୍ ଭଳି ବ୍ରାଣ୍ଡ ଦ୍ୱାରା ପରିଚାଳିତ ନୀରବ-ବିଳାସପୂର୍ଣ୍ଣ ଫୁଟୱେୟାର, ଷ୍ଟେଟମେଣ୍ଟ ଅଳଙ୍କାର ଏବଂ ଆସେସୋରିଜ୍ ସମେତ ସ୍ମାର୍ଟ, ଅଧିକ ପ୍ରିମିୟମ୍ ପସନ୍ଦ ପ୍ରତି ଏକ ଦୃଢ଼ ପରିବର୍ତ୍ତନ ଦେଖୁଛୁ, ଯାହା ଏହି ଉତ୍ସବ ଗତିକୁ ଆଗକୁ ବଢ଼ାଉଛି। ଗ୍ରାହକମାନେ ଆମାଜନ୍ ପେ ସହିତ ଅତିରିକ୍ତ ସଂଚୟ ମଧ୍ୟ ଉପଭୋଗ କରିପାରିବେ ।

## ବିଓବି ପକ୍ଷରୁ ବଲାଙ୍ଗିରରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ



କଟକ(ଭାସ୍କର ନ୍ୟୁଜ): ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ବଲାଙ୍ଗିର ଜିଲ୍ଲାର ମୁଡିଆପାଲ ଗ୍ରାମ ପଞ୍ଚାୟତ ଏବଂ ପାଟନାଗଡଠାରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ଅନ୍ତର୍ଗତ ମେଗା ଶିବିର ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ରୀୟ ନିର୍ଦ୍ଦେଶକ ସାରଦା ପ୍ରସନ ମହାନ୍ତି ଏବଂ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ୧ ଜୁଲାଇରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନର ଲକ୍ଷ୍ୟ ହେଉଛି ସାରା ଦେଶରେ ଗ୍ରାମ ପଞ୍ଚାୟତ ଏବଂ ସହରାଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାମାଜିକ ସୁରକ୍ଷା ଯୋଜନାକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ଉଭୟ ସ୍ଥାନର ୬୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ ଯାହା ଗ୍ରାମାଞ୍ଚଳରେ ଆର୍ଥିକ ସାକ୍ଷରତା ଏବଂ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବାର ବୃଦ୍ଧି ପାଉଥିବା ଆବଶ୍ୟକତାକୁ ଦର୍ଶାଇଥିଲା। ଏହି ଅବସରରେ ପାଟନାଗଡ ବାଥଲା ଗ୍ରାମ ପଞ୍ଚାୟତର ସରପଞ୍ଚ କବିତାଞ୍ଜଳି ସାହୁ, ମାଡିଆପାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁକୁର ମହାନନ୍ଦ, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ, ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତିଙ୍କ ସମେତ ସରକାରୀ ବିଭାଗର ବହୁ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମାଜର ପ୍ରତ୍ୟେକ ବର୍ଗକୁ ସଶକ୍ତ କରିବା ସହ ବିକାଶକୁ ସୁନିଶ୍ଚିତ କରିଥାଏ ବୋଲି ଶ୍ରୀ ଚାନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ୟାଙ୍କ ସେବାରୁ ବଞ୍ଚିତ ବ୍ୟକ୍ତିମାନଙ୍କର ପ୍ରଧାନ ମନ୍ତ୍ରୀ ଜନ ଧନ ଯୋଜନା ଅଧୀନରେ ନୂତନ ଆକାଉଣ୍ଟ ଖୋଲିବା ଏବଂ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନ୍‌ସନ ଯୋଜନା ଆଦିରେ ପଞ୍ଜିକରଣ କରାଯାଇଥିଲା। ଏଥିସହ ନିଷ୍କ୍ରିୟ ଆକାଉଣ୍ଟରେ ପୁନଃ ଗ୍ରାହକ ପରିଚୟ ପ୍ରକ୍ରିୟା (ରି-କେୱାଇସି ) କାର୍ଯ୍ୟ ମଧ୍ୟ ସମ୍ପାଦିତ ହୋଇଥିଲା।

## ଅପର୍ଣ୍ଣା ୟୁନିସ୍ପେସ ପକ୍ଷରୁ ୟୁନିସ୍ପେସ୍ ମେଗା ଷ୍ଟୋର ଶୁଭାରମ୍ଭ




ନୂଆଦିଲ୍ଲୀ: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କୋଠା ଉପକରଣ ନିର୍ମାତା ଅପର୍ଣ୍ଣା ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ (ଏଇଏଲ) ହାଇଦ୍ରାବାଦର ମିୟାପୁରରେ ୟୁନିସ୍ପେସ୍ ମେଗା ଷ୍ଟୋର ଉନ୍ମୋଚନ କରିଛି। ଏହା ଏସିଆର ବୃହତମ ଅନୁଭବଧର୍ମୀ ହୋମ୍ ଡିଜାଇନ୍ ଏବଂ ବିଲ୍ଡିଂ ସମାଧାନ। ଦୁଇ ମହଲା ବିଶିଷ୍ଟ ୧୦୫,୦୦୦ ବର୍ଗ ଫୁଟ୍ ପରିସରରେ ବ୍ୟାପ୍ତ ଏହି ପ୍ରମୁଖ ଷ୍ଟୋର୍ ଗୋଟିଏ ଛାତ ତଳେ ବ୍ୟାପକ ବର୍ଗ ଉପରେ ଅନନ୍ୟ ରିଟେଲ ଅନୁଭୂତି ପ୍ରଦାନ କରିବ। ହାଇଦ୍ରାବାଦର ଜୁବିଲୀ ହିଲ୍ସ, ବେଙ୍ଗଲୁରୁ, ବିଜୟୱାଡ଼ାରେ ଥିବା ୟୁନିସ୍ପେସ୍ ସୋ'ରୁମ ବର୍ଦ୍ଧିତ ନେଟୱର୍କରେ ଏହି ଷ୍ଟୋର ସାମିଲ ହେବା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଦର୍ଶାଉଛି। ଅପର୍ଣ୍ଣା ଏଂଟରପ୍ରାଇଜେସ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନ୍ ରେଡ୍ଡୀ କହିଛନ୍ତି ଯେ, ଉଦ୍ଭାବନ, ଏବଂ ଆରଆଣ୍ଡଡିରେ ବ୍ୟାପକ ବିନିଯୋଗ ଦ୍ୱାରା ଏଇଏଲ ଏକ ୨୦୦୦ କୋଟି ଟଙ୍କାର ସଂସ୍ଥାରେ ପରିଣତ ହୋଇଛି। ମିୟାପୁର ଷ୍ଟୋର ଏହି ଯାତ୍ରାର ଏକ ପ୍ରତୀକ ଯେଉଁଠାରେ ଆନ୍ତର୍ଜାତୀୟ ଡିଜାଇନ୍ ଭାରତୀୟ ସୌନ୍ଦର୍ଯ୍ୟ ସହିତ ମିଳିତ ହୋଇଛି। ଅପର୍ଣ୍ଣା ଏଣ୍ଟରପ୍ରାଇଜେସ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅପର୍ଣ୍ଣା ରେଡ୍ଡୀ କହିଛନ୍ତି ଯେ, 'ଆମର ଚତୁର୍ଥ ୟୁନିସ୍ପେସ୍ ଷ୍ଟୋର୍ ଉନ୍ମୋଚନ କରି ଆମେ ଅତ୍ୟ' ଆନନ୍ଦିତ ଯାହା ଭାରତର ବୃହତମ ଏବଂ ଏସିଆର ବୃହତମ ଅନୁଭବଧର୍ମୀ ହୋମ୍ ଡିଜାଇନ୍ ଏବଂ ବିଲ୍ଡିଂ ସମାଧାନ ଗନ୍ତବ୍ୟସ୍ଥଳ ମଧ୍ୟରୁ ଅନ୍ୟତମ। ଯେହେତୁ ଗ୍ରାହକ ପସନ୍ଦ ଏବଂ କ୍ରୟ ଅଭ୍ୟାସ ବିକଶିତ ହେଉଛି ଆମେ ଏକ ଏପରି ସ୍ଥାନ ସୃଷ୍ଟି କରିବାକୁ ଚାହୁଁଥିଲୁ ଯାହା ଗୋଟିଏ ଛାତ ତଳେ ସବୁ କିଛି ପ୍ରଦାନ କରିବ। ଏପରି ସ୍ଥାନ ଯେଉଁଠାରେ ଗ୍ରାହକମାନେ ବିଶେଷଜ୍ଞ ମାର୍ଗଦର୍ଶନ, ଏବଂ ବିଶ୍ୱସ୍ତରୀୟ ସମାଧାନ ପାଇପାରିବେ। ଯାହା ଦର୍ଶନକୁ ବାସ୍ତବରେ ପରିଣତ କରିବ।

## ଟିଭିଏସ୍ ଆପାଚିର ଲିମିଟେଡ୍ ଏଡିସନ୍ ଓ ପ୍ରିମିୟମ୍ ଅପ୍‌ଗ୍ରେଡ୍‌ର ଶୁଭାରମ୍ଭ

ମୁମ୍ବାଇ: ବିଶ୍ୱସ୍ତରୀୟ ଅଟୋମୋବାଇଲ୍ କମ୍ପାନୀ ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ଏହାର ଆଇକନିକ୍ ମୋଟରସାଇକଲ୍ ଟିଭିଏସ୍ ଆପାଚିର ୨୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଆପାଚୀର ବିଭିନ୍ନ ମଡେଲ୍ ଯଥା ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦, ୧୮୦, ୨୦୦ ଏବଂ ଟିଭିଏସ୍ ଆପାଚୀ ଆର୍‌ଆର୍‌୩୧୦ ଓ ଆର୍‌ଟିଆର୍ ୩୧୦ର ଲିମିଟେଡ୍ ଏଡିସନ୍ ଉନ୍ମୋଚନ କରାଯାଇଥିଲା ବେଳେ ଆର୍‌ଟିଆର୍ ୧୬୦ ୪ଭି ଏବଂ ଆର୍‌ଟିଆର୍ ୨୦୦ ୪ଭିର ମାନଦଣ୍ଡକୁ ଉନ୍ନତ କରାଯାଇଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର୍ କମ୍ପାନୀର ନିର୍ଦ୍ଦେଶକ ଓ ସିଇଓ କେ ଏନ୍ ରାଧାକ୍ରିଷ୍ଣନ୍ କହିଛନ୍ତି ଯେ, ସାରା ଦୁନିଆର ୬.୫ ନିୟୁତ ଦୃଢ଼ ଟିଭିଏସ୍ ଆପାଚି କମ୍ୟୁନିଟି ପ୍ରତି ଆମେ ଗଭୀର ଭାବେ କୃତଜ୍ଞ ଯେଉଁମାନଙ୍କ ଅତୁଟ ବିଶ୍ୱାସ ଓ ଅଭିଳାଷ ଗତ ଦୁଇ ଦଶନ୍ଧିରେ ଆମ ଯାତ୍ରାକୁ ଏକ ସ୍ୱରୂପ ପ୍ରଦାନ କରିଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନିର ପ୍ରିମିୟମ୍ ମୋଟରସାଇକଲ୍‌ର ବ୍ୟବସାୟ ମୁଖ୍ୟ ବିମଳ ସୁମ୍ବଲି କହିଛନ୍ତି ଯେ, ଦୁଇ ଦଶନ୍ଧି ଧରି ଟିଭିଏସ୍ ଆପାଚି ପ୍ରଦର୍ଶନ ଓ ନବସୃଜନର ପଥ ପ୍ରଦର୍ଶକ ରହିଛି ଏବଂ ଏହି ମାଇଲଖୁଣ୍ଟର ଶ୍ରେୟ ସେହି ସମସ୍ତ ରାଇଡରଙ୍କୁ ଯାଉଛି ଯେଉଁମାନେ ଆମ ଯାତ୍ରାର ଅଂଶ ହୋଇଛନ୍ତି। ଏହି ପରମ୍ପରାର ୨୦ ବର୍ଷ ପୂର୍ତ୍ତି ପାଳନ କରିବା ବେଳେ ଆମେ ଏବେ ଏକ ଲିମିଟେଡ୍ ବାର୍ଷିକୀ ଏଡିସନ୍‌ର ଶୁଭାରମ୍ଭ କରିବା ସହ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦ ୪ଭି ଏବଂ ଟିଭିଏସ୍ ଆପାଚୀ ଆର୍‌ଟିଆର୍ ୨୦୦ ୪ଭିର ନୂଆ ଶୀର୍ଷ ଭାରିଆଣ୍ଟ୍‌କୁ ପରବର୍ତ୍ତୀ ପିଢ଼ିର ମୋଟରସାଇକଲ୍‌କୁ ଅନୁପ୍ରାଣିତ କରିବାକୁ ପ୍ରସ୍ତୁତ କରାଯାଇଛି। ଏହା ହେଉଛି ବିଶ୍ୱସ୍ତରୀୟ କମ୍ୟୁନିଟି ଯାହା ଅଭିଳାଷ, ପ୍ରଦର୍ଶନ ଏବଂ ଅଟକି ନଥିବା ଗାଡ଼ିଚାଳନା ଭାବନା ଦ୍ୱାରା ଏକଜୁଟ ହୋଇଛନ୍ତି। ଏହାର ବିଭିନ୍ନ ମଡେଲ୍‌ର ଦାମ୍ ୧,୨୮,୪୯୦ ଟଙ୍କାରୁ ଆରମ୍ଭ ହୋଇଛି।



## ଟ୍ରୁକଲର ନୂତନ ଏଆଇ କଲର ଆଇଡି ସେବାର ଶୁଭାରମ୍ଭ



ନୂଆଦିଲ୍ଲୀ: ବିଶ୍ୱରେ ୪୫ କୋଟିରୁ ଅଧିକ ସକ୍ରିୟ ବ୍ୟବହାରକାରୀମାନଙ୍କ ସହିତ ଟ୍ରୁକଲର କେବଳ ଏକ କଲର ଆଡି ସେବା ନୁହେଁ, ଏହା ଏକ ଭରସାଯୋଗ୍ୟ ଗାଇଡ ଭାବେ ଉଭୟ, କିଏ ଡାକୁଛି ଓ କାହିଁକି ଡାକୁଛି ବୁଝିବାରେ ଲୋକଙ୍କୁ ସାହାଯ୍ୟ କରେ । ଟ୍ରୁକଲର ବର୍ତ୍ତମାନ ଏଆଇ ଉପଯୋଗ କରି ବ୍ୟବହାରକାରୀଙ୍କୁ ଆସୁଥିବା କଲଗୁଡିକ ବିଷୟରେ ଅଧିକ ଗଭୀର ପ୍ରାସଙ୍ଗିକ ତଥ୍ୟ ଦେଉଛି, ଯାହା କଲରର ନାମ ଦେଖାଇବା ପାଇଁ କେବଳ ସୀମିତ ନୁହେଁ । ଏଥିରେ ବ୍ୟବହାରକାରୀ ମତାମତର ଏଆଇ ସାରାଂଶ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଠକେଇ ସନ୍ଦେହ ଥିବା କଲ ଚିହ୍ନଟ କରିବା, ସ୍ପାମ ଚିହ୍ନିବା ଏବଂ ଉପଯୁକ୍ତ ବ୍ୟବସାୟ ବର୍ଗକୁ ସୂଚିତ ପର୍ଯ୍ୟନ୍ତ ଏହି ସମସ୍ତ ତଥ୍ୟ ତୁରନ୍ତ ଦିଆଯାଉଛି । ପାରମ୍ପରିକ ଟେଲିକମ ଅପରେଟର ଯେଉଁ କଲର ଆଇଡି ସେବା ଦେଇଥିଲେ ସେଥିରେ ସାଧାରଣତଃ ନାମ (ଯଦି ଉପଲବ୍ଧ ଥାଏ) ଓ କେବେ କେବେ ସରଳ ସ୍ପାମ ଟ୍ୟାଗ ଦେଖାଯାଏ । ଏହାଠାରୁ ବିପରୀତ, ଟ୍ରୁକଲର ଏଆଇ ଓ ରିଅଲ-ଟାଇମ ଇନସାଇଟ ବ୍ୟବହାର କରି ଏକ ଅଧିକ ବୁଦ୍ଧିମତା ଭିତିକ ରକ୍ଷା କବଚ ପ୍ରସ୍ତୁତ କରିଛି । 'ଲୋକମାନେ ଅଜଣା ନମ୍ବରର କଲର ଉତର ଦେବାରେ ଦ୍ୱିଧା କରନ୍ତି, କାରଣ ସେମାନେ ପ୍ରସଙ୍ଗ ବୁଝିପାରନ୍ତ ନାହିଁ । ଏବେର ଦୁନିଆରେ ପ୍ରସଙ୍ଗ ହିଁ ସବୁକିଛି ବୋଲି କହିଛନ୍ତି ଟ୍ରୁକଲର ସିଇଓ ରିଶିତ ଝୁନଝୁନୱାଲା ।

## ଭାରତୀୟ ସେମିକଣ୍ଡକ୍ଟର ଶିଳ୍ପ ଦ୍ରୁତ ଅଭିବୃଦ୍ଧି ଅନୁଭବ

ନୂଆଦିଲ୍ଲୀ: ସେମିକଣ୍ଡକ୍ଟର ଅଭିବୃଦ୍ଧିର ଭାରତର ପରବର୍ତ୍ତୀ ଅଧ୍ୟାୟ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ନୂଆଦିଲ୍ଲୀର ଯଶୋଭୂମି (ଇଣ୍ଡିଆ ଇଂଟରନ୍ୟାସନାଲ କନଭେନ୍ସନ୍ ଆଣ୍ଡ୍ ଏକ୍ସପୋ ସେଣ୍ଟର)ରେ ସେମିକନ୍ ଇଣ୍ଡିଆ ୨୦୨୫ ଉଦଘାଟିତ ହୋଇଯାଇଛି । ସେମିର ସଭାପତି ତଥା ସିଇଓ ଅଜିତ ମନୋଚା କହିଛନ୍ତି, 'ଭାରତୀୟ ସେମିକଣ୍ଡକ୍ଟର ଶିଳ୍ପ 'ମୋଦୀଙ୍କ ଆଇନ' ଅନୁଯାୟୀ ଦ୍ରୁତ ଅଭିବୃଦ୍ଧି ଅନୁଭବ କରୁଛି, ଯେଉଁଥିରେ ଭାରତ ଶିଳ୍ପ ସମ୍ପ୍ରସାରଣ ପାଇଁ ଏହି ଆଇନକୁ ଅନୁକରଣ କରୁଛି । ଏଆଇ ସମର୍ଥିତ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଏବଂ ଉଦ୍ଭାବନ ସହିତ ଟେକ୍ନୋଲୋଜି ଏକ ମୁହୂର୍ତ୍ତରେ ଥିବାରୁ ମୁଁ ବିଶ୍ୱାସ କରେ ଯେ ଆମେ ବର୍ତ୍ତମାନର ଭୂ-ରାଜନୈତିକ ଦୃଶ୍ୟପଟର ଅଭୂତପୂର୍ବ ଗତିଶୀଳତାର ଶୀର୍ଷରେ ଅଛୁ । ବୈଶ୍ୱିକ ସେମିକଣ୍ଡକ୍ଟର କ୍ଷେତ୍ରରେ ଉଲ୍ଲେଖନୀୟ ସମ୍ଭାବନା ଏବଂ ବଢ଼ୁଥିବା ନେତୃତ୍ୱ ପାଇଁ ଭାରତ ବିଶ୍ୱସ୍ତରରେ ସ୍ୱୀକୃତି ଲାଭ କରୁଛି।

## ଉବଲ୍ ମ୍ୟାକ୍ସିମସ୍ ସିରିଜ୍ ୧୧୬.୫-ଇଞ୍ଚ ଗୁଗଲ୍ ଟିଭି ୫.୦ ଉପଲବ୍ଧ

ନୂଆଦିଲ୍ଲୀ: ଇଣ୍ଡକାଲ ଟେକ୍ନୋଲୋଜିର ଇନ-ହାଉସ୍ ଟେକ୍ନୋଲୋଜି ବ୍ରାଣ୍ଡ ଉବଲ୍ ଡିସପ୍ଲେ ଆଜି ମାକ୍ସିମସ୍ ସିରିଜ୍ ୧୧୬.୫-ଇଞ୍ଚ ଗୁଗଲ୍ ଟିଭି ୫.୦ ଲଞ୍ଚ ଘୋଷଣା କରିଛି, ଯାହା ଆଜି ପର୍ଯ୍ୟନ୍ତ ଭାରତର ସବୁଠାରୁ ବଡ଼ ଗ୍ରାହକ ଟେଲିଭିଜନ ଭାବରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହି ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ଚମତ୍କାର ଓ ଅନ୍ୟ ବ୍ରାଣ୍ଡଗୁଡ଼ିକ ତୁଳନାରେ ପ୍ରଦର୍ଶନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗବେଷଣା ଏବଂ ନବସୃଜନରେ ଉବଲ୍ ଡିସପ୍ଲେର ଶକ୍ତି ପ୍ରଦର୍ଶନ କରେ। ସମ୍ପୂର୍ଣ୍ଣ ଭାବରେ ଆନ୍ତର୍ଜାତୀୟ ବ୍ରାଣ୍ଡ ଦ୍ୱାରା ପ୍ରଭାବିତ ଏକ ସେଗମେଣ୍ଟରେ ଏହା ଏକ ଭାରତୀୟ କମ୍ପାନୀ ପାଇଁ ଏକ ଅନନ୍ୟ ସଫଳତା। ମ୍ୟାକ୍ସିମସ୍ ସିରିଜ୍ ୧୧୬.୫-ଇଞ୍ଚ୍ ଟିଭି ଭାରତୀୟ ଘରୋଇ ମନୋରଞ୍ଜନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ଉଦାହରଣ ସୃଷ୍ଟି କରେ ଏହି ବିଶାଳ ଆକାରରେ ଭାରତର ପ୍ରଥମ କ୍ୟୁଏଲଇଡି + ମିନି ଏଲଇଡି ଡିସପ୍ଲେ ପ୍ରଯୁକ୍ତିବିଦ୍ୟାକୁ ପ୍ରଦର୍ଶିତ କରେ, ଯାହା ଉବଲ୍ ଡିସପ୍ଲେକୁ ୧୧୬.୫ ଇଞ୍ଚରେ ଉନ୍ନତ କ୍ୱାଣ୍ଟମ୍ ଡଟ୍ କଲର ସଠିକତା ସହିତ ସଠିକ୍ ମିନି-ଏଲଇଡି ବ୍ୟାକଲାଇଟିଂ ମିଶ୍ରଣ କରିବାରେ ଅଗ୍ରଣୀ କରିଥାଏ ଏବଂ ଏହି ସ୍କେଲରେ ଆଣ୍ଡ୍ରଏଡ୍ ୧୪ ସହିତ ନୂତନତମ ଗୁଗଲ୍ ଟିଭି ୫.୦ ଓଏସ ଡେବ୍ୟୁ କରିଛି ଯାହା ଅଭୂତପୂର୍ବ ସ୍ମାର୍ଟ କ୍ଷମତା ଏବଂ ସିମଲେସ୍ କଣ୍ଟେଣ୍ଟ ଇଣ୍ଟିଗ୍ରେସନ୍ ପାଇଁ ଲିଭିଙ୍ଗ୍ ରୁମ୍କୁ ପ୍ରିମିୟମ୍ ମନୋରଞ୍ଜନ ଗନ୍ତବ୍ୟସ୍ଥଳରେ ପରିଣତ କରିଥାଏ। ଏହି ବ୍ରାଣ୍ଡ ଭାରତୀୟ ଗ୍ରାହକ ପସନ୍ଦର ଗଭୀର ବୁଝାମଣା ସହିତ ପ୍ରଯୁକ୍ତିବିଦ୍ୟା ଉତ୍କର୍ଷତାକୁ ମିଶ୍ରଣ କରୁଥିବା ବିଶ୍ୱସ୍ତରୀୟ ଉତ୍ପାଦ ପ୍ରଦାନ କରିବାକୁ ପ୍ରତିବଦ୍ଧ।

## ଜିଏସ୍‌ଟି ସଂସ୍କାରକୁ ସ୍ୱାଗତ: ଦୀପକ

ମୁମ୍ବାଇ: ଜେସିବି ଇଣ୍ଡିଆ ଲିମିଟେଡର ନୂତନ ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ ସେଟ୍ଟୀ, ପରିବର୍ତ୍ତିତ ଜିଏସ୍‌ଟି ଉପରେ ନିଜର ମତ ଦେଇ କହିଛନ୍ତି ଯେ, ଆଗକୁ ଦେଖାଯାଉଥିବା ଜିଏସଟି ସଂସ୍କାରକୁ ଆମେ ସ୍ୱାଗତ କରୁଛୁ। ୨ ହାରର ଜିଏସଟି ଢାଞ୍ଚାକୁ ସରଳ କରିବା ଏବଂ ଓଲଟା ଶୁଳ୍କ ସମସ୍ୟାର ସମାଧାନ କରିବା ଦ୍ୱାରା ବ୍ୟବସାୟ କରିବାରେ ସହଜତା ଆସିବ । ପାର୍ବଣ ଋତୁ ପୂର୍ବରୁ ଟ୍ରାକ୍ଟର, କୃଷି ଯବପାତି ଏବଂ ଜଳସେଚନ ବ୍ୟବସ୍ଥା ଭଳି କୃଷି ଉପକରଣ ଉପରେ କମ୍ ଜିଏସଟି ଖର୍ଚ୍ଚ ହ୍ରାସ କରି ଗ୍ରାମୀଣ ଗ୍ରାହକଙ୍କୁ ଉପକୃତ କରିବ ଏବଂ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ । ଏହି ସଂସ୍କାରଗୁଡ଼ିକ ଗ୍ରାମୀଣ ଅର୍ଥନୀତିରେ ଭିତ୍ତିଭୂମି ବିକାଶ ଏବଂ ଅଭିବୃଦ୍ଧି ଉପରେ ଭାରତ ସରକାରଙ୍କ ଗୁରୁତ୍ୱ ସହିତ ସମନ୍ୱିତ । ଉଭୟ କ୍ଷେତ୍ରରେ ଜେସିବି ମେସିନର ବହୁତ ଅବଦାନ ରହିଛି।



ମୁମ୍ବାଇ: ଭାରତର ବିସ୍ଫୋରକ ବ୍ୟାଟର । ଦିନିକିଆ କ୍ୟାପଟେନ୍ ରୋହିତ୍ ଶର୍ମା । ବର୍ତ୍ତମାନ ସେ କ୍ରିକେଟିଂ ଆକ୍ସନଠୁ ବହୁ ଦୂରରେ । ଆଗକୁ ଏସିଆ କପ୍ ଚାଲିଛି ପ୍ରସ୍ତୁତି । ବିସିସିଆଇର ଫିଟ୍‌ନେସ୍ ଟେଷ୍ଟରେ ସେ ପାସ୍ । କାରଣ ଅନ୍ତର୍ଜାତୀୟ ଟି-୨୦ ଓ ଟେଷ୍ଟ କ୍ରିକେଟରୁ ସେ ଅବସର ନେଇସାରିଛନ୍ତି । ଏବେ କେବଳ ଦିନିକିଆରେ ଜାରି ରହିଛି ଖେଳ । ଯେହେତୁ କେଉଁଠି ମ୍ୟାଚ୍ ନାହିଁ ତ ବର୍ତ୍ତମାନ ରୋହିତ୍ ମୁମ୍ବାଇରେ ଅଛନ୍ତି । ଆସନ୍ତା ଅଷ୍ଟ୍ରେଲିଆ ଗସ୍ତ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ନିକଟରେ ଗଣେଷ ପୂଜା ଉତ୍ସବରେ ସାମିଲ ହୋଇଥିଲେ ରୋହିତ୍ । ଏହି ଅବସରରେ ସେ ଭଗବାନ ଗଣେଷଙ୍କ ଦର୍ଶନ କରିବାକୁ ଯାଇଥିଲେ ରୋହିତ ଶର୍ମା । ଦର୍ଶନ ସହ ବାପ୍ପାଙ୍କ ଆଶିଷ ନେବାକୁ ପହଞ୍ଚିଥିଲେ ସେ । ତେବେ ଏବେ ଗଣପତିଙ୍କ ଦର୍ଶନ ବେଳର ଭିଡିଓ ଭାଇରାଲ ହେଉଛି । ଯେଉଁରେ ରୋହିତଙ୍କୁ ଦେଖିବା ପରେ ଫ୍ୟାନ୍ସ ପୁରା ବିଭୋର । ଏମିତି ଉତ୍ସାହୀତ ଯେ, ଗଣପତିଙ୍କ ସମ୍ମୁଖରେ ରୋହିତଙ୍କୁ କହିଥିଲେ ମୁମ୍ବାଇ ଚା ରାଜା । କିନ୍ତୁ ଏହାକୁ ସହଜରେ ଗ୍ରହଣ କରିନଥିଲେ ରୋହିତ । ହାତ ଯୋଡି ଏମିତି ନକିହାକୁ ଅନୁରୋଧ, କରିଥିଲେ । କାରଣ ସେ ନିଜେ ମୁମ୍ବାଇର ଅଧିପତି ଅର୍ଥାତ୍ ମୁମ୍ବାଇର ରାଜାଙ୍କ ସମ୍ମୁଖରେ ଥିଲେ । ଆଉ ଫ୍ୟାନ୍ସ ତାଙ୍କୁ ରାଜା ସମ୍ବୋଧନ କରିବା ସହଜରେ ଗ୍ରହଣ କରିନଥିଲେ ହିଟ୍‌ମ୍ୟାନ୍ । କହିବାକୁ ଗଲେ ରୋହିତ ଶର୍ମା ଫିଟ୍‌ନେସ୍ ଟେଷ୍ଟ ଦେବାକୁ ନିକଟରେ ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ଅଫିସ ଯାଇଥିଲେ ।



## ଏସିଆ କପ୍-୨୦୨୫

# ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ବିସିସିଆଇର ପ୍ରତିକ୍ରିୟା



ନୂଆଦିଲ୍ଲୀ: ଆମ ଉପରେ ପ୍ରତିବନ୍ଧକ ଲାଗିପାରେ। ଏସିଆ କପରେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ଏଭଳି କହିଛନ୍ତି ବିସିସିଆଇ ସଚିବ ଦେବଜିତ ସୈକିଆ। ସେ ସ୍ପଷ୍ଟ କରିଛନ୍ତି ଯେ, ଏସିଆ କପ୍ ୨୦୨୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ଉପରେ କୌଣସି ପ୍ରତିବନ୍ଧକ ଲଗାଯିବ ନାହିଁ। କେନ୍ଦ୍ର ସରକାରଙ୍କ ନୀତି ଅନୁଯାୟୀ, ଟିମ୍ ଇଣ୍ଡିଆ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ସମସ୍ତ ଦେଶ ସହିତ ଖେଳିବ। ବିସିସିଆଇ ମ୍ୟାଚ୍ ଖେଳିବାକୁ ମନା କରିବା ଦ୍ୱାରା ଆଇସିସି (ଆନ୍ତର୍ଜାତୀୟ କ୍ରିକେଟ ପରିଷଦ) କିମ୍ବା ଏସିସି(ଏସୀୟ କ୍ରିକେଟ ପରିଷଦ) ଦ୍ୱାରା ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରେ। ଏସିଆ କପ୍‌ରେ ଭାରତ-ପାକିସ୍ତାନ ମୁହାଁମୁହିଁ ହେବା ନେଇ ଖବର ଆସିବା ପରେ ଦେଶରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ଲୋକେ ବିସିସିଆଇକୁ ଟ୍ରୋଲ କରିବା ସହ ଟଙ୍କା ପାଇଁ ବିସିସିଆଇ କିଛି ବି କରିପାରେ ବୋଲି କହିଥିଲେ। ଏନେଇ 'ବଏକଟ୍ ବିସିସିଆଇ' ବି ଟ୍ରେଣ୍ଡ କରିଥିଲା। ଏହାକୁ ନଜରରେ ରଖି ବିସିସିଆଇ ସଚିବ ଦେବଜିତ ସୈକିଆ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, 'ଭାରତ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ମୁକାବିଲା କରିପାରିବ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଟିମ୍ ଇଣ୍ଡିଆ କେବଳ ଦ୍ୱିପାକ୍ଷିକ ସିରିଜରେ ପାକିସ୍ତାନ ସହିତ ଖେଳିବ ନାହିଁ। କିନ୍ତୁ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାରେ କୌଣସି ପ୍ରକାରର ପ୍ରତିବନ୍ଧକ ନାହିଁ। କେନ୍ଦ୍ର ସରକାର ଦେଶର ହିତ ପାଇଁ ଯାହା ନିଷ୍ପତ୍ତି ନିଅନ୍ତି, ଆମକୁ ତାହା ପାଳନ କରିବାକୁ ପଡ଼େ। କୌଣସି ଦେଶ ସହିତ ସମ୍ପର୍କ ଭଲ ନଥିଲେ ବି ସେ ଦେଶ ସହିତ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ଖେଳାଯାଇପାରିବ ବୋଲି ସ୍ପଷ୍ଟ କରିଛନ୍ତି ସରକାର। ଏହା ସତ୍ତ୍ୱେ ଯଦି ଆମେ ଏବେ ପାକିସ୍ତାନ ସହ ଖେଳିବାକୁ ମନା କରିବୁ ତେବେ ଆମ ଉପରେ ଆଇସିସି (ଆନ୍ତର୍ଜାତୀୟ କ୍ରିକେଟ ପରିଷଦ) କିମ୍ବା ଏସିସି(ଏସୀୟ କ୍ରିକେଟ ପରିଷଦ) ପ୍ରତିବନ୍ଧକ ଲଗାଇପାରେ।

## ଇଣ୍ଡିଆର ସ୍ପନସରଶିପ୍ ରେଟ୍ ବଢାଇଲା ବିସିସିଆଇ

# ଦ୍ୱିପାକ୍ଷିକ ସିରିଜ୍‌ର ପ୍ରତ୍ୟେକ ମ୍ୟାଚ୍ ପାଇଁ ନେବ ୩.୫ କୋଟି



ନୂଆଦିଲ୍ଲୀ: ବିସିସିଆଇ ଭାରତୀୟ କ୍ରିକେଟ ଦଳର ଜର୍ସି ସ୍ପନସରଶିପ୍ ରେଟ୍ ବୃଦ୍ଧି କରିଛି । ନୂଆ ରେଟ୍ ଅନୁଯାୟୀ, ବୋର୍ଡ ଦ୍ୱିପାକ୍ଷିକ ସିରିଜ୍ ଲାଗି ପ୍ରତି ମ୍ୟାଚ୍ ୩.୫ କୋଟି ଟଙ୍କା ନେବ । ଅନ୍ୟପଟେ ବହୁପାକ୍ଷୀୟ (ଆଇସିସି, ଏସିଆ କପ୍ ଏବଂ ତ୍ରିରାଷ୍ଟ୍ରୀୟ ସିରିଜ) ଟୁର୍ଣ୍ଣାମେଣ୍ଟ ପାଇଁ, ପ୍ରତି ମ୍ୟାଚ୍ ପାଇଁ ୧.୫ କୋଟି ଟଙ୍କା ନେବ । ପୂର୍ବରୁ, ଏହି ରେଟ୍ ଯଥାକ୍ରମେ ୩.୧୭ ଏବଂ ୧.୧୨ କୋଟି ଟଙ୍କା ଥିଲା। କ୍ରିକବଜ୍ ରିପୋର୍ଟ ଅନୁସାରେ ଏସିଆ କପ୍ ପରେ ନୂଆ ରେଟ୍ ଲାଗୁ ହେବ । ଏହା ଦ୍ୱାରା ବିସିସିଆଇର ଆୟ ୪୦୦ କୋଟି ଟଙ୍କାରୁ ଅଧିକ ହେବ । ତେବେ ଚୂଡ଼ାନ୍ତ ପରିମାଣ ବିଡିଂର ଫଳାଫଳ ଉପରେ ନିର୍ଭର କରିବ । ଡ୍ରିମ-୧୧ ଜର୍ସି ପ୍ରାୟୋଜକ ଭାବେ ଓହରିଯିବା ପରେ ବିସିସିଆଇ ଏହି ନିଷ୍ପତ୍ତି ନେଇଛି । ସରକାରଙ୍କ ଅନଲାଇନ୍ ଗେମିଂ ଆଇନ, ୨୦୨୫ କାର୍ଯ୍ୟକାରୀ ହେବା ପରେ ବିସିସିଆଇ ଡ୍ରିମ୍ ୧୧ ସହିତ ଚୁକ୍ତିନାମା ବାତିଲ କରିଥିଲା । ଡ୍ରିମ ୧୧ର ଜୁଲାଇ ୨୦୨୩ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବିସିସିଆଇ ସହିତ ୩୫୮ କୋଟି ଟଙ୍କାର ଚୁକ୍ତି କରିଥିଲା । ବିସିସିଆଇ ସେପ୍ଟେମ୍ବର ୨ ମଙ୍ଗଳବାର ଜର୍ସି ପ୍ରାୟୋଜକ ପାଇଁ ଟେଣ୍ଡର ଜାରି କରିଥିଲା । ଏହା ଅନୁଯାୟୀ, ମଦ, ତମାଖୁ, ବେଟିଂ, ରିୟଲ ମନି ଗେମିଂ, କ୍ରିପ୍ଟୋକରେନ୍ସି ଏବଂ ପର୍ଣ୍ଣୋଗ୍ରାଫି ସହିତ ଜଡିତ ବ୍ରାଣ୍ଡ କମ୍ପାନିଗୁଡ଼ିକୁ ଏହି ବିଡ୍‌ରେ ସାମିଲ କରାଯିବ ନାହିଁ । ବିସିସିଆଇ ଏହାର ଅଫିସିଆଲ୍ ଟ୍ୱିଟରରେ ଟ୍ୱିଟ୍ କରି ଏହି ସୂଚନା ଦେଇଥିଲା । ବିନା ପ୍ରାୟୋଜକରେ ଏସିଆ କପରେ ପ୍ରବେଶ କରିବ ଭାରତୀୟ ଦଳ ଭାରତୀୟ ଦଳ ବିନା କୌଣସି ସ୍ପନସରଶିପର ଏସିଆ କପ୍ ଖେଳିବ । ଡ୍ରିମ-୧୧ ପୂର୍ବରୁ ଚୁକ୍ତିନାମା ସମାପ୍ତ କରିସାରିଛି ଏବଂ ନୂଆ ପ୍ରାୟୋଜକ ପାଇଁ ବିଡିଂର ଶେଷ ଆସନ୍ତା ୧୬ ତାରିଖ ରଖାଯାଇଛି । ଏସିଆ କପ୍ ୯ ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି । ଟେଣ୍ଡର କିଣିବାର ଶେଷ ତାରିଖ ଆସନ୍ତା ୧୨ ରହିଛି ।

## ୨୮ରେ ହେବ ବିସିସିଆଇର ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡର ଏଜିଏମ୍ ଅର୍ଥାତ୍ ବାର୍ଷିକ ସାଧାରଣ ବୈଠକ ଆସନ୍ତା ୨୮ରେ ମୁମ୍ବାଇରେ ଅନୁଷ୍ଠିତ ହେବ । ଏହି ବୈଠକରେ ବୋର୍ଡ ଅଧ୍ୟକ୍ଷ ଓ ଆଇପିଏଲ୍ ଅଧ୍ୟକ୍ଷ ସମେତ ଅନେକ ପଦ ପାଇଁ ପାଇଁ ନିର୍ବାଚନ ହେବ । ଚଳିତ ମାସ ଆରମ୍ଭରେ ବିସିସିଆଇ ଅଧ୍ୟକ୍ଷ ରୋଜର ବିନ୍ନିଙ୍କ ଇସ୍ତଫା ପରେ ବିସିସିଆଇ ଅଧ୍ୟକ୍ଷ ପଦ ଖାଲି ରହିଛି । ଅନ୍ୟପଟେ ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୂମଲଙ୍କ ଛଅ ବର୍ଷର କାର୍ଯ୍ୟକାଳ ପୂରା କରିବା ପରେ ବାଧ୍ୟତାମୂଳକ କୁଲିଂ ପିରିୟଡରେ ଯିବାର ସମ୍ଭାବନା ରହିଛି । ବିସିସିଆଇ ସଚିବ ଦେବଜିତ୍ ସାଇକିଆ ବର୍ତ୍ତମାନ ସୁଦ୍ଧା ତିନି ବର୍ଷର କାର୍ଯ୍ୟକାଳ ପୂରଣ କରିସାରିଛନ୍ତି । ଏଥିରେ ସେ ଦୁଇ ବର୍ଷ ତିନି ମାସ ଯାଏ ସଂଯୁକ୍ତ ସଚିବ ଓ ନଅ ମାସ ଯାଏ ସଚିବ ରହିସାରିଛନ୍ତି । ଏପରି ସ୍ଥିତିରେ ସେ ନିଜ ପଦରେ ରହିବାର ସମ୍ଭାବନା ଅଧିକ ରହିଛି । ଉଲ୍ଲେଖଯୋଗ୍ୟ, ଜୟ ଶାହ ଆଇସିସିର ଅଧ୍ୟକ୍ଷ ହେବା ପରେ ଚଳିତ ବର୍ଷ ଜାନୁଆରୀରେ ସାଇକିଆଙ୍କୁ ସର୍ବସମ୍ମତିରେ ବିସିସିଆଇ ସଚିବ ନିଯୁକ୍ତ କରାଯାଇଥିଲା । ଏହା ବ୍ୟତୀତ ଅନ୍ୟ ପଦାଧିକାରୀ ଯେଉଁମାନେ ନିଜ ପଦ ବଜାୟ ରଖିପାରନ୍ତି, ସେମାନଙ୍କ ମଧ୍ୟରେ ରୋହନ ଦେସାଆଇ ଓ ପ୍ରଭତେଜ ଭାଟିଆଙ୍କ ନାଁ ସାମିଲ ଅଛି । ଚଳିତ ବର୍ଷ ମାର୍ଚ୍ଚରେ ଦେସାଇଙ୍କୁ ସଂଯୁକ୍ତ ସଚିବ ଭାବେ ଚୟନ କରାଯାଇଥିଲା । ପ୍ରଭତେଜ ଭାଟିଆଙ୍କୁ ଜାନୁଆରୀରେ କୋଷାଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା । ବିନ୍ନି ୨୦୨୨ ଅକ୍ଟୋବରରେ ବିସିସିଆଇର ସଭାପତି ହୋଇଥିଲେ । ସେ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସ୍ଥାନ ନେଇଥିଲେ । ଗାଙ୍ଗୁଲିଙ୍କ ତିନି ବର୍ଷର କାର୍ଯ୍ୟକାଳ ପରେ ଶୀର୍ଷ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବା ବିନ୍ନି ଏକମାତ୍ର ପ୍ରାର୍ଥୀ ଥିଲେ । ପ୍ରଥମେ ଦାବି କରାଯାଇଥିଲା ଯେ ସେପ୍ଟେମ୍ବରରେ ବିସିସିଆଇ ବାର୍ଷିକ ସାଧାରଣ ବୈଠକ ପର୍ଯ୍ୟନ୍ତ ବିନ୍ନି ଏହି ପଦବୀରେ ରହିବେ । କିନ୍ତୁ ଜୁଲାଇରେ ୭୦ବର୍ଷ ବୟସ ପରେ ସେ ଅବସର ଘୋଷଣା କରିଥିଲେ । ବିନ୍ନିଙ୍କ କାର୍ଯ୍ୟକାଳ ସମୟରେ ଭାରତ ଦୁଇଟି ସୀମିତ ଓଭର ଫର୍ମାଟ ଆଇସିସି ଟୁର୍ଣ୍ଣାମେଣ୍ଟ ଜିତିଥିଲା । ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୪ ଏବଂ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଜିତିଥିଲା । ଏହା ବ୍ୟତୀତ ବିନ୍ନିଙ୍କ କାର୍ଯ୍ୟକାଳ ସମୟରେ ମହିଳା ପ୍ରିମିୟର ଲିଗ୍ ମଧ୍ୟ ଆରମ୍ଭ ହୋଇଥିଲା । ଖେଳାଳିଙ୍କ ଦରମା ବୃଦ୍ଧି ପାଇଥିଲା ଏବଂ ଟିମ୍ ଇଣ୍ଡିଆର ବରିଷ୍ଠ ଖେଳାଳିମାନଙ୍କୁ ଘରୋଇ ଟୁର୍ଣ୍ଣାମେଣ୍ଟରେ ଖେଳିବା ଉପରେ କଠୋର ପଦକ୍ଷେପ ନିଆଯାଇଥିଲା।

## ଏସିଆ କପ୍ ପୂର୍ବରୁ ବଦଳିଗଲା ପାଣ୍ଡ୍ୟାଙ୍କ ଲୁକ୍



ମୁମ୍ବାଇ: ଏସିଆ କପ୍ ୨୦୨୫ କାଉଣ୍ଟଡାଉନ୍ । ଦୁବାଇରେ ଖେଳାଯିବ ଟୁର୍ଣ୍ଣାମେଣ୍ଟ । ଏଥିପାଇଁ ଦୁବାଇରେ ପହଞ୍ଚିଛନ୍ତି ଟିମ୍ ଇଣ୍ଡିଆର ଖେଳାଳି । ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବି ଭାରତୀୟ ଟିମ୍‌ର ଅଂଶ ଅଛନ୍ତି । ହାର୍ଦ୍ଦିକ ଗୁରୁବାର ଅପରାହ୍ନରେ ଦୁବାଇ ପହଞ୍ଚିଛନ୍ତି । ଏସିଆ କପ୍ ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟା ନିଜର ହେୟାର ଷ୍ଟାଇଲ୍ ଚେଞ୍ଜ କରିଛନ୍ତି । ଖାଲି ଷ୍ଟାଇଲ୍ ଚେଞ୍ଜ କରିନାହାଁନ୍ତି ତ ହେୟାର କଲର ବି ଚେଞ୍ଜ ହୋଇଯାଇଛି । ହାର୍ଦ୍ଦିକ ପାଣ୍ଡ୍ୟା ଚୁଟି ସବୁ ଛୋଟ ଛୋଟ କରିଦେଇଛନ୍ତି । ସେ ତାଙ୍କ ଚୁଟି କଲର ସୈଣ୍ଡି ବ୍ଲଣ୍ଡ କଲର ଡାଇ କରିଛନ୍ତି । ସେ ଇନଷ୍ଟାଗ୍ରାମରେ ଫଟୋ ସେୟାର କରିଛନ୍ତି । ଫଟୋ ସେୟାର କରି ଲେଖିଛନ୍ତି ନୟା ମେଁ । ହାର୍ଦ୍ଦିକଙ୍କ ଏ ହେୟାର ଷ୍ଟାଇଲ୍ ଚର୍ଚ୍ଚାର ବିଷୟ ପାଲଟିଛି । ଫ୍ୟାନ୍ସ ତାଙ୍କର ତୁଳନା ଇଂଲଣ୍ଡର ଟେଷ୍ଟ କ୍ୟାପଟେନ୍ ବେନ ଷ୍ଟୋକସ୍ ଏବଂ ୱେଷ୍ଟଇଣ୍ଡିଜ୍ ପୂର୍ବ କ୍ୟାପଟେନ୍ ନିକଲସ ପୋରନଙ୍କ ସହ ତୁଳନା କରୁଛନ୍ତି । ହାର୍ଦ୍ଦିକ ଶେଷ ଥର ଭାରତ ପାଇଁ ଓଡଉ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଖେଳିଥିଲେ । ଯେଉଁଠି ଭାରତ ନ୍ୟୁଜିଲାଣ୍ଡକୁ ହରାଇ ଜିତିଥିଲା ଇତିହାସ । ହାର୍ଦ୍ଦିକ ପାଣ୍ଡ୍ୟାକୁ ରୋହିତ ଶର୍ମାଙ୍କ ପରେ ଟିମ୍ ଇଣ୍ଡିଆର ଆଗାମୀ କ୍ୟାପଟେନ୍ ହେବା ଲାଗୁଥିଲା । ହେଲେ ଏବେ ସେ ଲିଡରଶିପ୍ ଗ୍ରୁପର ଭାଗିଦାରୀ ନାହାଁନ୍ତି ।

## କୋହଲିଙ୍କ ସହ ସମ୍ପର୍କଙ୍କୁ ନେଇ ମୁହଁ ଖୋଲିଲେ ଅବନୀତ କୌର

ନୂଆଦିଲ୍ଲୀ: କିଛି ଦିନ ପୂର୍ବରୁ କ୍ରିକେଟର ବିରାଟ କୋହଲି ଇନଷ୍ଟାଗ୍ରାମରେ ଅଭିନେତ୍ରୀ ଅବନୀତ କୌରଙ୍କ ଫଟୋକୁ ଭୁଲବଶତଃ ଲାଇକ କରିଥିଲେ। ଏହାର ସ୍କ୍ରିନସଟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏବେ ଏହାକୁ ନେଇ ଅବନୀତଙ୍କ ପ୍ରତିକ୍ରିୟା ପୁଣି ଥରେ ଆସିଛି। ଅବନୀତ କହିଛନ୍ତି, ମୁଁ ଏହି ଜିନିଷଗୁଡ଼ିକୁ ମୋ ଉପରେ ପ୍ରଭାବ ପକାଇବାକୁ ଦିଅନ୍ତି ନାହିଁ। ମୁଁ କେବଳ କଠିନ ପରିଶ୍ରମ କରିଚାଲିଛି, ଏହା ହିଁ ମୋର ଧ୍ୟାନ। ମୁଁ କେବଳ ଅଭିନୟ ନୁହେଁ, ପ୍ରତ୍ୟେକ ଦିଗରେ ନିଜକୁ ଉନ୍ନତ କରିବାକୁ ଚେଷ୍ଟା କରେ। ମୁଁ ମୋର ସ୍ୱପ୍ନ କିମ୍ବା ମୋ ବାପାମାଙ୍କୁ ଗର୍ବିତ କରିବା ବିଷୟରେ କେବେ ଭୁଲେ ନାହିଁ। ଏଗୁଡ଼ିକ ଏପରି କିଛି ଜିନିଷ ଯାହା ଦ୍ୱାରା ମୁଁ ବିଚଳିତ ହୁଏ ନାହିଁ କାରଣ ଯଦି ମୁଁ ଏହି ଜିନିଷଗୁଡ଼ିକ ଉପରେ ଧ୍ୟାନ ଦେଇ ଚାଲିଥାଏ, ତେବେ ମୁଁ ଆଗକୁ ବଢ଼ିପାରିବି ନାହିଁ, ଏବଂ ମୁଁ ତାହା ଚାହେଁ ନାହିଁ। ଅବନୀତ ଏବଂ କୋହଲିଙ୍କ ମଧ୍ୟରେ ବିବାଦ ପ୍ରଥମେ ଏପ୍ରିଲ ୩୦ରେ ଆରମ୍ଭ ହୋଇଥିଲା। ଅବନୀତ ସବୁଜ କ୍ରପ ଟପ ଏବଂ ପ୍ରିଣ୍ଟେଡ ରାପ ସ୍କର୍ଟରେ କିଛି ଫଟୋ ଅପଲୋଡ କରିଥିଲେ। କୋହଲି ଏହି ଫଟୋରେ ଲାଇକ କରିଥିଲେ। ଏହାକୁ ନେଇ ସୋସିଆଲ ମିଡ଼ିଆରେ ତାଙ୍କୁ ଟ୍ରୋଲ କରାଯାଇଥିଲା।

## ମହିଳା ଦିନିକିଆ ବିଶ୍ୱକପ୍ ପାଇଁ ଟିକେଟ୍ ବିକ୍ରି ଆରମ୍ଭ



ନୂଆଦିଲ୍ଲୀ: ସେପ୍ଟେମ୍ବର ୩୦ରେ ଗୌହାଟିରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଉଦଘାଟନୀ ମ୍ୟାଚ୍ ପାଇଁ ଗୋଟିଏ ମାସରୁ କମ୍ ସମୟ ବାକି ଥିବାବେଳେ ଏବେ ଟିକେଟ୍ ବିକ୍ରୟ ଆରମ୍ଭ ହୋଇଛି। ଟିକେଟଗୁଡ଼ିକ ଆଇଏନ୍‌ଆର୍ ୧୦୦ (ୟୁଏସ୍‌ଡି ୧.୧୪) ପର୍ଯ୍ୟନ୍ତ କମ୍ ମୂଲ୍ୟରେ ଉପଲବ୍ଧ। ଏହା ଏହାକୁ ଇତିହାସର ସବୁଠାରୁ ସୁଲଭ ଆଇସିସି ବିଶ୍ୱସ୍ତରୀୟ ଇଭେଣ୍ଟ କରିଛି। ମହିଳା ବିଶ୍ୱକପର ୧୩ତମ ସଂସ୍କରଣରେ ଆଠଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏମାନେ ସହ-ଆୟୋଜକ ଭାରତ ଏବଂ ଶ୍ରୀଲଙ୍କା, ପାକିସ୍ତାନ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ବାଂଲାଦେଶ, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା। ଆଇସିସି ମଧ୍ୟ ସମ୍ପ୍ରତି ମହିଳା ବିଶ୍ୱକପର ଆଗାମୀ ସଂସ୍କରଣ ପାଇଁ ପୁରସ୍କାର ରାଶି ୧୩.୮୮ ନିୟୁତ ୟୁଏସ୍‌ଡି ବୃଦ୍ଧି କରିଛି, ଯାହା ୨୦୨୨ ସଂସ୍କରଣର ୩.୫ ନିୟୁତ ୟୁଏସ୍‌ଡି ପୁରସ୍କାର ରାଶିର ପ୍ରାୟ ଚାରି ଗୁଣ।

## ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା: ଶ୍ରେୟସ୍‌ଙ୍କୁ କ୍ୟାପ୍ଟେନ୍ ଦାୟିତ୍ୱ



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ-ଏ ବିପକ୍ଷ ସିରିଜ ପାଇଁ ଇଣ୍ଡିଆ-ଏ ଟିମ୍ ଘୋଷଣା ହୋଇଛି । ଅଜିତ୍ ଅଗରକରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଚୟନକର୍ତ୍ତା କମିଟି ଶନିବାର ଖେଳାଳିଙ୍କ ନାଁ ଘୋଷଣା କରିଛି । ଏସିଆ କପ୍ ପାଇଁ ଅଣଦେଖା ହୋଇଥିବା ଶ୍ରେୟସ ଆୟରଙ୍କୁ ଟିମ୍ ଅଧିନାୟକ କରାଯାଇଛି । ଦୁଇ ଟିମ୍ ମଧ୍ୟରେ ଚାରି ଦିନିଆ ମ୍ୟାଚର ସିରିଜ ଖେଳାଯିବ । ଲକ୍ଷ୍ନୌରେ ଉଭୟ ମ୍ୟାଚରେ ଖେଳାଯିବ । ପ୍ରଥମ ମ୍ୟାଚ୍ ଆସନ୍ତା ୧୬ରୁ ୧୯ ଯାଏ ଖେଳାଯିବ । ସେହିପରି ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୨୩ରୁ ୨୬ ଯାଏ ଖେଳାଯିବ । ଏହି ସିରିଜ ପରେ ଦିନିକିଆ ମ୍ୟାଚ୍ ସିରିଜ ଖେଳାଯିବ । ତେବେ ଦିନିକିଆ ପାଇଁ ଏବେ ଟିମ୍ ଘୋଷଣା ହୋଇ ନାହିଁ । ତିନି ଦିନିକିଆ ମ୍ୟାଚ୍ ସିରିଜ୍ ଆସନ୍ତା ୩୦, ଅକ୍ଟୋବର ୩, ଅକ୍ଟୋବର ୫ରେ ଖେଳାଯିବ । ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍ ପାଇଁ ଆୟରଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ମିଳିନାହିଁ । ଏଥିପାଇଁ ଚୟନ କମିଟିକୁ କଡ଼ା ସମାଲୋଚନା କରାଯାଇଥିଲା । ତଥାପି ଅନେକ ଗଣମାଧ୍ୟମ ରିପୋର୍ଟ ଦାବି କରିଥିଲା ଯେ ବିସିସିଆଇ ଆୟରଙ୍କୁ ଦିନିକିଆ ଦଳର ପରବର୍ତ୍ତୀ ଅଧିନାୟକ ଭାବରେ ଦେଖୁଛି ଏବଂ ଏଥିପାଇଁ ତାଙ୍କୁ ପ୍ରସ୍ତୁତ କରିବାକୁ ଚାହୁଁଛି । ସମ୍ଭବତଃ ଭାରତ-ଏ'ର ଅଧିନାୟକତ୍ୱ ଦାୟିତ୍ୱ ଦେବା ଏହି କ୍ରମରେ ବଡ଼ ପଦକ୍ଷେପ ବୋଲି କୁହାଯାଉଛି । ଟିମରେ ୱିକେଟକିପର ଧ୍ରୁବ ଜୁରେଲଙ୍କୁ ମଧ୍ୟ ସ୍ଥାନ ମିଳିଛି ଏବଂ ତାଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି । ଦୁଲୀପ ଟ୍ରଫିରେ ଭଲ ବ୍ୟାଟିଂ କରିଥିବା ଏନ୍.ଜଗଦିଶନଙ୍କୁ ଦଳରେ ସାମିଲ କରାଯାଇଛି । ଇଂଲଣ୍ଡ ଗସ୍ତରେ ଟିମ୍ ଇଣ୍ଡିଆରେ ଥିବା ନୀତୀଶ କୁମାର ରେଡ୍ଡୀ ଏବଂ ପ୍ରସିଦ୍ଧ କୃଷ୍ଣଙ୍କୁ ମଧ୍ୟ ଏହି ଦଳରେ ସ୍ଥାନ ମିଳିଛି । ଟିମ୍ ଇଣ୍ଡିଆର ବରିଷ୍ଠ ବ୍ୟାଟର କେଏଲ୍ ରାହୁଲ ଓ ଇଂଲଣ୍ଡ ସିରିଜରେ ଭାରତର ବିଜୟର ନାୟକ ଥିବା ମହମ୍ମଦ ସିରାଜଙ୍କୁ ଟିମରେ ସ୍ଥାନ ମିଳିଛି । ତେବେ ଦୁଇ ଖେଳାଳି ପ୍ରଥମ ଖେଳିବେ ନାହିଁ । ଦ୍ୱିତୀୟ ମ୍ୟାଚରେ ଟିମରେ ଯୋଗଦେବେ । ଅଷ୍ଟ୍ରେଲିଆ ଏ ବିପକ୍ଷ ସିରିଜ୍ ପାଇଁ ଇଣ୍ଡିଆ-ଏ ଦଳ: ଶ୍ରେୟସ୍ ଆୟର୍ (ଅଧିନାୟକ), ଅଭିମନ୍ୟୁ ଇଶ୍ୱରାନ୍, ଏନ.ଜଗଦିଶନ (ୱିକେଟ୍ କିପର), ସାଇ ସୁଦର୍ଶନ, ଧ୍ରୁଭ ଜୁରେଲ (ଉପ-ଅଧିନାୟକ ତଥା ୱିକେଟ୍ କିପର), ଦେବଦତ୍ତ ପାଡିକଲ, ହର୍ଷ ଦୁବେ, ଆୟୁଷ ବାଦୋନି, ନୀତୀଶ କୁମାର ରେଡ୍ଡୀ, ତନୁଷ କୋଟିୟାନ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ, ମାନଭ ସୂତାର, ଯଶ ଠାକୁର ।


## ଜୋନ୍‌ସ୍ତରୀୟ କ୍ରୀଡ଼ା, ଦୌଡ଼କୁଦ ପ୍ରତିଯୋଗିତା ଓ ଚୟନ




ଜଳେଶ୍ୱର(ଭାସ୍କର ନ୍ୟୁଜ): ଜୋନ ସ୍ତରୀୟ କ୍ରୀଡ଼ା ଓ ଦୌଡ଼ କୁଦ ପ୍ରତିଯୋଗିତା ଓ ଚୟନ-୨୦୨୫/୨୬ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଛି। ସହକାରୀ ଶିକ୍ଷୟତ୍ରୀ ସଂଘମିତ୍ରା ଜେନା ଓ ସହକାରୀ ଶିକ୍ଷକ ରାମଚନ୍ଦ୍ର ରାଉଳ ମିଳିତ ମଞ୍ଚ ଆହ୍ୱାନରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଜ୍ୟୋସ୍ନାରାଣୀ ପ୍ରଧାନ, ମୁଖ୍ୟ ବକ୍ତା ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା, ସମ୍ମାନିତ ଅତିଥି ନାମ୍ପୋ ସରପଞ୍ଚ ଲୋପାମୁଦ୍ରା ରାଉଳ, ସମିତି ସଭ୍ୟା ସସ୍ମିତା ପରିଡ଼ା, ପରିଚାଳନା କମିଟି ସଭାପତି ନିଖିଲ କୁମାର ପରିଡ଼ା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ନନ୍ଦ, ସିଆରସିସି ମନୋରଞ୍ଜନ ଦାସ, ଆମ୍ବଡିହା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ଗିରି, ବାଗପୁଞ୍ଜି ଏସ.ସି.ଦେଭ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିବାକର ହାଁସଦା ପ୍ରମୁଖ ଅତିଥିମାନେ ମଞ୍ଚରେ ଉପସ୍ଥିତ ରହି ଖେଳର ଉପକାରୀତା ବାବଦରେ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ପରିଚାଳନା ଓ ବିଚାରକ ମଣ୍ଡଳୀରେ ନାମ୍ପୋ କ୍ରୀଡ଼ା ଶିକ୍ଷକ ତଥା ସମ୍ପାଦକ ଜୋନାଲ କ୍ରୀଡ଼ା ପ୍ରତିଯୋଗିତା ପଲ୍ଲଭ କୁମାର ଡଗର, କମାରଶାଳିଆ ହାଇସ୍କୁଲ ଖେଳ ଶିକ୍ଷକ ହେମନ୍ତ କର, କାଶୀଡିହା ହାଇସ୍କୁଲ ଖେଳ ଶିକ୍ଷକ ଅରୁଣ କୁମାର ଜେନା, ଖେଳ ଶିକ୍ଷକ ରବିନ୍ଦ୍ର କୁମାର ବେହେରା, ଝେଲମରାଣୀ ପାତ୍ର, ସ୍ନିଗ୍ଧାରାଣୀ ଜେନା, ଅପରାଜିତା ପାତ୍ର ପ୍ରମୁଖ ନିୟୋଜିତ ଥିଲେ। ଉକ୍ତ ଖେଳକୁ ଜଳେଶ୍ୱର ସହକାରୀ ଶିକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ପ୍ରଧାନ କ୍ରୀଡ଼ା ପତାକା ଉତ୍ତୋଳନ କରିଥିବା ବେଳେ ମୁଖ୍ୟ ବକ୍ତା ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ଉଦଘାଟନ କରିଥିଲେ। ଉକ୍ତ ଖେଳ ୧୦୦, ୨୦୦, ୪୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଖୋଖୋ, ଜେଭେଲିନ ଫିଙ୍ଗା, ଫୁଟବଲ, ଭଲି ବଲ ଓ କ୍ରିକେଟଖେଳ ହୋଇଥିଲା।

## ସାଉଥ୍ ଆଫ୍ରିକା-୨୦ ଲିଗ୍

# ନିଲାମ ପାଇଁ ଚୟନ ହେଲେନି ଜଣେ ବି ଭାରତୀୟ ଖେଳାଳି




ନୂଆଦିଲ୍ଲୀ: ସାଉଥ ଆଫ୍ରିକା-୨୦ ଲିଗର ନିଲାମ ଆସନ୍ତା ୯ ତାରିଖରେ ହେବାକୁ ଯାଉଛି। ଏଥିପାଇଁ ୧୩ ଜଣ ଭାରତୀୟ ଖେଳାଳି ମଧ୍ୟ ପଞ୍ଜୀକରଣ କରିଥିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ କୌଣସି ଜଣେ ବି ଖେଳାଳିଙ୍କୁ ନିଲାମ ପାଇଁ ଚୟନ କରାଯାଇନାହିଁ । ପ୍ରକୃତରେ ପୀୟୁଷ ଚାୱଲାଙ୍କ ସମେତ ସମସ୍ତ ଭାରତୀୟ କ୍ରିକେଟର ନିଲାମର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇନାହାଁନ୍ତି। ତାଲିକାରେ କୌଣସି ଭାରତୀୟଙ୍କ ଅନୁପସ୍ଥିତି ଏକ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଖବର, ବିଶେଷକରି ଯେତେବେଳେ ଏହି ବର୍ଷ ଦିନେଶ କାର୍ତ୍ତିକ ପର୍ଲ ରୟାଲ୍ସ ପାଇଁ ଖେଳୁଥିବା ଦେଖାଯାଇଥିଲା। ସାଉଥ ଆଫ୍ରିକା-୨୦ ଲିଗର କମିଶନର ଏବଂ ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଗ୍ରୀମ ସ୍ମିଥ ଏହି ବିଷୟରେ କହିଛନ୍ତି, 'ଭାରତୀୟ କ୍ରିକେଟରଙ୍କ ପରିସ୍ଥିତି ସର୍ବଦା ଅସ୍ଥିର ରହିଥାଏ। ଏହା କିଏ ଅବସର ନେଉଛନ୍ତି ଏବଂ କିଏ ଉପଲବ୍ଧ ହେବେ ତାହା ଉପରେ ନିର୍ଭର କରେ। ମୁଁ ଭାବୁଛି ୧୩-୧୪ ଜଣ ଖେଳାଳି ନିଲାମ ପାଇଁ ସେମାନଙ୍କର ନାମ ଦେଇଥିଲେ। ଆମେ କେବଳ ଏତିକି କରୁ ଯେ ଆମେ ନିଲାମ ପାଇଁ ନାମାଙ୍କନ ଦାଖଲ କରିଥିବା ଖେଳାଳିଙ୍କ ତାଲିକା ସେହି ଦଳଗୁଡ଼ିକୁ ପଠାଇଥାଉ, ଯେଉଁମାନଙ୍କ ପାଖରେ ପ୍ରାୟ ୮୦୦ ନାମ ଥିଲା। ଦଳଗୁଡ଼ିକ ସେମାନଙ୍କ ପସନ୍ଦ ଅନୁସାରେ ଖେଳାଳିମାନଙ୍କୁ ଚୟନ କରି ଏକ ନୂତନ ତାଲିକା ତିଆରି କରନ୍ତି। ସଂକ୍ଷିପ୍ତ ତାଲିକାରେ ଥିବା ଖେଳାଳିଙ୍କ ନାମ ନିଲାମରେ ଡକାଯାଏ। ସାଉଥ ଆଫ୍ରିକା-୨୦ ଲିଗ୍ ନିଲାମ ପାଇଁ ମୋଟ ୧୩ ଜଣ ଭାରତୀୟ କ୍ରିକେଟର ସେମାନଙ୍କର ନାମ ଦେଇଥିଲେ। ସେମାନଙ୍କ ନାମ ଥିଲା ପୀୟୁଷ ଚାୱଲା, ସିଦ୍ଧାର୍ଥ କୌଲ, ଅଙ୍କିତ ରାଜପୁତ, ସାରୁଲ କନୱାର, ଅନୁରିତ ସିଂହ, ଅନସାରୀ ମାରୁଫ, ମହେଶ ଆହିର, ନିଖିଲ ଜାଗା, ମହମ୍ମଦ ଫୈଦ, କେଏସ ନବୀନ, ଇମ୍ରାନ ଖାନ, ଭେଙ୍କଟେଶ ଗଲିପେଲି ଏବଂ ଅତୁଲ ଯାଦବ। ନିଲାମ ୯ ସେପ୍ଟେମ୍ବରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଯଦିଓ ସାଉଥ ଆଫ୍ରିକା-୨୦ ନିଲାମ ତାଲିକାରେ କୌଣସି ଭାରତୀୟ କ୍ରିକେଟରଙ୍କ ନାମ ସାମିଲ ନାହିଁ କିନ୍ତୁ ସୌରଭ ଗାଙ୍ଗୁଲିଙ୍କୁ ଆଗାମୀ ସିଜନରେ ପ୍ରଶିକ୍ଷକ ଭାବରେ ଦେଖାଯିବ। କିଛି ସପ୍ତାହ ପୂର୍ବରୁ, ଭାରତୀୟ କିମ୍ବଦନ୍ତୀ ସୌରଭ ଗାଙ୍ଗୁଲିଙ୍କୁ ପ୍ରିଟୋରିଆ କ୍ୟାପିଟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରାଯାଇଥିଲା।



## ସପନର ସଜଫୁଲ

✶ ପ୍ରଶାନ୍ତ କୁମାର ଦାଶ

ତୁମେ ମୋ ମନର ଅୟୁତ ଅତୁଟ
ଆଶାର ସପନ ଛବି
ତୁମରି ପ୍ରେମର ମଧୁର ପରଶେ
ହସିଉଠେ ନବରବି ।।

ମମତା ନଈର ସ୍ୱଚ୍ଛ ଜଳଧାରା
ସୁବାସିତ ସଜଫୁଲ
ପଲ୍ଲୀ ପ୍ରକୃତିର ସବୁଜ ସୁଷମା
ଉଦାସୀ ପ୍ରାଣର ମୂଳ ।।

ଚାହାଣୀରେ ତୁମ ବିଚ୍ଛୁରିତ ହୁଏ
ପ୍ରେମ ପ୍ରୀତି ଭରା ହସ
ତୁମ ମିଠାକଥା ମନୁ ହରେ ବ୍ୟଥା
ମତେ କରିଦିଏ ବଶ ।।

ତୁମ ସାନ୍ତ୍ୱନାରେ ପ୍ରଶମିତ ହୁଏ
ହୃଦୟ ଦହନ ଜ୍ୱାଳା
ତୁମ ଲାଳିତ୍ୟରେ ଲିଭିଯାଏ ପୁଣି
ତାମସୀ ରାତିର କଳା ।।

ଅତୁଟ ଆଶାର ମନ୍ଦାକିନୀଧାରା
ହୃଦୟେ ପୁଲକ ଭରେ
ତୁମରି ପାଦର ପାଉଁଜିର ସୁର
ମତେ ମତୁଆଲା କରେ ।।

ପକ୍ଷୀପରି ତୁମେ ଉଡ଼ି ଉଡ଼ି ଆସି
ବସା ବାନ୍ଧିଦିଅ ସାଥୀ
ତୁମ ହାସ୍ୟମୟୀ ରୂପ ରସ ପାଇ
ଫେରିଯାଉ ଦୁଃଖରାତି ।।

*ସଙ୍ଗଲାଇ, ପିପିଲି -ପୁରୀ*
*ମୋ-୯୬୭୮୮୨୨୧୯୦*

# ପୂର୍ଣ୍ଣସ୍ୱୀକୃତି



## ଅନସୂୟା ପଣ୍ଡା

ବାପା ମାଆଙ୍କର ନିଜ ପିଲାଙ୍କ ପାଇଁ ଅନେକ ସ୍ୱପ୍ନ । ଦେହର ରକ୍ତକୁ ଝାଳକରି ନିଗାଡ଼ି ଦିଅନ୍ତି ବିନା ଦ୍ୱିଧାରେ । ସବୁ ପାର୍ଥିବ ସୁଖକୁ ଫିଙ୍ଗିଦିଅନ୍ତି ଯେମିତି ସେ ସବୁ ତାଙ୍କର ଏବେ ଅନାବଶ୍ୟକ । ଅଧାପେଟ ଖାଇ କିଏ ପିଲାକୁ ପଢାଏ ତ ପୁଣି କିଏ ତା'ର ଛୋଟ ବଡ ଖୁସିକୁ ଜୀବନ୍ୟାସ ଦିଅନ୍ତି । କେତେବେଳେ ଠାକୁରଙ୍କ ପାଖରେ କାନି ପାତନ୍ତିତ କେତେବେଳେ ମୁଣ୍ଡ ପିଟନ୍ତି । ନିଃସ୍ୱାର୍ଥ ସାଧନାରେ ଅନବରତ ଜଞ୍ଜାଳ ଭିତରେ ମଧ୍ୟବିତ୍ତ ପରିବାର ଚାଲିଥାଏ । ଏମିତିବି ଥିଲା ପ୍ରଦୀପ୍ତଙ୍କ ଜୀବନ । ଝିଅଟି ବଡ । ଶାରଳା ନାମ ତା'ର । ତଳେ ପାଞ୍ଚ ପୁଅ । ଛୋଟ ମୋଟ ଚାକିରି ଖଣ୍ଡେ କରି ଆଠ ଦଶ ପ୍ରାଣୀଙ୍କି ପୋଷନ୍ତି । ଏମିତିକା ଦାୟିତ୍ୱ ନିର୍ବାହ ପରିବାର ପାଇଁ ଯେମିତି କଷ୍ଟ ନୁହେଁ,ବରଂ ଅମାପ ଖୁସି ଓ ଆନନ୍ଦ ନିହିତ ଥାଏ । ଦିନେ ସଞ୍ଜବେଳେ କିଛି ପଇସା ଆଣି ରୀନାଙ୍କୁ ଦେଇ କହିଲେ ଝିଅରେ ଏତିକ ରଖିଥାଅ । ରୀନା ଗାଁର ଜଣେ ବୋହୂ । ତାଙ୍କ ଉପରେ କିଛି ଲୋକଙ୍କର ଅମାପ ବିଶ୍ୱାସ । ସୁବିଧା ଅସୁବିଧା ଯାହା ହେଲେ ରୀନାଙ୍କ ପାଖକୁ ଆସନ୍ତି । ତାଙ୍କରି ଉପଦେଶ ନିଅନ୍ତି । ଚାକୁଣ୍ଡା ଗଛ ବିକା ଯାଇଥିଲା ସେଇତକ ପଇସା ବି ଆଣି ଥୋଇ ଦେଇଗଲେ ରୀନା ପାଖରେ । ବ୍ୟାଙ୍କ ଠାରୁ ଅଧିକ ବିଶ୍ୱାସ ଓ ଭରସା ରୀନା ଉପରେ । ମୋ' ପାଖରେ ରହିଲେ ଖର୍ଚ୍ଚ ହେଇଯିବ । ଆମର ବଡ ଅର୍ଥାର୍ଥୀ ପରିବାର । ଟିକେ ଟିକେ ପଇସା ସଞ୍ଚୟ କରି ରଖିଲେ ତ ଯାଇ ଆମ ଶାରଳାର ବାହାଘର କରିବି । ଟିକେ ଭଲ ଚାକିରିଆ ପିଲାକୁ ଦେଖି ନଦେଲେ, କ'ଣ ଆମ ମନ ମାନିବ । ତା' ମନକୁ ସାଥୀଟିଏ ଭଲରେ ମିଳିଗଲେ, ହାତକୁ ଦୁଇହାତ କରିଦେଲେ ଯାଇ ଶାନ୍ତି । ବାକି ପୁଅମାନେ ଯାହା ତାହା କରି ଚଳିବେ । ରୀନାକୁ ଅଧା ଲୋକ ମା' ଆଉ ଅଧା ଝିଅ ଡାକନ୍ତି, ତାଙ୍କର ସ୍ନେହି ସରଳ, ପରୋପକାରୀ ଓ ସଙ୍କୋଚ ମନୋବୃତ୍ତି ପାଇଁ । ପ୍ରକୃତରେ ନାଁ ତାଙ୍କର ଅଲଗା । ତାଙ୍କ ଶାଶୂ ତାଙ୍କୁ ରୀନା ଡାକୁ ଡାକୁ ଗାଁଟା ଯାକ ତାଙ୍କୁ ରୀନା ଡାକିବା ଆରମ୍ଭ କରିଦେଲେ । କେତେ ଲୋକଙ୍କୁ ବେଳ ଅବେଳରେ, ଥିଲେ ନ ଥିଲେ ସହାୟତାର ହାତ ବଢାନ୍ତି । ପ୍ରଦୀପ୍ତଙ୍କର ଶାରଳା ପ୍ରତି ପିତୃତ୍ୱର ଅହେତୁକ ଆବେଗ ଦେଖି ମନେ ମନେ ବହୁତ ଖୁସି ହେଉଥିଲେ । କିନ୍ତୁ ରୀନା କହନ୍ତି ଦେଖନ୍ତୁ ମଉସା ଭଲରେ ଗୋଟେ ଖାତାରେ ଟିପି ରଖିବେ ସବୁ ପଇସା । ଆଜି କଥା କାଲିକି ନାହିଁ । ସମସ୍ତେ ଜାଣିଲେ ଭଲ । ମୋର କ'ଣ ହେଲେବି ତୁମେ ଅସୁବିଧାରେ ପଡିବନି ।

ଏମିତିରେ ଆର୍ଜବ ଶାରଳା କଳିକାରୁ ଫୁଲପରି ଧୀରେ ଧୀରେ ବଡ ହେଉଥାଏ । ମାଟ୍ରିକ ତିନିଥରରେ ପାସ୍ କଲା । ପୁରା କଳା ରଙ୍ଗ । ଗୋରା ନ ହେବା ହିଁ ଗୋଟିଏ ବଡ କମି ତା ଜୀବନର । ତା'ବ୍ୟତୀତ ସୁଗଠିତ ଗଢଣ କେହି ବାରି ପାରିବେନି । ପୁରା ହେମାମାଳିନୀକୁ ଲୁଚେଇ ତାକୁ ଦେଖେଇଲେ ଚଳିବ । ଆଖି ନାକ ଦୁର୍ଗାଙ୍କ ପରିଖୁବ୍ ସୁନ୍ଦର ତଥା ଲାବଣ୍ୟ । ପୁରିଲା ପୁରିଲା ଗାଲ । ଆକର୍ଷଣୀୟ ଅଧରୋଷ୍ଠ, ଯେମିତି କିଏ ଆଙ୍କି ଦେଇଛି, ସେଥିରେ ହସ ଉକୁଟିଲେ ପଦ୍ମ ପାଖୁଡା ପରି ଦିଶେ । କେଶବତୀ କନ୍ୟା ପରି କଟିତଳକୁ ଲମ୍ବି ଆସିଛି ଘନ କଳା ଚୁଟି । ଧୀର ବିନମ୍ର ଦୃଷ୍ଟି । କେବଳ ରଙ୍ଗର ଉଣା । ତା' ସାଙ୍ଗକୁ ପାଠରେ ମନ ନଥାଏ । ମାଟ୍ରିକ ପରେ ଆଉ ପଢିଲାନି । ମାଆ ସାଙ୍ଗରେ ଘର କାମ ଧନ୍ଦା କଲା । ଯେବେ ଯେଉଁଠୁ ପଇସା କିଛି ପାଇଲେ ବାପାମାଆ ଆଣି ଲୁଚେଇ ରଖନ୍ତି ରିନା ପାଖରେ । ଚାକିରି ଶେଷରେ ପ୍ରଦୀପ୍ତ କିଛି ପଇସା ପାଇଥିଲେ । ତାକୁ ଧରି ମା' ଓ ଝିଅକୁ ସାଙ୍ଗରେ ନେଇ ସମ୍ଭାବିତ ବିଭାଘର ଲାଗି ସୁନା ଚେନ୍ କାନ ଫୁଲ ସହ ଚୁଡି କିଣି ଆଣିଲେ । ତାକୁବି ଆଣି ସେଇ ରୀନା ପାଖରେ ରଖିଲେ । ଭଲଲୋକିକୁ କହି ବିବାହ ପ୍ରସ୍ତାବମାନ ଦେଖିଲେ । ମନରେ ଇଚ୍ଛା ସବୁ ସୁବିଧା ଥିବା ଲୋକଟିଏ ସହିତ ଛୋଟ ପରିବାର ହୋଇଥିବ । ବର୍ଷକ ଚାଉଳ ଅଣ୍ଟି ଯାଉଥିବ । ସବୁଠାରୁ ବଡ ଇଚ୍ଛା ଜୋଇଁ ଚାକିରି ଖଣ୍ଡେ ତାହା ପୁଣି ସରକାରୀ ହେଇଥିବ । ଏତେ ସବୁ ଏକାଠି ମିଳୁ ନଥାଏ । ଆଉ ଯେଉଁଠି ଟିକେ ପ୍ରସ୍ତାବ ମନକୁ ଯାଉଥିଲା ସେଠି ପୁଅ ଘରମାନେ ବାହାନାବାଜି କରି ରାଜି ହେଉନଥିଲେ ଝିଅର ରଙ୍ଗ ପାଇଁ । ସମୟ ସୁଅରେ ବୟସ ଆଗକୁ ମାଡିଚାଲିଥାଏ । ମଣିଷର ଏଇ ଅସୁମାରୀ ଅନନ୍ତ ଇଚ୍ଛାତ ସାରା ଦୁର୍ଶ୍ଚିନ୍ତା ଆଣେ ।

ଏମିତିରେ ପ୍ରଦୀପ୍ତ ବିଛଣାରେ ପଡିଗଲେ । ଶେଷରେ ଏକମାତ୍ର ଝିଅର ବାହାଘର ଆଉ ଦେଖି ପାରିଲେନି । ମରିବା ପୂର୍ବରୁ ବାର ବାର ସ୍ତ୍ରୀ କୁ କହିଲେ "ତୁତ ସବୁ ଜାଣିଛୁ, ଝିଅ ରୀନା ପାଖରେ ସୁନା ଗହଣା ପଇସା ଅଛି । ଭଲ ଜାଗା ଦେଖି ଝିଅକୁ ବାହା ଦେବୁ ।" ଝିଅ ଆଖିରେ ଯେମିତି କେବେ ଲୁହ ନଆସେ । ବିଧବା ମାଆବି ବହୁତ ଖୋଜି ଖୋଜି ଚିନ୍ତାରେ ଆଖି ବୁଜିଦେଲା । ହତାଶା ମୃତ୍ୟୁ ରୂପେ ଜାବୁଡି ଧରିଦେଲା ବାପମାଆଙ୍କୁ । ଏପଟେ ଝିଅର ବୟସ ବଢିବାରୁ ପ୍ରସ୍ତାବ ସବୁ ସୀମିତ ହୋଇ ସ୍ତିମିତ ହୋଇଗଲା । ଭାଇମାନେ ଭଉଣୀର ମନର କଥା ବୁଝିବାକୁ ଆଗ୍ରହ କଲେନି । ନାନା ବ୍ୟଙ୍ଗବିଦ୍ରୁପ ଓ ଅସୂୟାପୂର୍ଣ୍ଣ ଗାଳିଗୁଲଜ କରି ଘରେ ଚାକରାଣୀ ପରି ଖଟାନ୍ତି । ତା'ସାଙ୍ଗର ସାତ ସାନ ଝିଅ ବାହା ହୋଇ ପିଲା ଧରି ବାପଘରକୁ ଆସିଲେଣି । ଶାରଳା ଆଉ ବାହା ହେଇ ପାରିଲାନି । ମଝିରେ ଡିପ୍ରେସନ ଔଷଧ ଖାଇ ଘରେ କବାଟ ଦେଇ ପଡି ରହୁଥିଲା । ଏବେ ବୟସ ଚାଳିଶ ଟପିଲାଣି । ଚାରିପଟେ ଅବ୍ୟକ୍ତ ଅନ୍ଧାର । ସବୁ ଭାଇଙ୍କ ପାଖରେ କାମ କରି ଗଣ୍ଡାଏ ଖାଉଛି । କେବେ ପେଟ ପୁରେ ତ କେବେ ପୁରେନି । ଯିଏ ତା' ଲାଗି ସ୍ୱପ୍ନ ଦେଖିଥିଲେ ସେ ଅମୂଲ୍ୟ ରତ୍ନ ହଜିଗଲେଣି ସେପାଖରେ, ଅଫେରା ରାଇଜରେ । ଆଉ କିଏ ତାଙ୍କ ପରି ହେବ । ଝିଅ ପାଇଁ କରିଥିବା ସୁନାକୁ,ଭାଇମାନେ ରୀନା ଠାରୁ ଆଣି ବିକି ବାପମାଆଙ୍କ ଶୁଦ୍ଧିକ୍ରିୟା ସମାପ୍ତ କରିଥିଲେ । ମିଛ ଘମଣ୍ଡ ଆଉ ବହୁଆଡମ୍ବର ଲଘୁକ୍ରିୟା ଗୋଟେ ଝିଅ ଜୀବନକୁ ଏକାକୀତ୍ୱର ପରିଧି ଭିତରେ ଛଟପଟ କରୁଛି । ସମସ୍ତେ ସେତେବେଳେ ଯେତେ ବୁଝେଇଲେ ସବୁ ଏକାଠି ମିଳେନି କାହାକୁ । ଝିଅ ଯେଉଁଠିକି ଯିବ ତା' ଭାଗ୍ୟରେ ଥିଲେ କୁଆଡେ ଉଠିଯିବ । ହେଲେ ବୟସ ଥିଲା ବେଳେ ମାଆ ବାପା କାହାରି କଥା ଶୁଣିଲେନି ।

ଏବେବି ତା'ରି ବୟସର ଗାଁର ଯୁବକ ମାନସ ବାହାହେଇନି । ସୁଗଠିତ ଅଙ୍ଗସୌଷ୍ଠବ ସହ କୌଣସି ଗୁଣରେ ନ୍ୟୁନ ନ ଥିଲା । ଶାରଳାର ନିର୍ମଳ ମନକୁ,ପାଚିର ହଁ କୁ ଆଶା କରି ଅପେକ୍ଷା କରିଛି । ଗ୍ରାମ୍ୟ ସଭ୍ୟତା ଓ ପରମ୍ପରାରେ ପ୍ରାୟ ସବୁ ଭଦ୍ର ମଣିଷ ପ୍ରେମକୁ କି ଅନ୍ତରର ଆବେଗକୁ ପ୍ରକାଶ କରିବାକୁ ଶକ୍ତି ଓ ସାମର୍ଥ୍ୟ ଜୁଟାଇ ପାରନ୍ତିନି । ଅପର ପକ୍ଷେ ଶାରଳା ସମାଜକୁ ଡରି ଏ ବିଷୟରେ ନିର୍ଲିପ୍ତ, ଉଦାସୀନ ତଥା ନିରୁତ୍ତର । ଭଗବାନଙ୍କ ଲୀଳା ଅନୋଖା ।

ଅଚାନକ ଖରାଦିନର ଅଦିନିଆ କାଳବୈଶାଖୀ ମାଡରେ ଶାରଳାକୁ ପ୍ରବଳ ଜ୍ୱର ଆସିଲା । ବିଛଣାରେ କତରାଳଗା ହୋଇ ପଡ଼ିରହିଲା ସେ । ଭାଇମାନେ ଡାକ୍ତର ପାଖକୁ ନେଲେନି କି ଔଷଧ ଆଣି ଦେଲେନି । ରୋଗ ବଢିଲା । ଖାଇବା ପିଇବା ଛାଡି ଅର୍ଦ୍ଧଚେତନ ଅବସ୍ଥାରେ ପଡ଼ିରହିଲା । ରୀନାର ଉଦ୍ୟମରେ ଓ ଗ୍ରାମର କିଛି ମହିଳାଙ୍କ ହସ୍ତକ୍ଷେପରେ ତାକୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ନିଆଗଲା । ରକ୍ତ ପରୀକ୍ଷା ପରେ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ଆରମ୍ଭ ହେଲା । ଜଣେ ଆଟେଣ୍ଡାଣ୍ଟ ଜରୁରୀ ହେବାରୁ,ମାନସର ସ୍ୱେଚ୍ଛାକୃତ ଭାବେ ଶାରଳା ପାଖରେ ରହିବାକୁ ସମ୍ମତି ଦେଲା । ସାତଦିନ ଧରି ନିଜର ସବୁ କାମ ଧନ୍ଦା ଛାଡି ଠାକୁରଙ୍କୁ ଡାକି ଶାରଳା ସେବା କଲା । ଦୁଇଥର ନିଜ ରକ୍ତ ଦେଲା । ତା' ନିଷ୍ପାପରତା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ ।

ଦେହ ଭଲ ଲାଗିବାରୁ, ଶାରଳା ବ୍ରୀଡାକୁଣ୍ଠିତ ହୋଇ ମାନସକୁ ପଚାରିଲା, "ମୋ ଭଳି ହତଭାଗିନୀ ପାଇଁ ଦିନରାତି ଏତେ କଷ୍ଟ କାହିଁକି କରୁଛ ?ତୁମ ଲାଗି ମୁଁ ପୁନର୍ଜନ୍ମ ପାଇଲି । ତୁମର ଏ ପରିଚୟହୀନ ଅସ୍ତିତ୍ୱ ଲାଗି ମୋ ପାଖରେ ଦେବାକୁ କିଛି ନାହିଁ ।"

-ହଠାତ୍ ଏମିତି ପ୍ରଶ୍ନ କ'ଣ ପାଇଁ? ନିଜର ସ୍ୱାର୍ଥ ନ ଥିଲେ ମୁଁ କାହିଁକି କରିଥାଆନ୍ତି ? ମତେ ଲାଗିଲା ଏହା ମୋର କର୍ତ୍ତବ୍ୟ ଓ ଦାୟିତ୍ୱ । ମତେ ଆଉ କେତେଦିନ କଷ୍ଟ ଦେଇ ତୁମ ଠାରୁ ଦୂରେଇ ରଖିବ ? ଚାତକ ପକ୍ଷୀ ପରି ପ୍ରତୀକ୍ଷା କରିଛି ତୁମ ସାନ୍ନିଧ । ସାରା ଜୀବନ ସେ ଅନିର୍ବଚନୀୟ ବେଦନା ସହ୍ୟ କରି ଚାଲିଥିବି । ନା' ଭଲରେ ଜୀଇଁପାରୁଛି ନା ମରିପାରୁଛି ।


ବିଦଗ୍ଧ ଶାରଳାର ସମଗ୍ର ବ୍ୟଥାତୁର ସତ୍ତାତିଳେ ତିଳେ ମହାସୁଖରେ ଅନୁରଣିତ ହୋଇଗଲା । ମାନସିକ ଭାରସାମ୍ୟ ହରେଇ ଦୃଢପ୍ରତିଜ୍ଞ ମାନସ ବକ୍ଷରେ ବିନା ସଙ୍କୋଚରେ ପ୍ରେମାଶ୍ରୁ ବୁହାଇ ଲୋଟିଗଲା । ପ୍ରିୟାର ପ୍ରୀତିରେ ସମ୍ପୂର୍ଣ୍ଣ ମୋହଗ୍ରସ୍ତ ଏବେ ମାନସ । ଅତୀତର ଯାବତୀୟ ଅବସୋସ, ଅଭିଯୋଗ ଓ ଅସହାୟତାର ବୋଝ ସବୁକୁ ଭୁଲି ଯୁଗ୍ମ ଜୀବନର ଅମୃତଅଙ୍ଗୀକାରକୁ ଏକ ଶୁଭ ଲଗ୍ନରେ ପୂର୍ଣ୍ଣସ୍ୱୀକୃତି ମିଳିଲା ।

*ବୁର୍ଲା, ସମ୍ବଲପୁର*
*ମୋ-୮୩୨୮୯୪୫୮୮୫*

# କବିତା ଗୁଚ୍ଛ

## କାଶତଣ୍ଡୀ

✶ ନୀଳମଣି ଚାନ୍ଦ



କାଶତଣ୍ଡୀ ଫୁଟେ ନଈର ବାଙ୍କରେ
ଶରତର ଆଗମନେ
ବାସ ହୀନ ବୋଲି କହନ୍ତିନି କେବେ
ତାକୁରେ ଜଗତ ଜନେ ।

ବାଗ୍ଦେବୀଙ୍କ ସମ ଦିଶଇ ସେ ଶ୍ୱେତ
ବସଇ ଚଅଁର ଧରି
ମାଆ ଦଶଭୂଜା ଆଗମନୀ ଶୁଣି
ମୁଖ ହରଷିତ କରି ।

ଦୂର ଆକାଶର ଧଳା ବଉଦକୁ
ସେ ଦୃଷ୍ଟି ନିକ୍ଷେପ କରେ
ଗହଳିଆ ବୁଦା ଭିତରୁ ସେ ଡାକେ
ହେ ପଥିକ ଆସ ଥରେ ।

ଚାମର କରିବ ଏତେଦୂରେ ଥାଇ
ଏ ହେବ ପରମ ସେବା
ତା ପାଖକୁ ଯାଇ ଦେଖ ମନ ଭରି
ଛିଣ୍ଡେଇ ଜମା ନ ନେବା ।

ଭସାଣିରେ ମାଆ ଗଲା ପରେ ଚାଲି
ମିଳିବନି ଦେଖା ଆଉ
ଶରତର ସାଥୀ ଫୁଟେ ମାଆ ପାଇଁ
ତାପରି କେ ହେବ ଆଉ ।

*ମନ୍ତମାନୋର,ଗୋଠପାଟଣା*
*ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭*

## ଶରତ ଆସିଲେ

✶ ଜଗଦୀଶ ସାହୁ

ଶରତ ଆସିଲେ ଖୁସିରେ
ନାଚେ ଧରଣୀ ରାଣୀ
ଭାଦ୍ରବ ଅଶିଣ ସାଥିରେ
ରହି ଦେଖାନ୍ତି ଠାଣି ।

ଶୋଭାରେ ଝଲସେ ମରତ
ରବି କିରଣ ପଡି
ପ୍ରଭାତ ସମୟେ ଗଛରେ
ଫୁଟେ ସୁମନ କଢି ।

ଯୁଆଡେ ଚାହିଁବ ସବୁଜ
କ୍ଷେତ ମାଳକୁ ମାଳ
ପବନ ବହିଲେ ଗଛରୁ
ପଡେ ଢୋଓଢା ତାଳ ।

ପୋଖରୀ ଗାଡ଼ିଆ ସବୁଠି
ସଫା ଦିଶଇ ଜଳ
ବାଡ଼ିରେ ଫଳିଛି କଲରା
ଜହ୍ନି କାକୁଡି ଫଳ ।

ମଣ୍ଡପେ ଜନନୀ ଦୂରୁଗା
ବସି ପାଇବେ ପୂଜା
ମହିଷା ମରିବ ଉଡ଼ିବ
ମାଆ ବିଜୟ ଧ୍ୱଜା ।

*ସଂଜପଡା, ହିନ୍ଦୋଳ*
*ଢେଙ୍କାନାଳ, ୭୫୯୧୨୮*
*ମୋ :-୯୦୭୮୧୮୫୬୧୬*



## ତୁମେ ଗଲାପରେ

✶ ଭାସ୍କର ବାରିକ୍

ସମ୍ପର୍କର ଡୋରି ଛିଣ୍ଡିଗଲା ପରେ
ତୋଳୁନାହିଁ ଆଉ ତାରାଫୁଲ
ରୋମାଞ୍ଚିତ ମନ ବେଦନା ବିଭୋର
ଲାଗୁଛି ଜୀବନ ରଙ୍ଗହୀନ ।
ତୁମେ ଗଲାପରେ ମାଗୁନି ଜହ୍ନକୁ
ଜ୍ୟୋସ୍ନାରେ ଭିଜା ଶୀତଳ ରାତି
ସକାଳରୁ ରାତି ରାତିରୁ ସକାଳ
ସହୁଛି କଳିଜା ଯାତନା ତାତି ।
ତୁମେ ଗଲାପରେ ଶ୍ରାବଣ ଧାରାରେ
ଭିଜିବାକୁ ମନ ବଳୁନାହିଁ
ନଦୀର ତଟରେ ସବୁଜିମା ମୋତେ
ଆଉ ଆକର୍ଷିତ କରୁନାହିଁ ।
ବଉଳ ମହକ କୋଇଲିର ଗୀତ
କରୁନାହିଁ ଆଉ ଆନମନା
କୃଷ୍ଣଚୂଡ଼ା ଫୁଲ ସୁନ୍ଦରତା ଦେଖି
କବିତା ଲେଖିବା ମୋତେ ମନା ।
ମୋ ପାଇଁ ଫଗୁଣ ବୈଶାଖର ଝାଞ୍ଜି
ତିକ୍ତ ଅନୁଭବ ଅନୁଭୂତି
ଲାଗେ ଇନ୍ଦ୍ରଧନୁ ବେରଙ୍ଗ ବେରଙ୍ଗ
ଜଳାଏ ମଧୁର ଚୋରା ପିରତି ।
ସମୁଦ୍ର ବେଳାରେ ବାଲିଘର ତୋଳା
କେବେଠାରୁ ଭୁଲି ଗଲିଣି
ଭିଡ଼ ଭିତରେ ବି ନିସଂଗତା ପଣ
କଳିଜାକୁ ଚିରି ଦେଲାଣି ।
ଆଶା ଓ ଭରସା ବିଶ୍ୱାସର ବସା
ସମାଧିସ୍ଥ ହୋଇଗଲା ପରେ
ସ୍ୱପ୍ନର କୋଣାର୍କ ପ୍ରେମର ମନ୍ଦିର
ଗଢ଼ି କିବା ହୁଏ ଛଳନାରେ ?
ଭାଙ୍ଗି ଯାଇଥିବା ମନ ଆଇନାକୁ..
ଯୋଡି ହୁଏନାହିଁ ଆଉଥରେ
ମରିବା ପୂର୍ବରୁ ମରିବାକୁ ହୁଏ
ରାତିଦିନ ପ୍ରତି ମୁହୂର୍ତ୍ତରେ ।

**ବାସୁଦେବପୁର,ଭଦ୍ରକ**
**ମୋ- ୯୪୩୭୩୨୦୩୫୦**

## ହଜିଛି ମୋ ପିଲାଦିନ

✶ରାଧା ରାଣୀ ପଟ୍ଟନାୟକ

ଅତୀତର ସ୍ମୃତି ଖୋଜି ମୁଁ ପାଉନି
ଅଝଟିଆ ପିଲାଦିନ
ସାଙ୍ଗ ସାଥୀ ମେଳ ଗଛ ମୂଳେ ଖେଳ
ଅଭୁଲା ସେ ସୃତି ଚିହ୍ନ ।
ସମୟ ସୁଅରେ ହଜିଛି ସେ ସ୍ମୃତି
ପାଉନାହିଁ ଖୋଜି ଖୋଜି
ମୋ ମନ ଭିତରେ ଝଲସି ଉଠୁଛି
ସଦ୍ୟ ପ୍ରସ୍ଫୁଟିତ ଫୁଲ ସାଜି ।
ବରଷା ପାଣିରେ ଆମରି ଗଳିରେ
କାଗଜ ଡଙ୍ଗାର ଖେଳ
ସନ୍ଜୁ ହୋଇଗଲେ ଲଣ୍ଠନ ଟି ଧରି
ପଢିବାର ସେହି ବେଳ ।
ଟଙ୍କାଟିଏ ଧରି ଆଚାର ପାମ୍ପଡ
ଆଇସକ୍ରିମ ଖାଇବା ମଜା
ହଜିଗଲା କାହିଁ ସେହି ଦିନ ସବୁ
ମୁଢି ମୁଆଁ ଲଡୁ ଖଜା ।
କୁଆଁର ପୁନେଇ ଆସିଗଲା ପରେ
ବଉଳ ବେଣୀ ର ଗୀତ
ଖୁଦୁରୁ କୁଣି ଓ ରାକ୍ଷୀ ପୁନେଇ ଯେ
କେତେ କେତେ ଓଷା ବ୍ରତ ।
କଳା ଧଳା ଟିଭି ଗାଁ ଅଗଣାରେ
ବସି ଦେଖିବାର ମଜା
ଆଧୁନିକ ଯୁଗେ ହଜିଛି ସେ ଦିନ
ଇଣ୍ଟରନେଟ୍ ଏବେ ରଜା ।

**ବରଗଡ, ଚନ୍ଦନ ନଗର**
**ମୋ- ୮୯୧୭୨ ୩୭୧୩୭**

## ମୃତ୍ୟୁଟା ମିଛ ଏଠି ଜୀବନଟା ସତ...

✶ ଲକ୍ଷ୍ମୀକାନ୍ତ ଦାସ

ତୁ ରାଗିଛୁ ନାଁ ଧନ
ମୋ ଉପରେ,ମୁଁ କରୁଛି ବୋଲି
ତୋତେ ହଇରାଣ
ତୋ ଜୀବନରେ ମୁଁ
ଅଯଥାରେ ମୁଣ୍ଡ ଖେଳାଇ
କରୁଛି କେତେ ବିଘଟଣ
ତୋ ସାଥେ ମୋର ଭେଟ
ଭାବୁଛୁ ନିଶ୍ଚେ ବଡ଼ ଦୁର୍ଘଟଣା
ମୋ ପାଇଁ ଜୀବନ ତୋର
ହୁଏ ବାଟ ବଣା ....
ନାଁ ନାଁ ଧନ ମୋର
ମୋ ଉପରେ ରାଗ ନାଁ....
ମୁଁ ଏଠି କିଛି ନୁହଁ,
ତୁ ବି ତୁ ନୁହଁ
କେହି ଏଠି କିଛି ନୁହଁ
ଭିନ୍ନ ଭିନ୍ନ ସ୍ଥାନରେ
ଆମେ ସବୁ ଘୁରୁ ଅଛୁ
ଘୁରିବା ଟା ସତ ଏଠି
ରହିବାଟା ମିଛ
ମୃତ୍ୟୁଟା ମିଛ ଏଠି
ଜୀବନଟା ସତ
ସମୟ ତ ଏଠି ଘୂର୍ଣ୍ଣୟମାନ
ମୃତ୍ୟୁ ର ଖୋଳପା ପିନ୍ଧି
ଜୀବନଟା କରେ ବିଚରଣ
ମୁଁ ଏଠି ତ ମୁଁ ନୁହେଁ
ତୁ ବି ତ ତୁ ନୋହୁଁ
ଆମେ ସବୁ ଗୋଟେ ଗୋଟେ
ନୀଳ ଆକାଶରେ ଭାସୁଥିବା
ଜୀବନର ସୂକ୍ଷ୍ମ ରେଣୁ
ଶବ୍ଦ ବି ଏଠି ପରମାଣୁ ସାଜେ,
ଜୀବନ ଜୀବନ ଭିତରେ ଆକର୍ଷଣ ହେତୁ
ଏମିତି ଧକ୍କା ହୋଇଯାଏ
ମୃତ୍ୟୁ ଗଣୁ ଗଣୁ ...
ସେଥିପାଇଁ ଧନ କ୍ଷମା କରିଦେବୁ
ଦୟା,କ୍ଷମା ଅଟେ ମୁକ୍ତିର ବାଟ
ଯିଏ ପରିଶୋଧ କରେ
ଜୀବନର ଅଦୃଶ୍ୟ ଋଣ
ଜୀବନ ସତ୍ୟ ମୃତ୍ୟୁ ମିଥ୍ୟା
ଜାଣିପାରେ ନାହିଁ ଅଜ୍ଞାନୀ ଜୀବ
ମିଛରେ ଭ୍ରମଇ ଚଉଦ ଭୁବନ
ଜାଣିବାକୁ ହେଲେ,ବୁଝିବାକୁ ହେଲେ
ସୃଷ୍ଟି ରହସ୍ୟର ଗୂଢ କଥା
ସାଧିବାକୁ ହେବ
ଅନେକ ଜୀବନ(ସମୟ)
ତେବେ ଯାଇଁ ମିଳିପାରେ ଦିବ୍ୟ ଜ୍ଞାନ
ଜୀବନ ସତ୍ୟ ମୃତ୍ୟୁ ମିଥ୍ୟା
ଏ ସଂସାର ଜୀବନ ମୃତ୍ୟୁର ଆବରଣ
ତୁ ରାଗିଛୁ ନାଁ ଧନ
ମୋ ଉପରେ,ମୁଁ କରୁଛି ବୋଲି
ତୋତେ ହଇରାଣ ...

*ନାହାଳା ପୁର, ବେଣୀରାମ*
*ପୁର,କଟକ*
*ମୋ - ୯୪୩୯୬୧୪୬୭୭*

## ମାଆର ପଣତ ଲୁହରେ ଭିଜେ

ଯେଉଁ ପୁଅଟି ଜନ୍ମ ହେଲା ପରେ
ବାପା ମାଆ ଖୁସି ହୋଇ,
ଘର ଘର ବୁଲି ମିଠା ବାଣ୍ଟୁଥିଲେ
ସନ୍ତାନ ମଙ୍ଗଳ ପାଇଁ ।

ସେହି ପୁଅ ଏବେ ବଡ଼ ହେଲା ପରେ
ବାଣ୍ଟୁ ଅଛି ବାପା ମାଆ,
ସାନ ଭାଇ ପାଖେ ମାଆ ରହିଅଛି
ବାପାର ସେ ଏକା ସାହା ।

ବାପା ମାଆ ଏବେ ବୋଝ ହୋଇଗଲେ
ବୁଢ଼ା ବୁଢ଼ୀ ହେଲା ପରେ,
ଜୀବନ ଯୌବନ ଧନ ସମ୍ପଦ ଯେ'
ଢାଳି ଦେଲେ ତୁମ ଠାରେ ।

ମାଆର ପଣତ ଲୁହେ ଭିଜିଯାଏ
ଭାବି ଭାବି ବାପା କଥା,
ସମୟ ଆସିଲେ ଅଙ୍ଗେ ନିଭେଇବ
ବୟସ ବେପଥୁ ବ୍ୟଥା ।

*ଗୋଲୋକବିହାରୀ ବେହେରା*
*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ*
*ଷଡ଼ଙ୍ଗୀ, ଢେଙ୍କାନାଳ*
*ମୋ : ୯୯୩୮୩୦୩୦୪୬*

# ସାମର୍ଥ୍ୟ...

## ମନୋଜ କୁମାର ବେହେରା

ରାତି ସାଢେ ଏଗାରଟା ବାଜିଥିଲା ଆଉ ତା'ର ଫୋନ୍ ଆସିଲା । ହ୍ୟାଲୋ..କିଏ ଧୀର ସ୍ୱରରେ କହିଲା ନୀରା ।

ହଁ..କୁହ ସେ ମଧ୍ୟ ହ୍ୟାଲୋ କହିଲା ।

ସବୁ ପ୍ରସ୍ତୁତି କରି ସାରିଲଣି,ସକାଳ ଚାରିଟାରେ ବସ୍ ଅଛି । ମୁଁ ନିଜର ଡ୍ରେସ୍ ସବୁ ବ୍ୟାଗ୍‌ରେ ପ୍ୟାକ କରିଦେଇଛି,ଟଙ୍କା ଆଉ ଗହଣା ପୂରେଇବା ବାକି ଅଛି ! ସେପଟୁ ମନୋଜ କହିଲା,ସାଙ୍ଗରେ ଡକ୍ୟୁମେଣ୍ଟ ପୁରେଇ ଦେଇଥିବ,ହେଇପାରେ ସେଠାକୁ ଗଲେ ଦୁହିଁଙ୍କୁ ଚାକିରି କରିବାକୁ ପଡିପାରେ । ଆମକୁ ତ ନୂଆ ଘର-ସଂସାର ବସେଇବାକୁ ହେବ । ହଉ..ମୁଁ ସବୁକିଛି ନେଇକରି ତୁମକୁ ଗଲାବେଳେ ଫୋନ୍ କରିବି ।

ଏବେ ପ୍ରଥମେ ନୀରା ଯାଇକରି ମା'ର ଆଲ୍‌ମାରୀ ଖୋଲିଲା,ଆଉ ସେଥିରୁ ସେ ଗହଣାର ବାକ୍ସକୁ ଖୋଲିଲା,ତା'ପାଇଁ ବନା ଯାଇଥିବା ମଙ୍ଗଳ ସୂତ୍ରକୁ ବ୍ୟାଗ୍‌ରେ ରଖିଲା,ଆଙ୍ଗୁଠି ଆଉ ଝୁମୁକା ଗହଣାକୁ ତା'ର ବ୍ୟାଗ୍‌ରେ ପୁରେଇଲା । ଆଉ ସୁନାର ଚୁଡିକୁ ମଧ୍ୟ ଉଠେଇ ବ୍ୟାଗ୍‌ରେ ପୁରାଉଥିବା ବେଳେ ମା'ର ଫଟୋ ତଳେ ପଡିଗଲା । ତା'ର ମନେ ପଡିଲା ମା'ର ବହୁ ବର୍ଷର ଇଛା ଥିଲା କି ସୁନା ଚୁଡି ପିନ୍ଧିବ । ଯେତେବେଳେ ବାପାଙ୍କର ଏରିୟର ମିଳିଥିଲା ଆଉ ଚୁଡି ତିଆରି କରିବାକୁ ଯାଇଥିଲେ,ସେତେବେଳେ ମା' ଏହା କହିକି ତା' ପାଇଁ ସମ୍ଭାଳି କରି ରଖି ଦେଇଥିଲେ ଯେତେବେଳେ ଦୀପକର ଇଂଜିନିୟରିଂ ସରିଯିବ ଆଉ ସେ ଚାକିରୀ କରିବ ସେତେବେଳେ ସେ ବହୁତ ଗହଣା ତିଆରି କରିବ । ଏବେ ନୀରାର ବାହାଘର ପାଇଁ ରଖି ଦେଉଛି । ମୋ ଝିଅ ଏହାକୁ ପିନ୍ଧିଲେ ବହୁତ ସୁନ୍ଦର ଦେଖାଯିବ । ସେ ଫଟୋକୁ ତଳୁ ଉଠେଇ ଆଲ୍‌ମାରୀ ଭିତରେ ରଖିଦେଲା ।

ଏବେ ପାଳିଥିଲା ଟଙ୍କାର, ଘରେ ପଚାଶ ହଜାର ଟଙ୍କା ଥିଲା । ବାପା କାଲି ବ୍ୟାଙ୍କରୁ ଏଜୁକେସନ୍ ଲୋନ୍ କରି ଆଣିଥିଲେ ଘରକୁ । ଦୀପକର ଆଇ.ଆଇ.ଟିର ଦ୍ୱିତୀୟ ବର୍ଷ ଚାଲିଥିଲା । ଘରର ଟଙ୍କା, ପଇସାର ହିସାବ ନିରା ପାଖରେ ରହୁଥିଲା । ବାପା ସବୁବେଳେ କହୁଥିଲେ ଯେତେବେଳେ ନୀରା ଜନ୍ମ ହେଲା ତା' ପୂର୍ବରୁ ସେ ଷ୍ଟେସନରେ କୁଲିର କାମ କରୁଥିଲେ । ଯେମିତି ନୀରା ଜନ୍ମ ହେଲା ତା' ବାପାଙ୍କୁ ସରକାରୀ ଚାକିରି ମିଳିଗଲା । ସେ ମୋର ଭାଗ୍ୟର ଦେବୀ ଅଟେ । ମୋର ଗେହ୍ଲୀ ଝିଅ ! ଏବେ ସେ ଡକ୍ୟୁମେଣ୍ଟ ସବୁ ବ୍ୟାଗ୍‌ରେ ପୂରେଇଲା । ବ୍ୟାଗ୍‌ରେ ରଖିଦେଲା ପରେ ଏବେ ତାକୁ ଦେଖିବାର ଥିଲା କି ଘରେ ସମସ୍ତେ ଶୋଇଛନ୍ତି ନା' ନାହିଁ । ସେ ପ୍ରଥମେ ଦୀପକର ରୁମ୍ କବାଟ ପାଖକୁ ଗଲା ଆଉ ଭିତରକୁ ଉଙ୍କିଲା,ଦୀପକ ଏବେ ବି ପଢୁଥିଲା,ତା'ର ଖାଇବା ଥାଳି ସେମିତି ତା' ଟେବୁଲ୍ ପାଖରେ ଢାଙ୍କିହୋଇ ଥିଲା ଯେମିତି ସେ ରଖିକରି ଆସିଥିଲା । ଆଉ ତା' ମା'ଙ୍କ ପାଖକୁ ଯାଇ ଦେଖିଲା କି ମା' ଔଷଧ ଖାଇକରି ଗଭୀର ନିଦ୍ରାରେ ଶୋଇଛନ୍ତି । ମା' ସବୁବେଳେ କହେ କି ଏହି ଔଷଧରେ କିଛି ତ ଗଡବଡ ଅଛି ଯେଉଁଥି ପାଇଁ ମୋତେ ନିଦ ବହୁତ ଲାଗୁଛି । ତା'ପରେ ଯାଇ ବାପାଙ୍କ ରୁମ୍‌କୁ ଗଲା ଆଉ ଦେଖିଲା ସେ ଟେବୁଲ୍ ଉପରେ ବ୍ୟାପାରୀମାନଙ୍କର ହିସାବ କରୁଥିଲେ । ଦୀପକ ଭାଇର ପଢା ଖର୍ଚ୍ଚ ପାଇଁ ସେ ସନ୍ଧ୍ୟାରେ ପାର୍ଟ ଟାଇମ୍ ଚାକିରି କରୁଥିଲେ ।

ଯେତେବେଳେ ସମସ୍ତେ ନିଜ କାମରେ ବ୍ୟସ୍ତ ଥିଲେ ସେ ନିଜ ରୁମ୍‌କୁ ଆସିଲା ଆଉ ମନୋଜକୁ ଫୋନ୍ ଲଗେଇଲା । କହିଲା,ସବୁ ରାସ୍ତା ସଫା ଅଛି,ସମସ୍ତେ ନିଜ କାମରେ ଲାଗିଛନ୍ତି । ମୁଁ ଚୁପ୍‌ଚାପ୍ ଘରୁ ବାହାରି ଆସିଲା ପରେ ପ୍ରଥମେ ତୁମକୁ ଫୋନ୍ କରିବି ।

ଆଛା ! ତୁମେ ସବୁ ଗହଣା ଆଉ ଟଙ୍କା ବ୍ୟାଗ୍‌ରେ ରଖି ଦେଇଛ ତ !

ହଁ..ପୂରେଇ ଦେଇଛି । ତୁମେ ବାରମ୍ବାର ଟଙ୍କା ଆଉ ଗହଣା ବିଷୟରେ କାହିଁକି ପଚାରୁଛ ? ମୁଁ ତ କିହିଲି କି ପୂରେଇ ଦେଇଛି । ଆରେ ବେବୀ ! ରାଗୁଛ କ'ଣ ପାଇଁ । ଏଥିପାଇଁ କହୁଥିଲି କି ଆମକୁ ତ ନୂଆ ଭାବରେ ସଂସାର କରିବାକୁ ହେବ । ନୂଆ ଜାଗାରେ କ'ଣ ସାଙ୍ଗେ ସାଙ୍ଗେ ଚାକିରି ମିଳିବନି । ଆଉ ଆମର ଘର ଚଳେଇବା ପାଇଁ ଆଗକୁ ଟଙ୍କାର ଆବଶ୍ୟକତା ପଡିବ । ମୋର ମୋବାଇଲ୍ ବହୁତ ପୁରୁଣା ହେଇଗଲାଣି ଆଉ ମୋତେ ନୂଆ ଫୋନ୍ ଯେମିତି ହେଲେ କିଣିବାକୁ ପଡିବ । ଆଉ ମୁଁ କୌଣସି ନା' କୌଣସି ଚାକିରି ଖୋଜି ପକେଇବି । ଯେଉଁଥିରେ ଆମେ ଆରାମରେ ଚଳିବା । ନୀରା ଏହା ଶୁଣି ରାଗିକରି କହିଲା,ତୁମକୁ ଗୋଟିଏ କଥା ପଚାରିବି ? କ'ଣ ତୁମ ପାଖରେ ଏତିକି ସାମର୍ଥ୍ୟ ନାହିଁ କି ତୁମେ ରୋଜଗାର କରି ମୋତେ ପୋଷି ପାରିବ । ଏମିତି କଥା ନୁହେଁ ନୀରା ! ମୁଁ ତୁମ ବିନା ରହି ପାରିବିନି, ଆଉ ଆମେ ଯାଇକରି ଆଗେ ମନ୍ଦିରରେ ବିବାହ କରିବା, ଆଉ କାମ ମିଳିଗଲେ ଆମେ ଆରାମରେ ଜୀବନ ବିତେଇବା। ଶୁଣ ମନୋଜ ତୁମେ ଘରୁ କେତେ କ'ଣ ଆଣୁଛ ମୋତେ ତ ଏଯାଏଁ କହିନାହଁ ଖାଲି ମୋତେ କହୁଛ ଘରୁ ଏଇଆ ନେଇକରି ଆସ । ଶୁଣ ତୁମେ ଗୋଟିଏ କାମ କର,ଏବେ ଆମର ପଳେଇ ଯିବାର ପ୍ଲାନ୍‌କୁ ରଦ୍ଦ କରିଦେବା । ପ୍ରଥମେ ତୁମେ କାମ କିଛି କର ଆଉ ଏତେ ଟଙ୍କା ଏକାଠି କର ଯେମିତି ଦୁଇ ମାସ ପର୍ଯ୍ୟନ୍ତ କାମ ନମିଳିଲେ ମଧ୍ୟ ଆମକୁ ଭୋକରୁ ମରିବାର ସ୍ଥିତି ଉତ୍ପନ୍ନ ଯେମିତି ହେବନି । ଯେମିତି ତୁମେ ଟଙ୍କା ଏକାଠି କରିଦେବ ଆଉ ମୋତେ ଜଣେଇ ଦେବ ଆଉ ଆମେ ଘର ଛାଡି ପଳେଇବା । ସେ ପର୍ଯ୍ୟନ୍ତ ଅପେକ୍ଷା କର ମନୋଜ । ଦୁଇ ମାସ ଭିତରେ ତୁମେ ଯଦି ନକରି ପାରିଲ ତାହେଲେ ମୋତେ ତୁମେ ଭୁଲି ଯିବ । ଆରେ ନୀରା..ମୋ କଥାତ ଶୁଣ..ଶୁଣ..! ନୀରା ଏବେ ଫୋନ୍ ରଖିଦେଲା ଆଉ ତା' ବାପାଙ୍କ ରୁମ୍‌କୁ ଯାଇ ଉଙ୍କିଲା । ସେତିକି ବେଳେ ତା'ର ବାପା ହିସାବ ଲେଖୁଥିଲେ । ସେ କବାଟକୁ ଟିକିଏ ଠକ୍ ଠକ୍ କରି ଭିତରକୁ ଗଲା ଆଉ ତା' ବାପା ତାକୁ ଦେଖିକରି କହିଲେ,କ'ଣ ହେଲା ନୀରା ! ତୁ ଏପର୍ଯ୍ୟନ୍ତ ଶୋଇନୁ । ବାପା ଗୋଟିଏ କଥା କହିବାର ଥିଲା,କହୁନୁ ନୀରା ! ଯେପର୍ଯ୍ୟନ୍ତ ଦୀପକର ପାଠପଢା ନ ସରିଛି ମୁଁ ଚାକିରି କରିବାକୁ ଚାହୁଁଛି । ମୋର ପାଠପଢା ସରି ଯାଇଛି ମୁଁ ଘରେ ବେକାର ହୋଇ ବସି ରହିବା ଅପେକ୍ଷା ବାହାରେ କାମ କରି ଦି ପଇସା ରୋଜଗାର କରିବି ।

ନୀରା କଥା ଶୁଣିକି ତା' ବାପା ଝିଅର ମୁଣ୍ଡ ଉପରେ ହାତ ବୁଲେଇ ଦେଲେ । ବାପା ଆଉ ନୀରା ଦୁହିଁଙ୍କର ଆଖି ଲୁହରେ ଛଳ ଛଳ ହୋଇଗଲା ।

*ପ୍ଲଟ ନ ଘର-୨୧୭/ପି,ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨*
*ଫୋନ୍-୭୯୭୮୮୩୦୬୧୧*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik




ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଗୌଡଗୁଡ଼ା କ୍ଲଷ୍ଟରର ନିଳିମାରି ଆଶ୍ରମ ବିଦ୍ୟାଳୟରେ ଏମ.ଭି-୧୦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରତିଭା ରଥ ଓ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ରାଧାରାଣୀ ରାୟଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ଗୌଡଗୁଡା ପଞ୍ଚାୟତର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ । କ୍ଲଷ୍ଟର ସିଆରସିସି ରଣଜିତ୍ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଆରସିସି ଗୌରାଙ୍ଗ ସଜ୍ଜନ, ସମ୍ମାନିତ ଅତିଥି ଭାବେ ଏମ.ଭି ୧୫ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜିବ ବୈଦ୍ୟ ଓ ମୁଖ୍ୟ ବକ୍ତା ଭାବରେ ନିଳିମାରି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀରା ମାଡି ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ସୁରେନ୍ଦ୍ର ଗୌଡ଼ ସଭା କାର୍ଯ୍ୟ ସଂଯୋଜନା କରିଥିଲେ । ଏଥିରେ ପ୍ରଶାନ୍ତ କୁମାର ସେଠୀ, ପ୍ରତାପ ପଣ୍ଡା, ପୁଷ୍ପଲତା ମୋହିନୀ, ମମତା ମହଲ, ଶଶିରେଖା ଦାସ, କୁନି ଡୁରୁକା, ଜ୍ୟୋତିର୍ମୟୀ ଜୟସିଂହ, ଉମାକାନ୍ତ ମୁଦୁଲି ପ୍ରମୁଖଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ । ଶେଷରେ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଜିପିଏଲ୍ଏଫ୍ କର୍ମୀ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଅବହେଳିତ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଓଡିଶା ଜିପିଏଲଏଫ କର୍ମୀ ସାମୁଖ୍ୟ ସଂଘର ଭଦ୍ରକ ଜିଲ୍ଲା କର୍ମକର୍ତ୍ତା । ଅଭିଯୋଗ ଅନୁଯାଇ ଜିପିଏଲଏଫକର୍ମକର୍ତ୍ତା ମାନଙ୍କୁ ମିଳୁଥିବା ପ୍ରାପ୍ୟ ପରଫର୍ମାନ୍ସ ଇନସେଣ୍ଟିଭ ବେସ୍ଡ,ଏକ ଧାର୍ଯ୍ୟ ବେତନ ପ୍ରଦାନ ନିମନ୍ତେ ସେମାନେ ଦାବିପତ୍ର ଭଦ୍ରକ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଭଦ୍ରକ ଜିଲ୍ଲାର ସମସ୍ତ ବ୍ଲକର ଜିପିଏଲଏଫ କର୍ମୀ ସାମୁଖ୍ୟ ସଂଘର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ ଜିଲ୍ଲପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାଇ ୨୦୦୯ ମସିହାରୁ ସେମାନେ ନିୟମିତ ଭାବେ ଧାର୍ଯ୍ୟ ଦରମା ପାଇ ଆସୁଥିଲେ, ହେଲେ ସରକାରଙ୍କ ପତ୍ର ସଂଖ୍ୟା ୨୬୭୦ ତା. ୨୯.୦୩.୨୦୨୫ ଅନୁଯାଇ ସେମାନଙ୍କର ପାରିଶ୍ରମିକ ବାବଦକୁ ଆର୍ଥିକ ରାଶି ଧାର୍ଯ୍ୟ ପ୍ରାପ୍ୟ ପରିବର୍ତ୍ତେ ପାରଫର୍ମାନ୍ସ ଇନସେଣ୍ଟିଭ ହିସାବରେ ପାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଫଳସ୍ୱରୂପ ମାସିକ ଦରମାରେ ସିଏସ୍ଏସ୍ ମାନଙ୍କ ମଧ୍ୟରେ ତାରତମ୍ୟ ସୃଷ୍ଟି ହେବା ସହିତ ଅସମାନତା ଦେଖାଦେଇଛି । କାରଣ ରାଜ୍ୟରେ ଥିବା ୬୭୯୪ ଗ୍ରାମ ପଞ୍ଚାୟତରେ ସମାନ ସଂଖ୍ୟକ ଏସ୍ଏଚ୍ଜିଏବଂ ସିଏଲ୍ଏଫ୍ ନଥିବାରୁ ସିଏସ୍ଏସଙ୍କର ପ୍ରାପ୍ୟ ସମାନ ହେଉ ନାହିଁ । ଅଧିକ ଏସ୍ଏଚ୍ଜି ଏବଂ ସିଏଲ୍ଏଫ୍ ଥିବା ଗ୍ରାମ ପଞ୍ଚାୟତରେ ସିଏସ୍ଏସ୍ମାନେ ଅଧିକ ପ୍ରାପ୍ୟ ପାଇବାର ସୁଯୋଗ ପାଉଥିବା ବେଳେ କମସଂଖ୍ୟକ ଏସ୍ଏଚ୍ଜି ଓ ସିଏଲ୍ଏଫ୍ ଥିବା ଗ୍ରାମ ପଞ୍ଚାୟତରେ ସିଏସ୍ଏସ୍ମାନେ କମ ପ୍ରାପ୍ୟ ପାଇବେ । ଯଦି କୌଣସି ସିଏସ୍ଏସ୍ଙ୍କର ଶାରୀରିକ ଅସୁସ୍ଥତା ପାଇଁ କିଛିଦିନ କାର୍ଯ୍ୟ ନକରି ପାରନ୍ତି ତେବେ ସେ ପରଫର୍ମାନ୍ସ ଇନସେଣ୍ଟିଭ ପାଇବାରୁ ବଞ୍ଚିତ ହେବେ । ତେଣୁ ପରଫର୍ମାନ୍ସ ଇନସେଣ୍ଟିଭ ପରିବର୍ତ୍ତେ ଏକ ଧାର୍ଯ୍ୟ ବେତନ ପ୍ରଦାନ ପାଇଁ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ସକାରାତ୍ମକ ଫଳାଫଳ ପାଇଁ ଅଭିଯୋଗ ଫର୍ଦ ଦାଖଲ କରିଛନ୍ତି । ଓଡିଶା ଜିପିଏଲଏଫ କର୍ମୀ ସାମୁଖ୍ୟ ସଂଘର ସଭାନେତ୍ରୀ ରଶ୍ମିବାଳା ପାଢ଼ୀ, ସମ୍ପାଦିକା ବିଜୟଲକ୍ଷ୍ମୀ ଜେନା ଓ କମଳା ମିଶ୍ରଙ୍କ ନେତୃତ୍ୱରେ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଉକ୍ତ ସମସ୍ୟାର ତୁରନ୍ତ ପ୍ରତିକାର ପାଇଁ ଜିଲ୍ଲପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ ।

# ଗୁରୁଶ୍ରୀ ସମ୍ମାନରେ ସମ୍ମାନିତ ହେଲେ ରାଜେନ୍ଦ୍ର ଓ ଦେବସ୍ମିତା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ ସିଟିଜି ଗ୍ଲୋବାଲ ସ୍କୁଲ, ସିଟିଜି ବିଦ୍ୟାମନ୍ଦିର, କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର ଡିଗ୍ରୀ କଲେଜ ଏବଂ ସିଟିଜି ପ୍ରଫେସନାଲରେ ଗୁରୁଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଚେୟାରମ୍ୟାନ୍ ଡ଼ ରାଜେନ୍ଦ୍ର ପଲେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଆଜିର ଏହି ପବିତ୍ର ଗୁରୁ ଦିବସରେ ସମସ୍ତ ଶିକ୍ଷକ ସମାଜକୁ ସମ୍ମାନ ଜଣାଇବା ସହିତ ଶୁଭେଚ୍ଛା,ଶୁଭକାମନା ଜ୍ଞାପନ କରିଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସିଟିଜି ଶିକ୍ଷା କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ଦୁଇଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ 'ଗୁରୁଶ୍ରୀ' ସମ୍ମାନରେ ସମ୍ମାନିତ କରିଛି । ବଡହଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ମହାନ୍ତ ଏବଂ ଅନ୍ୟଜଣେ ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟର ସୁନାମଧନ୍ୟା ବିଜ୍ଞାନ ଶିକ୍ଷୟିତ୍ରୀ ଦେବସ୍ମିତା ପଟ୍ଟନାୟକ । ସେମାନଙ୍କୁ କଲେଜ ତରଫରୁ ସୁଭଦ୍ରା ପଲେଇ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ପରେ କଲେଜର ପ୍ରିନ୍ସପାଲ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇବା ସହିତ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଶିକ୍ଷକମାନଙ୍କୁ ଉପଯୁକ୍ତ ପଦକ୍ଷେପ ନେବା ସହିତ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ପିଲାମାନଙ୍କୁ ଆଶୀର୍ବାଦ ଦେବା ସହ ଭଲ ମଣିଷ ହେବା ପାଇଁ ଶିକ୍ଷାର ଆବଶ୍ୟକତା ବିଷୟରେ ଅବଗତ କରାଇ ଥିଲେ । ପରେ ପିଲାମାନେ ଗୁରୁଦିବସ ବିଷୟରେ ନିଜ ନିଜ ବକ୍ତବ୍ୟ ରଖିବା ପରେ ପରେ ପିଲାମାନେ ଗୁରୁବନ୍ଦନା, ଦେଶାତ୍ମ ବୋଧକ ସଂଗୀତ, ଓଡିଶୀ ନୃତ୍ୟ ସହିତ ଆଧୁନିକ ନୃତ୍ୟରେ ସମସ୍ତଙ୍କ ମନୋରଞ୍ଜନ କରିଥିଲେ । ପରେପରେ ଯୁକ୍ତ ଦୁଇ ବାଣିଜ୍ୟର ଛାତ୍ର ଶ୍ରୀମାନ ରାଜୀବ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ସମାପନ କରିଥିଲେ ।

## କର୍ତ୍ତବ୍ୟରେ ଅବହେଳା ନେଇ ଦୁଇ ଶିକ୍ଷକଙ୍କ ଦରମା ବନ୍ଦ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଆଳଙ୍ଗପୁର ପଂଚାୟତରେ ଥିବା ବିଭିନ୍ନ ବିଦ୍ୟାଳୟକୁ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଅଚାନକ ପରିଦର୍ଶନ କରିବା ସହିତ କର୍ତ୍ତବ୍ୟରେ ଅବହେଳା କାରଣରୁ ଦୁଇ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି । ଆଳଙ୍ଗପୁର ପଂଚାୟତ ଅଧୀନ ଥିବା ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷକଙ୍କ କର୍ତ୍ତବ୍ୟରେ ଅବହେଳା କରିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ କରାଯିବା ସହ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି । ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଅଚାନକ ବିଦ୍ୟାଳୟ ପରିଦର୍ଶନ ସମୟରେ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ତ୍ରୁଟି ଦେଖିବାକୁ ପାଇଥିଲେ । ଏହା ସହ ଅନ୍ୟ ଜଣେ ଶିକ୍ଷକଙ୍କର କର୍ତ୍ତବ୍ୟରେ ଅବହେଳା କାରଣରୁ ତାଙ୍କୁ ତାଗିଦ କରି ଗୋଟିଏ ଦିନର ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ କରାଯାଇଛି । ଫଳରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ତାଙ୍କର ଗୋଟିଏ ଦିନର ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ କରି ୭ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ କହିଛନ୍ତି ।

## ହଜିଥିବା ମୋବାଇଲ ଖୋଜି ଫେରାଇଲେ ଥାନା ଅଧିକାରୀ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ଜଳାର ପୂର ଗ୍ରାମର ଜଗଦୀଶ ସାହୁଙ୍କ ପୁଅ ସତ୍ୟଜିତ ସାହୁଙ୍କ ଏକ ସ୍ମାର୍ଟ ଫୋନ ହଜିଯାଇଥିବା ନେଇ ନିଆଳି ଥାନାରେ ଅଭିଯୋଗ କରିଥିଲେ । ନିଆଳି ଥାନା ପୋଲିସ ଅଭିଯୋଗ ଆଧାରରେ ମୋବାଇଲଟିକୁ ଖୋଜି ପାଇବା ଶହ ଅଭିଯୋଗ କରିଥିବା ବ୍ୟକ୍ତିଙ୍କୁ ଥାନାକୁ ଡାକି ମୋବାଇଲଟି ଫେରାଇଛନ୍ତି । ଯାହାକୁ ନେଇ ଥାନା ଅଧିକାରୀଙ୍କୁ ପ୍ରଶଂସାର ପାତ୍ର ପାଲଟିଛନ୍ତି ।

## ରୋଗୀଙ୍କୁ ଷ୍ଟ୍ରେଚରରେ ବୋହିଲେ ଅଗ୍ନିଶମ ବାହିନୀ


ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଜଳାର ପୂର ପଂଚାୟତ ଆରତୀ ହୁଡ଼ା ଗ୍ରାମରେ ୮ଟି ପରିବାର ବସବାସ କରନ୍ତି । ଏହି ଗାଁ'କୁ ଯିବା ପାଇଁ ରାସ୍ତା ନ ଥିବାବେଳେ କାଦୁଅ ବିଲ ହୀନ ଭରସା । ଶନିବାର ଦିନ ଏହି ଗାଁ'ର ଦେବେନ୍ଦ୍ର ମଲିକଙ୍କ ସ୍ତ୍ରୀ ନିତା ମଲିକ ଦେହ ଅସୁସ୍ଥ ହେବାରୁ ଆମ୍ବୁଲାନ୍ସ ଡ଼କାଇଥିଲେ । ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ସ୍ଥାନୀୟ ଲୋକେ ଅଗ୍ନି ସେବା ବାହିନୀକୁ ଖବର ଦେଇଥିଲେ । ଅଗ୍ନିସେବା ବାହିନୀର କର୍ମଚାରୀମାନେ କାଦୁଅ ପଙ୍କ ବିଲରେ ଏକ କିଲୋମିଟର ଦୂର ପର୍ଯ୍ୟନ୍ତ ପଶି ଷ୍ଟ୍ରେଚର ସାହାଯ୍ୟରେ ଉପରକୁ ଆଣିଥିଲେ । ରୋଗୀ ନିତା ମଲିକଙ୍କୁ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ । ଏହି ଘଟଣା ସାରା ନିଆଳି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ଗାଁ'ଅଟେ । ଏତେ ବଡ଼ ବଡ଼ ଲୋକ ଥାଉ ଥାଉ ରାସ୍ତା ଟିଏ ନଥିବା ଦୁର୍ଭାଗ୍ୟ ଜନକ ।

# ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଶୁକ୍ରବାର ରାତି ୯ ଟା ପାଖାପାଖି ବନ୍ଧୁକ ଓ ଭୁଜାଳି ଦେଖାଇ ଲୁଟି ନେଲେ ଲକ୍ଷାଧିକ ଟଙ୍କା । ଏମିତି ଅଭାବନୀୟ ଘଟଣା ଘଟିଛି ରରୁଆ ଥାନା ଅନ୍ତର୍ଗତ ପାଣ୍ଡରସିଲ ଗାଁରେ । ପାଣ୍ଡରସିଲ ଗାଁରେ ଥିବା ଗାନ୍ଧୀ ଭେରାଇଟି ଷ୍ଟୋରର ଦୋକାନ ବନ୍ଦ କରିବା ସମୟରେ ତିନି ଜଣ ଦୁର୍ବୃତ୍ତ ପହଁଚିଥିଲେ । ଆସି ବନ୍ଧୁକ ଏବଂ ଭୁଜାଳି ଦେଖାଇ ଆତଙ୍କିତ ସୃଷ୍ଟି କରିଥିଲେ । ଭୟଭୀତ ହେଇ ଦୋକାନ ମାଲିକ ମାୟାଧର ସାହୁ ଟଙ୍କା ଦେଇ ଦେଇ ଥିଲେ ଦୁର୍ବୃତ୍ତ ମାନକୁ । ବନ୍ଧୁକ ଏବଂ ଭୁଜାଳି ଦେଖାଇ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇ ଥିବାର ଅଭିଯୋଗ ହେଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଆତଙ୍କ ଖେଳି ଯାଇଛି । ବିଶେଷ କରି ବ୍ୟବସାୟୀ ମାନେ ଅସୁରକ୍ଷିତ ମନେ କରୁଛନ୍ତି । ଅପର ପକ୍ଷେ ରରୁଆ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସି ସି ଟିଭି ଭିଜୁଆଲ ଯାଞ୍ଚ କରିବା ସହିତ ତଦନ୍ତ ଜାରି ରଖିଛନ୍ତି । ସୂଚନା ଥାଉକି ମୟୁରଭଞ୍ଜ ଜିଲ୍ଲାର ଶେଷ ସୀମାରେ ରହିଛି ରରୁଆ ଥାନା । ଏହି ଥାନାକୁ ଲାଗି ରହିଛି କେନ୍ଦୁଝର ଜିଲ୍ଲା ଏବଂ ପଡିଶା ରାଜ୍ୟ ଝାଡ଼ଖଣ୍ଡ । ଏହି ଥାନା ଅଧୀନରେ ରରୁଆ ବ୍ଲକର ୩ ଗ୍ରାମ ପଞ୍ଚାୟତ ଏବଂ ଶୁକ୍ରୁଲି ବ୍ଲକର ୧୦ ଗ୍ରାମ ପଞ୍ଚାୟତରେ ଅଧୀନରେ ଅଛି । କିନ୍ତୁ ଅନେକ ସମୟରେ ଶୁକ୍ରୁଲି ବ୍ଲକରେ ଡକାୟତି ଏବଂ ଚୋରି ହେବା ସତ୍ତ୍ୱେ ବି ସେ ଭଳି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଯାହାଫଳରେ ଦିନ କୁ ଦିନ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି । ଏହି ଘଟଣାକୁ ନେଇ ମୁହଁ ଖୋଲିଛନ୍ତି ଶୁକ୍ରୁଲି ବ୍ଲକର ଜିଲ୍ଲା ପରିଷଦ ସଭ୍ୟ ବିକାଶ ରଞ୍ଜନ ସି । ଶୁକ୍ରୁଲି ବ୍ଲକରେ ଅନେକ ସମୟରେ ଡ଼କାୟତି ଏବଂ ଚୋରି ହେଉଥିଲେବି ପୋଲିସ ର କାର୍ଯ୍ୟାନୁଷ୍ଠାନ ସେ ଭଳି ଦେଖିବାକୁ ମିଳୁ ନାହିଁ । ଏଥି ପ୍ରତି ଯଦି ସରକାର ଗୁରୁତ୍ୱ ନ ଦେବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ଥାନାରେ ପେଟ୍ରୋଲ ଢାଳି ମହିଳାଙ୍କ ଆତ୍ମାହୂତି ଉଦ୍ୟମ



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚଣ୍ଡିଆ ଗ୍ରାମରେ ଗଣେଶ ଭଷାଣୀକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଘଟିଥିବା ଘଟଣା ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି । ଗତ କାଲି ରାତିରେ ଦୁଇଘଣ୍ଟା ଧରି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ନ୍ୟାୟ ଭିକ୍ଷା କରିଥିବା ମହିଳା ଓ ପୁରୁଷଙ୍କ ନାମରେ ଥାନା ପକ୍ଷରୁ ୪୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରାଯାଇଥିବା ବେଳେ ଥାନାଧିକାରୀ ସମରଜିତ ନାୟକଙ୍କ ବିରୁଦ୍ଧରେ ମଧ୍ୟ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପାଖରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାଯାଇଛି । ଫଳରେ ଏହି ଘଟଣାଟି ଏବେ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଚର୍ଚ୍ଚାର ପରିଧିକୁ ଆସିଥିବା ବେଳେ ଘଟଣାଟି ଆଗକୁ କେଉଁ ମୋଡ଼ ନେଉଛି ଏନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ସୂଚନା ମୁତାବକ ଚଣ୍ଡିଆ ଗ୍ରାମରେ ଗଣେଶ ଭାଷାଣିକୁ ଦୁଇ ଗୋଷ୍ଠୀ ମଧ୍ୟରେ ଗତ ୨ ତାରିଖ ଦିନ ଗଣ୍ଡଗୋଳ ଘଟିଥିଲା । ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ୫ଟି ମାମଲା ରୁଜୁ କରାଯାଇଥିଲା । ତେବେ ଗୋଟିଏ ଗୋଷ୍ଠୀର ଦିଗମ୍ବର ଜେନାଙ୍କୁ ପ୍ରତିପକ୍ଷ ମାଡ଼ ମାରିବା ସହିତ ତାଙ୍କୁ ବାନ୍ଧି ଦୀର୍ଘ ସମୟ ଧରି ଜଣକ ଘରେ ଅଟକ ରଖିଥିଲେ । ଖବର ପାଇ ପୋଲିସ ସେଠାରୁ ତାଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ । ଦିଗମ୍ବରଙ୍କ ପତ୍ନୀ ସୁମିତ୍ରା ଜେନା ଥାନାକୁ ଆସି କେଉଁଥି ପାଇଁ ମୋ ସ୍ୱାମୀଙ୍କୁ ଥାନାକୁ ଆଣି ଅଟକ ରଖିଛ ବୋଲି ପ୍ରଶ୍ନ କରି ତାଙ୍କୁ ଛାଡି ଦେବାକୁ ଅନୁରୋଧ କରିଥିଲେ । ହେଲେ ତୁମେ ୫୦ ହଜାର ଟଙ୍କା ଦେଲେ ଆମେ ତୁମ ସ୍ୱାମୀଙ୍କୁ ଛାଡି ଦେବୁ ବୋଲି ପୋଲିସ କହିଥିଲେ । ମୁଁ ଏବେ ଏତେ ପଇସା କେଉଁଠୁ ଆଣିବି ବୋଲି କହି ମୁଁ ପରେ ଟଙ୍କା ଦେବି ସୁମିତ୍ରା କହିବାରୁ ପୋଲିସ ଦିଗମ୍ବରକୁ ୩ ତାରିଖ ଦିନ ୨ଟାରେ ଛାଡି ଦେଇଥିଲା । ହେଲେ ଗତ ୫ ତାରିଖ ଦିନ ସନ୍ଧ୍ୟା ସମୟରେ ପୁଣି ପୋଲିସ ଯାଇ ଦିଗମ୍ବରଙ୍କୁ ତାଙ୍କ ଘରୁ ଜୋର ଜବରଦସ୍ତ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ । ବିନା କାରଣରେ ପୁଣି କାହିଁକି ଦିଗମ୍ବରକୁ ପୋଲିସ ଉଠାଇ ଆଣିଲା ବୋଲି ତାଙ୍କ ପତ୍ନୀ ଓ ଅନ୍ୟ ବହୁ ମହିଳା ଗତ କାଲି ରାତି ୯ଟାରେ ଥାନାକୁ ଆସି ଥାନାଧିକାରୀଙ୍କ ବିରୁଦ୍ଧରେ ହଙ୍ଗାମା କରିଥିଲେ । ଅନ୍ୟ ଗୋଷ୍ଠୀର କାହାକୁ ଗିରଫ ନକରି ଦିଗମ୍ବରକୁ ପୁଣି କାହିଁକି ଥାନାକୁ ଆଣି ଅଟକ ରଖିଛ ବୋଲି ମହିଳା ମାନେ ଚିତ୍କାର କରିଥିଲେ । ଦିଗମ୍ବରକୁ ଛାଡି ଦିଅ, ନଚେତ ଆମେ ଥାନା ସମ୍ମୁଖରେ ଧାରଣା ଦେବୁ ବୋଲି ମହିଳା ମାନେ ଚେତାବନୀ ଦେଇଥିଲେ । ଏପରିକି ଦିଗମ୍ବରଙ୍କ ପତ୍ନୀ ଥାନା ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ପରେ ରାତି ୧୧ଟାରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲା । ତେବେ ଏହି ଘଟଣାକୁ ନେଇ ପୋଲିସ ଆଜି ବିକ୍ଷୋଭକାରୀ ମାନଙ୍କ ବିରୁଦ୍ଧରେ ୪୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରିଥିବା ନେଇ ଥାନା ସୂତ୍ରରୁ ଜଣାପଡ଼ିଛି । ଶୁକ୍ରବାର ବିକ୍ଷୋଭ ସମୟରେ ଜଣେ ମହିଳା କନେଷ୍ଟବଳଙ୍କୁ ଜଣେ ମହିଳା କାମୁଡି ଦେବା ସହିତ ପୋଲିସ ବିରୁଦ୍ଧରେ ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ୪୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରାଯାଇଥିବା ନେଇ ଥାନାଧିକାରୀ ନାୟକ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ଅପରପକ୍ଷରେ ଦିଗମ୍ବରଙ୍କ ପତ୍ନୀ ସୁମିତ୍ରା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଥାନାଧିକାରୀ ସମରଜିତ ନାୟକଙ୍କ ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ତେବେ ଦେଖାଯାଉ ଏଭଳି ଏକ ସ୍ପର୍ଶକାତର ଘଟଣାଟି ଆଗକୁ କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ରହିଲା ।

# ଆଦି କର୍ମଯୋଗୀ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ତିନି ଦିନିଆ ଆଦି କର୍ମଯୋଗୀ ତାଲିମ୍ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଉକ୍ତ ତାଲିମ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଗୁଡ଼ିକର ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ତାଲିମ୍ ଦିଆଯାଇଛି । ଏହି ତାଲିମରେ ତାଲିମାର୍ଥିଙ୍କୁ ବିଭିନ୍ନ କୌଶଳ ମାଧ୍ୟମରେ ଦଳଗତ ଆଲୋଚନା, ଉପସ୍ଥାପନା ଓ ବିଭିନ୍ନ ଖେଳ ମାଧ୍ୟମରେ ଅତି ସୁନ୍ଦର ଭାବରେ ତାଲିମ ଦେଇଥିଲେ । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ନିମନ୍ତେ ସେବା, ସମର୍ପଣ ଓ ସଂକଳ୍ପ ରଖି ଶେଷ ମାଇଲ ଖୁଣ୍ଟ ପର୍ଯ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପ୍ରଶାସନ ହିସାବରେ କାର୍ଯ୍ୟ କରିବା ଓ ଗ୍ରାମର ସର୍ବାଙ୍ଗୀନ ଉନ୍ନତି କରିବା ନିମନ୍ତେ ଶପଥ ନେଇଥିଲେ । ଆଦି କର୍ମଯୋଗୀ ତାଲିମରେ ସରକାରୀ ଅଧିକାରୀଙ୍କୁ ଗୋଷ୍ଠୀର ଜନସାଧାରଣଙ୍କ ଜ୍ଞାନ, କୌଶଳ, ମନୋବୃତି ବୃଦ୍ଧି କରାଯାଇ ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବା ବିଷୟରେ ବୁଝା ଯାଇଥିଲା । ଉକ୍ତ ତାଲିମରେ ତାଲିମ ଦାତା ହିସାବରେ ବିଡ଼ିଓ ମାଥିଲି, ବିଡ଼ିଓ ମାଲକାନଗିରି, ବିଡ଼ିଓ କାଳିମେଳା, ପ୍ରକଳ୍ପ ଅଧିକାରୀ ମହିଳା ଓ ଶିଶୁ ବିକାଶ, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ଡେପୁଟି ରେଞ୍ଜର, ଜିଲ୍ଲା ମହାମାରୀ ବିଶେଷଜ୍ଞ, ପ୍ରୋଗ୍ରାମ ମ୍ୟାନେଜର ପିରମଲ ଫାଉଣ୍ଡେସନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି ତାଲିମର ମତାମତ ତଳିମର୍ଥିଙ୍କୁ ପଚାରିବାରୁ ସେମାନେ ପୂର୍ବରୁ ଏଭଳି ଗ୍ରାମ୍ୟ ଯୋଜନା ପ୍ରସ୍ତୁତି ସମ୍ବନ୍ଧୀୟ ତାଲିମ ପୂର୍ବରୁ କେବେ ପାଇ ନଥିବା ମତାମତ ଦେଇଥିଲେ ଓ ତାଲିମ୍‌କୁ ଅତି ଆନନ୍ଦରେ ଗ୍ରହଣ କରିଥିଲେ । ଉକ୍ତ ତାଲିମରେ ପ୍ରକଳ୍ପ ପରିଚାଳକ ଆଇଟିଡିଏ ମାଲକାନଗିରି ବିଶ୍ୱନାଥ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିଣ୍ଡିପୁର ତାରିଣୀ ଛକରୁ ଖୁଣ୍ଟିଆବାଣପୁର ରାସ୍ତା ଅବସ୍ଥା ଶୋଚନୀୟ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ବଡାଲ ପଞ୍ଚାୟତର ବିଣ୍ଡିପୁର ଛକ ଠାରୁ ଖୁଣ୍ଟିଆବାଣପୁରକୁ ଯାଇଥିବା ପ୍ରଧାନମନ୍ତ୍ରୀ ସଡକରାସ୍ତାରେ ପିଚୁ ଉଠି ଠାଆକୁ ଠାଆ ଖମା ସୃଷ୍ଟି ହୋଇଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି । କେନ୍ଦ୍ର ଓ ରାଜ୍ୟସରକାର ଗ୍ରାମା ଅଂଚଳର ପ୍ରଗତି ପାଇଁ ରାସ୍ତା ଘାଟ ନିର୍ମାଣ ଉପରେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରାସ୍ତା କାର୍ଯ୍ୟ ସରିବାପରେ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ପ୍ରତି ଦୃଷ୍ଟି ଦେଉନଥିବାରୁ କଣାସ ବ୍ଲକର ଅନେକ ପ୍ରଧାନମନ୍ତ୍ରୀ ସଡକ ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତା ଦେଇ ଦୈନ ଦିନ ବଡାଲ, କାଦୁଆ, ଗୋପିନାଥ ପୁର, ଗଡିଶାଗୋଡା, ଯାମଳଗୋଡା, ଦୋଛିଆଁ, ଦେଇପୁର, ଗଡଖାରଦ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ବାଲୁଗାଁ, ରଣପୁର, ନିରାକାରପୁର ଓ କଣାସ ପ[illegible]ୟତ ସମିତି କାର୍ଯ୍ୟାଳୟକୁ ଯାତାୟତ କରନ୍ତି । ତୁରନ୍ତ ରାସ୍ତା ମରାମତୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଭତ୍ତା ଦୁର୍ନୀତିକୁ ସରକାରଙ୍କ ଛାଟ

# ଭୋଟର ଲିଷ୍ଟ ସାନି ଯାଞ୍ଚ କରିବାକୁ ନିର୍ଦ୍ଦେଶ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକର ଭତ୍ତା ଦୁର୍ନୀତିକୁ ଲାଗିଛି ଶକ୍ତ ଝଟକା । ଭୋଟର ଲିଷ୍ଟରେ ହେରାଫେରି କରି ବୟସକୁ କମାଇ ଏବଂ ବଢାଇ ନେଉଥିବା ସମସ୍ତ ଭତା ହିତାଧିକାରୀ ଙ୍କର ହେବ ଏବେ ବୟସ ଯାଞ୍ଚ । ଗତ ସେପ୍ଟେମ୍ବର ୩ ତାରିଖରେ ରାଜ୍ୟ ସରକାର ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ର କମିଶନର ସବୁ ଜିଲ୍ଲାପାଳଙ୍କୁ ଚିଠି ନଂ- ୧୦୦୧୪ରେ ଏ ନେଇ କଡା ନିର୍ଦ୍ଦେଶନାମା ଜାରି କରିଛନ୍ତି । ଯେଉଁଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ ଦେଖାଇ ୩୫୦୦ଟଙ୍କା ପାଉଥିବା ସମସ୍ତ ହିତାଧିକାରୀଙ୍କ ବୟସକୁ ସାନି ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଯଦି ସରକାରଙ୍କ ନିର୍ଦ୍ଦେଶକୁ ପ୍ରଶାସନ କଡାକଡି ଯାଞ୍ଚ କରେ ତେବେ ଅଧାରୁ ଅଧିକ ହିତାଧିକାରୀ ଏହି ସବୁ ଯୋଜନାରୁ ବାଦ ପଡିବେ । ମାତ୍ର ଗୋପ ବ୍ଲକ ପ୍ରଶାସନର ଟାଳଟୁଳ ନୀତି ଯୋଗୁଁ ଏତେ ବଡ ଭତା ଦୁର୍ନୀତି କୁ ଚାପିଦେବାକୁ ଚାଲିଥିବା ଷଡଯନ୍ତ୍ର ଏବେ ଫସର ଫାଟିବାକୁ ଯାଉଛି । ଆଉ ଚାଲିବନି ଗୋପ ବ୍ଲକ ପ୍ରଶାସନର ଦୁର୍ନୀତିକୁ ଚାପିଦେବାକୁ ଉଦ୍ୟମ । ଧରାହେବେ ଦଶହଜାର ରୁ ଅଧିକ ନକଲି ହିତାଧିକାରୀ । ଗୋପ ବ୍ଲକରେ ଭତା ଦୁର୍ନୀତିକୁ ଲାଗିପଡି ଫାଇଲ ତଳେ ଚାପିଦେବାକୁ ଚାଲିଛି ରୀତିମତ ଷଡଯନ୍ତ୍ର । ପ୍ରଶାସନିକ ସ୍ତରରେ ଏପରି ଏହାକୁ ଏକ ଯୋଜନାବଦ୍ଧ ଭାବେ କାର୍ଯ୍ୟକାରୀ କରାଯାଉଥିବା ନେଇ ଅଭିଯୋଗ ଉଠିଛି । ଗୋପ ବିଡିଓ ଛବିରାଣୀ ସାହୁଙ୍କ ସଫେଇକୁ ଆଉ ଲୋକ ଗ୍ରହଣ କରିବାକୁ ନାରାଜ । ଯେହେତୁ ଏହି ଭତା ଦୁର୍ନୀତି ତାଙ୍କ ସମୟରେ ହୋଇଛି ସେହେତୁ ସେ ଏହାକୁ ତଦନ୍ତ ଆଳରେ ଚାପିଦେବାକୁ ଷଡଯନ୍ତ୍ର କରୁଥିବା ନେଇ ଅଭିଯୋଗ କରିଛନ୍ତି ପୁରୀ ଜିଲ୍ଲା ଆମ ଆଦମୀ ପାର୍ଟୀର ଜିଲ୍ଲା ସଭାପତି ସଂଜିବ କୁମାର ମହାନ୍ତି । ଅନ୍ୟପକ୍ଷରେ ଗୋପ ବିଡିଓଙ୍କୁ ଏ ନେଇ କୌଣସି ଅଭିଯୋଗ କରାଗଲେ ସେ କେବଳ କହୁଛନ୍ତି ମୋତେ ପ୍ରମାଣ ଦିଅ ମୁଁ କାର୍ଯ୍ୟାନୁଷ୍ଠାନ ନେବି । ମାତ୍ର ସଂଖ୍ୟାଧିକ ଅଭିଯୋଗର ପ୍ରମାଣ ଦେବା ପରେ ମଧ୍ୟ ଗୋପ ବିଡିଓଙ୍କର ନିଦ ଭାଙ୍ଗୁନି । ଗୋପ ବ୍ଲକ ଦେସ୍ଥଳୀ ପଞ୍ଚାୟତରେ ଏପରି ଅନେକ ଅଭିଯୋଗ କେବଳ କାଗଜ କଲମରେ ସୀମିତ ରହିଛି । ଚିଠିପତ୍ର ଆଦାନ ପ୍ରଦାନ ବ୍ୟତୀତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ କିମ୍ବା ନକଲି ହିତାଧିକାରୀ ସୃଷ୍ଟି ରାକେଟ୍‌ର ପର୍ଦ୍ଦାଫାସ ନିମନ୍ତେ ଏତଲା ମଧ୍ୟ ଦିଆଯାଉ ନାହିଁ । ତଦନ୍ତ ଆଳରେ ୮ମାସ ହୋଇଯାଇଥିଲେ ସୁଦ୍ଧା ନକଲି ଭତ୍ତା ହିତାଧିକାରୀଙ୍କ ବିରୋଧରେ ଏତଲା ନଦେବା ଫଳରେ ଏହି ଦୁର୍ନୀତି ଯାଦୁରୋଗ ଭଳି ମାଡି ଚାଲିଛି । ବ୍ଲକରେ ୪୫ ବର୍ଷର ଲୋକଙ୍କୁ ଭତା ମିଳୁଥିବା ବେଳେ ୬୮ ବର୍ଷର ବ୍ୟକ୍ତିଙ୍କୁ ଭତ୍ତା ମିଳୁନାହିଁ । ୮୦ବର୍ଷ ହୋଇନଥିବା ବ୍ୟକ୍ତି ଏବେ ୩୫୦୦ ଟଙ୍କା ଭତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବାଦ ପଡୁଛନ୍ତି । ଗୋପ ବ୍ଲକରେ ଶତାଧିକ ବ୍ୟକ୍ତି ଏହି ଭଳି ଭାବେ ଚଞ୍ଚକତା କରି ଭତା ହାତଉଥିବା ବେଳେ ଗୋପ ବିଡିଓଙ୍କ ଟାଳଟୁଳ ନୀତି ଯୋଗୁଁ ଯୋଗ୍ୟ ବ୍ୟକ୍ତି ଭତା ପାଇବାରୁ ବଞ୍ଚିତ ହେଉଥିବା ନେଇ ଅଭିଯୋଗ ଉଠିଛି । ଖୋଦ ଗୋପ ବିଡିଓଙ୍କ ସମୟରେ ଏହି ଭତା ଦୁର୍ନୀତି ହୋଇଥିବା ବେଳେ ନିଜେ ବିଡିଓ କହୁଛନ୍ତି ସେ ନିଜେ ତଦନ୍ତ କରୁଛି । ତୁରନ୍ତ ଗୋପ ବିଡିଓ ଛବିରାଣୀ ସାହୁ, ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ମମତା କୁମାରୀ ଜେନା ଓ ସିଡିପିଓ ଗୋପଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହିତ ଅନ୍ୟ ଅଧିକାରୀଙ୍କ ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯିବାକୁ ଦାବି ହୋଇଛି । ହେରାଫେରି କରିଥିବା ସମସ୍ତ ହିତାଧିକାରୀଙ୍କ ବୟସ ସୀମା ସାନି ଯାଞ୍ଚ କରିବାକୁ ନିର୍ଦ୍ଦେଶ ହେବା ପରେ ଏବେ ଗୋପ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀଙ୍କ ନିଦ ହଜିଯାଇଛି । କାରଣ ତାଙ୍କ ସମୟରେ ବି ଏହି ଭତା ଦୁର୍ନୀତି ହୋଇଛି । ସଦ୍ୟ ସୂଚନାନୁଯାୟୀ ଗୋପ ବ୍ଲକର ପୂର୍ବତନ ସାମାଜିକ ସୁରକ୍ଷା ହିତାଧିକାରୀ ଦାୟିତ୍ୱରେ ଥିବା ଅଶୋକ କୁମାର ବେହେରାଙ୍କ ବଦଳି ହୋଇଛି । ତେବେ ତାଙ୍କ ବଦଳି ପଛରେ ଅନେକ ରହସ୍ୟ ରହିଛି । କାରଣ ସେ ସମସ୍ତ ଘଟଣାର ମୂକସାକ୍ଷୀ । ତୁରନ୍ତ ଗୋପ ବିଡିଓ ଛବିରାଣୀ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ମମତା କୁମାରୀ ଜେନା, ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ବେହେରାଙ୍କୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରାଗଲେ ଲୁଚି ରହିଥିବା ଅନେକ ତଥ୍ୟ ଲୋକଲୋଚନକୁ ଆସିବା ସହିତ ଏଥିରେ ଜଡିତ ଥିବା ଅସାଧୁ କର୍ମଚାରୀଙ୍କ ମୁଖା ଖୋଲାଯାଇ ପାରିବ । ଏ ନେଇ ଗୋପ ବିଡିଓ ଛବିରାଣୀ ସାହୁଙ୍କ ପ୍ରତିକ୍ରିୟା ନେବାରେ ସେ କହିଛନ୍ତି ଯେ ଆମେ ସରକାରଙ୍କ ଦ୍ୱାରା ପ୍ରେରିତ ଚିଠି ପାଇଛୁ ଏବଂ ଗତ ବର୍ଷର ଭୋଟର ଲିଷ୍ଟକୁ ଯାଞ୍ଚ କରୁଛୁ । ଗୋପ ବିଡିଓଙ୍କ ପ୍ରତିକ୍ରିୟା ପରେ ଏହା ଏକ ସ୍ପଷ୍ଟ ଜଣାପଡୁଛି ଯେ ଗୋପ ବ୍ଲକ ପ୍ରଶାସନ କିପରି ଏହି ଭତା ଦୁର୍ନୀତିକୁ ଚାପିବ । କାରଣ ବାରମ୍ବାର ଦେସ୍ଥଳି ପଞ୍ଚାୟତରେ ହୋଇଥିବା ଭତ୍ତା ଦୁର୍ନିତିରେ ୨୦୨୨ମସିହାରେ ହୋଇଥିବା ଭୋଟର ଲିଷ୍ଟକୁ ହେରାଫେରି ହୋଇଥିବା ନେଇ ତଥ୍ୟଗତ ପ୍ରମାଣ ମିଳିଛି ମାତ୍ର ଗୋପ ବିଡିଓ କାହିଁକି ଗତ ବର୍ଷ ଅର୍ଥାତ୍ ୨୦୨୪ରୁ ଭୋଟର ଲିଷ୍ଟ ଯାଞ୍ଚ କରିବାକୁ ଚାହୁଁଛନ୍ତି ତାହା ଜଣାପଡୁଛି ବୋଲି କହିଛନ୍ତି ଗୋପ ବ୍ଲକ ଦୁର୍ନୀତି ନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ ।

# କଂଗ୍ରେସର ସଂଗଠନ ସୃଜନ କାର୍ଯ୍ୟକ୍ରମ



ଭଦ୍ରକ, (ଭାସ୍କର ନ୍ୟୁଜ): ଅଖିଳ ଭାରତୟ କଂଗ୍ରେସ କମିଟି ନିଷ୍ପତ୍ତି ଏବଂ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶରେ ଭଦ୍ରକରେ ଅନୁଷ୍ଠିତ ହୋଇଯାଇଛି କଂଗ୍ରେସର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ । ଭଦ୍ରକ ଜିଲ୍ଲା କଂଗ୍ରେସ ସଂଯୋଜକ ଅସିତ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ଜିଲ୍ଲା କଂଗ୍ରେସ କର୍ମୀଙ୍କ ଉପସ୍ଥିତରେ ଏହି ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ କଂଗ୍ରସ ନେତା ତଥା କର୍ଣ୍ଣାଟକ ରାଜ୍ୟର ବେଲାରୀ ସାଂସଦ ଏରାଗର ଟୁକାରାମ ଯୋଗ ଦେଇ ଉପସ୍ଥିତ କଂଗ୍ରେସ ନେତୃତ୍ୱଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିବା ସହ ଆଗକୁ କିପରି କଂଗ୍ରସ ସଂଗଠନ ମଜବୁତ ହେବାସହ ରାଜ୍ୟରେ କ୍ଷମତା ହାସଲ କରିବ ସେନେଇ ପରାମର୍ଶ ଦେଇଥିଲେ । ଭଦ୍ରକର ଯୁବନେତା ଅସିତ ପଟ୍ଟନାୟକଙ୍କ ପରିଚାଳନାରେ ଏହି ସଂଗଠନ ସୃଜନ ଅଭିଯାନ ସଭାରେ ବାସୁଦେପୁର ବିଧାୟକ ଅଶୋକ ଦାଶ, ଭଦ୍ରକର ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠି, ଯୁବନେତା ଦେବରୂପ ମହାନ୍ତି, ମହିଳା ନେତ୍ରୀ ମଧୁମିତା ସେଠି, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଯେନା, ବଳରାମ ରାଉତ, ତପନ ରାଉତ, ସନିଆ ନନ୍ଦ, ପାରିଷଦ ହେମନ୍ତ ସାହୁ, ଫରୀୟାଦ ଖାଁ, ମହିଳା କଂଗ୍ରେସ ନେତ୍ରୀ ଅମିତା ଆଚାର୍ଯ୍ୟ, ଶର୍ମିଷ୍ଠା ପଣ୍ଡା, ପୂର୍ବତନ ସମିତି ସଭ୍ୟ ରମେଶ ସ୍ୱାଇଁଙ୍କ ସମେତ ଶତାଧିକ କଂଗ୍ରେସ ସଂଗଠକ ଓ କର୍ମୀ ଉପସ୍ଥିତ ରହିଥିଲେ । ଅପରାହ୍ନରେ ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା ସେଥିରେ ପର୍ଯ୍ୟବେକ୍ଷକ ତଥା ସାଂସଦ ଏରାଗର ଟୁକାରାମତଥ୍ୟ ସଂଗ୍ରହ ପରେ ସମସ୍ତ ତଥ୍ୟ ହାଇକମାଣ୍ଡଙ୍କୁ ଜଣାଇବା ପରେ ଜିଲ୍ଲା ସାଙ୍ଗଠନିକ ନିଷ୍ପତ୍ତି ସେ ନେବେ ବୋଲି ସୂଚନା ଦେଇଥିଲେ । ତେବେ କଂଗ୍ରେସର ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୪ତାରିଖ ପର୍ଯ୍ୟନ୍ତ ଚାଲିବ ।

## କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ

ବୋଲଗଡ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ବୋଲଗଡ ବ୍ଲକ ନନ୍ଦିଘୋଷ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟନାୟକ ଅଧ୍ୟକ୍ଷତା କରିଥିଲେ । ଏହାର ଉଦ୍ଦେଶ୍ୟ ଗାଁ ଓ ବ୍ଲକ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ କର୍ମୀଙ୍କ ମତାମତ ନେଇ ଜିଲ୍ଲା ସଭାପତି ଚୟନ କରାଯିବ ବକ୍ତବ୍ୟ ରଖିଥିଲେ । ଖୋର୍ଦ୍ଧା ଜିଲ୍ଲା ସଭାପତି ପାଇଁ ତିନିଜଣ ପାର୍ଥୀଙ୍କ ମଧ୍ୟରୁ ଜାନକୀ ବଲ୍ଲଭ ପଟ୍ଟନାୟକ, ରାଜୀବ ପଟ୍ଟନାୟକ ଓ ମହିଳା ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ପାର୍ଥି ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପିସିସି ପର୍ଯ୍ୟବେକ୍ଷକ ଦେବାଶିଷ ମହାପାତ୍ର, ବିଶ୍ୱରଞ୍ଜନ ପଣ୍ଡା, କଂଗ୍ରେସ ଯୁବନେତା ସଦାଶିବ ମହାପାତ୍ର ପ୍ରମୁଖ କଂଗ୍ରେସ ଛାମୁଆ କର୍ମୀଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ପରେ ବୋଲଗଡ ବ୍ଲକର ୧୯ ଗୋଟି ପଞ୍ଚାୟତରୁ ଆସିଥିବା ମହିଳା ଓ ପୁରୁଷ ଛାମୁଆ କର୍ମୀଙ୍କ ଠାରୁ ଫର୍ମ ନେବା ସହ କଂଗ୍ରେସ ଜିଲ୍ଲା ସଭାପତି ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ମତାମତ ନେଇଥିଲେ । ବ୍ଲକ ସଭାପତି ସଞ୍ଜୟ କୁମାର ସୁବୁଦ୍ଧି, ଉପସଭାପତି ଧୀରେଶ କୁମାର ମହାପାତ୍ର, ସନ୍ତୋଷ କୁମାର ପ୍ରଧାନ, ପ୍ରକାଶ ରଥ ଏବଂ ସୁଶାନ୍ତ ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ନିଆଳି, (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଜଲାର ପୁର ପଞ୍ଚାୟତ ଏସଓଜି ମହିଳା ଗ୍ରୁପ ଟଙ୍କାକୁ ସମ୍ପାଦିକା ବୈଜୟନ୍ତି ପଣ୍ଡା ପଇସା ହଡ଼ପ କରି ଦୁର୍ନୀତି କରିଥିବା ନେଇ ସି ଆରପିଓ ଏସଓଜି ମହିଳାମାନେ ହନୁମାନ ମନ୍ଦିର ପାଖରେ ସାମ୍ବାଦିକ ସମିଳନୀ ଡାକି ଦୁର୍ନୀତିର ପେଡି ଖୋଲିଥିଲେ। ଏସଓଜି ଗ୍ରୁପ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ନଯାଇ ପୁରୁଷ ଲୋକଙ୍କୁ ଆକାଉଣ୍ଟକୁ ଟଙ୍କା ଯାଇଛି। ଏହିଭଳି ଦୁର୍ନୀତି ସମୟରେ ମଞ୍ଜି ଦୁର୍ନୀତି ଓ ବିଭିନ୍ନ ସମୟରେ ବିଭିନ୍ନ ସ୍କିମ ରେ ଅନେକ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ। ଏହି ଦୁର୍ନୀତି ୨୦୨୧ ମସିହାରୁ ହୋଇଥୀ ବା ସେ କହିଛନ୍ତି। ଦୃତନୀତି କୁ ବିରୋଧ କରିବାରୁ ତାଙ୍କ ନାମରେ ମିଥ୍ୟା ପ୍ରଚାର କରିବା ମାନଶିକ ଓ ଶାରୀରିକ ମିଥ୍ୟା ପ୍ରଚାର କରାଯାଉଛି।

# ପ୍ରଧାନଶିକ୍ଷକ ସରୋଜ ଓଝା ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବୋଡ଼କ ପଞ୍ଚାୟତ ଅଧୀନ ମନ୍ତ୍ରବାସୁଳୀ ଉନ୍ନୀତ ମଧଇଂରାଜୀ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ଓଝାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୪-୨୫ଶିକ୍ଷା ବର୍ଷ ପାଇଁ ସେ ଏହି ପୁରସ୍କାର ପ୍ରାପ୍ତ ହୋଇ ବ୍ଲକ୍ ପାଇଁ ଗୌରବ ଆଣିପାରିଛନ୍ତ। ଶୁକ୍ରବାର ଜିଲ୍ଲାସ୍ତରୀୟ ପବିତ୍ର ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅବସରରେ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲା ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଓ ସରୋଜ କୁମାର ଦତ୍ତ, ଡେପୁଟି ଜିଲାପାଳ ଡ. କାର୍ତ୍ତିକନାଥ ମଣ୍ଡଳ,ଜିଲା



ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତୃପ୍ତିମୟୀ ପାତ୍ର ଏବଂ ଧରଣୀଧର ପାତ୍ରଙ୍କ ସମେତ ତିହିଡ଼ି ବ୍ଲକ୍ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ସମେତ ଭଦ୍ରକ, ଧାମନଗର,ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ପସ୍ଥିତିରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ସରୋଜ ଜଣେ କବି ଓ ଲେଖକ ଭାବେ ସୁପରିଚିତ। ନିକଟରେ ସେ ପ୍ରକୃତି ମିତ୍ର ପୁରସ୍କାରପାଇ ବେଶ ପ୍ରଶଂସାର ପାତ୍ର ହୋଇଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଓଝାଙ୍କର ଦୁଇଟି ଇଂରାଜୀ ପୁସ୍ତକ ପ୍ରକାଶିତ ହୋଇ ବେଶ ପାଠକୀୟ ଆଦୃତି ଲାଭକରିଥିବା ଜଣାପଡ଼ିଛି ।

# ଶିକ୍ଷୟିତ୍ରୀ ମିତାରାଣୀଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବାରିକପୁର ସାଧନେକନ୍ଦ୍ର ଅନ୍ତର୍ଗତ ପାହିମହୁରା ଉପ୍ରା ବିଦ୍ୟାଳୟ ଶିକ୍ଷୟତ୍ରୀ ମିତରାଣୀ ସାହୁଙ୍କୁ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରେର ସମ୍ମାନିତ କରାଯାଇଛି। ଶୁକ୍ରବାର ପବିତ୍ର ଗୁରୁଦିବସ ପାଳନ ଅବସରେର ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବେର ଶ୍ରୀମତୀ ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲା ହାଇସ୍କୁଲ ପରିସରରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର ଓ ଧରଣୀଧର ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଶିନାଥ ମଣ୍ଡଳଙ୍କ ସେମତ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ



ଉପସ୍ଥିତିରେ ଡା. ପୂର୍ଣ୍ଣଚନ୍ଦ୍ର ପାତ୍ର ଶିକ୍ଷୟତ୍ରୀ ସାହୁଙ୍କୁ ଉଭୟ ଶୈକ୍ଷିକ କ୍ଷେତ୍ରେର ଉତ୍କର୍ଷତା ପାଇଁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ପ୍ରାଥମିକ ବର୍ଗର ଶିକ୍ଷକ ଜୟପ୍ରକାଶ ସ୍ୱାଇଁ ଓ ଭପୁେଶ କୁମାର ଲେଙ୍କା, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବର୍ଗର ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ଶିକ୍ଷାସଂଯୋଯାଜକ ଅଭିମନ୍ୟୁ ବେହେରା, ଅଜୟ ରାୟ, ଜଗନ୍ନାଥ ପଣ୍ଡା, ପ୍ରକାଶ ଚନ୍ଦ୍ର ଦାସ ଓ ଅକ୍ଷୟ କୁମାର ନନ୍ଦଙ୍କୁ ଗୁରୁଦିବସ ପୁରସ୍କାର ପ୍ରଦାନ କରାଯାଇଛି। ସଂପୃକ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଏଥିପାଇଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଶୁଳିଆପଦା, (ଭାସ୍କର ନ୍ୟୁଜ): ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ୧୭ ତାରିଖ ଏକ ଦିବସିୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ସେଥିପାଇଁ ବାରିପଦା ବନଖଣ୍ଡ ଅଧିନ ଦେଉଳି ବନାଞ୍ଚଳ ସୌଜନ୍ୟତାରେ ଭ୍ରାମ୍ୟମାଣ ଚାରା ବିତରଣ ଯାତ୍ରା ରଥର ସୁଭାରମ୍ଭ ହୋଇଯାଇଛି।ଦେଉଳି ବନାଞ୍ଚଳ ଅଧିନ ମହାବିଲା ସ୍ଥିତ କେନ୍ଦ୍ରିୟ ଚାରା ଉତ୍ପାଦନ କେନ୍ଦ୍ରରୁ ଏହି ଯାତ୍ରାର ଶୁଭାରମ୍ଭ ହୋଇଥିବା ବେଳେ ମହାବିଲା ସରପଞ୍ଚ ଅନୁପ କୁମାର ସିଂ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି।ଏହି ରଥ ଦେଉଳି ବନାଞ୍ଚଳ ଅଧିନରେ ଥିବା ଶୁଳିଆପଦା ଓ କୁଳିଅଣା ବ୍ଲକ୍‌ର ସମସ୍ତ ପଞ୍ଚାୟତ ମୁଖ୍ୟାଳୟରେ ବିଭିନ୍ନ ପ୍ରକାର ୫ ଶହ ଚାରା ବିତରଣ କରିବ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଦେଉଳି ବନଖଣ୍ଡ ଅଧିକାରୀ ଭାଗ୍ୟଶ୍ରୀ ଦାସ୍, ଦେଉଳି ବନପାଳ ଆଶିଷ କୁମାର ବେହେରା,ଚାନ୍ଦୁଆ ବନପାଳ ପଦ୍ମାବତୀ ବେହେରା, କୁଳିଅଣା ବନପାଳ ସୁମିତ୍ରା କଲିଆ, ବନରକ୍ଷୀ ମଧୁସ୍ମିତା ପ୍ରଧାନ ସୁଶାନ୍ତ କୁମାର ବେହେରା ଙ୍କ ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।

## ବଜ୍ରପାତ ରୋକିବ ତାଳଗଛ
# 'ଗଛ ବଞ୍ଚିଲେ ଆମେ ବଞ୍ଚିବା'




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଞ୍ଚାୟତ ଅଧୀନ ଶ୍ରୀଖଣ୍ଡିବେଲାରୀ ଗ୍ରାମର ତ୍ରିନାଥ ଯୁବକ ସଙ୍ଘର ଯୁବକମାନେ ଲଗାଉଛନ୍ତି ବିଭିନ୍ନ ପ୍ରକାର ଚାରା। ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଏଭଳି ଗଛ ଲଗାଉଥିବା କହିଛନ୍ତି ଏହି ସଂଗଠନର ସଦସ୍ୟ। ଜଳବାୟୁ ପରିବର୍ତ୍ତନ ସହ ବଢ଼ିଚାଲିଛି ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି। ବନ୍ୟା, ବାତ୍ୟା, ମରୁଡ଼ି, ବଜ୍ରପାତ ଭଳି ପ୍ରକୃତି ତାଣ୍ଡବ ଦେଖିବାକୁ ମିଳୁଛି। ପ୍ରତିବର୍ଷ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବା ବେଳେ ତାଳଗଛ ହିଁ ବଜ୍ରପାତ ଜନିତ ମୃତ୍ୟୁ ରୋକିପାରିବ ବୋଲି କୁହାଯାଉଛି। ଏହି ମହାନ ଆଦର୍ଶରେ ଝାଡ଼ଲିଙ୍ଗ ପଞ୍ଚାୟତ ସରପଞ୍ଚ ବୃନ୍ଦାବନ ନାୟକଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ଥିବା ବିଭିନ୍ନ ବିଦ୍ୟାଳୟରେ ବୃକ୍ଷ ରୋପଣ ପ୍ରତି ସଚେତନ କାର୍ଯ୍ୟକ୍ରମ ହେବାସହ ଶନିବାର ଦିନ ନାନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ତାଳ ଗଛ ରୋପଣ ସମ୍ପର୍କରେ ସଚେତନ କରାଯାଇଥିଲା। ଶ୍ରୀଖଣ୍ଡିବେଲାରୀ ଗ୍ରାମର ତ୍ରିନାଥ ଯୁବକ ସଙ୍ଘ ସଦସ୍ୟମାନେ ଏଯାବତ ୩ହଜାରରୁ ଉର୍ଦ୍ଧ୍ୱ ତାଳଗଛ ଲଗାଇବା ସହ ୫୦୦ରୁ ଅଧିକ ଲିମ୍ବ, ନଡ଼ିଆଗଛ ନିଜ ପଞ୍ଚାୟତ ଲଗାଇଛନ୍ତି। ବଜ୍ରପାତ ଜନିତ ମୃତ୍ୟୁକୁ ରୋକିବା ପାଇଁ ସରକାର ତାଳଗଛ ଲଗାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ଶ୍ରୀଖଣ୍ଡି ବେଲାରୀ ଗ୍ରାମର ତ୍ରିନାଥ ଯୁବକ ସଙ୍ଘ ତାହା କାର୍ଯ୍ୟରେ କରି ଦେଖାଇଛନ୍ତି। ଝାଡ଼ଲିଙ୍ଗ ପଞ୍ଚାୟତ ଅଧୀନ ଶ୍ରୀଖଣ୍ଡିବେଲାରୀ ଗ୍ରାମ ନିକଟସ୍ଥ କୋଲିଖିଆ ନଦୀ ବନ୍ଧର ଉଭୟ ପାର୍ଶ୍ୱରେ ଶନିବାର ଦିନ ୫ଶହରୁ ଉର୍ଦ୍ଧ୍ୱ ତାଳ ମଞ୍ଜି ରୋପଣ କରାଯାଇଥିଲା। ଯୁବକ ମାନେ ତାଳଗଛ ଲଗାଇ ଏହାର ରକ୍ଷଣାବେକ୍ଷଣ କରୁଛନ୍ତି। ଏହି ମଞ୍ଜି ରୋପଣ କାର୍ଯ୍ୟକ୍ରମରେ ତ୍ରିନାଥ ଯୁବକ ସଙ୍ଘର ସଦସ୍ୟ ଗଣେଶ ନାୟକ, ବିଚିତ୍ରାନନ୍ଦ ମହାରଣା, ନିକୁଞ୍ଜ ପଡ଼ିୟାରୀ, ବୁନ୍ଦେଶ୍ୱର ମହାରଣା, ବିକାଶ ମହାରଣା, ପ୍ରସନ୍ନ ବିଶ୍ୱାଳ, ଆଦିତ୍ୟ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଉଚ୍ଛେଦ ପାଇଁ ପ୍ରଶାସନ ଥିଲା ସଜାଗ
# ବର୍ଷା ସାଜିଲା ବାଧକ, ଉଚ୍ଛେଦ ରହିଲା ସ୍ଥଗିତ



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡ଼ା ତହସିଲ ଅଧିନସ୍ଥ ବ୍ରାହ୍ମଣବାଟି ପଞ୍ଚାୟତ ସାନ ମଳେଇ ମଲ୍ଲିକ ସାହିରେ କେତେକ ପରିବାର ଜଣେ ବ୍ୟକ୍ତିଙ୍କ ଘରୋଇ ଜାଗାକୁ ଜବର ଦଖଲ କରିଥିବା ନେଇ ବ୍ୟକ୍ତି ଜଣଙ୍କ କୋର୍ଟରେ ଆଶ୍ରୟ ନେଇଥିଲେ.କୋର୍ଟର ନିର୍ଦ୍ଦେଶ ମୁତାବକ ୬.୯.୨୫ ଶନିବାର ଦିନ ଉଚ୍ଛେଦ ନିମନ୍ତେ କୋର୍ଟ କର୍ମଚାରୀ କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାଏ । ସଦର କିରଣ ହେମରମ୍ ଓ ଗୋବିନ୍ଦପୁର ସେନାଲି ଆନନ୍ଦ ଏକ ପ୍ଲାଟୁନ ଫୋର୍ସ ସହ ଉଚ୍ଛେଦ ସ୍ଥଳକୁ ଯାଇଥିଲେ ।ହେଲେ କୋର୍ଟରୁ ଆସିଥିବା କର୍ମଚାରୀଙ୍କ ଜାଗା ମାପରେ ହୋଇଥିବା ଚିହ୍ନଟରେ ଅସନ୍ତୁଷ୍ଟ ହୋଇଥିଲେ, ଗ୍ରାମବାସି ।ଯାହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିଲା।ହଠାତ ପ୍ରବଳ ବର୍ଷା ହେବା ହେତୁ ଉଚ୍ଛେଦ ସ୍ଥଗିତ ରହିଥିଲା ।ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କର ବିରୋଧ ୮୦ ବର୍ଷରୁ ଉର୍ଦ୍ଧ୍ୱହେବ ଆମେଏହି ଜାଗାରେ ରହିଆସୁଅଛୁ। ଆମକୁ ଏଠାରେ କେହି ତଡି ପାରିବେ ନାହିଁ। ସ୍ଥାନୀୟ ବୃଦ୍ଧିଜୀବିଙ୍କ ମତ ଗରିବ ଲୋକମାନଙ୍କୁ ବର୍ଷା ଦିନେ ହଇରାଣ ନକରି ଶିତ ଓ ଖରାଦିନେ ଉଚ୍ଛେଦ ଦକରାଯାଉ।

# ୧୧୪୭ ଭିନ୍ନକ୍ଷମ ଅନ୍ତଃନିବେଶୀ ଶିକ୍ଷାସେବୀଙ୍କୁ ଶିକ୍ଷକ ମାନ୍ୟତା ପାଇଁ ଦାବି

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ପବିତ୍ର ଗୁରୁଦିବସ ଅବସରରେ ବଡ଼ଚଣାର ନୂତନ ଗୋଷ୍ଠୀ ଶିକ୍ଷାକାରି କାଯ୍ୟଳୟ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇଥିଲେ। ଏହି ଅବସରରେ ୧୧୪୭ ଭିନ୍ନକ୍ଷମ ଅନ୍ତ ନିବେଶି ଶିକ୍ଷକ ସେବିକା ପକ୍ଷରୁ ସ୍ୱତନ୍ତ୍ର ଶିକ୍ଷକ ମାନ୍ୟତା ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି। ଭିନ୍ନକ୍ଷମ ଅନ୍ତନିବେଶିଙ୍କ ପକ୍ଷରୁ ଯାଜପୁର ଜିଲ୍ଲାର ୭୦ଜଣ ଅନ୍ତନିବେଶି ଭିନ୍ନକ୍ଷମ ସ୍ୱେଚ୍ଛାସେବୀ ଅଭିଯୋଗ କରିଛନ୍ତି ଯେ ଆମର ୧୪ବର୍ଷ ର ଅଭିଜ୍ଞତା ଯାଇ ଆମ୍ଭ କୁ ନିୟମିତ କରାଯାଇ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ରେ ଅନ୍ତର୍ଭୁକ୍ତ କରାଯାଉ ଏବଂ ସମସ୍ତ ସରକାରୀ ସହାୟତା ପ୍ରଦାନ କରାଯାଉ,ଏଥିରେ ଜିଲ୍ଲାର ସଭାପତି ନାରାୟଣ ଚନ୍ଦ୍ର ଦ୍ୱିବେଦୀ, ସମ୍ପାଦକ ସୁକାନ୍ତ ମହାରଣା, ବଡ଼ଚଣା ଶିକ୍ଷକ ସଙ୍ଘର କର୍ମକର୍ତ୍ତା, ଜିଲ୍ଲା କର୍ମକର୍ତ୍ତା, ଶିକ୍ଷକ ନେତା ଅଜୟ କୁମାର ଦାସ, ଆଦିତ୍ୟ ବରାଳ, ପ୍ରଶାନ୍ତ ସ୍ୱାଇଁ, ତ୍ରିଲୋଚନ ବେହେରା ସମେତ ବହୁ ଅନ୍ତେନିବେଶି ଶିକ୍ଷକ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ଦାବି ପତ୍ର ଦେବା ସହ ତୁରନ୍ତ



ସେମାନଙ୍କୁ ସ୍ୱତନ୍ତ୍ର ଶିକ୍ଷକ ମାନ୍ୟତା ଦେବା ପାଇଁ ନିବେଦନ କରିଛନ୍ତି।

## ବିଲିକଣାଠାରୁ ନରେନ୍ଦ୍ରପୁର ରାସ୍ତା ବିପର୍ଯ୍ୟସ୍ତ
# ମରାମତି ନହେଲେ ଆନ୍ଦୋଳନ ଚେତାବନୀ

ଆଳି, (ଭାସ୍କର ନ୍ୟୁଜ):ଆଳି ବ୍ଲକ ବିଲିକଣାଠାରୁ ନରେନ୍ଦ୍ରପୁର ରାସ୍ତାର ସାଢ଼େ ଚାରି କିମି ରାସ୍ତା ଖାଲ ଖମାରେ ପରିପୂର୍ଣ୍ଣ ହୋଇଯାଇଛି। ଏହି ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ରାସ୍ତା ବଦଳରେ ଗର୍ତ୍ତର ଭ୍ରମ ସୃଷ୍ଟି କରୁଛ। ନରେନ୍ଦ୍ରପୁର ପଞ୍ଚାୟତକୁ ସଂଯୋଗ କରୁଥିବା କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ବିଲିକଣାଠାରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାରେ କିଛିକିଛି ସ୍ଥାନରେ ପ୍ରତ୍ୟକ ବର୍ଷ ବନ୍ୟାରେ ରାସ୍ତା ବୁଡ଼ି ରାସ୍ତା ଉପରେ ପାଣି ଚାଲିଥାଏ। ଚଳିତ ବର୍ଷ ମଧ ଦୀର୍ଘ ଦିନ ଧରି ବନ୍ୟା ଲାଗିରହିଥିବା ବେଳେ ଉକ୍ତ ପିଚୁ ରାସ୍ତାଟି ଧୋଇଯାଇଛ। କାରଣ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପୋଷଣ ନୀତି ଯୋଗୁଁ ସାଧାରଣ ଜନତା ପ୍ରତିବର୍ଷ ଏହାକୁ ପରିଲକ୍ଷିତ କରିବା ସହ ହନ୍ତସନ୍ତ ମଧ ହେଉଛନ୍ତ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ରାସ୍ତାର ବିଲିକଣା ନଦୀବନ୍ଧଠାରୁ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପର୍ଯ୍ୟନ୍ତ ଓ ସେହିଠାରୁ ଗ୍ରାମ ଶେଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ପିଚୁ ରାସ୍ତାଟି ମରାମତିର କିଛି



ମାସ ନପୂରୁଣୁ ସାମାନ୍ୟ ବର୍ଷା ଓ ବନ୍ୟାରେ ଧୋଇ ଯାଇଛି। ଏହି ରାସ୍ତାଟି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ପାଇଁ ଏହି ରାସ୍ତା ପକେଟ ଗରମର ଚରମପନ୍ଥା ପାଲଟିଥିବା ବେଳେ ତାହା ସାଧାରଣ ଲୋକଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ଆଳି ବ୍ଲକ ବିଲିକଣା ଠାରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଶତାଧିକ ଖାଲଖମା ଭର୍ତ୍ତୀ ହୋଇଥିବାରୁ ଯାତାୟତରେ ବହୁ ବାଧା ଉପୁଜିବା ସହ ଖଣ୍ଡିଆଖାବରା ରାସ୍ତାରେ ଗାଡି ଚଳାଇବା କଷ୍ଟକର ହୋଇପଡୁଛି। ଦୈନନ୍ଦିନ ଦୁର୍ଘଟଣା ଉପରେ ଦୁର୍ଘଟଣା ଘଟି ଚାଲିଛି।କ୍ଷ ନରେନ୍ଦ୍ରପୁର, ତରିପାଟଣା ଓ କଅଁରପୁର ଗ୍ରାମର ୧୨ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସହ ସ୍କୁଲ କଲେଜର ଛାତ୍ର ଛାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ଏହି ରାସ୍ତାର ବିଲିକଣା ଠାରୁ ନରେନ୍ଦ୍ରପୁର ସରସ୍ୱତୀ ବିଦ୍ୟାମନ୍ଦିର ପୋଲ ଓ କଅଁରପୁର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ର ଉନ୍ନତିକରଣ ଦିଗରେ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରାସ୍ତାରେ ଯେଉଁ ପରିମାଣର ଗାଡି ଚଳାଚଳ ହେଉଛି ଏବଂ ବନ୍ୟାରେ ମୁଖ୍ୟତଃ ପ୍ରଥମେ ଏହି ସ୍ଥାନଟି ବୁଡ଼ି ଯାଉଥିଲେ ମଧ ବିଭାଗ ପକ୍ଷରୁ ତାହାକୁ ଲକ୍ଷ କରି ରାସ୍ତା କରାଯାଉନି ଫଳରେ ବନ୍ୟା ପୂର୍ବରୁ ଯେଉଁଠି ଖାଲଖମା ହୋଇଥିଲା ସେହିଠାରେ ଏବେ ଆଣ୍ଠୁଏ ଉଚ୍ଚର ଖାଲ ସହ ଦେଢ଼ ଫୁଟରୁ ଦୁଇ ଫୁଟ ଉଚ୍ଚର ରଡ଼ ମଧ ଦେଖା ଯାଉଛି। ସରକାର ବଦଳୁଛି ହେଲେ ଲୋକ ମାନେ ଭଲ ରାସ୍ତା ଖଣ୍ଡେ ପାଇନାହାନ୍ତି। ଖୁବ ଶୀଘ୍ର ଏହାର ସ୍ଥାୟୀ ପ୍ରତିକାର ନହେଲେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ଜନ ଆନ୍ଦୋଳନ ପାଇଁ ପଞ୍ଚାୟତବାସୀ ରାଜମୋହନ ସ୍ୱାଇଁ, ପ୍ରକାଶ ଭୂୟାଁ, ନକୁଳ ଚନ୍ଦ୍ର ପରିଡ଼ା, ମହେଶ୍ୱର ଭୂୟାଁ, ରଞ୍ଜନ ଭୂୟାଁ, ଅରୁଣ କୁମାର ରାଉତ, ସ୍ମୃତିଜିତ ନାୟକ, ଅମର ସ୍ୱାଇଁ, ଅଭିଷେକ ସ୍ୱାଇଁ, ଓମ ରାଉତ, ଗୌତମ ଧଳ, ମନୋଜ ଧଳ, ଜ୍ଞାନେନ୍ଦ୍ର ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତ।

# କଂଗ୍ରେସ ପକ୍ଷରୁ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ

ବେତନଟୀ, (ଭାସ୍କର ନ୍ୟୁଜ): ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ବଡସାହି ନିର୍ବାଚନମଣ୍ଡଳୀର ବେତନଟୀ ବ୍ଲକ ନିମନ୍ତେ ବେତନଟୀ ବନ୍ଧନ କଲ୍ୟାଣ ମଣ୍ଡପରେ ଆଜି ସଂଗଠନ ସୃଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ପ୍ରାରମ୍ଭରେ ବଙ୍ଗଳାଛକସ୍ଥିତ ଓଡିଶା ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ପ୍ରସନ୍ନ କୁମାର ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅଞ୍ଚଳ ଭାରତ କଂଗ୍ରେସ କମିଟି କିଷାନ ସେଲର ଉପସଭାପତି ତଥା ମୟୂରଭଞ୍ଜ (ପୂର୍ବ) ଜିଲ୍ଲାପ୍ରଭାରୀ ଅଖେଶ ଶୁକ୍ଳାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଂଗଠନିକ କାର୍ଯ୍ୟକ୍ରମରେ ବେତନଟୀ ବ୍ଲକ ସମେତ ବଡସାହି ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଛାମୁଆ କର୍ମକର୍ତ୍ତା ଉପସ୍ଥିତ



ଥିଲେ । ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରାଙ୍କ ସଂଯୋଜନ ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଜ୍ୟୋତିପ୍ରକାଶ ରଥ, ବଡସାହି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ କ୍ଷୀରୋଦ ଚନ୍ଦ୍ର ପାତ୍ର, ଜିଲ୍ଲା ସଂଯୋଜକ ଅରୋବିନ୍ଦ ଦାସ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସୁବାସ ଦାଶ, ଆଇନଜୀବୀ ପ୍ରବୀର କୁମାର ବାରିକ, ରାଜ୍ୟ ଆଦିବାସୀ ସାମାଜିକ ଗଣମାଧ୍ୟମ ସଂଯୋଜକ ରଘୁନାଥ ମୁର୍ମୁ, ରବି ମୁର୍ମୁ, ଦିଲ୍ଲୀପ ନାୟକ, ଅମରେନ୍ଦ୍ରନାଥ ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ଛାମୁଆ କର୍ମୀ ଉପସ୍ଥିତ ଥିଲେ ।

# ପରିତ୍ୟକ୍ତ ଟାଙ୍କିରୁ ମୃତଦେହ ଉଦ୍ଧାର

ରଣପୁର, (ଭାସ୍କର ନ୍ୟୁଜ୍): ପରିତ୍ୟକ୍ତ ଟାଙ୍କିଭିତରୁ ନାବାଳକ ଶିଶୁ ମୃତଦେହ ଉଦ୍ଧାର ଘଟଣା ରଣପୁର ପୋଲିସ ପର୍ଦାଫାଶ କରିଛି। ନାବାଳକ ଶିଶୁ ହତ୍ୟା ଘଟଣାରେ ରଣପୁର ଥାନା ପୋଲିସ ପାଞ୍ଚଜଣ ନାବାଳକଙ୍କୁ ହତ୍ୟା ଅଭିଯୋଗରେ ଗିରଫ କରି ନୟାଗଡ଼ କିଶୋର ନ୍ୟାୟାଳୟକୁ ଚାଲାଣ କରିଥିବା ଜଣାପଡିଛି। ପୋଲିସ ସୁଚନା ଅନୁଯାୟୀ ସମଲିଙ୍ଗୀ ଯୌନ ସମ୍ପର୍କ ଥିଲା ହତ୍ୟାର କାରଣ। ହତ୍ୟା ଅଭିଯୋଗ ପାଇଲାପରେ ରଣପୁର ଥାନା ନିରୀକ୍ଷକ ଆଶିଷଦେବ ସାହୁ ଘଟଣାକୁ ଗୁରୁତର ଭାବରେ ନେଇ ସି ସି ଟିଭି ଫୁଟେଜ୍‌କୁ ଯାଞ୍ଚ କରିଥିଲେ। ଘଟଣା ଦିନ ଗିରଫ ପାଞ୍ଚଜଣ ନାବାଳକ ମୃତ ନାବାଳକ ଶିଶୁକୁ ନେଇ ବିଦ୍ୟାଳୟ ପଛପଟକୁ ଯାଇଥିଲେ। ସମଲିଙ୍ଗୀ ଯୌନ ସମ୍ପର୍କ ପାଇଁ ବାଧ କରିଥିଲେ। ମୃତ ଶିଶୁ ରାଜି ନହେବାରୁ ତାର ନିଶ୍ୱାସ ରୁଦ୍ଧକରି ମାରି ପରିତ୍ୟକ୍ତ ଟାଙ୍କି ଭିତରେ ଫିଙ୍ଗି ଦେଇଥିଲେ। ସି ସି ଟିଭି ଫୁଟେଜ ଅନୁଯାୟୀ କେବଳ ଗିରଫ ପାଞ୍ଚ ଜଣ ଫେରିଥିଲେ। ପୋଲିସ ଆଗରେ ଅଭିଯୁକ୍ତ ନାବାଳକ ମାନେ ହତ୍ୟାକାଣ୍ଡକୁ ମାନିଥିବା ସୂଚନା। ନାବାଳକ ଯୋଗୁ ପୋଲିସ ନାମ ଦେବାକୁ ମନା କରିଛି। ମୃତ ଶିଶୁ ହେଉଛନ୍ତି କଟକ ଜିଲ୍ଲା ବଡମ୍ବାର ଆଲିନୁରୁଦ୍ଦିନ୍ ଖାନ୍‌ଙ୍କ ପୁଅ ଫରାନୁଦ୍ଦିନ୍ ଖାନ୍ ୧୨। ଏକ ବର୍ଷ ହେବ ନିଳପଲ୍ଲୀରେ ରହି ପାଠ ପଢୁଥିଲେ।

# ବିଭିନ୍ନ କ୍ଲଷ୍ଟରସ୍ତରୀୟ ବୈଠକ

ଭଣ୍ଡାରପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରପୋଖରୀ ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରେର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କୁଲଣା ଆ□ଳିକ ସାଧନେକନ୍ଦ୍ର ବୈଠକ ଘନଶ୍ୟାମ ନାୟକ ପ୍ରଥମିକ ବିଦ୍ୟାଳୟେର ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଜ୍ୟୋସ୍ନାମୟୀ ଜେନାଙ୍କ ପୌରହିତ୍ୟେର ଅନୁଷ୍ଠିତ ଏହି ବୈଠକେର ଆଗରପଡା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଡଃ ପ୍ରଦୀପ କୁମାର ନାୟକ ଶିକ୍ଷକତାକୁ ବୃ□ ବଦଳେର ବ୍ରତ ରୂପେ ଗ୍ରହଣ କରିବାକୁ ବୈଠକେର ଅଂଶଗ୍ରହଣକାରୀ ୧୦ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଚଳିତ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପରିଚାଳନା, ଭାଷା ଓ ସଂଖ୍ୟାଜ୍ଞାନର ପାଠଟୀକା, ନିପୁଣ ଶିକ୍ଷକତା ଆଦି ବିଷୟ ଆଧାରିତ ଅଲୋଚନା ହୋଇଥିଲା। ସେହିପରି ସରସଦା ଓ ବାରିକପୁର କ୍ଲଷ୍ଟରସ୍ତରୀୟ ବୈଠକ ତୁଳସୀପୁର ଉପ୍ରା ବିଦ୍ୟାଳୟ ପରିସରେର ଶିକ୍ଷାସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟତ୍ରୀ ସସ୍ମିତା ନାୟକଙ୍କ ପୌରହିତ୍ୟେର ଅନୁଷ୍ଠିତ ଏହି ବୈଠକେର ଅବସରପ୍ରାପ୍ତ ଶିକ୍ଷା ସଂଯୋଜକ କା□ିକ ଚନ୍ଦ୍ର ସ୍ୱାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟେର ଶିକ୍ଷା ଗ୍ରହଣ ପ୍ରତି ଆଗ୍ରହ ସୃଷ୍ଟି ପ୍ରତି ଗୁରୁତ୍ୱ ଦିଆଯିବା ଉଚିତ ବୋଲି ମତବ୍ୟକ୍ତ



କରିଥିଲେ। ଏହି ଅବସରେର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟତ୍ରୀ ମିତାରାଣୀ ସାହୁ ଓ ଶିକ୍ଷକ ଜୟପ୍ରକାଶ ସ୍ୱାଇଁଙ୍କୁ ବୈଠକେର ସମ୍ବର୍ଦ୍ଧିତ କରାଯାଇଥିଲା। ମହୁରା କ୍ଲଷ୍ଟରେର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣାଙ୍କ ପୌରହିତ୍ୟେର ବୈଠକ ଅନୁଷ୍ଠିତ ହୋଇଥିଲା। ଶିକ୍ଷାସଂଯୋଜକ ଧେମନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକେର ପ୍ରଧାନଶିକ୍ଷକ ରଞ୍ଜନ କୁମାର ମହାନ୍ତି ଓ ପ୍ରଶାନ୍ତ କୁମାର ଜେନା ଅତିଥିଭାବେ ଯୋଗେଦଇଥିଲେ। ଶିକ୍ଷକ ସୁନିଲ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଫଟୋ-କ୍ଲଷ୍ଟର ବୈଠକ।

# ଗିରିବନ୍ଧରେ ସୁଶ୍ରୀବର୍ଷାଙ୍କୁ ସମ୍ବର୍ଦ୍ଧନା

ଆଳି, (ଭାସ୍କର ନ୍ୟୁଜ ):କେନ୍ଦ୍ରାପଡ଼ା ଜିଲ୍ଲା ଆଳିବ୍ଲକ ଦେମାଳ ପଞ୍ଚାୟତ ଆଦର୍ଶ ଗ୍ରାମ ଗିରିବନ୍ଧ ଠାରେ ଦୀର୍ଘ ୬ ଦିନ ଧରି ସାପ୍ତାହିକ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ଉକ୍ତ ସଭାରେ ଗିରିବନ୍ଧ ଗ୍ରାମର ରବୀନ୍ଦ୍ର ସେନାପତି ଓ ଉର୍ମିଳା ସେନାପତିଙ୍କ ବଡ଼ ଝିଅ ସୁଶ୍ରୀ ବର୍ଷା ୨୦୨୪ ମସିହାରେ ଓପିଏସସି ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଆଳି ପାଇଁ ଗୌରବ ଆଣିଥିଲେ। ସେ ଗତ ବର୍ଷ ୨୦୨୪ ମସିହା ଡିସେମ୍ବର ମାସ ୩୦ ତାରିଖରେ ପ୍ରଶାସନିକ ଅଧିକାରିଣୀଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିୟୋଜିତ ଅଛନ୍ତ। ତାଙ୍କର ଏହି ଗୌରବମୟ କୃତିତ୍ୱ ପାଇଁ ତାଙ୍କ ଜନ୍ମମାଟି ଆଳି ଗିରିବନ୍ଧଠାରେ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର, ଜଗନ୍ନାଥଙ୍କ ଫଟୋଚିତ୍ର ଦିଆଯାଇ



ସମ୍ବର୍ଦ୍ଧିତ କରାଯାଇଥିଲା ଏହି ପରିପ୍ରେକ୍ଷୀରେ ଯୁବ ଚିତ୍ର କଳାକାର ସତ୍ୟଜିତ ରାଉତଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଏହି ସଭାକୁ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ସାମଲ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥିଭାବେ ସମାଜସେବୀ ସୁଭାଶିଷ ଷଡ଼ଙ୍ଗୀ, ସମ୍ମାନନୀୟ ଅତିଥି ଭାବେ ଯୁବ ସାମ୍ବାଦିକ ଦୀପକ କୁମାର ନାୟକ, ବିଜୟ କୁମାର ସେନାପତି, ସୁରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ସଭାକୁ କମିଟିର ସଭାପତି ସନାତନ ପାତ୍ର, ସମ୍ପାଦକ ମହେଶ୍ୱର ପାତ୍ର, ବିଷ୍ଣୁ ଚରଣ ପାତ୍ର, ଝଙ୍କାମଣି ସାମଲ, ଲକ୍ଷ୍ମଣ ପାତ୍ର, ମାନସ ସେନାପତି, ବିଭୁତି ବେହେରା, ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ କମିଟି ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ।



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ହାଟବନ୍ଧ ଜରା ନିବାସ ଠାରେ ଗୁରୁ ଦିବସ ଅବସରରେ ଗୁରୁ ପୂଜନ କରାଯାଇଛି।ଶହୀଦ କାଳିଆ ଭୂଇଁମୂଳ ଓ ଶହୀଦ ସଚ୍ଚିଦାନନ୍ଦ ପଟ୍ଟନାୟକ ସ୍ମୃତି ପରିଷଦ ବାଙ୍କୋଇ ଏବଂ ପି.ଏସ.ଏସ ସାଗରଗାଁ ମିଳିତ ଆନୁକୂଲ୍ୟରେ ଅଲ୍ପ ପରିଚାଳିତ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଅଲ୍ପ ମୁଖ୍ୟ ବ୍ରହ୍ମଚାରୀ ରାୟଙ୍କ ପୌରହିତ୍ୟ ଓ ଜରା ନିବାସ ପରିଚାଳକ ରାଜ କିଶୋର ରାୟଙ୍କ ମିଳିତ କାର୍ଯ୍ୟକ୍ରମରେ ପି.ଏସ.ଏସର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡ଼ଃ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଜରା ନିବାସର ଅନ୍ତେବାସୀ ବରିଷ୍ଠ ନାଗରିକ କାଶୀନାଥ ନାୟକଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରି ଗୁରୁ ବନ୍ଦନା କରିଥିଲେ।ପରେ ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ଓ ବିସ୍କୁଟ ଇତ୍ୟାଦି ବଣ୍ଟନ କରି ଆର୍ଶୀବାଦ ଭିକ୍ଷା କରିଥିଲେ। ପ୍ରଖ୍ୟାତ ଦାର୍ଶନିକ ଶିକ୍ଷାବିତ ପ୍ରାକ୍ତନ ରାଷ୍ଟ୍ରପତି ଡ଼ଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଜୟନ୍ତୀରେ ଜରା ନିବାସ ଅନ୍ତେବାସୀଙ୍କୁ ଡ଼ଃ ପଟ୍ଟନାୟକ ଗୁରୁ ସର୍ବମାନ୍ୟ ଓ ଗୁରୁ ହିଁ ଈଶ୍ୱର ବୋଲି ଅନ୍ତେବାସୀଙ୍କ ନିକଟରେ ମତ ରଖିଥିଲେ। ଜରା ନିବାସର ନର୍ସ ପ୍ରତିମା ବିଶ୍ୱାଳ ଓ ଯୋଷେଫ୍ୟା ତିଲୋତ୍ତମା ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ବିଶେଷ ସହାୟତା କରିଥିବା ବେଳେ ସମାଜସେବୀ ମନୋଜ କୁମାର ସ୍ୱାଇଁ ଓ ବୈକୁଣ୍ଠ ନାଥ ଜେନା ପ୍ରମୁଖ ସହଯୋଗ କରିଥିଲେ।



### ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ବୈଠକ

## ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କର: ବିଧାୟକ



ଆଳି,( ଭାସ୍କର ନ୍ୟୁଜ): ଆଜି ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ସୁନାକର ବେହେରା,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭାଷ୍କର ମହାନ୍ତି, ସମସ୍ତ ବ୍ଲକ ଅଧ୍ୟକ୍ଷ, ଜିଲ୍ଲାପାଳ ରଘୁରାମ ଆର ଆୟାର,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜୟାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ଏଡିଏମଓ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ଗିରି, ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ, ଫାଇନାନସିଆଲ ଅଧିକାରୀ ଆଶୁତୋଷ ତ୍ରିପାଠୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ,ଡିପିଏମ ଏନଏଚଏମ, ଆସିଷ୍ଟାଣ୍ଟ ଇଂଜିନିୟର ବିଦ୍ୟୁତ ମୋହନ ଜେନା,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସୁପେରିଟେଣ୍ଡେଣ୍ଟ, ବ୍ଲକ ଓ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଭିତ୍ତିଭୂମି, ଷ୍ଟାଫ ପଜିସନ ସମେତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମ, ଯୋଜନାଗୁଡିକ ଯେପରି ତୃଣମୂଳ ସ୍ତରକୁ ଯିବ ଏବଂ ଜନସାଧାରଣ ଜାଣିବା ସହିତ ଉପକୃତ ହେଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ମାନ୍ୟବର ବିଧାୟକ ଶ୍ରୀ ସ୍ୱାସ୍ଥ୍ୟ ବିଭାଗର ଅଧିକାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଡାକ୍ତର ସମସ୍ୟା, ଆମ୍ବୁଲାନ୍ସ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ବ୍ୟବସ୍ଥା, ସଠିକ ଭାବରେ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ସଭାରେ ଡେପୁଟି ମ୍ୟାନେଜର,ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସୁକାନ୍ତ କୁମାର ପ୍ରଧାନ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## କଣିହାଁରେ ପ୍ରଜାମଣ୍ଡଳର ୮୮ତମ ଜନ୍ମଜୟନ୍ତୀ ଉତ୍ସବ ପାଳିତ

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲା କଣିହାଁସ୍ଥ ପ୍ରଜାମଣ୍ଡଳ ଭବନ ପରିସରରେ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ, କଣିହାଁ ଆନୁକୂଲ୍ୟରେ ପ୍ରଜାମଣ୍ଡଳର ୮୮ ତମ ଜନ୍ମ ଜୟନ୍ତୀ ଶନିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ତଥା ପାଲଲହଡା ବିଧାୟକ ଆଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଦିବସରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ପଞ୍ଚାୟତିରାଜ , ଗ୍ରାମ୍ୟଉନ୍ନୟନ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ମାନିତ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ପ୍ରଧାନ, ଅନୁଗୋଳ ଜିଲାପାଳ ଅବ୍ଦାଲ ଏମ ଅଖତର, ତାଳଚେର ଉପ ଜିଲାପାଳ ସମୀର କୁମାର ଜେନା, ମୁଖ୍ୟ ବକ୍ତା ଭାବରେ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡଃ ଧରଣୀଧର ନାଥ, ଏନଟିପିସି କଣିହାଁ ର ପ୍ରକଳ୍ପ ମୁଖ୍ୟ କେ ଏନ ରେଡି, ଏମସିଏଲ କଣିହାଁ କ୍ଷେତ୍ର ଜିଏମ ଦିନେଶ କୁମାର ମାଳି ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିବା ପରିପ୍ରେକ୍ଷୀରେ ତାଙ୍କର ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ନାଏକ ଏ ଲଢୁଆ ମାଟିର ପରିଚୟ ହେଉଛି ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ। ବିକଶିତ ଓଡ଼ିଶା ପାଇଁ ଆଜିର ଯୁବ ସମାଜ ସେମାନଙ୍କ ପଥ ଅନୁସରଣ କରିବା ଉଚିତ ବୋଲି କହିଥିଲେ। ଦିବସରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ଓ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ଅମର ଆତ୍ମାର ସଦଗତି ନିମିତ୍ତ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଅତିଥି ମାନଙ୍କ ଦ୍ୱାରା ସ୍ମରଣୀକା 'ଆମେ ସଂଗ୍ରାମୀ' ଉନ୍ମୋଚନ କରାଯିବା ସହ ଦିନେଶ ମାଳିଙ୍କ ଦ୍ୱାରା ସହିଦ୍ ବିକା ନାଏକ ଉପରେ ହିନ୍ଦୀରେ ଲିଖିତ ଏକ ପୁସ୍ତକ ଉନ୍ମୋଚନ କରଯାଇଥିଲା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ କରାଯାଇଥିବା ବକ୍ତୃତା, ରଚନା ଓ ଦେଶାତ୍ମକ ବୋଧକ ଗୀତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ , କଣିହାଁ ବ୍ଲକରେ ମେଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି କୃତ କାର୍ଯ୍ୟ ହୋଇଥିବା ଛାତ୍ର ଶୁଭେନ୍ଦୁ ସାହୁ, ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି , ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ସଭା ପୂର୍ବରୁ ସମସ୍ତ ଅତିଥି ଏନଟିପିସି ବାଇପାସ ଛକ ଠାରେ ଥିବା ସହିଦ ସ୍ମୃତିସ୍ତମ୍ଭ, କଣିହାଁ ବ୍ଲକ କାର୍ଯ୍ୟାଳୟରେ ଥିବା ସ୍ମୃତିସ୍ତମ୍ଭ, ପ୍ୱିତ୍ରମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଟ୍ରଷ୍ଟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ କ୍ଷ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଆବାହକ ଦେବଦତ୍ତ ପ୍ରସାଦ ପ୍ରଧାନ, ତ୍ରିପୁରାରି ପ୍ରଧାନ, ବରିଷ୍ଠ ସଦସ୍ୟ ସଦସ୍ୟ ମହେଶ୍ୱର ପ୍ରଧାନ, ସୁଧାକର ପ୍ରଧାନ, ନୃସିଂହ ବରାଳ,କାଳନ୍ଦୀ ପ୍ରଧାନ, ଭୁପେନ ଗଡନାୟକ, ଉକାଳୁ ସାହୁ, ରଞ୍ଜନ ମିଶ୍ର, ନୀଳକଣ୍ଠ ବେହେରା, ଆଲୋକ ସାହୁ, ସୁନୀଲ ପ୍ରଧାନ, ନିର୍ମଳ ସାହୁ, ବିନାୟକ ପ୍ରଧାନ ,ସମର ବଲ୍ଲଭ ପ୍ରଧାନ, ଅବନୀ ସାହୁ, ଦାସରଥି ସାହୁ, କଳାକାର ସାହୁ, ଦୟାନିଧି ନାଏକ, ଶୁଶାନ୍ତ ସାମଲ, ଟିଟୁ ସାହୁ ପ୍ରମୂଖ ପରିଚାଳନାରେ ସହଯୋଗ କରିଥିଲେ ।

## ଗୋଠଗାଁ ଗଣେଶ ବିଷର୍ଜନରେ ଗଡ଼ିଲା ମୁଣ୍ଡ



ଗଞ୍ଜାମ, (ଭାସ୍କର ନ୍ୟୁଜ୍): ଶେରଗଡ଼ ବ୍ଲକ ଅନ୍ତଗତ ଗୋଠଗାଁ ପଞ୍ଚାୟତରେ ଗତ ରାତିର ଗଣେଶ ଭସାଣିକୁ କେନ୍ଦ୍ରକରି ଦୁଇଗୋଷ୍ଠି ସଂଘର୍ଷରେ ଜଣକର ମୁର୍ତ୍ୟୁ ଘଟିଛି, ମୃତକବ୍ୟକ୍ତି ହଉଛନ୍ତି ପାଟପୁର ଥାନା ଅନ୍ତର୍ଗତ ପି. ଜଗନ୍ନାଥ ପୁରର ଚନ୍ଦନ ବିଶୋଇ, ଘଟଣାରୁ ପ୍ରକାଶ ଜେ ପି.ଜଗନ୍ନାଥ ପୁରର ଚନ୍ଦନ ବିଶୋଇ କିଛି ଦିନ ହବ କୋରଡା ଗ୍ରାମରେ ଭଡାରେ ରହୁଥିଲେ, ସେ ଗତ ରାତିର ଗଣେଶପୂଜା ଭସାଣିକୁ ନେଇ ଗୋଠଗାଁ ସରପଞ୍ଚ କୃଷ୍ଣ ଶୁଆସିୟାଙ୍କ ଘର ସାମ୍ନାରେ କିଛି ଯୁବକ ପାଟି ତୁଣ୍ଡ କରିଥିଲେ ସେହି ପାଟି ତୁଣ୍ଡ ଧୀରେ ଧୀରେ ଉଗ୍ର ରୂପ ନେଇ ଉଭୟଙ୍କ ମଧରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା, ଉଭୟଙ୍କ ହାତାହାତି ମଧରେ ଚନ୍ଦନଙ୍କ ମୁର୍ତ୍ୟୁ ଘଟିଛି, ହାତାହାତିରେ ବ୍ୟବହୃତ ଖଣ୍ଡା, ଭୁଜାଲି, ପଞ୍ଝାକୁ ପୋଲିସ ଜବଦ କରିବା ସହ ମୃତ୍ୟୁ ଚନ୍ଦନ ବିଶୋଇଙ୍କ ମୃର୍ତ୍ୟୁ ଶରୀରକୁ ଜବଦ କରି ହିଞ୍ଜିଳିକାଟୁ ମେଡିକାଲରେ ରଖି ଘଟଣାର ତଦନ୍ତକରୁଛି, ଘଟଣାର ପ୍ରତିକ୍ରିୟା ପୋଲିସ ପକ୍ଷ୍ୟରୁ କିଛି ମିଳିନଥିବାବେଳେ କିଛି ଯୁବକକୁ ଥାନାରେ ଅଟକ ରଖି ପଚରା ଉଚରା ଜାରି ରଖିଛନ୍ତି।

## ବ୍ରହ୍ମାକୁମାରୀ ଆଶ୍ରମରେ ଗୁରୁଦିବସ ପାଳିତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ବ୍ରହ୍ମା କୁମାରୀ ଆଶ୍ରମ ପ୍ରାଙ୍ଗଣରେ ମହା ଆଡ଼ମ୍ବରରେ ଗୁରୁଦିବସ ପାଳନ କରାଯାଇଛି । ଏଥିରେ ମୁଖ୍ୟ ବକ୍ତା ଭାବେ ନବରଙ୍ଗପୁର ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମା କୁମାରୀ ନମିତା ଭଉଣୀ ଯୋଗ ଦେଇ ଶିକ୍ଷା ଅର୍ଥ ସର୍ବାଙ୍ଗୀନ ବିକାଶ ।ଗୁରୁ ସମାଜ ନିର୍ମାଣର କର୍ଣଧାର ଅଟନ୍ତି। ସମାଜ ନିର୍ମାଣ ର ସ୍ଥାନ ସଂସଦ ନୁହେଁ କ୍ଲାସ ରୁମ୍ ।ବର୍ତ୍ତମାନ ସମାଜ ରେ ଛାତ୍ର ମାନଙ୍କ ର ମାନସିକ ପରିବର୍ତ୍ତନ ନିମନ୍ତେ ଭୌତିକ ଶିକ୍ଷା ସହ ଆଧାତ୍ମିକ ଶିକ୍ଷା ଅତ୍ୟନ୍ତ ଜରୁରୀ ଅଟେ ବୋଲି କହି ଥିଲେ ।ସେହି ପରି ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ପାଲକା ଯୋଗ ଦେଇ ଶିକ୍ଷା ପ୍ରତି ଶିକ୍ଷକ ମାନଙ୍କର ଆତ୍ମୀୟତା ସହାନୁଭୂତି ନିଶ୍ୱାର୍ଥ ଜ୍ଞାନ ପ୍ରଦାନ ଭାବ ରହିଲେ ଛାତ୍ର ମାନଙ୍କର ଜୀବନ ପରିବର୍ତ୍ତନ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ।ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅନୁଷ୍ଠାନ ମହାବିଦ୍ୟାଳୟ ଅଧକ୍ଷ ଶ୍ରୀ ଓଁ କାର ପଟ୍ଟନାୟକ,ଗୋଷ୍ଠୀ ଶିକ୍ଷା ଅଧିକାରୀ ପାପଡ଼ାହାଣ୍ଡି ଓ




ତେନ୍ତୁଳିଖୁଣ୍ଟି ଶ୍ରୀ ସୁଦୀପ୍ତ କୁମାର ଦାଶ ,ଗୋଷ୍ଠି ଶିକ୍ଷା ଅଧିକାରୀ ପାପଡ଼ାହାଣ୍ଡି,ଗୋଷ୍ଠି ଶିକ୍ଷା ଅଧିକାରୀ ନବରଙ୍ଗପୁର ସମସ୍ତେ ବ୍ରହ୍ମା କୁମାରୀ ସଂସ୍ଥା କୁ ପ୍ରଶଂସା କରିବା ସହ ଭଗବାନ ପ୍ରତି ଦୃଢ଼ ନିଶ୍ଚୟ ଆଧାରରେ ଭଗବାନ ଙ୍କ ର ସହଯୋଗ ପ୍ରାପ୍ତି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ।ସେହିପରି ନବରଙ୍ଗପୁର ମହାବିଦ୍ୟାଳୟ ର ଉପାଧକ୍ଷ ସଂଗୀତା ତ୍ରିପାଠୀ ସୁସ୍ଥ ମାନସିକତା ଦିଗରେ ଏକାଗ୍ରତା ର ବହୁତ୍ ଆବଶ୍ୟକତା ରହିଛି ବୋଲି କହି ଥିଲେ । ଅନୁଷ୍ଠାନ ର ବ୍ରହ୍ମା କୁମାରୀ ରାକ୍ଷୀ ଭଉଣୀ ଅନୁଷ୍ଠାନ ର ପରିଚୟ ପ୍ରଦାନ କରିଥିବା ବେଳେ ସୁରେଶ ଭାଇ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରାୟ ୧୦୦ରୁ ଉର୍ଦ୍ଧ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଥିଲେ।ସମସ୍ତ ମଞ୍ଚାସିନ ଅତିଥି ଏବଂ ଆମନ୍ତ୍ରିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତିଳକ, ଫୁଲତୋଡ଼ା, ଉପଢକନ୍, ବେଜ୍ ଦେଇ ସ୍ୱାଗତ ସମ୍ମାନ କରାଯାଇଥିଲା। ବ୍ରହ୍ମା କୁମାର ବିଜୟ ଭାଇ,ବିଦ୍ୟା ଭାଇ, ଅଭିଜିତ ଭାଇ, କାହ୍ନା ଭାଇ,ବିଷ୍ଣୁ ଭଉଣୀ, ଅନିତାଭଉଣୀ, ସରତ୍ୱେଶ୍ୱର୍ ଭାଇ,ସୁନୀଲ ଭାଇ, କପିଳ ଭାଇ, ସମସ୍ତ ବ୍ରହ୍ମା କୁମାର ଭାଇ ଭଉଣୀ ସହଯୋଗ କରିଥିଲେ।

## ମାଝୀଗୁଡା ଗଣେଶ ଭସାଣୀବେଳେ ହୃଦଘାତରେ ଜଣେ ମୃତ୍ୟୁ

କଲ୍ୟାଣସିଂହପୁରୁ, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ଗ୍ରାମପଞ୍ଚାୟତ ସଦରରେ ଗଣେଶ ଭସାଣି ବେଳେ ଏକ ଅଘଟଣ ଘଟି ଜଣକର ମୃତ୍ୟୁ ହୋଇଥିବା ଜଣାପଡିଛି। ମାଝୀଗୁଡା ଗ୍ରାମରେ ଗଣେଶ ପୂଜା ଆଡ଼ମ୍ବରରେ ପାଳନ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟା ଛଅ ଘଣ୍ଟା ସମୟରେ ବାଣ ରୋଷଣୀ ନେଇ ଗଣେଶ ମୂର୍ତ୍ତି ବିସର୍ଜନରେ ବାହାରିଥିଲେ। ଗ୍ରାମର ଜାଡ଼ି ବେଣୁ ଗୋପାଳ (୫୪)ର (ହାର୍ଟ ଆଟାକ)ହୃଦଘାତ ହୋଇ ଘଟଣା ସ୍ଥଳରର ଟଳି ପଡ଼ିଥିଲେ। ଘଟଣାରୁ ପ୍ରକାଶଯେ ସନ୍ଧ୍ୟା ଛଅ ଘଣ୍ଟା ସମୟରେ ଗଣେଶ ଭୋସାଣି ଉତ୍ସବ ଆରମ୍ଭ ହୋଇଥିଲା ମାଝୀଗୁଡା ଗ୍ରାମରେ। ସେହି ସମୟରେ ଗ୍ରାମବାସିଙ୍କ ସହ ଜାଡ଼ି ବେଣୁଗୋପାଳ ବିସର୍ଜନ ପାଇଁ ସାହିରେ ଶୋଭାଯାତ୍ରାରେ ଯାଉଥିଲେ। ନାଚ ଗୀତ କରୁଥିବା ବେଳେ ହଠାତ ଏହି ଘଟଣାସ୍ଥଳରେ ପଡିଗଲେ ବୋଲି ଆଲୋଚନା ହେଉଛି। ସରକାର ଅତିକମ ଶବ୍ଦର ସାଉଣ୍ଡ ବକ୍ସ ଲଗାଇ କଡା ନିୟମ କରିଥିବା ବେଳେ



ନିୟମକୁ କେହି ମାନୁନଥିବାରୁ ଏଭଳି ଘଟଣା ଘଟିଟିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଥିବା ବେଳେ କୌଣସି ସୂତ୍ରରୁ କଲ୍ୟାଣସିଂହପୁର ପୁଲିସ ଥାନା ଅଧିକାରୀ ନୀଳକଣ୍ଠ ବେହେରା ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି ଶବଜବତ କରି ଅପମୃତ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଜି ସକାଳେ ଶବବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି।

## ସିପିଆଇର ୨୪ତମ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ତିନିଦିନିଆ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ସାମ୍ବିଧାନିକ ସ୍ୱାୟତ୍ତ ସଂସ୍ଥା କେନ୍ଦ୍ରୀୟ ନିର୍ବାଚନ କମିଶନ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଭୋଟ ଚୋରୀ ଓ ଭୋଟଦାତାଙ୍କୁ ଭୋଟଦାନ ଅଧିକାରରୁ ବଞ୍ଚିତ କରିବା ପାଇଁ ତଥାକଥିତ ଏସ୍‌ଆଇଆର୍ ନାମରେ ଦେଶର ଗଣତନ୍ତ୍ର ଉପରେ ବଜେପିର ନଗ୍ନ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ପ୍ରସ୍ତାବ ସାଙ୍ଗକୁ କେନ୍ଦ୍ର ସରକାରଙ୍କ ଖଣିଜ ଘରୋଇକରଣ, ବିଜେପିକୁ ଚାନ୍ଦା ଦେଉଥିବା କର୍ପୋରେଟ୍‌ମାନଙ୍କ ସ୍ୱାର୍ଥରେ ହଜାର ହଜାର ଆଦିବାସୀଙ୍କୁ ବିସ୍ଥାପନ, ଜିଏସ୍‌ଟି ନାମରେ ସମସ୍ତ ସାମଗ୍ରୀ ଉପରେ ଅତ୍ୟଧିକ ଟିକସର ବୋଝ ଓ ଜାତୀୟ ଶିକ୍ଷାନୀତି-୨୦୨୦ ଆଳରେ ଶିକ୍ଷାର ଘରୋଇକରଣ, ସ୍କୀମ୍ ୱାର୍କରମାନଙ୍କୁ ୱାର୍କର ମାନ୍ୟତା, କୃଷକଙ୍କୁ ସହଜ ଫସଲ ବୀମା ଓ ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନଗତ ଗ୍ୟାରେଣ୍ଟି ଦାବିରେ ବ୍ୟାପକ ଗଣସଂଘର୍ଷ ସଂଗଠିତ କରିବାକୁ ପ୍ରସ୍ତାବମାନ ଗୃହୀତ ହୋଇଛି। ସମ୍ମିଳନୀର ଶେଷ ଅଧିବେଶନରେ ପାର୍ଟିର ଓଡ଼ିଶା ଦାୟିତ୍ୱରେ ଥିବା ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଓ ଆନ୍ତର୍ଜାତିକ ସମ୍ପର୍କ ସମ୍ପାଦକ ପଲ୍ଲବ ସେନଗୁପ୍ତ ଉଦ୍‌ବୋଧନ ଦେଇଥିଲେ। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଓ ସହ ସମ୍ପାଦକ କ୍ଷୀରୋଦ ସିଂହଦେଓଙ୍କ ଦ୍ୱାରା ଆଗତ ଯଥାକ୍ରମେ ରାଜନୈତିକ ଓ ସାଙ୍ଗଠନିକ ପ୍ରସ୍ତାବ ସମ୍ମିଳନୀରେ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା। ପାର୍ଟିର କଣ୍ଟ୍ରୋଲ କମିଶନ ଅଧ୍ୟକ୍ଷ ବସନ୍ତ ପାଇକରାୟ ଓ ଅଡିଟ୍ କମିଶନ ସଦସ୍ୟ ସୁରେଶ ଚନ୍ଦ୍ର ବିଶ୍ୱାଳ ଗତ ୩ ବର୍ଷର ବିବରଣୀ ଉପସ୍ଥାପନ କରିଥିଲେ। ଆଗାମୀ ୨୧ରୁ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ପାର୍ଟିର ସର୍ବ ଭାରତୀୟ ମହା ଅଧିବେଶନ ପାଇଁ ୧୭ଜଣ ପ୍ରତିନିଧି ରାଜ୍ୟ ସମ୍ମିଳନୀ ଦ୍ୱାରା ନିର୍ବାଚିତ ହୋଇଥିଲେ। ଆଗାମୀ ୩ ବର୍ଷ ପାଇଁ ୬୧ଜଣିଆ ରାଜ୍ୟ ପରିଷଦ, ୨୫ ଜଣିଆ ରାଜ୍ୟ କାର୍ଯ୍ୟକାରୀ କମିଟି ଓ ୭ଜଣିଆ କଣ୍ଟ୍ରୋଲ କମିଶନ ନିର୍ବାଚିତ ହୋଇଛନ୍ତି। ଏହି ନବ ନିର୍ବାଚିତ ରାଜ୍ୟ ପରିଷଦ ଯୁବପୀଢ଼ିକୁ ଅଗ୍ରାଧିକାର ଦେଇ ଡଃ ପ୍ରଶାନ୍ତ ମିଶ୍ରଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ କରିଛନ୍ତି।

## କେଉଁଝରକୁ ସମ୍ପ୍ରସାରିତ ହେବ ଶୂନ ଦୁର୍ଘଟଣା ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ, ଆରବିଜି ଲ୍ୟାବ୍ସ, ଆଇଆଇଟି ମାଡ୍ରାସ ସହଯୋଗରେ, କେନ୍ଦୁଝର ଜିଲ୍ଲାରେ ଶୂନ୍ୟ ଦୁର୍ଘଟଣା ଦିବସ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ଦୃଷ୍ଟିକୋଣ ସହିତ ସଂଯୁକ୍ତ ଏହି ପଦକ୍ଷେପ ଭୁବନେଶ୍ୱରରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଶୂନ ଦୁର୍ଘଟଣା ଦିବସର ଚମତ୍କାର ସଫଳତା ଯାହା ସଡ଼କ ଦୁର୍ଘଟଣାରେ ଏକ ଦୃଶ୍ୟମାନ ହ୍ରାସ ରେକର୍ଡ କରିଛି ଏବଂ ସୁରକ୍ଷିତ ସଡ଼କ ଅଭ୍ୟାସ ଉପରେ ବ୍ୟାପକ ନାଗରିକ ସଚେତନତା ସୃଷ୍ଟି କରିପାରିଛି। କେନ୍ଦୁଝରରେ ଏହି ଅଭିଯାନ ୧୪ ଦିନ ଧରି ଚାଲିବ ଯାହା ଶିକ୍ଷା, ସଚେତନତା, ପ୍ରବର୍ତନ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ସମନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଛି। କେଉଁଝର ଦୁର୍ଘଟଣା ପ୍ରବଣ ଜିଲ୍ଲା ହୋଇଥିବାରୁ ରଣନୀତିକ ଭାବେ ବଛାଯାଇଛି- ଯାହା ସଡ଼କ ସୁରକ୍ଷା ପ୍ରତି ରାଜ୍ୟର ଗଭୀର ପ୍ରତିବଦ୍ଧତାର ପ୍ରତୀକ। ପରିବହନ କମିଶନର ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେଉଁଝର ଶୂନ ଦୁର୍ଘଟଣା ଦିବସ ପାଇଁ ରୋଡମ୍ୟାପ୍ ଚୂଡ଼ାନ୍ତ ହୋଇଥିଲା। ଆଇଆଇଟି ମାଡ୍ରାସ ରଉଇଜ ତଥ୍ୟ ଉପରେ ଆଧାରିତ ଦୁର୍ଘଟଣାର ଗମ୍ଭୀରତା, ଦୁର୍ଘଟଣାର ପିକ୍ ସମୟ, ଉଲ୍ଲଂଘନ ଧାରା ଏବଂ ଯାନବାହାନ ବର୍ଗୀକରଣ ସମେତ ତଥ୍ୟ ଅନ୍ତର୍ଦୃଷ୍ଟି ଉପସ୍ଥାପନ କରିଥିଲା। ଜିଲ୍ଲାପାଳ ବିଶାଲ୍ ସିଂହଙ୍କ ସମେତ ପୋଲିସ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମାନସିକ ଅନଗ୍ରସର ମହିଳାଙ୍କୁ ନିର୍ଯାତନା

## ଅବହେଳାକାରୀ ପୋଲିସ କର୍ମଚାରୀଙ୍କ ନିଲମ୍ବନ ଦାବି କଲା କଂଗ୍ରେସ

କଟକ(ଭାସ୍କର ନ୍ୟୁଜ୍): ଗତ ତିନି ଦିନ ତଳେ ରାତିରେ ଜଗତପୁର ଥାନା ଅଧୀନସ୍ଥ ନୂଆସାହି-ପୋଢ଼ାବର କେନାଲ ବନ୍ଧରେ ଜଣେ ମାନସିକ ଅନଗ୍ରସର ମହିଳାଙ୍କୁ ଆକ୍ରମଣ ଓ ନିର୍ଯାତନା ଘଟଣାରେ ଅଭିଯୁକ୍ତମାନଙ୍କୁ ପୋଲିସ୍ ଗିରଫ କରିବାରେ ବିଫଳ ଲହୋଇଛଇ ବୋଲଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଏଡି ଘଟଣାରେ ଅବହେଳାକାରୀ ପୁଲିସ୍ କର୍ମଚାରୀଙ୍କୁ ତୁରନ୍ତ ନିଲମ୍ବନ କରିବାକୁ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । ଏହି ଅବସରରେ କଟକ ନଗର(ଜିଲ୍ଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜଗତପୁର ଥାନାକୁ ଯାଇ ଏ ପ୍ରସଙ୍ଗରେ ଆଲୋଚନା କରିବା ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା, ଦୁବୃତମାନଙ୍କୁ ଗିରଫ କରିବା ଓ ରାତ୍ରି ପିସିଆର ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଯେଉଁମାନେ ନିଜ କର୍ତବ୍ୟରେ ଅବହେଳା କରଛନ୍ତି ସେମାନଙ୍କୁ ତୁରନ୍ତ ନିଲମ୍ବନ କରିବା ଦାବୀରେ ଏକ ଲିଖିତ ଦାବୀପତ୍ର ଡିସିପିଙ୍କ ଉଦ୍ଦେଶ୍ୟରେ ଜଗତପୁର ଥାନା ଜରିଆରେ ଦିଆଯାଇଛି । ଏହି ପ୍ରତିନିଧିମଣ୍ଡଳୀରେ ବରିଷ୍ଠ କଂଗ୍ରେସ୍ ନେତା ରାମଚନ୍ଦ୍ର ଗୋଛାୟତ, ୮ନଂ ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, କଟକ ନଗର ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଳବ ଶିଳାଦିତ୍ୟ, ଲକ୍ଷ୍ମୀଧର ଶରଣ, ପ୍ରଶାନ୍ତ ଭୋଇ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟ ନାରାୟଣ ତ୍ରୀପାଠୀ, ଜିଲ୍ଲା ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, ସୁକାନ୍ତ ସାହାଣୀ, ବରିଷ୍ଠ ନେତା ଗୋଲେଖ ଚନ୍ଦ୍ର ରାଉତ, ସୁବାସ ସୁବୁଦ୍ଧିରାୟ, ହରିହର ପରିଡା, ହେମରାଜ ବିଶ୍ୱାଳ, ମୋନାଲିସା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର ସାଇନ୍ସ ସିଟି ନିର୍ମାଣ ପାଇଁ ନିଆଯିବ ପରାମର୍ଶ: ମନ୍ତ୍ରୀ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଏଥିନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ମର୍ମରେ ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଥିବା ସାଇନ୍ସ ସିଟିର ନିର୍ମାଣ ଶୈଳୀ ଓ କାର୍ଯ୍ୟଦକ୍ଷତା ମଧ ଅନୁଧାନ କରୁଛନ୍ତି । ଗତ ସପ୍ତାହରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିହାର ଗସ୍ତ କରି ପାଟନା ସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ବିଜ୍ଞାନ ସିଟି ପରିଦର୍ଶନ କରିଥିଲେ । ଏଥିସହ ଏହି ଗସ୍ତ ସମୟରେ ସେ ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ମଧ ଆଲୋଚନା କରିଥିଲେ । ଆମ ରାଜ୍ୟରେ ଭୁବନେଶ୍ୱରରେ ୧୦୦ ଏକର ଯାଗାରେ ନିର୍ମାଣ ହେବାକୁ ଥିବା ଉକ୍ତ ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ନୀମଜ୍ଜିତ ଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ସହିତ ବୈଜ୍ଞାନିକ ଅଧ୍ୟୟନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା ତଥା ବୈଜ୍ଞାନିକ ଅନୁସନ୍ଧିତ୍ସା, ଉଦ୍ଭାବନ ଓ ଶିକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଯୋର ଧରିଲା କଟାଗାଁକୁ ନୂତନ ବ୍ଲକ୍ ଗଠନଦାବି



କୋଷାଗୁମୁଡା , (ଭାସ୍କର ନ୍ୟୁଜ୍): ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କଟାଗାଁଠାରେ। କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ତାରାଗାଁ ପଞ୍ଚାୟତ ସ୍ଥିତ କଟାଗାଁକୁ ନୂତନବ୍ଲକ ମାନ୍ୟତା ଦେବାପାଇଁ ଦାବୀ ବର୍ତ୍ତମାନ ଯୋର ଧରିବାରେ ଲାଗିଛି। ଏନେଇ ଆଜି ତାରାଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ପୁଣିଥରେ ଦ୍ୱିତୀୟ ବୈଠକ ଆୟୋଜନ କରାଯାଇଛି । ଆୟୋଜିତ ଉକ୍ତ ବୈଠକରେ ୯ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ଅଞ୍ଚଳର ଜ୍ଞାନୀଗୁଣି, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ସହସ୍ରାଧିକ ସଂଖ୍ୟାରେ ଯୋଗଦେଇଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉକି, କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ୯ ଗୋଟି ପଞ୍ଚାୟତ ଯଥା:-ତାରାଗାଁ, ବଡ଼ଗୁମୁଡା, ଆଟିଗାଁ ଲେଙ୍ଗା, ଏକରୀ, ମୋତିଗାଁ, ବାଙ୍କୁଲୀ,ଏମ କେରାଗାଁ, ଓ ଟେମରା ପଞ୍ଚାୟତବାସୀଙ୍କୁ ବ୍ଲକ କାର୍ଯ୍ୟାଳୟ ଯିବାକୁ ହେଲେ ୪୦ କିଲୋମିଟରରୁ ଉର୍ଦ୍ଧ ରାସ୍ତା ଯିବାକୁ ପଡୁଥିବା ଯୋଗୁଁ ସବୁବେଳେ ହଇରାଣ ହୋଇଆସୁଛନ୍ତି । ବ୍ଲକ କାର୍ଯ୍ୟାଳୟର କାମ ହେଉ ଅଥବା ମେଡିକାଲ କାର୍ଯ୍ୟ ହେଉ ଓ ତହସିଲ, ଥାନା କାର୍ଯ୍ୟ ହେଉ ସବୁଥିରେ ଅସୁବିଧା ଭୋଗୀଆସୁଥିବା ବେଳେ ପ୍ରଶାସନିକ ସୁବିଧା ମଧ ଠିକଭାବେ ଏହି ସବୁ ଅଞ୍ଚଳବାସୀଙ୍କ ପାଖରେ ପହଞ୍ଚି ପାରୁନାହିଁ । ବେଳେବେଳେ ପ୍ରଶାସନ ମଧ ଏହିସବୁ ଅଞ୍ଚଳକୁ ଅଣଦେଖା କରୁଥିବା ଅଞ୍ଚଳବାସୀ ଦାବି କରିଆସୁଛନ୍ତି । ତେଣୁ କୋଟାଗାଁ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଦେଲେ ଉପରୋକ୍ତ ୯ ଗୋଟି ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଆଜିର ବୈଠକରେ ଆଲୋଚନା କରାଯାଇଥିଲା । ପୂର୍ବରୁ ମଧ ୨୦୧୪ ମସିହାରୁ କଟାଗାଁକୁ ସ୍ୱତନ୍ତ୍ର ବ୍ଲକ ପାଇଁ ଦାବୀ ହୋଇଆସୁଛି ।ହେଲେ ସେ ସମୟର ସରକାର ଅଞ୍ଚଳବାସୀଙ୍କ ଦାବିକୁ ଭ୍ରୁକ୍ଷେପ ନକରିବାରୁ ଅଞ୍ଚଳବାସୀଙ୍କୁ କୌଣସି ସୁଫଳ ମିଳିନଥିଲା ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଆସିବା ପରେ ଅଞ୍ଚଳବାସୀଙ୍କୁ ଏକ ନୂତନ ଆଲୋକ ଦୃଶ୍ୟମାନ ହୋଇଛି ।ତେଣୁ ଏହି ଦାବୀ ପୂରଣ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ,ରାଜସ୍ୱ ମନ୍ତ୍ରୀଙ୍କୁ ଅତିଶୀଘ୍ର ଦାବିପତ୍ର ଦେବାନେଇ ଆଜିଦିନ ଓ ତାରିଖ ସ୍ଥିର କରାଯାଇଛି ।ଏହିପରିପ୍ରେକ୍ଷୀରେ ତାରାଗାଁ ସରପଞ୍ଚ-କୁମର ଭତ୍ରା, ମୋତିଗାଁ ସରପଞ୍ଚ- ରାମଚନ୍ଦ୍ର ନାୟକ/ନବିନା ନାୟକ, ୍ୱାଙ୍କୁଳି ସରପଞ୍ଚ-ସାୟବ ଯାନୀ, ବାଲେଙ୍ଗା ସରପଞ୍ଚ-ନୀଳଧର ଭତ୍ରା, ଦୁର୍ଜନ ଭତ୍ରା,ଆଟିଗାଁ ସରପଞ୍ଚ- ଭଗବତୀ ମାଝୀ,ଏମ କେରା ଗାଁ ସରପଞ୍ଚ-ଧନସିଂ ଭତ୍ରା, ବୋଡୋଗୁମୁଡା ସରପଞ୍ଚ-ବାସନ୍ତୀ ଭତ୍ରା, ଏକରୀ ସରପଞ୍ଚ-ବାସନ୍ତୀ ଭତ୍ରା ପ୍ରମୁଖଙ୍କ ସହ କୁସିଆ ମାଝୀ,ଉର୍ଦ୍ଧ୍ୱ ମାଝୀ, ଚିତ୍ତରଞ୍ଜନ ଗୌଡ଼, ବେଲାଳସେନ ହରିଜନ, ପ୍ରହଲ୍ଲାଦ ଭତ୍ରା, ଈଶ୍ୱର ପୂଜାରୀ, ଦୁର୍ଯ୍ୟୋଧନ ମିର୍ଗା ନ,ସନ୍ତୋଷ ପଟ୍ଟନାୟକ, ଗୁରୁବାରୁ ଭତ୍ରା, ଗୋପି କଲାର,ମୂରଲୀ ହଲବା, ସୋନାଧର ଭତ୍ରା, ବିଶ୍ୱନାଥ ଭତ୍ରା, ଟେମୋନ ପୂଜାରୀ, ଦେବୀସିଂ ଗୌଡ଼, ରବି ନାୟକ, ପଦ୍ମନ ନାୟକ, ଢ଼ିପାଲ ଭତ୍ରା, ଧର୍ମୁ ଗଉନ୍ତିଆ, ପ୍ରେମଚରଣ ନାୟକ, ପର୍ଶୁ ହରିଜନ, ଅସ୍ତୁ କଲାର,ପଦଲାମ ଭତ୍ରା, ବସମନ କଲାର,ବୈଶାକୁ କଲାର,ପିତବାସ ଜାନୀ ,ଅମରଦାସ ମାଝୀ ,ମୋତିରାମ ଭତ୍ରା ,ବିକ୍ରମ ଭତ୍ରା ,ଶଙ୍କର ଜାନୀ ଓ ସତ୍ୟବ୍ରତ ଜାନୀ ପ୍ରମୁଖ ୯ଗୋଟି ପଞ୍ଚାୟତ ବାସୀ ଉପସ୍ଥିତଥିଲେ।

## ମହିଳା ଉଦ୍ୟୋଗୀଙ୍କ ପାଇଁ ଭୋକାଲ୍-ଫର-ଲୋକାଲ ରିଟେଲ୍ ଷ୍ଟୋର୍ ଉଦଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ 'ଭୋକାଲ୍ ଫର ଲୋକାଲ' ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଓଡି ସୋସିଆଲ୍ ଓଡ଼ିଶାରେ ଏହାର ପ୍ରଥମ ପ୍ରକାରର ରିଟେଲ ଆଉଟଲେଟ୍ ଆରମ୍ଭ ହୋଇଛି । ଏହି ଅନନ୍ୟ ପଦକ୍ଷେପ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ଗୋଟିଏ ଛାତ ତଳେ ଏକାଠି କରିବ, ସେମାନଙ୍କୁ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ କରିବା ପାଇଁ ଏକ ସାମୂହିକ ପ୍ଲାଟଫର୍ମ ପ୍ରଦାନ କରିବ ।ଏହି ଫ୍ଲାଗସିପ୍ ଷ୍ଟୋରଟି ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଆରତୀ ଆହୁଜାଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଯିଏ ମହିଳା ସଶକ୍ତିକରଣ ଏବଂ ସାମାଜିକ କାରଣ ପାଇଁ ତାଙ୍କର ଅବଦାନ ପାଇଁ ଜଣାଶୁଣା ଜଣେ ଦୂରଦୃଷ୍ଟିସମ୍ପନ୍ନ ଲିଡର। ଏହି ଅବସରରେ ଓଡ଼ିଶାର ଅନେକ ପ୍ରମୁଖ ମହିଳା ନେତ୍ରୀ ଯୋଗଦେଇ ଷ୍ଟାର୍ଟ-ଅପ୍ ?ଗୁଡିକୁ ସେମାନଙ୍କର ଦୃଷ୍ଟିକୋଣ ଏବଂ ସ୍ୱପ୍ନ ଉପରେ କାମ କରିବାକୁ ଉତ୍ସାହିତ କରିଥିଲେ। ଓଡି ସୋସିଆଲ୍ ଅନ୍ତର୍ଭୁକ୍ତିର ଦର୍ଶନ ଉପରେ ନିର୍ମିତ, ଯାହା ବିଭିନ୍ନ କ୍ଷେତ୍ରରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ସ୍ଥାନ ପ୍ରଦାନ କରେ । କଳା, ହସ୍ତଶିଳ୍ପ, ବୟନଶିଳ୍ପ, ଅଳଙ୍କାର, ଗୃହ ସାଜସଜ୍ଜା, ଜୈବିକ ଉତ୍ପାଦ, ପୋଷାକ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସାମଗ୍ରୀ, ସୌନ୍ଦର୍ଯ୍ୟ ଉତ୍ପାଦ, ଖାଦ୍ୟ, କର୍ପୋରେଟ୍ ଉପହାର, ସୌନ୍ଦର୍ଯ୍ୟ ସେବା ଏବଂ ଅନ୍ୟାନ୍ୟ। ଏହି ଉଦ୍ୟୋଗୀମାନଙ୍କ ମଧ୍ୟରୁ ଅନେକ ହେଉଛନ୍ତି ନବସୃଜନଶୀଳ ଏବଂ ଉଚ୍ଚମାନର ସାମଗ୍ରୀ ଉତ୍ପାଦନ କରୁଥିବା ଷ୍ଟାର୍ଟ-ଅପ୍ କିନ୍ତୁ ପ୍ରୋତ୍ସାହନ, ଦୃଶ୍ୟମାନତା ଏବଂ ବଜାର ସଂଯୋଗରେ ପ୍ରାୟତଃ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତି। ଓଡି ସୋସିଆଲ ସେମାନଙ୍କୁ ଏକ ସଂରଚିତ ଖୁଚୁରା ଇକୋସିଷ୍ଟମରେ ପ୍ରବେଶ ପ୍ରଦାନ କରି ଏହି ବ୍ୟବଧାନକୁ ପୂରଣ କରିବ । ୨୦+ ରୁ ଅଧିକ ମହିଳା ଉଦ୍ୟୋଗୀ ପ୍ରାରମ୍ଭିକ ଲଞ୍ଚର ଅଂଶ, ଏବଂ ଏହି ସଂଖ୍ୟା ବର୍ଷ ବର୍ଷ ଧରି ବୃଦ୍ଧି ପାଇବାର ଆଶା କରାଯାଉଛି ଯାହା ତୃଣମୂଳ ମହିଳା ଉଦ୍ୟୋଗୀ ଏବଂ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ମଧ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରିବାର ସୁଯୋଗ ଦେବ। ଏହି ପଦକ୍ଷେପ ସୁକୀର୍ତ୍ତୀ ପଟ୍ଟନାୟକ ଦୃଷ୍ଟିକୋଣ ଏବଂ ସୋନିକା ପ୍ରଧାନଙ୍କ ସହଯୋଗ ରହିଛି।



# ଆମ କଳାହାଣ୍ଡି







## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ପବିତ୍ର ମୋହନ ସାହୁ ଓ ହେମସାଗର ମହାନନ୍ଦ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ଦେଶବନ୍ଧୁ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ଜଗବନ୍ଧୁ ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଥିବା ଭବାନୀପାଟଣା ବ୍ଲକ୍‌ର ତଳବେଲଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନୀଳାଞ୍ଚଳ ପାନ ଏବଂ ପୁରୁଣାପଡା ଉ.ପ୍ରା ବିଦ୍ୟାଳୟର ବିଷ୍ଣୁପ୍ରିୟା ଚଣ୍ଡ; ଧର୍ମଗଡ଼ ବ୍ଲକ୍‌ର ବ୍ରାହ୍ମଣଛେଣ୍ଡିଆ ଉଚ୍ଚ ବିଦ୍ୟାଳୟର ଶିବଶଙ୍କର ମିଶ୍ର ଓ ରାଜେନ୍ଦ୍ର ଆଚାର୍ଯ୍ୟ, କନାଗାଁ ଉଚ୍ଚ ବିଦ୍ୟାଳୟର ପଲ୍ଲବୀ ପଣ୍ଡା ଓ ବଗାଡ଼ ଉ.ପ୍ରା ବିଦ୍ୟାଳୟର ବଟକୃଷ୍ଣ ବେହେରା; ଗୋଲାମୁଣ୍ଡା ବ୍ଲକ୍‌ର ଭାଟିପଡା ଉ.ପ୍ରା ବିଦ୍ୟାଳୟର ଗୀତାଞ୍ଜଳି ସାହୁ, ଜୟପାଟଣା ବ୍ଲକ୍‌ରୁ ହୀରାପୁର ଉଚ୍ଚ ବିଦ୍ୟାଳୟର ହେମନ୍ତ ମାଝୀ; ଜୁନାଗଡ଼ ବ୍ଲକ୍‌ର ଜୁନାଗଡ଼ ଉଚ୍ଚ ବିଦ୍ୟାଳୟର ମଳୟ ମୁଣ୍ଡ ଓ ବ୍ରାହ୍ମଣୀଗୁଡା ଉଚ୍ଚ ବିଦ୍ୟାଳୟର ସୋନାଲି କୁମାରୀ ମାଝୀ; କଲମପୁର ବ୍ଲକ୍‌ର ମଣ୍ଡଳ ଉଚ୍ଚ ବିଦ୍ୟାଳୟର ବୀରେନ୍ଦ୍ର ଚୌହାନ ଓ ଖମନପଡା ପ୍ରାଥମିକ ବିଦ୍ୟାଳୟର ଦେବେନ୍ଦ୍ର ନାଏକ; କର୍ଲାମୁଣ୍ଡା ବ୍ଲକ୍‌ର ସୁରୁଜୁଲି ଉ.ପ୍ରା ବିଦ୍ୟାଳୟର ପ୍ରତାପ ପ୍ରଧାନ; କେସିଙ୍ଗା ବ୍ଲକ୍‌ର କେସିଙ୍ଗା ଉଚ୍ଚ ବିଦ୍ୟାଳୟର ଯୁଗଳ ଛତ୍ରିଆ, ରଶ୍ମିତା ପାଣିଗ୍ରାହୀ, ରଶ୍ମିସ୍ମିତା ବେହେରା ଓ ନବୀନ ନାଏକ, ସିରୋଲ ଉଚ୍ଚ ବିଦ୍ୟାଳୟର ପ୍ରଳୟ ମହାପାତ୍ର, ନୁନମାଠ ଉଚ୍ଚ ବିଦ୍ୟାଳୟର କାଞ୍ଚନଲତା ଷଡ଼ଙ୍ଗୀ, କେସିଙ୍ଗା ୱାର୍ଡ ନଂ ୯ ପ୍ରାଥମିକ ବିଦ୍ୟାଳୟର ପୂଜାରାଣୀ ବଳସାମନ୍ତ; କୋକସରା ବ୍ଲକ୍‌ର ଜବାହର ଉଚ୍ଚ ବିଦ୍ୟାଳୟ, କୋକସରାର ଅମିତ ମହାନ୍ତି ଓ ଡେଙ୍ଗାଗୁଡା ପ୍ରାଥମିକ ବିଦ୍ୟାଳୟର ପଦ୍ମଲୋଚନ ସାହୁ; ଲାଞ୍ଜିଗଡ଼ ବ୍ଲକ୍‌ର କନର୍ଲା ପ୍ରାଥମିକ ବିଦ୍ୟାଳୟର ଆଦିତ୍ୟ ପଣ୍ଡା; ମଦନପୁର ରାମପୁର ବ୍ଲକ୍‌ର ନୂନପୁର ଉଚ୍ଚ ବିଦ୍ୟାଳୟର ସଞ୍ଜୟ ସେଠୀ ଓ ପ୍ରକାଶ ସେଠୀ, ମଦନପୁର ରାମପୁର ଉ.ପ୍ରା ବିଦ୍ୟାଳୟର ଶୁଭ୍ରକାନ୍ତି ସାହୁ; ନର୍ଲା ବ୍ଲକ୍‌ର ନର୍ଲା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ସର୍ମିତା ସେଠୀ ଓ ପ୍ରଶାନ୍ତ ସାହୁ, ରୁପ୍ରାରୋଡ୍ ଉଚ୍ଚ ବିଦ୍ୟାଳୟର ରାକେଶ ସାହୁ, ଘଣ୍ଟମାଳ ବିଘ୍ନେଶ୍ୱର ଉଚ୍ଚ ବିଦ୍ୟାଳୟର ବସନ୍ତ ସାମନ୍ତରାୟ, ତୁଳାପଡା ଦାମୋଦର ଉଚ୍ଚ ବିଦ୍ୟାଳୟର ସନ୍ତୋଷାନନ୍ଦ ନାୟକ ଓ ରୁପ୍ରାରୋଡ୍ ଉ.ପ୍ରା ବିଦ୍ୟାଳୟର ଅନୀଲ ପ୍ରସାଦ ସାହୁ; ଥୁଆମୁଲ ରାମପୁର ବ୍ଲକ୍‌ର କର୍ଲାପାଟ ଉଚ୍ଚ ବିଦ୍ୟାଳୟର କିଶୋର ରାଉତରାୟ ଓ ଡାଲଗୁମା ପ୍ରାଥମିକ ବିଦ୍ୟାଳୟର ସୀମାଞ୍ଚଳ ପୁଝାରୀ; ଭବାନୀପାଟଣା ଉପଖଣ୍ଡ ଭୀମକେଲା କ୍ଲଷ୍ଟରର ସିଆରସିସି ବିଜୟ ସୁନା ଓ ଧର୍ମଗଡ଼ ଉପଖଣ୍ଡ ବରଗାଁ କ୍ଲଷ୍ଟରର ସିଆରସିସି ମନୋଜ ମେହେରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ଜିଲ୍ଲା ସଂଯୋଜକ ପ୍ରଶାନ୍ତ ନନ୍ଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ରୂପସିଂ ରାଉତ, ଦୁଷ୍ମନ୍ତ ଶେଖର ପାଢ଼ୀ, ବାପାଙ୍ଗି ପ୍ରଧାନ, ସୁଧୀର ଧଙ୍ଗଡ଼ାମାଝୀ, ତିଲୋତ୍ତମା ନାଏକଙ୍କ ସମେତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ମହମ୍ମଦ ଜୟନ୍ତୀ ପାଳିତ



ଭାବନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜାମା ମସଜିଦ ପକ୍ଷରୁ ହଜରତ ମହମ୍ମଦ ସଲେଲ୍ଲା ହେଅଲୌ ହୋ ସଲ୍ଲମ୍‌ଙ୍କ ୧୫୦୦ ତମ ଜୟନ୍ତୀ 'ଇଦ ମିଲାଦୁ ନବୀ' ଆନନ୍ଦ ଉଲ୍ଲାସ ମଧ୍ୟରେ ଆୟୋଜିତ ହୋଇଯାଇଅଛି। ମସଜିଦ ପରିଚାଳନା କମିଟି ସଭାପତି ଜନାବ ଆୟୁବ ଅଲ୍ଲୀ ଖାଁ, କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନଙ୍କ ସହଯୋଗରେ ଏହି ପବିତ୍ର ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ମସଜିଦ କମିଟି ପକ୍ଷରୁ ଏକ ବିଶାଳ ଧାର୍ମିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ହଜାର ହଜାର ସଂଖ୍ୟାରେ ମୁସଲିମ ଭାଇମାନେ ଏହି ଶୋଭାଯାତ୍ରାରେ ଭାଗ ନେଇଥିଲେ। ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। କମିଟି ପକ୍ଷରୁ ସଭାପତି ଜନାବ ଆୟୁବ ଅଲ୍ଲୀ ଖାଁ, ଉପସଭାପତି ଜନାବ ଶେଖ ଅନସାର, ଜନାବ ସମିମ ଅହମ୍ମଦ ଖାଁ, ସମ୍ପାଦକ ଜନାବ ହାଜି ହନିଫ ଖାଁ, ସହ ସମ୍ପାଦକ ଜନାବ ତାହିର ଖାଁ,ସହ ସମ୍ପାଦକ ଜନାବ ମହମ୍ମଦ ଅବଦୁଲ ସଫିକ, ସହ ସମ୍ପାଦକ ହାଜି ଜାକିର ମହମ୍ମଦ, କୋଷାଧକ୍ଷ ଜନାବ ସେଖ ଅବଦୁଲ ମାନ୍ନାନ ଏବଂ ଅନ୍ୟାନ୍ୟ ସଭ୍ୟମାନେ ଗୁସାଲ୍ଲେ ମୁହେ ମୁବାରକ ଶୋଭାଯାତ୍ରାରେ ସମସ୍ତ ସହଯୋଗ କରିଥିଲେ। ପରେପରେ ରାତିରେ ମସଜିଦ ଠାରେ ଆମଲଙ୍ଗରର ବ୍ୟବସ୍ଥା କରାଯାଇଥିଲା।

---



ଜୟପାଟଣା, (ଭାସ୍କର ନ୍ୟୁଜ୍) : ମୁସଲମାନ ଧର୍ମର ପ୍ରତିଷ୍ଠାତା ହଜରତ ମହମ୍ମଦ ସାହବଙ୍କ ଜନ୍ମଦିନ ଇଦ୍-ଇ-ମିଲାଦ-ଅନ୍-ନବିର ପର୍ବ ଜୟପାଟଣାରେ ମହାସମାରୋହରେ ପାଳିତ ହୋଇଯାଇଛି। ମୁସଲିମ ସମ୍ପ୍ରଦାୟ ପାଇଁ ଇଦ୍-ଇ-ମିଲାଦ-ଉନ-ନବିର ପର୍ବ ବିଶେଷ ମହତ୍ତ୍ୱ ରଖେ କାରଣ ଏହି ଦିନ ଇସଲାମ ଧର୍ମ ପ୍ରତିଷ୍ଠାତା ମହମ୍ମଦ ସାହେବଙ୍କ ଜନ୍ମ ୫୭୦ ଖ୍ରୀଷ୍ଟାବ୍ଦରେ ଆରବ ଦେଶ ର ମକ୍କା ସହରରେ ହୋଇଥିଲା। ଏହି ଅବସରରେ ଜୟପାଟଣା ସୁନ୍ନି ମସଜିଦ କମିଟି ପକ୍ଷରୁ ଏକ ଭବ୍ୟ ଶୋଭାଯାତ୍ରା ନଗର ଭ୍ରମଣ କରିଥିଲା। ଜୟପାଟଣା ସୁନ୍ନି ଜାମା ମସଜିଦ ସମ୍ମୁଖରେ ମୁସଲମାନ ଭାଇମାନେ ଏକତ୍ରିତ ହୋଇ ହାତରେ ପତାକା ଧରି ଧାର୍ମିକ ନାରା ସହ ରାସ୍ତାରେ ବିଭିନ୍ନ ସ୍ଥାନରେ ମିଷ୍ଟାନ୍ନ ଏବଂ ସରବତ ବଣ୍ଟନ କରାଯାଇଥିଲା। ଇଦଗାହ ପହଞ୍ଚିବା ପରେ ସମସ୍ତଙ୍କୁ ଲଙ୍ଗର ବଣ୍ଟନ କରାଯାଇଥିଲା ଜୟପାଟଣା ଜାମା ମସଜିଦ ମୋଲାନା ମୋହମ୍ମଦ ସବବୀର,ସଭାପତି ଈସୁଫ ଖାଁ, ସମ୍ପାଦକ ନିବାସ ଅଲ୍ଲୀ, ଜବାର ଖାଁ, ଫକୀର ଖାଁ, ଫିରୋଜ ଖାଁ, ଇବ୍ରାହିମ ଖାଁ, ଫାରୁକ ଖାଁ, ମସୀମ ଖାଁ ମୁଜିପି ଖାଁ, ସକିଲ ଖାଁ, ସାନୁ ଖାଁ, ଇଲିୟାସ ଅଲ୍ଲୀ, ସବୀର ଅଲ୍ଲୀ,ମୋଇନ ଅହମଦ, ଅରିଫ ଖାଁ ଅରିଫ ଅଲ୍ଲୀ, ସାମ୍ବାଦିକ ଅସରଫ ଅଲି, ଅମଜ଼ାଦ ଖାନ ମୁସଲମାନମାନଙ୍କ ପାଇଁ ମସଜିଦ କମିଟିର ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏକାଠି ନୂଆଖାଇ ପାଳିଲେ ୫୭ ପରିବାର

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତର କୁନ୍ଦେଇପାଲି ଗାଁର ଗୌତିଆ ପରିବାର ସମେତ ପଡ଼ାବାସୀ ଶୁକ୍ରବାର ଏକତ୍ରିତ ହୋଇ ନୂଆଖାଇ ପାଳିଛନ୍ତି। ସେମାନେ ପ୍ରଥମେ ଗାଁର ଇଷ୍ଟ ଦେବୀ ମା' କନ୍ଧେନ ବୁଢ଼ୀଙ୍କଠାରେ ପ୍ରଥମେ ନୂଆ ଧାନ ଚୁଡ଼ା ଅନ୍ନ ଅର୍ପଣ କରିଥିଲେ। ପରେ ୫୭ ଟି ପରିବାରର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକେ ଏକତ୍ରିତ ହୋଇ ନବାନ୍ନ ଭକ୍ଷଣ କରିଥିଲେ। ଗାଁର ଝାକର ଉପେନ୍ଦ୍ର ଭୋଇ, ଗାଁର ଗୌତିଆ ଶୋଭାକର ଭୋଇ ମୁଖ୍ୟତଃ ୟଙ୍ଗଷ୍ଟାର କମିଟି ପିଲା ମାନେ ହିଁ ଏକାଠି ଖାଇବାର ନିଷ୍ପତି ନେଇଥିଲେ। ପରେ ତାଙ୍କ ଉଦ୍ୟମରେ ପଡାବାସୀ ରାଗ ରୁଷା ଭୁଲି ଏକାଠି ବସି ସମସ୍ତେ ନବାନ୍ନ ଭକ୍ଷଣ କରିଛନ୍ତି। ଏହି ଅବସରରେ ନୂଆଁଖାଇ ଭେଟଘାଟ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତେ ପରସ୍ପରର ସୁଖସମୃଦ୍ଧି ଏବଂ ନିରୋଗ କାମନା ସହିତ ଅଭିନନ୍ଦନ ଜଣାଇଥିଲେ।

## ଯୌନ ଶୋଷଣ ଅଭିଯୋଗରେ ଶିକ୍ଷକ ଗିରଫ



ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ଅଧିନ ବନ୍ଧାଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଜଣେ ଶିକ୍ଷକଙ୍କ ନାଁରେ ଯୌନ ଶୋଷଣ ଭଳି ସଂଗୀନ ଅଭିଯୋଗ ଆଣିଥିଲେ ପରିବାର ଲୋକେ। ସୂଚନାମତେ ବନ୍ଧାଗାଁର ଜଣେ ଛାତ୍ରୀ ଛଦ୍ମ ନାମ କଳିକା ଓ ବନ୍ଧାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ସୁନୀଲ ଚନ୍ଦ୍ର ଭୋଇଙ୍କ ସାଙ୍ଗରେ ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଛାତ୍ରୀ ଜଣକଙ୍କୁ ବାହା ହେବା ପାଇଁ ପ୍ରତିଶ୍ରୁତି ଦେବା ସାଙ୍ଗକୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଶିକ୍ଷକ ଜଣକ ଯୌନ ଶୋଷଣ କରିଚାଲିଥିଲେ। ବିଭିନ୍ନ ପ୍ରକାରର ପରୀକ୍ଷା ବାହାନାରେ ଗାଁରୁ ସହରକୁ ଯାଉଥିଲେ ଓ ସହରର ଘରୋଇ ହୋଟେଲ ଗୁଡିକରେ ସେମାନେ ଅନ୍ତରଙ୍ଗ ମୁହୂର୍ତ୍ତ ବିତାଉଥିଲେ। ଏଭଳି ଉଭୟ ମଧ୍ୟରେ ପ୍ରେମ ସମ୍ପର୍କ ଧିରେ ଧିରେ ବଢ଼ିବାକୁ ଲାଗିଥିଲା। ହଠାତ ଶିକ୍ଷକ ଜଣକ ଉକ୍ତ ଛାତ୍ରୀ ସାଙ୍ଗରେ କଥାବାର୍ତ୍ତା ବନ୍ଦ କରିଦେଇଥିଲେ ଏବଂ ଛାତ୍ରୀଙ୍କ ଠାରୁ ଦୂରେଇ ଯାଇଥିଲେ। ଯାହାରିଫଳରେ ଛାତ୍ରୀ ଜଣକ ଲୋକ ଲଜ୍ଜା ଭୟରେ ନିଜ ଘରେ ଗତ ୩୧ ତାରିଖ ରବିବାର ଦିନ ସକାଳ ସମୟରେ ନିଜ ଘରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏନେଇ ଖବର ପାଇ ଦଶପୁର ଫାଣ୍ଡି ପୋଲିସ ପହଞ୍ଚି ଶବଟିକୁ ଜବତ କରିଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବଟିକୁ ହସ୍ତାନ୍ତର କରିଥିଲେ। ଯୁବତୀ ଜଣକ ଆତ୍ମହତ୍ୟା କରିଥିବା ଘଟଣାସ୍ଥଳରୁ ଛାତ୍ରୀଙ୍କ ଏକ ହାତ ଲେଖା ଡାଇରୀ ଓ ସୁଇସାଇଡ଼ ନୋଟ ଜବତ କରିଥିଲା ପୋଲିସ। ଏହାକୁ ଆଧାର କରି ଦଶପୁର ପୋଲିସ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଆଜି ଶିକ୍ଷକ ସୁନୀଲ ଚନ୍ଦ୍ର ଭୋଇଙ୍କ ମୋବାଇଲ ଲୋକେସନ ଟ୍ରାକିଂ କରି ଭବାନୀପାଟଣାରୁ ଗିରଫ କରିଥିବା ଜଣାପଡ଼ିଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): ଆଜି ଗୋଲାମୁଣ୍ଡା ବ୍ଲକ ସଭାଗୃହଠାରେ ବିଗତ ଦିନର ବ୍ଲକରେ କାର୍ଯ୍ୟରତ ଥିବା କର୍ମଚାରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ତ୍ରିପରୁ ମହାନନ୍ଦ ଓ ଏବିଡିଓ ବିଜୟ କୁମାର ନାୟକ, ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ,କିରଣ ସିଂ, ଗଣ୍ଡାମେର ସମିତି ସଭ୍ୟ ଦୈତାରି ରାଉତ, ଉଦେସୁରୁଙ୍ଗ ସମିତି ସଭ୍ୟ ଚୈତନ୍ୟ ମାଝୀ, ଖଲିଆପାଲି ସରପଞ୍ଚ ଜିମୁତ ବାହାନ ହରପାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ଅବଶରରେ ପୂର୍ବତନ ବିଡିଓ ଶ୍ରୀଧର ପଣ୍ଡା,ଏସଓ ମନୋଜ କୁମାର ଠାକୁର, ଜିପିଡିଓ ରମିତ କୁମାର ପ୍ରଧାନ, ବିପିଏମଓଏଲଏମ ସୁଧାଂଶୁ ଶେଖର ବିଶ୍ୱାଳ,ଏସଆରଏ ନବୀନ ମାଝୀଙ୍କୁ ଓପଢୌକନ ସହିତ ପ୍ରସଂଶା ପତ୍ର ପ୍ରଦାନ କରାଯାଇଥିଲା। ବିଦାୟୀ ବିଡିଓ ସହିତ ସମସ୍ତ କର୍ମଚାରୀ ଗୋଲାମୁଣ୍ଡା ବ୍ଲକରେ ବିତାଇ ଥିବା ତାଙ୍କ ସ୍ମୃତି ଉଜାଗର କରିବା ସହିତ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହିତ ତାଙ୍କ ସହିତ ହାତମିଳାଇ ବ୍ଲକର ଅନେକ ବିକାଶ ମୁଖୀ କାର୍ଯ୍ୟ ଗୁଡିକୁ ସୁଚାରୁ ରୁପେ ଆଗେଇ ନେଇଥିବା ନେଇ ବକ୍ତବ୍ୟ ରଖିଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ଓ ବିଡିଓ ଶ୍ରୀ ମହାନନ୍ଦ ଓ ଏବିଡିଓ ଶ୍ରୀ ନାୟକ ପୂର୍ବତନ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତାକୁ ପ୍ରସଂଶା କରିବା ସହିତ ଆଗାମୀ ଦିନରେ ସମସ୍ତେ ଏକ ହୋଇ କାମ କରି ଗୋଲାମୁଣ୍ଡା ବ୍ଲକକୁ ରାଜ୍ୟରେ ଏକ ନମ୍ବର ବ୍ଲକ କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପିଇଓ ବିଶ୍ୱ ରଂଜନ ପଣ୍ଡା ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ବ୍ଲକ ଓ ବୁଥ ମଜବୁତ କରିବା ପାଇଁ ନୂତନ କମିଟି ଗଠିତ

## ବ୍ଲକ ସଭାପତି ହେଲେ ଡାକେ ଓ ଏନ୍‌ଏସି ସଭାପତି ହେଲେ ମଦନ



ଧର୍ମଗଡ (ଭାସ୍କର ନ୍ୟୁଜ୍): ବିଜେଡି ଜିଲ୍ଲାରେ ନୂତନ ସଭାପତି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀଙ୍କୁ ଦାୟିତ୍ୱ ଦେଇଥିବା ବେଳେ ସକ୍ରିୟ ହୋଇ ଉଠିଛି। ବ୍ଲକ ତଥା ବୁଥ ମାନଙ୍କୁ ମଜବୁତ କରିବା ପାଇଁ ନୂତନ କମିଟି ଗଠନ କରିଛି। ଧର୍ମଗଡ ବ୍ଲକ ବିଜେଡି ସଭାପତି ଭାବେ ଡାକେ ଲହଜଳ ଓ ଧର୍ମଗଡ ଏନ୍‌ଏସି ସଭାପତି ଭାବେ ମଦନ ନାଏକଙ୍କୁ ଦାୟିତ୍ୱ ମିଳିଛି। ଡାକେ ଜଣେ ଦକ୍ଷ ସଂଗଠନ ଭାବେ ବିଭିନ୍ନ ସମୟରେ ସୁପରିଚାଳନା କରିଥିବା ଅନେକ ଉଦାହରଣ ରହିଛି। ରାଜନୀତି ଜୀବନ କଂଗ୍ରେସ ଦଳ ଠାରୁ ଆରମ୍ଭ କରିଥିଲେ ହି କୌଣସି କାରଣ ବଶତଃ ସେ ଦଳ ଛାଡି ବିଜେଡି ଦଳରେ ସାମିଲ ହୋଇଥିଲେ। ଯାଦବ ମହାସଭାର ଜିଲ୍ଲା ଉପ ସଭାପତି ୨୦୧୯-୨୦୨୪, ଓବିସି ମଞ୍ଚ ଜିଲ୍ଲା ସଂଯୋଜକ ଭାବରେ ୨୦୨୩ପର୍ଯ୍ୟନ୍ତ ରହିଥିଲେ। ଧର୍ମଗଡ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଭାବେ ୨୦୧୯ ଦାୟିତ୍ୱ ନେଇ ଦଳକୁ ମଜବୁତ ସ୍ଥିତିକୁ ଆଣି ପାରିଥିଲେ। ହେଲେ ୨୦୨୪ମସିହା ନିର୍ବାଚନରେ କଂଗ୍ରେସର ଆଶାୟୀ ପ୍ରାର୍ଥୀ ଥିବା ବେଳେ ଟିକଟ ନ ମିଳିବାରୁ କଂଗ୍ରେସ ଦଳକୁ ଛାଡି ବିଜେଡି ଦଳରେ ସାମିଲ ହୋଇଥିଲେ। ଗତ ନିର୍ବାଚନରେ ଶ୍ରୀ ଲହଜଳ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ପ୍ରଚାରରେ ସକ୍ରିୟ ଭାବେ ଜନସାଧାରଣ ପାଖରେ ପହଞ୍ଚି ଦଳୀୟ ପ୍ରାର୍ଥୀ ଙ୍କୁ ବିଜୟ ପାଇଁ ଆପ୍ରାଣ ପ୍ରଚେଷ୍ଟା କରିଥିଲେ। ବିଜେଡି ଦଳରେ ସାମିଲ ହେବା ପରେ ସେ ଦଳ ନିର୍ଦ୍ଦେଶରେ ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇ ଦଳକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରୀରଖିଛନ୍ତି। ଜିଲ୍ଲା ସଭାପତି ତଥା ସୁପ୍ରିମ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂ ଦେଓ ତାଙ୍କ ପ୍ରତି ଆସ୍ଥା ବିଶ୍ୱାସ ପ୍ରକଟ କରି ବ୍ଲକ ସଭାପତି ଭାବେ ଦାୟିତ୍ୱ ଦେଇଥିବାରୁ ଧନ୍ୟବାଦ ଅର୍ପଣ କରିଛନ୍ତି।ଆଗାମୀ ଦିନରେ ଦଳ ଆଭିମୁଖ୍ୟ ତଥା ସଂଗଠନକୁ ଦୃଢ଼ କରିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଫକର୍ସ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପଟେ ଡାକେ ଲହଜଳ ସଭାପତି ହେବାପରେ ଧର୍ମଗଡ ବିଜେଡି କର୍ମୀଙ୍କ ଗହଣରେ ଖୁସି ଦେଖା ଦେଇଛି।

## ୟୁରିଆ ସାର ଅଭାବ ନେଇ ଚାଷୀ ଅସନ୍ତୁଷ୍ଟ




ନର୍ଲା(ଭାସ୍କର ନ୍ୟୁଜ୍) : କିଛି ଦିନ ହେଲା ରାଜ୍ୟରେ ୟୁରିଆ ସାରର ଅଭାବ୍ ଦେଖା ଯାଇଥିଲା। ସେଥିପାଇଁ ଚାଷୀ କୁଳ ତଳି ରୁଆ ଓ ବେଉଷଣ ପରେ ଆଉ ନିୟମ ଅନୁସାରେ ସାର ଦେଇ ପାରି ନାହାନ୍ତି। ଆଜି କାଲି ଅଧିକ ଅମଳ ପାଇଁ ଆଧୁନିକ ପଦ୍ଧତିରେ ଚାଷ କରୁଛନ୍ତି ଚାଷୀ। ସେଥିପାଇଁ କପା ଚାଷ ହେଉ ଅବା ଧାନ ଚାଷ, ୟୁରିଆ ସାରର ଅଧିକ ଆବଶ୍ୟକ ପଡ଼ିଥାଏ। ବର୍ତ୍ତମାନ କପା କଢ଼ ସହିତ ଫୁଲ ଫୁଟିବା ସମୟ ଓ କିଛି କମ୍ ଦିନରେ ଅମଳ ହେଉଥିବା ଧାନର କେଣ୍ଡା ବାହାରିବା ସମୟ ସେଥିପାଇଁ ସାରର ଆବଶ୍ୟକତା ଅଧିକ ପଡ଼ିଥାଏ। ବଡ଼ ବଡ଼ ଚାଷୀ ତ ପୂର୍ବରୁ ଅନ୍ୟ ସାର ସହିତ ୟୁରିଆ ସାରକୁ ଆବଶ୍ୟକତା ଅନୁସାରେ ନେଇ ନିଜ ଚାଷ କରିଥାନ୍ତି କିନ୍ତୁ ଛୋଟ ଚାଷୀ ଓ ଭାଗ ଚାଷୀ ମାନେ ଅର୍ଥ ଅଭାବରୁ ସାର ନେଇ ସମବାୟ ସମିତିର ସାହାରାରେ ଥିବାରୁ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନର୍ଲା ସମବାୟ ସମିତି ସହିତ ଘରୋଇ ସାର ଦୋକାନ୍ ମାନଙ୍କୁ ମଧ କମ୍ ସାର ଆସିଥିବାରୁ ସାଧାରଣ ଚାଷୀଙ୍କୁ ସାର ମିଳି ପାରୁନାହିଁ। ସରକାର୍ ଏଥି ପ୍ରତି ଦୃଷ୍ଟି ଦେଇ ଚାଷୀଙ୍କ ଆବଶ୍ୟକ ଅନୁସାରେ ସାର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।


## ନିର୍ଯାତନା ଆଇନକୁ ଦୁର୍ବଳ କରିବା ଷଡଯନ୍ତ୍ର ବିରୁଦ୍ଧରେ ବିଧାୟକଙ୍କୁ ଦାବିପତ୍ର




ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଗତ ୩୦ ତାରିଖ ଦିନ ଓଡିଶା ରାଜ୍ୟ ସରକାର ଆଦିବାସୀ ଓ ଦଳିତ ନିର୍ଯାତନା ଆଇନ ଉପରେ ଏକ ସଂଶୋଧନ ଜାରି କରିଛନ୍ତି। ପୂର୍ବରୁ ଏହି ଆଇନ ଅନୁସାରେ ତଦନ୍ତ ଅଧିକାରୀ ଭାବରେ ଡ଼ିଏସପି କିମ୍ବା ତଦୁର୍ଦ୍ଧ ର୍ୟାଙ୍କର ଅଧିକାରୀ ରହୁଥିଲେ। ହେଲେ ବର୍ତ୍ତମାନ ଗୃହ ବିଭାଗ ଦ୍ୱାରା ଜାରି କରାଯାଇଥିବା ବିଜ୍ଞାପନ ଅନୁସାରେ ଉକ୍ତ ଦାଇତ୍ୱ ଇନ୍‌ସପେକ୍ଟର କିମ୍ବା ସବ ଇନ୍‌ସପେକ୍ଟର ରହିବେ। ଏଭଳି ହେଲେ ଉକ୍ତ ଆଇନର ଗୁରୁତ୍ୱ କମିଯିବ- ଢିଲା ତଦନ୍ତ ବ୍ୟବସ୍ଥା ହେତୁ ଦୋଷୀ ମାନେ ଅଦାଲତରୁ ଖସି ଯିବାର ପୂର୍ଣ୍ଣ ସମ୍ଭାବନା ରହିଛି। ତଳ ସ୍ତରରେ ତଦନ୍ତ ଅଧିକାରୀ ମାନେ ସହଜରେ ଅନ୍ୟ ମାନଙ୍କ ଦ୍ୱାରା ପ୍ରଭାବିତ ହେବେ। ଫଳରେ ପୀଡିତ ମାନେ ଅଦାଲତରୁ ନ୍ୟାୟ ପାଇବାର କମ ସମ୍ଭାବନା ଅଛି ବୋଲି ଆଜି ମୂଳନୀବାସୀ ବହୁଜନ ମିଳିତ ମହାସଂଘ, ଜିଲ୍ଲା ଆଦିବାସୀ ସଂଘ, ଏଓଏସ୍‌ସି ଏଫ ଆଦି ବିଭିନ୍ନ ସଂଗଠନ ର କର୍ମକର୍ତ୍ତା ମାନେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀଙ୍କୁ ଭେଟି ଏଭଳି ଅଭିଯୋଗ କରିଛନ୍ତି। ତାଙ୍କୁ ଦିଆଯାଇଥିବା ଦାବି ପତ୍ରରେ ସରକାରଙ୍କୁ ଏହି ଦଳିତ ଆଦିବାସୀ ସ୍ୱାର୍ଥ ବିରୋଧୀ ନୀତି କୁ ସମାଲୋଚନା କରି ସେମାନେ ଆଗାମୀ ଦିନରେ ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆମେ ସମସ୍ତେ ରାଜ ରାସ୍ତା କୁ ଆସିବୁ ବୋଲି ଚେତାବନୀ ଦିଆଯାଇଛି। ଏହି ଆଇନ ଏକ କେନ୍ଦ୍ରୀୟ ଆଇନ-ତେଣୁ ଏହାର ସଂଶୋଧନ ପାଇଁ ଏଠି ରାଜ୍ୟ କ୍ୟାବିନେଟ କିମ୍ବା ବିଧାନସଭା କିମ୍ବା ରାଷ୍ଟ୍ରପତିଙ୍କ କୌଣସି ସମ୍ମତି ନ ନେଇଁ ଏଭଳି ନୋଟିସ ଜାରି କରିବା ସମ୍ପୂର୍ଣ୍ଣ ବେଆଇନ ଓ ଅସାମ୍ବିଧାନିକ ଅଟେ। ବିଜେପି ସରକାର ଆସିଲା ପରେ ରାଜ୍ୟରେ ଜାତିଗତ ନିର୍ଯାତନା ବଢୁଥିବା ବେଳେ ସରକାର ଏହାକୁ ରୋକିବା ପାଇଁ ଦୃଢ ପଦକ୍ଷେପ ନେବା ବଦଳରେ ରହିଥିବା ଆଇନକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରୁଥିବା ବିଷୟକୁ ଦଳିତ ଆଦିବାସୀ ସମାଜ କୌଣସି ପରିସ୍ଥିତିରେ ବରଦାସ୍ତ କରିବ ନାହିଁ। ତେଣୁ ବିଧାୟକଙ୍କ ତରଫରୁ ସରକାରଙ୍କୁ ଆଗାମୀ ଅଧିବେଶନରେ ସରକାରଙ୍କୁ ପ୍ରଶ୍ନ କରିବାକୁ ଅନୁରୋଧ କରାଯାଇଥିଲା।। ବିଧାୟକ ମଧ ଏ ନିଷ୍ପତ୍ତି ଉପରେ ନିଜର ଅସନ୍ତୋଷ ବ୍ୟକ୍ତ କରି ବିଧାନସଭା ରେ ସରକାରଙ୍କୁ ନିଶ୍ଚୟ ପ୍ରଶ୍ନ କରିବି ବୋଲି ପ୍ରତିଶୃତି ଦେଇଛନ୍ତି।ଏହା ଛଡା ଆଲୋଚନା ବେଳେ ଦଳିତ ଆଦିବାସୀ ମାନଙ୍କ ବିଭିନ୍ନ ସମସ୍ୟା ଓ ସରକାରଙ୍କ ନୀତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସଂରକ୍ଷିତ ସିଟରୁ ନିର୍ବାଚିତ ହୋଇଥିବା ପ୍ରତିନିଧି ମାନେ ଜାତି ବିରୁଦ୍ଧରେ କୌଣସି ନିଷ୍ପତ୍ତି ଆସୁଥିଲେ ଚୁପ ରହୁଥିବାରୁ ସେମାନଙ୍କୁ ଆଗାମୀ ଦିନରେ ପ୍ରତିବାଦ କରାଯିବ ବୋଲି ମଧ୍ୟ ଚର୍ଚ୍ଚା ହୋଇଥିଲା। ଉକ୍ତ ଟିମ ରେ ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ପରମାନନ୍ଦ ମାଝୀ, ରତୁ ମାଝୀ, ଧର୍ମେନ୍ଦ୍ର ନାଏକ, ଦିଗାମ୍ବର ଦୁରିଆ, ଯତୀନ୍ଦ୍ର କର, ସଚ୍ଚିଦାନନ୍ଦ ମହାକୁଡ଼, ହୃଷିକେଶ ସାହୁ, ଓକିଲ ଦୁର୍ଯୋଧନ ଠାକୁର, ଲଳିତ ନାଗ, କ୍ଷୀରୋଦ ନାଗ, ଯୁଧିଷ୍ଠିର ଭଗତ, ଆଶିଷ ଯାନୀ, ଦିନେଶ ମଲ୍ଲିକ, ଅଭିଜିତ କର, ଦୁର୍ଗା ପ୍ରସାଦ ନାଏକ ଆଦି ଉପସ୍ଥିତ ରହିଥିଲେ।

## ରାଶିଫଳ


ରବିବାର, ୦୭ ସେପ୍ଟେମ୍ବର ୨୦୨୫



**ମେଷ:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଖର୍ଚ୍ଚ ହ୍ରାସ କରନ୍ତୁ।




**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ଆଜି ଭ୍ରମଣ କରନ୍ତୁ ନାହିଁ।



**କର୍କଟ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ।



**ସିଂହ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।



**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢ଼ିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢ଼ିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯